# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ

# ସମୀକ୍ଷା ପ୍ରତିବେଦନ

# ଭୂପୃଷ୍ଠ ଜଳସେଚନ ର ସମ୍ପାଦନ ସମୀକ୍ଷା

## ମାର୍ଚ୍ଚ 2020 ରେ ସମାପ୍ତ ବର୍ଷ ପାଇଁ

लोकहितार्थ सत्यनिष्ठा

Dedicated to Truth in Public Interest

**ଓଡ଼ିଶା ସରକାର**

***ପ୍ରତିବେଦନ ସଂଖ୍ୟା 1 ବର୍ଷ 2022***

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

# ସମୀକ୍ଷା ପ୍ରତିବେଦନ

# ଭୂପୃଷ୍ଠ ଜଳସେଚନ ର ସମ୍ପାଦନ ସମୀକ୍ଷା

## ମାର୍ଚ୍ଚ 2020 ରେ ସମାପ୍ତ ବର୍ଷ ପାଇଁ

ଓଡ଼ିଶା ସରକାର

*ପ୍ରତିବେଦନ ସଂଖ୍ୟା 1 ବର୍ଷ 2022*

# ସୂଚୀପତ୍ର


| ଅନୁଚ୍ଛେଦ | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| | ମୁଖବନ୍ଧ | iii |
| | କାର୍ଯ୍ୟନିର୍ବାହୀ ସାରାଂଶ | v - vii |
| **ଅଧ୍ୟାୟ I** | **ସମୀକ୍ଷାର ଦୃଷ୍ଟିକୋଣ** | |
| 1.1 | ଉପକ୍ରମ | 01 |
| 1.2 | ରାଜ୍ୟର ଜଳସେଚନ କ୍ଷମତା | 01-02 |
| 1.3 | ଓଡିଶା ରାଜ୍ୟରେ ଜଳସେଚନର ପରିସଂଖ୍ୟାନ | 02 – 03 |
| 1.4 | ସାଙ୍ଗଠନିକ ସଂରଚନା | 03 |
| 1.5 | ସମୀକ୍ଷାର ଉଦ୍ଦେଶ୍ୟ | 03-04 |
| 1.6 | ସମୀକ୍ଷାର ମାନଦଣ୍ଡ | 04 |
| 1.7 | ସମୀକ୍ଷା ପରିସର | 04-05 |
| 1.8 | ସମୀକ୍ଷାର ପଦ୍ଧତି | 05 |
| **ଅଧ୍ୟାୟ II** | **ଆର୍ଥିକ ପରିଚାଳନା** | |
| 2.1 | ବଜେଟ୍ ବ୍ୟବସ୍ଥା ଏବଂ ଖର୍ଚ୍ଚ | 07- 08 |
| 2.2 | ନମୁନା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ପ୍ରକଳ୍ପ ଅନୁଯାୟୀ ଅନୁମୋଦିତ ମୂଲ୍ୟ ଏବଂ ଖର୍ଚ୍ଚ | 08 -14 |
| **ଅଧ୍ୟାୟ III** | **ଯୋଜନା ଏବଂ ପ୍ରକଳ୍ପ ଗୁଡିକର ନିର୍ବାହ** | |
| 3.1 | ରାଜ୍ୟ ଜଳସଂପଦ ଯୋଜନା, ବିକାଶ ଏବଂ ପରିଚାଳନା | 15 |
| 3.2 | ଜଳସେଚନର ସଂଭାବ୍ୟ (ଆଇପି) ର ସୃଷ୍ଟି ଏବଂ ବ୍ୟବହାର | 15-17 |
| 3.3 | ଜଳସେଚନର ଆବଶ୍ୟକତା ଏବଂ ପ୍ରକଳ୍ପ ଗୁଡିକୁ ପ୍ରଭାବିତ କରୁଥିବା ପରିସ୍ଥିତି | 17 |
| 3.3.1 | ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ (ସଂପ୍ରସାରଣ) | 17-22 |
| 3.3.2 | ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ | 22-28 |
| 3.3.3 | ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ | 29-33 |
| 3.3. 4 | ରେଙ୍ଗାଲୀ ବହୁମୁଖୀ ପ୍ରକଳ୍ପ (ଆରଏଲବିସି/ଆରଆରବିସି) | 33-39 |
| 3.3.5 | ବୃହତ୍ ଉଠା ପ୍ରକଳ୍ପ | 39-41 |
| 3.3.6 | କ୍ଷୁଦ୍ର ଜଳସେଚନ ପ୍ରକଳ୍ପ | 41-43 |
| 3.4 | ଖର୍ଚ୍ଚ ସୁବିଧା ଅନୁପାତ (ବିସିଆର) | 43-44 |
| 3.5 | କମାଣ୍ଡ ଏରିଆର ବିକାଶ | 44-46 |
| **ଅଧ୍ୟାୟ IV** | **ପ୍ରକଳ୍ପର ସ୍ଥିରତା ପାଇଁ ହିତଧାରୀଙ୍କ ପ୍ରଭାବ କାରୀତା** | |
| 4.1 | କ୍ଷତିପୂରକ ବୃକ୍ଷରୋପଣର ଅଭାବ | 47 |
| 4.2 | ଜଙ୍ଗଲ ଜମିର ନିକାସ ନ ହେବା | 47-48 |
| 4.3 | କୃଷି କାର୍ଯ୍ୟନିର୍ବାହୀ ମାନଙ୍କର ଭାଗିଦାରୀ | 48 |
| 4.4 | ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ରେ ଶିଳ୍ପସଂସ୍ଥା ମାନଙ୍କ ଦ୍ୱାରା ଶକ୍ତି ଉତ୍ପାଦନ | 48 |
| 4.5 | ଶିଳ୍ପର ବ୍ୟବହାର ନିମନ୍ତେ ପ୍ରକଳ୍ପରେ ଜଳର ଯୋଗାଣ | 49 |
| **ଅଧ୍ୟାୟ V** | **ପ୍ରକଳ୍ପ ଗୁଡିକର ପର୍ଯ୍ୟାଲୋଚନା** | |
| 5.1 | ଏଲ ଆଇ ପ୍ରକଳ୍ପ ଗୁଡିକର ଅସଂପୂର୍ଣ୍ଣତା/ଅଚଳତା | 51 |
| 5.2 | ପର୍ଯ୍ୟାଲୋଚନାର ଅଭାବ ରୁ ନିମ୍ନମାନର କାମ | 51 |

| | | | |
|---|---|---|---|
| 5.3 | ଗୁଣବତ୍ତା ନିୟନ୍ତ୍ରଣ ବ୍ୟବସ୍ଥାର ଅଭାବ | | 52 |
| 5.4 | ଏମଏଲପି ଗୁଡିକର ଯଥେଷ୍ଟ ପର୍ଯ୍ୟାଲୋଚନାର ଅଭାବ | | 52 |
| 5.5 | କାର୍ଯ୍ୟ ସମାପ୍ତିରେ ବିଳମ୍ବ ଲାଗି ଜୋରିମାନା ଆଦାୟ ନ ହେବା | | 52-53 |
| 5.6 | ଯାଞ୍ଚମାପ ରେଜିଷ୍ଟର ବଜାୟ ନ ରଖିବା | | 53-54 |
| 5.7 | ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକରେ ଦେଖାଯାଇଥିବା ପଦ୍ଧତିଗତ ସମସ୍ୟା | | 54 |
| **ଅଧ୍ୟାୟ VI** | ଉପସଂହାର ଏବଂ ସୁପାରିଶ | | |
| 6.1 | ଉପସଂହାର | | 55-56 |
| 6.2 | ସୁପାରିଶ | | 56-57 |
| **ପରିଶିଷ୍ଟ** | | | |
| I | ଜଳସେଚନ ଉତ୍ସରୁ ଜଳ ବ୍ୟବହାର କରୁଥିବା ଶିଳ୍ପାନୁଷ୍ଠାନ ମାନଙ୍କ ସମ୍ବନ୍ଧରେ ବିବରଣୀ | 4.5 | 59-60 |
| II | ଚୁକ୍ତିନାମା ପରିଚାଳନାରେ ଦୃଷ୍ଟିଗୋଚର ହୋଇଥିବା ଅନ୍ୟାନ୍ୟ ଅନିୟମିତତା ଦର୍ଶାଉଥିବା ବିବରଣୀ | 5.5 | 61-63 |
| ସଂକ୍ଷେପଣ ଗୁଡିକର ପରିଭାଷା | | | 65-67 |

# ମୁଖବନ୍ଧ

ଯେ କୌଣସି ରାଜ୍ୟର କୃଷକମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ଦୂରୀକରଣ ପାଇଁ ଜଳସେଚନର ଉପଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଓଡ଼ିଶାରେ ପ୍ରାୟ 61.80 ଲକ୍ଷ ହେକ୍ଟର ଚାଷ ଜମି ଅଛି, ଏବଂ ସେଥି ମଧ୍ୟରୁ 49.90 ଲକ୍ଷ ହେକ୍ଟର ଜମିକୁ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ଜଳସେଚନ କରାଯାଇ ପାରିବ ।

ଓଡ଼ିଶାରେ ଭୂପୃଷ୍ଠ ଜଳସେଚନ ପାଇଁ ଉପଲବ୍ଧ ଜଳର ପରିମାଣ ବାର୍ଷିକ ହାରାହାରି 95.54 ଶତ କୋଟି ଘନ ମିଟର ହେବ ବୋଲି ଆକଳନ କରାଯାଇଅଛି । ରାଜ୍ୟରେ ଜଳସମ୍ପଦର ସୁପରିଚାଳନା ପାଇଁ, 7 ଟି ବୃହତ୍, 40 ଟି ମଧ୍ୟମ ଏବଂ 2,340 ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଅଛି । ଭୂପୃଷ୍ଠ ଜଳସେଚନପାଇଁ 2014-15 ରୁ 2019-20 ଅବଧି ମଧ୍ୟରେ 30,366.51 କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ହୋଇଥିଲା, ଯେଉଁଥିରୁ 25,153.35 କୋଟି ଟଙ୍କା ବ୍ୟୟ ହୋଇଥିଲା ।

ଏହି ପ୍ରତିବେଦନଟି ଓଡ଼ିଶାର ଭୂପୃଷ୍ଠ ଜଳସେଚନର ସମ୍ପାଦନ ସମୀକ୍ଷାର ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଅଛି, ଯାହା 2014-19 ଅବଧି ମଧ୍ୟରେ ପ୍ରକଳ୍ପ ଗୁଡ଼ିକର ବିତ୍ତୀୟ ପରିଚାଳନାର ପର୍ଯ୍ୟାପ୍ତତାର ଆକଳନ, ପ୍ରକଳ୍ପ ବିତରଣ ଯୋଗ୍ୟ ଗୁଡ଼ିକର ଯୋଜନା ଏବଂ କାର୍ଯ୍ୟାନ୍ୱୟନ ତଥା ସମସ୍ତ ଅଂଶୀଦାରଙ୍କ ସହ ସମନ୍ୱୟ ସୁନିଶ୍ଚିତ କରିବା ସହିତ ଲକ୍ଷ ଧାର୍ଯ୍ୟ ଜନତାଙ୍କୁ ଲାଭର ନିରନ୍ତର ସଂପ୍ରସାରଣ ହେଉଛି କି ନାହିଁ ତାହାର ନିରୀକ୍ଷଣ କରିବାର ଉଦ୍ଦେଶ୍ୟ ସହିତ ସଂଚାଳିତ ହୋଇଥିଲା ।

ସମ୍ପାଦନ ସମୀକ୍ଷା ଜାନୁଆରୀ 2011 ଏବଂ ମାର୍ଚ୍ଚ 2017 ମଧ୍ୟରେ ସଂପୂର୍ଣ୍ଣ/ ଆଂଶିକ ସଂପୂର୍ଣ୍ଣ ହୋଇଥିବା 24 ଟି ବୃହତ୍/ କ୍ଷୁଦ୍ର ଜଳସେଚନ ଏବଂ ମେଗା ଲିଫ୍ଟ ପ୍ରକଳ୍ପକୁ ସମ୍ପାଦନ ସମୀକ୍ଷା ପରିସରଭୁକ୍ତ କରିଥିଲା ।

ଭାରତର ସମ୍ବିଧାନର ଧାରା 151 ଏବଂ ସିଏଜିଙ୍କ ଡିପିସି ନିୟମ 1971 ଅନୁଯାୟୀ ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକ ଙ୍କ ଏହି ପ୍ରତିବେଦନ ଓଡିଶା ରାଜ୍ୟପାଳ ଙ୍କୁ ପ୍ରଦାନ ନିମନ୍ତେ ପ୍ରସ୍ତୁତ ହୋଇଅଛି ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ଦ୍ୱାରା ଜାରୀ କରାଯାଇଥିବା ସମୀକ୍ଷା ମାନଦଣ୍ଡ ଗୁଡିକ ଅନୁସାରେ ସମୀକ୍ଷା ସମ୍ପନ୍ନ କରାଯାଇଅଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# କାର୍ଯ୍ୟନିର୍ବାହୀ ସାରାଂଶ

## ସମୀକ୍ଷାର ଦୃଷ୍ଟିକୋଣ

- ଗୋଟିଏ ସମ୍ପୂର୍ଣ୍ଣ ଏବଂ ଚାରୋଟି ଆଂଶିକ ସଂପୂର୍ଣ୍ଣ ବୃହତ୍ ପ୍ରକଳ୍ପଗୁଡିକ, ନଅଟି ସମ୍ପୂର୍ଣ୍ଣ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଗୁଡିକ ଓ ଦଶଟି ସମ୍ପୂର୍ଣ୍ଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ନମୂନା ଯାଞ୍ଚ ଏପ୍ରିଲ 2014 ରୁ ମାର୍ଚ୍ଚ 2019 ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ କରି ଭୂପୃଷ୍ଠ ଜଳସେଚନର ନିଷ୍ପାଦନ ସମୀକ୍ଷା ଜୁନ୍‌ରୁ ସେପ୍ଟେମ୍ବର 2019 ମଧ୍ୟରେ ସଂଚାଳନ କରାଯାଇଥିଲା । ପ୍ରକଳ୍ପ ଗୁଡିକର ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ପର୍ଯ୍ୟାଲୋଚନାରେ ବିବିଧ ଅଭାବ ସମ୍ପାଦନ ସମୀକ୍ଷାରେ ପ୍ରକଟିତ କରାଗଲା ।

## ଆର୍ଥିକ ପରିଚାଳନା

- ଯଦିଓ ନମୂନା ଯାଞ୍ଚ ଅନ୍ତର୍ଭୁକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କର ଖର୍ଚ୍ଚ କରିବାର କ୍ଷମତା 74 ପ୍ରତିଶତ ରୁ 99 ପ୍ରତିଶତ ଥିଲା ତଥାପି ତୁରନ୍ତ ଉପଯୋଗ ନ କରି 2014-20 ମଧ୍ୟରେ 842.98 କୋଟି ଟଙ୍କା ସମର୍ପଣ କରିଥିଲେ ବୋଲି ସମୀକ୍ଷାରୁ ଜଣାପଡିଲା । କାର୍ଯ୍ୟନିର୍ବାହ କରିବା ପାଇଁ ବିଭାଗ ଦ୍ୱାରା ସୁସ୍ପଷ୍ଟ ଜାଗା ହସ୍ତାନ୍ତରରେ ବିଳମ୍ବ, ଅନିବାର୍ଯ୍ୟ ମଞ୍ଜୁରୀ ପ୍ରାପ୍ତି ପ୍ରଭୃତିରେ ବିଳମ୍ବ ସହିତ ପର୍ଯ୍ୟାଲୋଚନା କ୍ଷେତ୍ରରେ ଅବହେଳା ଆଦି କାରଣ ପାଇଁ ମୁଖ୍ୟତଃ ପାଣ୍ଠି ଫେରସ୍ତ ହୋଇଥିଲା ।
- ବୃହତ୍ ଜଳସେଚନ ପ୍ରକଳ୍ପଗୁଡିକର ମୂଲ୍ୟ 182 ରୁ 4,596 ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ଏହି ବୃଦ୍ଧି ସତ୍ତ୍ୱେ ମାତ୍ର ଗୋଟିଏ ବୃହତ୍ ଜଳସେଚନ ପ୍ରକଳ୍ପ ଅର୍ଥାତ୍ ୟୁ.ଆଇ.ଆଇ.ପି. (ସଂପ୍ରସାରଣ) ସମ୍ପୂର୍ଣ୍ଣ ହୋଇଥିଲା ଏବଂ ଅନ୍ୟ ଚାରୋଟି ବୃହତ୍ ଜଳସେଚନ ପ୍ରକଳ୍ପ ଗୁଡିକର ପ୍ରଗତି ବିଭିନ୍ନ ସ୍ତରରେ ଥିଲା ଫଳରେ ପୁନର୍ବାର ମୂଲ୍ୟବୃଦ୍ଧିକୁ ଅଗ୍ରାହ୍ୟ କରିହେବ ନାହିଁ ।
- ଆର୍ଥିକ ପରିଚାଳନାରେ ଅନ୍ୟାନ୍ୟ ଅନିୟମିତତା ଯଥା କେନ୍ଦ୍ରୀୟ ସହାୟତା ପ୍ରାପ୍ତି ନ ହେବା ଯେଉଁଥିପାଇଁ ପାଣ୍ଠି ଉଠାଣ ହୋଇଥିଲା ସେଥିରେ ବ୍ୟବହାର ନ କରି ବିଭିନ୍ନ ବ୍ୟାଙ୍କରେ ରଖାଯାଇଥିଲା । ସରକାରଙ୍କ ରାଜସ୍ୱ ଜମା ନ କରିବା ଓ ଅନାଦେୟ ଅଗ୍ରୀମ ଗୁଡିକୁ ବ୍ୟବସ୍ଥିତ ନ କରିବା ଏବଂ କରର ଅଗ୍ରାହ୍ୟ ଦେୟ ବାବଦରେ 2,203.84 କୋଟି ଟଙ୍କା ଥିବା ସମୀକ୍ଷାରୁ ଜଣାପଡିଲା ।

## ପ୍ରକଳ୍ପ ଗୁଡିକର ଯୋଜନା ଏବଂ ନିର୍ବାହ

- ନମୂନା ଯାଞ୍ଚ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡିକରେ 12,742.11 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ପ୍ରସ୍ତାବିତ 5,02,842 ହେକ୍ଟର ଆଇ.ପି. ରୁ 1,22,418 ହେକ୍ଟର ହାସଲ ହୋଇଥିଲା ଯାହାକି ମାତ୍ର 24 ପ୍ରତିଶତ ସଂସ୍ଥାପନ ହୋଇଥିଲା ।
- ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ବହୁତ ମନ୍ଥର ଥିଲା ଏବଂ ପ୍ରକଳ୍ପ ଗୁଡିକର ସମାପ୍ତି ରେ 13 ବର୍ଷ ରୁ ( କ୍ଷୁଦ୍ର ଜଳସେଚନ ପ୍ରକଳ୍ପ) 43 ବର୍ଷ (ରେଙ୍ଗାଲି ଦକ୍ଷିଣ ତଟ କେନାଲ/ରେଙ୍ଗାଲି ବାମ ତଟ କେନାଲ) ର ବିଳମ୍ବ ହୋଇଥିଲା । ଜମି ଅଧିଗ୍ରହଣର ନିଅଣ୍ଟ, ଜଙ୍ଗଲ ଜମିର ବୈଧାନିକ ନିକାଶ ଅଗ୍ରିମ ଆଣିବାରେ ଅସାମର୍ଥ୍ୟ, କାର୍ଯ୍ୟର ପରିକଳ୍ପନା ଏବଂ ପରିସରରେ ପରିବର୍ତ୍ତନ ଇତ୍ୟାଦି ପାଇଁ ବିଳମ୍ବ ହୋଇଥିଲା । ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନରେ ବିଳମ୍ବ ସହିତ ଅଦକ୍ଷ କାର୍ଯ୍ୟ ପରିଚାଳନା ପ୍ରକଳ୍ପଗୁଡ଼ିକର ମୂଲ୍ୟ ବୃଦ୍ଧି ଘଟାଇଥିଲା ।
- ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତି ଓ ପ୍ରକ୍ରିୟାକରଣରେ ଅଭାବଗୁଡିକ ଯଥା- ଅପ୍ରଚୁର ସର୍ବେକ୍ଷଣ, କାର୍ଯ୍ୟର ପରିକଳ୍ପନା ଏବଂ ପରିସରରେ ପରିବର୍ତ୍ତନ, ଜଳସେଚନ ଉପଯୋଗୀ କ୍ଷେତ୍ର, ପ୍ରକଳ୍ପଗୁଡିକର ଉପକାର ମୂଲ୍ୟ ଅନୁପାତରେ ଭୁଲ ଗଣନା, ପାଣି ଉପଲବ୍ଧତାର ତ୍ରୁଟିପୂର୍ଣ୍ଣ ନିର୍ଦ୍ଧାରଣ, କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନାରେ ଅଭାବ ଇତ୍ୟାଦି ପାଇଁ କାର୍ଯ୍ୟର ଆରମ୍ଭ ପରେ ମୂଲ୍ୟ ଆକଳନରେ ପରିବର୍ତ୍ତନ ହୋଇଥିଲା ।

- ଆବଶ୍ୟକ ଥିବା ବେସରକାରୀ ଜମି 66,219.25 ଏକରରୁ ଏହି ବାବଦରେ ପାଣ୍ଠିର ଉପଲବ୍ଧ ଥିବା ସତ୍ତ୍ୱେ ଏଲ.ଏ.ଓ. ମାନେ 31,554.57 ଏକର ଜମି (48 ପ୍ରତିଶତ) ଅଧିଗ୍ରହଣ କରିପାରିଥିଲେ । ସେହିପରି ବଛାଯାଇଥିବା ପ୍ରକଳ୍ପଗୁଡିକର ଏଲ.ଏ.ଓ. ମାନେ ଆବଶ୍ୟକ ଥିବା ସରକାରୀ ଜମି 8,387.05 ଏକର ମଧ୍ୟରୁ 7,338.60 ଏକର ହସ୍ତାନ୍ତର କରିବାରେ ବିଫଳ ହୋଇଥିଲେ ।
- କାର୍ଯ୍ୟଗୁଡିକର ପରିଚାଳନାରେ ବ୍ୟତିକ୍ରମ ଯଥା- କାର୍ଯ୍ୟର ଦୋହରା ଯିବା, କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ପାଇଁ ଦଣ୍ଡର ଅନାଦେୟ, ଟେଣ୍ଡରରେ ଅନିୟମିତତା, ଅଧିକ ଦୂରତ୍ୱର ବ୍ୟବସ୍ଥା ପାଇଁ ଅଧିକ ମୂଲ୍ୟ, ନିର୍ଦ୍ଧାରିତ ଦର/ବିଶ୍ଲେଷଣ ଦର ଏବଂ ବି.ଆଇ.ଏସ. ସଂହିତାର ବିଚ୍ୟୁତି ଇତ୍ୟାଦି ସମୀକ୍ଷାରୁ ଜଣାପଡିଥିଲା । ଅନିୟମିତତା/ ଅଫଳପ୍ରଦ/ ଅପଚୟ/ ପରିହାର୍ଯ୍ୟ/ ଠିକାଦାରମାନଙ୍କୁ ଅତିରିକ୍ତ ଖର୍ଚ୍ଚ ବାବଦରେ 554.87 କୋଟି ଟଙ୍କା ଅତିରିକ୍ତ ଆର୍ଥିକ ପ୍ରଭାବ ଗୁଡିକ ସମୀକ୍ଷାରେ ଦେଖିବାକୁ ମିଳିଥିଲା ।
- ଯେତେବେଳେ ଜଳ ଉତ୍ସର ଉପଲବ୍ଧତା ନିଶ୍ଚିତ ନ କରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହୋଇଥିଲା, ସମାନ ବିଭାଗର କାର୍ଯ୍ୟାନ୍ୱୟନ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକର ଆୟାକଟ୍ ବୃହତ ଜଳସେଚନ ପ୍ରକଳ୍ପଗୁଡିକର ଆୟାକଟ୍ ରେ ମିଶିଯାଇଥିଲା ।
- ନମୁନା ଯାଞ୍ଚ ପ୍ରକଳ୍ପ ଗୁଡିକରେ ଆୟାକଟ ହାସଲ କରିବାରେ ଉଲ୍ଲେଖନୀୟ ଅଭାବ ଥିଲା । ବିବିଧ ଶସ୍ୟ ଜାତ ଦ୍ରବ୍ୟ ଉତ୍ପାଦନ କରିବାର ଢାଞ୍ଚାକୁ ଗ୍ରହଣ ନ କରି କେବଳ ଧାନ ଚାଷ କରୁଥିବା ସମସ୍ତ ନମୁନା ଯାଞ୍ଚ ପ୍ରକଳ୍ପଗୁଡିକର ଆୟାକଟ୍‌ରେ ପ୍ରକଟିତ ହୋଇଥିଲା । ଫଳସ୍ୱରୂପ, ସମସ୍ତ ବୃହତ୍ ପ୍ରକଳ୍ପ ଗୁଡିକ ସ୍ୱଳ୍ପ ଖର୍ଚ୍ଚରେ ଆର୍ଥିକ ଦୃଷ୍ଟିରୁ କାର୍ଯ୍ୟକ୍ଷମ ନ ହେବାର ଆଶଙ୍କା ସହିତ ଗତି କରୁଥିଲା । ପ୍ରକଳ୍ପଗୁଡିକର ଅଂଶ ଗ୍ରହଣକାରୀଙ୍କ ଦ୍ୱାରା ପରିଚାଳନା ଏବଂ ଅନ୍ୟ ହିତାଧିକାରୀଙ୍କୁ ହସ୍ତାନ୍ତର କରିବାରେ ଅଭାବ ପରିଲକ୍ଷିତ ହୋଇଥିଲା ।

## ପ୍ରକଳ୍ପର ସ୍ଥିରତା ପାଇଁ ହିତଧାରୀଙ୍କ ପ୍ରଭାବକାରୀତା

- ଅଂଶଗ୍ରହଣକାରୀ ପରିଚାଳନା ରେ ତ୍ରୁଟି ତଥା ଅନ୍ୟାନ୍ୟ ହିତାଧିକାରୀଙ୍କୁ ହସ୍ତାନ୍ତର କରିବା ଏବଂ ପ୍ରକଳ୍ପ କାର୍ଯ୍ୟ ପରିଚାଳନାରେ ଢିଲାପଣ ଆଦିର ଅଭାବ ପରିଲକ୍ଷିତ ହୋଇଥିଲା । ଉପକୂଳ ସୁରକ୍ଷା ବୃକ୍ଷ, କେନାଲ କୂଳ ବୃକ୍ଷରୋପଣ, ବନ୍ୟଜନ୍ତୁ ପରିଚାଳନା, କ୍ଷତିପୂରଣ ବୃକ୍ଷରୋପଣ ଏବଂ ବର୍ତ୍ତମାନ ବାସ୍ତବିକ ମୂଲ୍ୟ ନିମନ୍ତେ 282.93 କୋଟି ଟଙ୍କା ଜଙ୍ଗଲ ବିଭାଗ ନିକଟ ରେ ଦାଖଲ ହୋଇଥିଲା । ଏହା ପ୍ରକଳ୍ପ ଗୁଡ଼ିକର ନିର୍ମାଣ ପାଇଁ ବ୍ୟବହାର ହୋଇଥିବା ସମପରିମାଣ ଜଙ୍ଗଲ ଜମି ସହ ଭରଣା ହୋଇଥିଲା । ବିନିଯୋଗ ପ୍ରମାଣପତ୍ର କେବଳ 70.93 କୋଟି ଟଙ୍କାର ଦିଆଯାଇଥିଲା ।
- ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ରେ ଜଙ୍ଗଲ ଜମିର ନିକାସ ନ ମିଳିବାରୁ  ନିର୍ମାଣ ସମାପ୍ତ ହୋଇନଥିଲା ଯଦ୍ୱାରା କୃଷକ ମାନେ ଜଳସେଚନ ରୁ ବଞ୍ଚିତ ହୋଇଥିଲେ ।
- କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଡ଼ିପିଆର ରେ ପ୍ରସ୍ତାବିତ କୃଷି ପ୍ରଣାଳୀ ମାଧ୍ୟମରେ ଆକଳିତ ଏବଂ ପ୍ରସ୍ତାବିତ ଜଳ ଯୋଗାଣର ତିବ୍ରତା କୁ ହାସଲ କରିବା ପ୍ରକୃତରେ କାର୍ଯ୍ୟକାରୀ ହୋଇନଥିଲା ଏବଂ କେବଳ ଧାନ ହିଁ ଜଳସେଚିତ କ୍ଷେତ୍ରରେ ଚାଷ ହେଉଥିଲା ।

## ପ୍ରକଳ୍ପର ପର୍ଯ୍ୟବେକ୍ଷଣ

- ଇଇ. ଉଠା ଜଳସେଚନ ବିଭାଜନ, ଢେଙ୍କାନାଳଙ୍କୁ 19 ଟି ଉଠା ଜଳସେଚନ ପ୍ରକଳ୍ପର ନିର୍ମାଣ ଲାଗି (2004 ରୁ 2012 ମଧ୍ୟରେ) 26.35 କୋଟି ଟଙ୍କା ଦିଆଯାଇଥିଲା ।  କେବଳ 15.67 କୋଟି ଟଙ୍କା ବ୍ୟୟ ରେ 17 ଟି ପ୍ରକଳ୍ପ ର ନିର୍ମାଣ ହୋଇଥିଲା । ବାକି ଦୁଇଟି ପ୍ରକଳ୍ପ ର କାମ (ସେପ୍ଟେମ୍ବର 2019) ସୁଦ୍ଧା ଅସଂମ୍ପୂର୍ଣ୍ଣ ଥିଲା । 17 ଟି ସମ୍ପୂର୍ଣ ପ୍ରକଳ୍ପ ମଧ୍ୟରୁ 5 ଟି ପ୍ରକଳ୍ପ କାର୍ଯ୍ୟ କରୁଥିଲା ଏବଂ ବଳକା 12 ଟି ପ୍ରକଳ୍ପ ବାରମ୍ବାର ଯନ୍ତ୍ରପାତି ଚୋରି ଯୋଗୁଁ କାମ କରୁନଥିଲା ।  ଉଠା ଜଳସେଚନର ନିର୍ବାହ ଏବଂ ରକ୍ଷଣାବେକ୍ଷଣ ର ପର୍ଯ୍ୟବେକ୍ଷଣ ରେ କମି ଯୋଗୁଁ 2,200 ହେକ୍ଟର ଜମିକୁ ଜଳସେଚନ ହୋଇପାରିଲା ନାହିଁ ।
- ଗୋଟିଏ ଆକ୍ୱାଡକ୍ଟର ନିର୍ମାଣ କାମ ନିମ୍ନମାନର ହେବା ଏବଂ ଏହାର କୌଣସି ପ୍ରତିକାର ବ୍ୟବସ୍ଥା ନ କରିବାରୁ ଏହା ନିଜର କ୍ଷମତା ଅନୁଯାୟୀ କାର୍ଯ୍ୟ କରିପାରି ନଥିଲା ।

- ମେଗା ଲିଫ୍ଟ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରୀତା ର ଯଥେଷ୍ଟ ପର୍ଯ୍ୟବେକ୍ଷଣ ନ ହେବା, ପ୍ରକଳ୍ପ କାମ ସମ୍ପୁର୍ଣ୍ଣ ରେ ବିଳମ୍ବ ପାଇଁ ଦଣ୍ଡ ବିଧାନ ନ କରିବା ପ୍ରତିବେଦନ ରେ ଦର୍ଶାଯାଇଥିଲା ।

# ଅଧ୍ୟାୟ - I

# ସମୀକ୍ଷାର ଦୃଷ୍ଟିକୋଣ


# ଅଧ୍ୟାୟ I

## ସମୀକ୍ଷାର ଦୃଷ୍ଟିକୋଣ

### 1.1 ଉପକ୍ରମ

ଓଡିଶା ସରକାରଙ୍କ(ଜି.ଓ.ଓ.) ଜଳସଂପଦ ବିଭାଗ (ଡି.ଓ.ଡବ୍ଲୁ.ଆର.) ରାଜ୍ୟର ସମସ୍ତ ଜଳର ଉତ୍ସଗୁଡିକ ସମ୍ବନ୍ଧରେ ମୁଖ୍ୟ ବିଭାଗ ଅଟେ । ବିଭିନ୍ନ ନଦୀ ତଟର ପରିଚାଳନା, ଜଳସେଚନ ବ୍ୟବସ୍ଥା ଏବଂ ନୌ-ପରିବହନ କେନାଲର ଜଳନିକାଶ ବନ୍ଧ ଏବଂ ଜଳର ଭଣ୍ଡାରଣ ଆଦି କ୍ଷେତ୍ରରେ ମୁଖ୍ୟତଃ ଧ୍ୟାନ ଦେବା ଏହି ବିଭାଗର କାର୍ଯ୍ୟ ପରିସରଭୁକ୍ତ ଅଟେ । ବୃହତ୍, ମଧ୍ୟମ ଜଳସେଚନ (ଏମ.ଏମ.ଆଇ.) ପ୍ରକଳ୍ପଗୁଡିକ ଏବଂ କ୍ଷୁଦ୍ର ଜଳସେଚନ (ଏମ.ଆଇ) ଯୋଜନା ସହିତ ବିଭିନ୍ନ ପ୍ରକାର ଜଳସେଚନ ବ୍ୟବସ୍ଥା ଦ୍ୱାରା ରାଜ୍ୟର ଜଳସେଚନର ଆବଶ୍ୟକତା ପୂରଣ ହୋଇଥାଏ । ନଦୀ ଓ ପ୍ରବାହର ବିସ୍ତୃତ ନେଟ୍‌ୱାର୍କ ସହିତ ଓଡିଶା ରାଜ୍ୟ ସମୃଦ୍ଧ ଅଟେ । ସମଗ୍ର ରାଜ୍ୟକୁ  ମୋଟ 11 ଟି ନଦୀ ଅବବାହିକା[1] ଆବରଣ କରି ରହିଅଛି ।

**ମାନଚିତ୍ର 1.1: ଓଡ଼ିଶାର ନଦୀ ଅବବାହିକାକୁ ସୂଚାଉଥିବା ମାନଚିତ୍ର**




### 1.2 ରାଜ୍ୟର ଜଳସେଚନ କ୍ଷମତା

ଆର୍ଥିକ ଉନ୍ନତି ଏବଂ ଦାରିଦ୍ର୍ୟ ଦୂରୀକରଣ ରେ ଜଳସେଚନ ର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ରାଜ୍ୟରେ 61.80 ଲକ୍ଷ ହେକ୍ଟର ଚାଷ ଯୋଗ୍ୟ ଜମି ଅଛି । ଏହା ଆକଳନ[2] କରାଯାଇଥିଲା ଯେ 49.90 ଲକ୍ଷ ହେକ୍ଟର ଜମି କୁ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର (ଉଠା ଏବଂ ବହୁଥିବା) ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳସେଚନ ଅନ୍ତର୍ଗତ କରିହେବ । ପ୍ରାକ୍ ସ୍ୱାଧିନତା ସମୟରେ ରାଜ୍ୟରେ ଜଳସେଚନର ପ୍ରଗତି ଏତେଟା ହୋଇନଥିଲା । ଅତି ବେଶୀରେ 1.83 ଲକ୍ଷ ହେକ୍ଟର ଜଳସେଚନ ସୁବିଧା ସୃଷ୍ଟି ହୋଇ ପାରିଥିଲା । ପଞ୍ଚ ବାର୍ଷିକ ଯୋଜନା 1951 ମସିହାରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହେବା ପରେ ଜଳସଂପଦକୁ ନିୟନ୍ତ୍ରଣ ଏବଂ ପରିଚାଳନା ନିମନ୍ତେ ଚେଷ୍ଟା କରାଗଲା ଏବଂ ଜଳସେଚନର ଉନ୍ନତିକୁ ଗୁରୁତ୍ୱ ଦିଆଗଲା । ରାଜ୍ୟରେ ଶେଷ ଛଅ ଦଶନ୍ଧି ମଧ୍ୟରେ ବହୁତ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ

---

[1] ବାହୁଦା, ବୈତରଣୀ, ବ୍ରାହ୍ମଣୀ, ବୁଢାବଳଙ୍ଗ, ଇନ୍ଦ୍ରାବତୀ, କୋଲାବ, ମହାନଦୀ, ନାଗାବଳି,ଋଷିକୁଲ୍ୟା, ସୁବର୍ଣ୍ଣରେଖା ଏବଂ ବଂଶଧାରା

[2] ଓଡିଶା ସରକାରଙ୍କ ଜଳସଂପଦ ବିଭାଗର ବାର୍ଷିକ ପ୍ରତିବେଦନ 2019-20 ଅନୁସାରେ


ପ୍ରକଳ୍ପର ନିର୍ମାଣ ହୋଇଛି, ଯଦ୍ୱାରା ଜଳସେଚନ ସୁବିଧା 1951 ରେ 1.83 ଲକ୍ଷ ହେକ୍ଟରରୁ ବଢି 2020 ରେ 43.07 ଲକ୍ଷ ହେକ୍ଟର ହୋଇଛି ।

## 1.3 ଓଡିଶା ରାଜ୍ୟରେ ଜଳସେଚନର ପରିସଂଖ୍ୟାନ

ଓଡିଶା ତାର ଜଳସଂପଦ ପାଇଁ ବହୁଳଭାବେ ମୌସୁମୀ ଉପରେ ନିର୍ଭର କରେ । ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ବର୍ଷା କରାଇଥାଏ । ଜୁନ୍ ରୁ ସେପ୍ଟେମ୍ବର ମଧରେ ମୋଟ ବାର୍ଷିକ ବୃଷ୍ଟିପାତର ପ୍ରାୟ ଶତକଡା 78 ଭାଗ ବର୍ଷା ହୋଇଥାଏ ଏବଂ ବଳକା 22 ପ୍ରତିଶତ ଅକ୍ଟୋବର ରୁ ମଇ ମଧରେ ହୋଇଥାଏ । ଉପଲବ୍ଧ ଥିବା ଋତୁକାଳୀନ ବର୍ଷା ସହିତ ରାଜ୍ୟର ବୃଷ୍ଟିପାତ ସ୍ଥାନ ଅନୁସାରେ ବିବିଧତା ଦେଖାଏ ଯାହାକି ଦକ୍ଷିଣ ଉପକୂଳ ସମତଳ ଇଲାକାରେ 1,200 ମିମି ଏବଂ ଉତ୍ତର ଉପତ୍ୟକାରେ 1,700 ମିମି ହୋଇଥାଏ । ରାଜ୍ୟର ଦୀର୍ଘକାଳୀନ ବାର୍ଷିକ ହାରାହାରି ବୃଷ୍ଟିପାତ 1,452 ମିମି ଅଟେ, ଯାହା 230.76 ବିଲିୟନ କ୍ୟୁବିକ୍ ମିଟର (ବିସିଏମ୍) ଜଳକୁ ବାର୍ଷିକ ଅନୁପାତ ଭାବେ ସୂଚାଏ । ମୋଟ ଅବପାତରୁ କିଛି ଅଂଶ ବାଷ୍ପୀକରଣରେ ନଷ୍ଟ ହୁଏ, ଏକ ଅଂଶ ଭୂତଳ ଜଳ ବୃଦ୍ଧିରେ ସହାୟକ ହୁଏ ଏବଂ ବଳକା ଭୂପୃଷ୍ଠରେ ବହିଯାଏ । ଭୂତଳ ଜଳର ଜମା ଏବଂ ଭୂପୃଷ୍ଠରେ ପ୍ରବାହିତ ହେଉଥିବା ଜଳକୁ ନେଇ ରାଜ୍ୟର ଜଳସଂପଦ ଗଠିତ ।

ରାଜ୍ୟର ନିଜର ଜଳ ନିଷ୍କାସନର ସୀମାରୁ ଆକଳିତ ହାରାହାରି ବାର୍ଷିକ 82.84 ଶତ କୋଟି ଘନ ମିଟର (ବିସିଏମ୍) ଭୂପୃଷ୍ଠ ଜଳ ଉପଲବ୍ଧ ଅଛି ବୋଲି ବାର୍ଷିକ ବିବୃତି 2017-18 ଅନୁସାରେ ନିର୍ଦ୍ଧାରଣ କରାଯାଇଥିଲା । ଭୂବିକରଣ ଏବଂ ଭୂ-ତାତ୍ତ୍ୱିକ ସୀମାବନ୍ଧନକୁ ବିଚାରକୁ ନେଇ ଜଳସେଚନ ଉଦ୍ଦେଶ୍ୟ ପାଇଁ 65.68 ବିସିଏମ୍ ପାଣି ବ୍ୟବହୃତ ହୋଇପାରିବ । ଏହା ବ୍ୟତୀତ, ଆନ୍ତଃ ରାଜ୍ୟ ନଦୀଗୁଡିକ ମାଧମରେ ପଡୋଶୀ ରାଜ୍ୟଗୁଡିକରୁ ଆକଳିତ ବାର୍ଷିକ 37.56 ବିସିଏମ୍ ଭୂପୃଷ୍ଠ ଜଳ ପ୍ରବାହିତ ହୁଏ ଯାହା ମଧରୁ 29.86 ବିସିଏମ୍ ବ୍ୟବହାର ଉପଯୋଗୀ ଜଳ ସମ୍ବଳ ନିର୍ଦ୍ଧାରିଣ କରାଯାଇଥିଲା ଏବଂ ଅବଶିଷ୍ଟ 7.70 ବିସିଏମ ଜଳ ସମୁଦ୍ର ମଧକୁ ପ୍ରବାହିତ ହୋଇଥାଏ । ବିଭିନ୍ନ ପ୍ରକାର ବ୍ୟବହାର ପାଇଁ ଜଳର ଚାହିଦା ବୃଦ୍ଧି କାରଣରୁ 2051 ମସିହା ସୁଦ୍ଧା ଭୂପୃଷ୍ଠ ଜଳର ଉପଲବ୍ଧତା ନିର୍ଦ୍ଧାରଣ କରିବାକୁ ଡିଓଡବ୍ଲ୍ୟୁଆର ପ୍ରଯତ୍ନ କରିଥିଲେ । ଭୂପୃଷ୍ଠ ଜଳର ଉପଲବ୍ଧତା ନିଜର ଜଳନିକାଶ ସୀମା ମଧରେ ମୋଟାମୋଟି ସ୍ଥିର ରହିବ କିନ୍ତୁ ପଡୋଶୀ ରାଜ୍ୟ ଗୁଡିକରୁ ପ୍ରବାହିତ ଭୂପୃଷ୍ଠ ଜଳ 37.56 ବିସିଏମରୁ 25.27 ବିସିଏମକୁ[3] ହ୍ରାସ ହୋଇଯିବ ବୋଲି ମୂଲ୍ୟାଙ୍କନରେ ପ୍ରକଟିତ ହୋଇଥିଲା ।

**ଅବବାହିକା ଅନୁଯାୟୀ ବ୍ୟବହାର ଯୋଗ୍ୟ ଜଳର ଉପଲବ୍ଧତା ନିମ୍ନ ପାଇ ଚାର୍ଟରେ ଦିଆଯାଇଛି :**




95.54 ବିସିଏମ (65.68 ବିସିଏମ ନିଜ ଜଳ ସଂପଦରୁ ଏବଂ 29.86 ବିସିଏମ ଅନ୍ୟ ରାଜ୍ୟରୁ ପ୍ରବାହିତ ହେଉଥିବା ଜଳ) ଜଳ ବ୍ୟବହାର କରିବା ପାଇଁ, ଓଡିଶା ରାଜ୍ୟ ସରକାର 15 ଟି ବୃହତ୍ ଜଳସେଚନ ପ୍ରକଳ୍ପ (ସାତଟି ସମାପ୍ତ, ଆଠଟି ଚାଲୁ ରହିଥିବା), 50 ଟି ମଧମ ଜଳସେଚନ ପ୍ରକଳ୍ପ (40 ସମାପ୍ତ, 10 ଟି ଚାଲୁ ରହିଥିବା), 197 ଟି ମେଗା

[3] ଡିଓଡବ୍ଲ୍ୟୁଆର 2017-18 ପାଇଁ ବାର୍ଷିକ ବିବରଣୀ

ଲିଫ୍ଟ ପ୍ରକଳ୍ପ (ନଅଟି ସମାପ୍ତ,188 ଟି ଚାଲୁ ରହିଥିବା) ଏବଂ 2,498 କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ( 2,340 ସମାପ୍ତ, 158 ଚାଲୁ ରହିଥିବା) ଆରମ୍ଭ କରିଥିଲେ ଯାହା 52.37 ଲକ୍ଷ ହେକ୍ଟର ଜଳସେଚନ କ୍ଷମତା ସୃଷ୍ଟି କରିବା ସ୍ଥଳେ 38.15 ଲକ୍ଷ ହେକ୍ଟର ଜଳସେଚନ କ୍ଷମତା ସୃଷ୍ଟି କରିବାରେ ସଫଳତା ହାସଲ କରିଥିଲା ବୋଲି ରାଜ୍ୟ ସରକାର ଦାବୀ କରିଥିଲେ ।

**ଚାର୍ଟ 1 ଜଳ ପ୍ରବାହ, ଚାଷ ଯୋଗ୍ୟ କ୍ଷେତ୍ର, ଓଡିଶାରେ ଜଳସେଚନ ପ୍ରକଳ୍ପ**

ରାଜ୍ୟର ନିଜ ସମ୍ବଳରୁ ଭୂପୃଷ୍ଠ ଜଳର ବାର୍ଷିକ ଉପଲବ୍ଧତା (82.84 ବିସିଏମ) (ବ୍ୟବହୃତ/ ଅବ୍ୟବହୃତ)


ପଡୋଶୀ ରାଜ୍ୟରୁ ବାର୍ଷିକ ପ୍ରବାହ ବିସିଏମ (ବ୍ୟବହୃତ/ ଅବ୍ୟବହୃତ)

ଚାଷ ଉପଯୋଗୀ ଜମି (61.80 ଲକ୍ଷ ହେକ୍ଟର) (ପୃଷ୍ଠ ଜଳ/ ଭୂତଳ ନିର୍ମଳ ପାଣି/ଜଳସେଚିତ ନୁହେଁ)

କାର୍ଯ୍ୟକ୍ଷମ ଜଳସେଚନ ପ୍ରକଳ୍ପଗୁଡିକ (ସାତ ବୃହତ/40 ମଧ୍ୟମ/2,340 ନିମ୍ନ ଜଳସେଚନ)

ଜଳସେଚନ ସୁବିଧା ଲକ୍ଷ ହେକ୍ଟର ରେ (ବୃହତ ଏବଂ ମଧ୍ୟମ, କ୍ଷୁଦ୍ର ପ୍ରବାହ, କ୍ଷୁଦ୍ର ଉଠା ଜଳସେଚନ ଏବଂ ବୃହତ ଉଠା ଜଳସେଚନ ଏବଂ ଅନ୍ୟାନ୍ୟ ଉତ୍ସ)


6.99 ଲକ୍ଷ ହେକ୍ଟରକୁ ଅତିରିକ୍ତ ଜଳସଚେନ ଯୋଗାଇବା ପାଇଁ ନିଆଯାଇଥିବା ପ୍ରକଳ୍ପ ସଂଖ୍ୟା (ବୃହତ/ମଧ୍ୟମ/ବୃହତ୍ ଉଠା)




**(ଉତ୍ସ: ଡିଓଡବ୍ଲୁଆର 2017-18 ପାଇଁ ବାର୍ଷିକ ବିବରଣୀ)**

## 1.4 ସାଙ୍ଗଠନିକ ସଂରଚନା

ସାଙ୍ଗଠନିକ ସଂରଚନା ଚାର୍ଟ




ରାଜ୍ୟ ସରକାରଙ୍କର ପ୍ରମୁଖ ଶାସନ ସଚିବ ଡିଓଡବ୍ଲୁଆର ର ମୁଖ୍ୟ ଅଟନ୍ତି ଯେ କି ରାଜ୍ୟରେ ବିଭିନ୍ନ ଯୋଜନାଗୁଡିକର କାର୍ଯ୍ୟାନ୍ୱୟନ ଯଥା-ନିର୍ମାଣ, ରକ୍ଷଣାବେକ୍ଷଣ, ଉନ୍ନତି ଏବଂ ପ୍ରକଳ୍ପ ଗୁଡିକ ମାଧ୍ୟମରେ ଅତିରିକ୍ତ ଭୂ-ପୃଷ୍ଠ ଜଳସେଚନ ସୃଷ୍ଟି ନିମନ୍ତେ ଦାୟୀ ଅଟନ୍ତି । ଦୁଇ ଜଣ ସର୍ବୋଚ୍ଚ ଯନ୍ତ୍ରୀ, 21 ଜଣ ମୁଖ୍ୟ ଯନ୍ତ୍ରୀ (ସିଇ)/ ମୁଖ୍ୟ ଯନ୍ତ୍ରୀ ଓ ଅବବାହିକା ପରିଚାଳକ (ସିଇ ଏବଂ ବିଏମ), 10 ଜଣ ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ସିସିଇ)/25 ଜଣ ଅଧୀକ୍ଷଣ ଯନ୍ତ୍ରୀ (ଏସଇ) ଭୂପୃଷ୍ଠ ଜଳ ସେଚନରେ ଉପରୋକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ସହାୟତା କରିଥାନ୍ତି । ଭୂପୃଷ୍ଠ ଜଳସେଚନର ସୃଷ୍ଟି, ରକ୍ଷଣାବେକ୍ଷଣ ଏବଂ ଉନ୍ନତି ପାଇଁ ଗ୍ରହଣ କରାଯାଇଥିବା ବହୁତ ଗୁଡିଏ ଯୋଜନାକୁ 172 ଜଣ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାନ୍ୱିତ କରୁଥିଲେ ।

## 1.5 ସମୀକ୍ଷାର ଉଦ୍ଦେଶ୍ୟ

ନିମ୍ନୋକ୍ତ ବିଷୟଗୁଡିକର ନିର୍ଦ୍ଧାରଣ ନିମନ୍ତେ ସମ୍ପାଦନ ସମୀକ୍ଷା କରାଯାଇଥିଲା ଯେପରିକି:

- ପ୍ରକଳ୍ପଗୁଡିକର ଆର୍ଥିକ ପରିଚାଳନା ପର୍ଯ୍ୟାପ୍ତ ଥିଲା ।

- ପ୍ରକଳ୍ପର ସମ୍ପାଦନା ପାଇଁ ଅଭିଳଷିତ ଉଦ୍ଦେଶ୍ୟ ଅନୁସାରେ ଯୋଜନା ଏବଂ କାର୍ଯ୍ୟ ସମ୍ପାଦନ କରାଯାଇଛି କି ନାହିଁ ।
- ସମସ୍ତ ହିତାଧିକାରୀଙ୍କ ସହିତ ସମନ୍ୱୟ ସୁନିଶ୍ଚିତ ହୋଇଥିବା ଏବଂ ଲକ୍ଷ୍ୟ ରଖାଯାଇଥିବା ହିତାଧିକାରୀମାନଙ୍କୁ ଫାଇଦା ର ସ୍ଥାୟୀ ସମ୍ପ୍ରସାରଣ ପାଇଁ ପର୍ଯ୍ୟାଲୋଚନା ।

## 1.6 ସମୀକ୍ଷାର ମାନଦଣ୍ଡ

ନିମ୍ନୋକ୍ତ ବିଷୟ ଗୁଡିକ ସମୀକ୍ଷା ମାନଦଣ୍ଡର ଉତ୍ସ:-

- ରାଜ୍ୟ ଜଳସେଚନ ପ୍ରକରଣ ପୁସ୍ତିକା,
- ଓଡିଶା ପୂର୍ତ୍ତ ବିଭାଗ ସଂହିତା
- ଜମି ଅଧିଗ୍ରହଣ ଅଧିନିୟମ 1894 ଏବଂ ପରବର୍ତ୍ତୀ ସଂଶୋଧନ ଓ ଆଦେଶ
- କାର୍ଯ୍ୟ, ଥଇଥାନ ଇତ୍ୟାଦି ସମ୍ବନ୍ଧୀୟ ସରକାରୀ ନିର୍ଦ୍ଧାରଣ ଏବଂ ଅନୁଦେଶ/ଆଦେଶ ଇତ୍ୟାଦି
- ସାଧାରଣ ଆର୍ଥିକ ନିୟମ (ଜିଏଫଆର)
- ଓଡିଶା ଟ୍ରେଜେରୀ ସଂହିତା (ଓଟିସି)
- ବାର୍ଷିକ ଯୋଜନା, ପରିପ୍ରେକ୍ଷଣ ଯୋଜନା, ବିନିୟମ ଏବଂ ଜିଓଓଙ୍କ ଦ୍ୱାରା ନିର୍ଗମ କରାଯାଉଥିବା ମାର୍ଗଦର୍ଶିକା, ଏବଂ
- ସବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର), ମାନକ ନିର୍ଦ୍ଦେଶନ, ଦର ଖସଡା (ଏସ.ଓ.ଆର.), ବିଶ୍ଳେଷଣ ଦର (ଏ.ଓ.ଆର), ଚୁକ୍ତି ଏବଂ ରାଜିନାମା ଗୁଡିକର ସର୍ତ୍ତ ।

## 1.7 ସମୀକ୍ଷା ପରିସର

ଏପ୍ରିଲ 2014 ରୁ ମାର୍ଚ୍ଚ 2019 ପର୍ଯ୍ୟନ୍ତ ଅବଧିକୁ ଅନ୍ତର୍ଭୁକ୍ତ କରି ଜୁନରୁ ସେପ୍ଟେମ୍ବର 2019 ମଧ୍ୟରେ ସମ୍ପାଦନ ସମୀକ୍ଷା ସଂଚାଳନ କରାଯାଇଥିଲା । ନମୁନା ନିଆଯାଇଥିବା ପ୍ରକଳ୍ପଗୁଡିକର ଡିଓଡବ୍ଲୁଆର ପ୍ରକଳ୍ପ ପ୍ରାଧିକାରୀ, ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ (ଏସଏଲଏଓଙ୍କର) ନଥିଗୁଡିକ ସମୀକ୍ଷାରେ ନମୁନା ଯାଞ୍ଚ କରାଗଲା । ଆହୁରି ମଧ୍ୟ, ନମୁନା ପ୍ରକଳ୍ପଗୁଡିକର[4] ପରିସରଭୁକ୍ତ ଥିବା କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ (ଡିଏଆଣ୍ଡଏଫଇ) ର କାର୍ଯ୍ୟାନ୍ୱିତ ଏକକର ନଥିଗୁଡିକ ନମୁନା ଯାଞ୍ଚ କରାଗଲା । ଗୋଟିଏ ସମ୍ପୂର୍ଣ୍ଣ ବୃହତ୍ ପ୍ରକଳ୍ପ, 17 ଟି ଆଂଶିକ ସମ୍ପୂର୍ଣ୍ଣ ବୃହତ୍/ମଧ୍ୟମ ପ୍ରକଳ୍ପଗୁଡିକ, ନଅଟି ସମ୍ପୂର୍ଣ୍ଣ ବୃହତ୍ ଉଠା ପ୍ରକଳ୍ପ (ଏମଏଲପିଏସ) ଏବଂ 23 ଟି ସମ୍ପୂର୍ଣ୍ଣ / ଆଂଶିକ ସମ୍ପୂର୍ଣ୍ଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକ (ଏମ.ଆଇ.ପି.ଏସ) ଜାନୁଆରୀ 2011 ଏବଂ ମାର୍ଚ୍ଚ 2017 ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱିତ ହୋଇଥିବା ମଧ୍ୟରୁ ନିମ୍ନଲିଖିତ ପ୍ରକଳ୍ପଗୁଡିକୁ ବିସ୍ତୃତ ଯାଞ୍ଚ ପାଇଁ ବଛାଯାଇଥିଲା ।

ସମ୍ପୂର୍ଣ୍ଣ ପ୍ରକଳ୍ପ :

1) ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ (ୟୁଆଇଆଇପି) (ସଂପ୍ରସାରଣ)
2) ଦଶଟି ଏମଆଇପି[5]
3) ନଅଟି ଏମଏଲପି[6]

**ଆଂଶିକ ସମ୍ପୂର୍ଣ୍ଣ ପ୍ରକଳ୍ପ :**

---

[4] ଭବାନୀପାଟଣା, କଟକ, ଯାଜପୁର ଏବଂ ମୟୂରଭଞ୍ଜର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ସିଡିଏଓ)

[5] (a)ଅଙ୍କମରା (b) ବାରହାନଳା (c) ବ୍ରାହ୍ମଣୀଜୋର (d) ଚିତଲପଡା (e) ଦମିକିପାଲି (f)ଯାତଖଲିଆ (g)ନାଗପଡା (h) ନୂଆପାଲି (i) ତେଲୀଜୋର (j) ତିଲିଯୋଡି

[6] (a) ଅଗଲପୁର (b) ଅମାଠ (c) ବେଲଗାଁ (d) ଭରସୁଜା (e) ଗୁଡଭେଲା (f) କପଶିଲା (g) କୁସମାଲ (h) ଲଇତରା(i) ଉତକେଲା

1) ରେଙ୍ଗାଲି ବାମ କେନାଲ ତଟ (ଆର.ଏଲ.ବି.ସି.)
2) ରେଙ୍ଗାଲି ଦକ୍ଷିଣ କେନାଲ ତଟ (ଆର.ଆର.ବି.ସି.)
3) ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ (ଏସ.ଆଇ.ପି.) ଏବଂ
4) ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ଏଲ.ଆଇ.ଆଇ.ପି.)

## 1.8 ସମୀକ୍ଷାର ପଦ୍ଧତି

ଭୂପୃଷ୍ଠ ଜଳସେଚନର ସମ୍ପାଦନ ସମୀକ୍ଷା ପାଇଁ ଗ୍ରହଣ କରାଯାଇଥିବା ସମୀକ୍ଷା ପଦ୍ଧତି ନିମ୍ନରେ ଦର୍ଶାଯାଇଛି:

- ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ ସହିତ ପରିସର ଓ ପଦ୍ଧତି ବିଷୟରେ ସ୍ପଷ୍ଟ କରାଯିବାପାଇଁ ଜିଓଓ, ଡିଓଡବ୍ଲୁଆର ପ୍ରମୁଖ ସଚିବଙ୍କ ସହିତ ପ୍ରବେଶ ସମ୍ମିଳନୀ 3 ଜୁଲାଇ 2019 ରେ କରାଯାଇଥିଲା ।
- ସମୀକ୍ଷା ଦଳ ଦ୍ୱାରା ସମୀକ୍ଷା କ୍ଷେତ୍ରର କାର୍ଯ୍ୟାଳୟ ଗୁଡିକ ବଛାଯାଇଥିଲା,
- ପ୍ରକଳ୍ପଗୁଡିକର ମିଳିତ ସର୍ବେକ୍ଷଣ (ଜୁନ- ସେପ୍ଟେମ୍ବର 2019) ଏବଂ ସମୀକ୍ଷା କରାଯାଇଥିବା ସଂସ୍ଥାଗୁଡିକ ଦେଇଥିବା ତଥ୍ୟାବଳୀ ଅଭିଲିଖିତର ସତ୍ୟତା ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟ ସହିତ ହିତାଧିକାରୀଙ୍କ ସହିତ ମିଳିତ ସର୍ବେକ୍ଷଣ କରାଯାଇଥିଲା,
- ସୃଷ୍ଟି କରାଯାଇଥିବା ସମ୍ପତ୍ତି ପାଇଁ ଡି.ଓ.ଡବ୍ଲ୍ୟୁ.ଆର.ର ପଦାଧିକାରୀଙ୍କ ସହିତ ମିଳିତ ଭାବରେ ଭୌତିକ ନିରୀକ୍ଷଣ (ଜୁନ-ସେପ୍ଟେମ୍ବର 2019) ସଂଚାଳନ କରାଯାଇଥିଲା,
- ଚିଠା ସମ୍ପାଦନ ସମୀକ୍ଷା ପ୍ରତିବେଦନ ସରକାରଙ୍କୁ 27 ଜୁନ 2021ରେ ଜାରୀ କରାଯାଇଥିଲା । ସରକାରଙ୍କ ଠାରୁ ଚିଠା ଟିପ୍ପଣୀର ଜବାବ 30 ଜୁଲାଇ 2021 ରେ ମିଳିଥିଲା । 10 ଅଗଷ୍ଟ 2021 ରେ ଅନୁଷ୍ଠିତ ହୋଇଥିବା ପ୍ରସ୍ଥାନ ସମ୍ମିଳନୀ ରେ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକ ଆଲୋଚିତ ହୋଇଥିଲା ଏବଂ ପ୍ରସ୍ଥାନ ସମ୍ମିଳନୀର ବିଚାର ବିମର୍ଷଗୁଡିକ ଏବଂ ସରକାରଙ୍କ ଜବାବ ଗୁଡିକୁ ପ୍ରତିବେଦନ ଚୂଡାନ୍ତ ସମୟରେ ବିଚାରକୁ ନିଆଯାଇଥିଲା,
- ସମୀକ୍ଷାକୁ ପରବର୍ତ୍ତୀ ସମୟରେ ପଠାଇଥିବା (ସେପ୍ଟେମ୍ବର 2021) ନଥିଗୁଡିକୁ ଭିତ୍ତିକରି ନମୂନା ଯାଞ୍ଚ ପ୍ରକଳ୍ପ ଗୁଡିକର ବର୍ତ୍ତମାନର ସ୍ଥିତିକୁ ଅଦ୍ୟତନ କରାଯାଇଥିଲା ।

# ଅଧ୍ୟାୟ - II
# ଆର୍ଥିକ ପରିଚାଳନା

# ଅଧ୍ୟାୟ II

## ଆର୍ଥିକ ପରିଚାଳନା

### 2.1 ବଜେଟ ବ୍ୟବସ୍ଥା ଏବଂ ଖର୍ଚ୍ଚ

ଡିଓଡବ୍ଲୁଆରଙ୍କ ଦ୍ୱାରା 2014-15 ରୁ 2019-20 ମଧ୍ୟରେ ବଜେଟ୍ ବ୍ୟବସ୍ଥା ତୁଳନାରେ ବ୍ୟୟର ବିବରଣୀ ନିମ୍ନରେ ପ୍ରଦାନ କରାଗଲା :

**ସାରଣୀ 2.1 : 2014 – 2020 ମଧ୍ୟରେ ବଜେଟ୍ ବ୍ୟବସ୍ଥା ଏବଂ ଡିଓଡବ୍ଲୁଆରଙ୍କ ଦ୍ୱାରା ପାଣ୍ଠିର ବ୍ୟବହାର ଦର୍ଶାଉଥିବା ବିବରଣୀ**

(ଟଙ୍କା କୋଟିରେ)

| ବର୍ଷ | ଡିଓଡବ୍ଲୁଆର ବଜେଟ୍ ରେ ବ୍ୟବସ୍ଥା | ଡିଓଡବ୍ଲୁଆର ର ଖର୍ଚ୍ଚ | ବଜେଟ ବ୍ୟବସ୍ଥାର ଅନୁଯାୟୀ ଖର୍ଚ୍ଚର ପ୍ରତିଶତ |
|---|---|---|---|
| 2014-15 | 4,566.88 | 4,278.70 | 94 |
| 2015-16 | 6,236.36 | 6,043.53 | 97 |
| 2016-17 | 7,986.20 | 7,749.65 | 97 |
| 2017-18 | 9,224.88 | 8,814.73 | 96 |
| 2018-19 | 10,221.33 | 9,305.46 | 91 |
| 2019-20 | 9,738.42 | 6,112.26 | 63 |
| ମୋଟ | **47,974.07** | **42,304.33** | **88** |

(ଉତ୍ସ: ଓଡ଼ିଶା ବଜେଟ୍)

**ସାରଣୀ 2.2 : ଡିଓଡବ୍ଲୁଆରଙ୍କ ଦ୍ୱାରା 2014 – 2020 ମଧ୍ୟରେ ଭୂପୃଷ୍ଠ ଜଳସେଚନ ନିମନ୍ତେ ବଜେଟ୍ ବ୍ୟବସ୍ଥା ଏବଂ ଏହି ପାଣ୍ଠିର ଉପଯୋଗ ଦର୍ଶାଉଥିବା ବିବରଣୀ**

(ଟଙ୍କା କୋଟିରେ)

| ବର୍ଷ | ଭୂପୃଷ୍ଠ ଜଳ ସେଚନ ପାଇଁ ବଜେଟ୍ ରେ ବ୍ୟବସ୍ଥା | ଭୂପୃଷ୍ଠ ଜଳସେଚନ ରେ ଖର୍ଚ୍ଚ | ବଜେଟ ବ୍ୟବସ୍ଥାର ଅନୁଯାୟୀ ଖର୍ଚ୍ଚର ପ୍ରତିଶତ |
|---|---|---|---|
| 2014-15 | 2,557.81 | 2,423.67 | 95 |
| 2015-16 | 3,695.68 | 3,541.84 | 96 |
| 2016-17 | 5,025.20 | 4,842.14 | 96 |
| 2017-18 | 6,617.71 | 5,884.58 | 89 |
| 2018-19 | 7,470.63 | 4,682.27 | 63 |
| 2019-20 | 4,999.48 | 3,778.85 | 76 |
| ମୋଟ | **30,366.51** | **25,153.35** | **83** |

(ଉତ୍ସ: ଇଆଇସି ଅଫିସରୁ ସଂଗୃହିତ ତଥ୍ୟ)

ପାଞ୍ଚଟି ନମୂନା ଯାଞ୍ଚ ପ୍ରକଳ୍ପ ଗୁଡିକର 2014 – 2020 ମଧ୍ୟରେ ପୁଙ୍ଖାନୁପୁଙ୍ଖ ବଜେଟ ବ୍ୟବସ୍ଥା ଏବଂ ଏହାର ଉପଯୋଗ ନିମ୍ନରେ ପ୍ରଦାନ କରାଗଲା ।

**ସାରଣୀ 2.3 : ନମୂନା ଯାଞ୍ଚ ପ୍ରକଳ୍ପ ଗୁଡିକରେ ବଜେଟ ବ୍ୟବସ୍ଥା ଏବଂ ପାଣ୍ଠିର ଉପଯୋଗ ଦର୍ଶାଉଥିବା ବିବରଣୀ**

(ଟଙ୍କା କୋଟିରେ)

| ବର୍ଷ | ବଜେଟ ବ୍ୟବସ୍ଥା | ପୁନଃ ବିନିଯୋଗ | ପରିବର୍ତ୍ତିତ ବ୍ୟବସ୍ଥା | ବ୍ୟୟ (ପ୍ରତିଶତ) | ସମର୍ପଣ ର ମୂଲ୍ୟ |
|---|---|---|---|---|---|
| 2014-15 | 780.09 | -47.12 | 732.97 | 668.19*(91.16)* | 64.78 |
| 2015-16 | 722.01 | 30.45 | 752.46 | 735.57*(97.76)* | 16.89 |
| 2016-17 | 1,123.09 | -186.95 | 936.14 | 929.37*(99.28)* | 6.77 |
| 2017-18 | 1,202.91 | -132.21 | 1,070.70 | 984.46*(91.95)* | 86.24 |
| 2018-19 | 1,428.00 | -41.35 | 1,386.65 | 1,026.39*(74.02)* | 360.26 |
| 2019-20 | 1357.22 | -122.69 | 1234.53 | 926.49(75.05) | 308.04 |
| ମୋଟ | **6,613.32** | **-499.87** | **6,113.45** | **5,270.47** | **842.98** |

(ଉତ୍ସ: ପାଞ୍ଚଟି ସିଇ (ସିଇ ଆଣ୍ଡ ବିଏମ୍) / ସିସିଇଙ୍କଠାରୁ ସଂଗ୍ରହ କରାଯାଇଥିବା ତଥ୍ୟାବଳୀ)

ଡିଓଡବ୍ଲ୍ୟୁଆର ଗତ ଛଅ ବର୍ଷ 2014-20 ମସିହା ମଧ୍ୟରେ 842.98 କୋଟି ଟଙ୍କା ସମର୍ପଣ କରିଥିଲେ ଯାହାକି ପରିବର୍ତ୍ତିତ ବଜେଟ ବ୍ୟବସ୍ଥାର 14 ପ୍ରତିଶତ ଥିଲା । ମୁଖ୍ୟତଃ ବିଭାଗ ଦ୍ୱାରା ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ଜାଗା ଗୁଡିକ ହସ୍ତାନ୍ତର କରିବାରେ ବିଳମ୍ବ, ଅନିବାର୍ଯ୍ୟ ନିକାସ ଆଣିବାରେ ବିଳମ୍ବ, ଜାପାନ ଆନ୍ତର୍ଜାତିକ ସହଯୋଗ ପ୍ରତିନିଧି (ଜେଆଇସିଏ) ରୁ ଲୋନ ସହାୟତାରେ ତୃତୀୟ ପର୍ଯ୍ୟାୟ ଅଧୀନରେ ନିଆଯାଇଥିବା କାର୍ଯ୍ୟର ସମ୍ପାଦନ ନ ହେବା କାରଣରୁ ପାଣ୍ଠିର ସମର୍ପଣ କରାଯାଇଥିଲା । ଯଦିଓ 2016 ମସିହାରେ ଏଲଆଇଆଇପିର ଭୂଗର୍ଭସ୍ଥ ପାଇପ ଲାଇନ୍ (ୟୁଜିପିଏଲ୍) ବିଛାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ବିଳମ୍ବରେ କାର୍ଯ୍ୟଟିକୁ ପ୍ରଦାନ କରାଯିବା (ମାର୍ଚ୍ଚ 2018) କାରଣରୁ ମୁଖ୍ୟତଃ 499.87 କୋଟି ଟଙ୍କା ପୁନର୍ବିନିଯୋଗ କରାଗଲା । ସେହିପରି ଜମି ଅଧିଗ୍ରହଣ ହୋଇ ନ ପାରିବା କାରଣରୁ ଆରଆରବିସି/ଆରଏଲବିସି ରେ କାର୍ଯ୍ୟ ସମ୍ପାଦିତ ହୋଇପାରି ନ ଥିଲା ।

ସରକାର ଏହି ତଥ୍ୟକୁ ଗ୍ରହଣ କରି କହିଲେ (ଜୁଲାଇ 2021) ଯେ ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ଜଙ୍ଗଲ ଜମିର ନିକାସ ସହିତ ପଡି ରହିଥିବା ବିଲ୍ ଏବଂ ଅନ୍ୟାନ୍ୟ କାରଣରୁ ପାଣ୍ଠିର ଉପଯୋଗରେ ହ୍ରାସ ହୋଇଥିଲା । ସରକାର ପୁନର୍ବାର ଭରସା ଦେଲେ ଯେ ପ୍ରତ୍ୟେକ ଆର୍ଥିକ ବର୍ଷରେ ସମୁଦାୟ ବଜେଟ୍ ବ୍ୟବସ୍ଥାର ଉପଯୋଗ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଅଛି ।

## 2.2 ନମୂନା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ପ୍ରକଳ୍ପ ଅନୁଯାୟୀ ଅନୁମୋଦିତ ମୂଲ୍ୟ ଏବଂ ଖର୍ଚ୍ଚ

ପ୍ରକଳ୍ପ ଗୁଡିକର ମାର୍ଚ୍ଚ 2020 ସୁଦ୍ଧା ପ୍ରକଳ୍ପ ଭିତ୍ତିକ ଅନୁମୋଦିତ ମୂଲ୍ୟ ଏବଂ ବ୍ୟୟ ନିମ୍ନରେ ଥିବା ସାରଣୀରେ ପ୍ରଦାନ କରାଗଲା :


**ସାରଣୀ 2.4- ନମୁନା ଯାଞ୍ଚ ପ୍ରକଳ୍ପଗୁଡିକର ପ୍ରକଳ୍ପ ଭିତ୍ତିକ ଅନୁମୋଦିତ ମୂଲ୍ୟ ଏବଂ ବ୍ୟୟ ଦର୍ଶାଉଥିବା ବିବରଣୀ**

*(ଟଙ୍କା କୋଟିରେ)*

| ପ୍ରକଳ୍ପର ନାମ | ପ୍ରକଳ୍ପର ମୂଳ ମୂଲ୍ୟ | ପ୍ରକଳ୍ପର ପରିବର୍ତ୍ତିତ ମୂଲ୍ୟ (ଅଧିକ ପ୍ରତିଶତ) | ମାର୍ଚ୍ଚ 2020 ପର୍ଯ୍ୟନ୍ତ ସମୁଦାୟ ଖର୍ଚ୍ଚ | ଆରମ୍ଭର ବର୍ଷ | ସମାପ୍ତ ର ପରିବର୍ତ୍ତିତ ତାରିଖ | ମନ୍ତବ୍ୟ |
|---|---|---|---|---|---|---|
| ୟୁଆଇଆଇପି | 136.67 | 627.96 *(459)* | 761.63 | 2003 | ମାର୍ଚ୍ଚ 2016 | ସମ୍ପୂର୍ଣ୍ଣ |
| ଏସଆଇପି | 221.68 | 6,715.96 *(3030)* | 4,872.64 | 1982 | ମାର୍ଚ୍ଚ 2019 | ଅଗ୍ରଗତିରେ |
| ଏଲ୍ଆଇଆଇପି | 211.70 | 1,925.63 *(910)* | 1,811.73 | 1999 | ମାର୍ଚ୍ଚ 2021 | ଅଗ୍ରଗତିରେ |
| ଆରଆରବିସି | 69.64 | 3,200.78 *(4596)* | 2,267.19 | 1978 | ମାର୍ଚ୍ଚ 2022 | ଅଗ୍ରଗତିରେ |
| ଆରଏଲବିସି | 164.00 | 6,469.27 *(3945)* | 2,871.25 | 1978 | ମାର୍ଚ୍ଚ 2023 | ଅଗ୍ରଗତିରେ |
| ଏମଏଲପି (9 ଟି) | 137.33 | 137.33 *(Nil)* | 137.33 | 2013-15 | ମାର୍ଚ୍ଚ 2018<br>ମାର୍ଚ୍ଚ 2019 | ସମ୍ପୂର୍ଣ୍ଣ |
| ଏମଆଇପି( 10 ଟି) | 14.71 | 26.70 *(182)* | 20.34 | 2006-08 | 2010-2014 | ସମ୍ପୂର୍ଣ୍ଣ |
| **ମୋଟ** | **955.73** | **19,103.63** | **12,742.11** | | | |

(ଉତ୍ସ: ସିଇ/ସିସିଇଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟାବଳୀ)

ଚାର୍ଟ ସଂଖ୍ୟା 2.1 ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ପ୍ରକଳ୍ପ ଅନୁଯାୟୀ ମୂଳ ମୂଲ୍ୟ ଏବଂ ପରିବର୍ତ୍ତିତ ମୂଲ୍ୟ




ଉପରୋକ୍ତ ସାରଣୀରୁ ଜଣାଗଲା ଯେ ପ୍ରକଳ୍ପ ଗୁଡିକ ଯାହା 1978 ମସିହାରୁ ଆରମ୍ଭ ହୋଇଥିଲା ତାହାର ସରିବା ଦିନ ପରିବର୍ତ୍ତନ ହୋଇ ବର୍ତ୍ତମାନ ସୁଦ୍ଧା ଚାଲୁ ରହିଛି । ଏହା ମୁଖ୍ୟତଃ ଜମି ଅଧିଗ୍ରହଣରେ ବିଳମ୍ବ, କେନାଲ ପାଇଁ ଜଙ୍ଗଲ

ନିକାସ, ପରିକଳ୍ପନାର ଚୂଡାନ୍ତରେ ବିଳମ୍ବ ଇତ୍ୟାଦି କାରଣରୁ ହୋଇଥିଲା । ଏମଏଲପି ଗୁଡ଼ିକ ବ୍ୟତୀତ ଅନ୍ୟ ସମସ୍ତ ପ୍ରକଳ୍ପ ଗୁଡିକର ମୂଲ୍ୟ 182 ରୁ 4,596 ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ମୂଲ୍ୟବୃଦ୍ଧି ସତ୍ତ୍ୱେ, ମାତ୍ର ଗୋଟିଏ ବୃହତ୍ ପ୍ରକଳ୍ପ ଅର୍ଥାତ ୟୁଆଇଆଇପି (ସଂପ୍ରସାରଣ) ସମ୍ପୂର୍ଣ୍ଣ ହୋଇଥିଲା ଏବଂ ମାର୍ଚ୍ଚ 2021 ସୁଦ୍ଧା ଅନ୍ୟ ଚାରୋଟି ପ୍ରକଳ୍ପ ବୃହତ୍ ପ୍ରକଳ୍ପ ଗୁଡିକ ପ୍ରଗତିରେ ଥିଲା, ଯାହାଫଳରେ ପୁନର୍ବାର ମୂଲ୍ୟର ବୃଦ୍ଧିକୁ ଏଡାଇ ଦିଆଯାଇ ପାରିବ ନାହିଁ । ମୂଲ୍ୟ ବୃଦ୍ଧି ବିଭିନ୍ନ କାରଣରୁ ହୋଇଥିଲା ଯଥା- କାର୍ଯ୍ୟଗୁଡିକର କାର୍ଯ୍ୟାନ୍ୱୟନରେ ବିଳମ୍ବ, ଜମିର ମୂଲ୍ୟବୃଦ୍ଧି, ଆରଏଣ୍ଡଆର ନୀତିରେ ପରିବର୍ତ୍ତନ କାରଣରୁ ଥଇଥାନ ଏବଂ ପୁନର୍ବାସ (ଆର ଆଣ୍ଡ ଆର) ସହାୟତା ଦେୟରେ ବୃଦ୍ଧି, ଅନୁସୂଚି ଦରରେ ପରିବର୍ତ୍ତନ ଯାହାକି ପରବର୍ତ୍ତୀ ଅନୁଚ୍ଛେଦରେ ବିଶଦ ଭାବରେ ଦିଆଗଲା ।

ନମୁନା ଯାଞ୍ଚ ପ୍ରକଳ୍ପଗୁଡିକର ସମୀକ୍ଷା ନୀରିକ୍ଷଣରେ ଆସିଥିବା ଆର୍ଥିକ କୁ-ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ନିମ୍ନରେ ଥିବା ସାରଣୀରେ ଦିଆଗଲା ।

**ସାରଣୀ 2.5: ଆର୍ଥିକ ପରିଚାଳନାରେ ଲକ୍ଷ୍ୟ କରାଯାଇଥିବା ଅନିୟମିତତା ଗୁଡିକ ବିବରଣରେ ଦର୍ଶାଗଲା**

| କ୍ରମିକ ସଂଖ୍ୟା | ଅନିୟମିତତାର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡିକ | ଅନିୟମିତତାଗୁଡିକ ସଂକ୍ଷେପରେ |
|---|---|---|---|---|
| 1 | କେନ୍ଦ୍ରୀୟ ସହାୟତା (ସିଏ) ପ୍ରାପ୍ତ ନ ହେବା | 311.60 | ଏସଆଇପି,ୟୁଆଇଆଇପି ଏବଂ ଏଲଆଇଆଇପି | ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (ପିଏମକେଏସୱାଇ) ନିର୍ଦ୍ଧାରଣ କରିଛି ଯେ ବର୍ଷର ଆରମ୍ଭରୁ ପ୍ରଥମ କିସ୍ତି ପାଇଁ ଜିଓଆଇ ଅନୁଦାନ ଦେବେ ଏବଂ ପ୍ରଥମ କିସ୍ତି ପାଇଁ ବ୍ୟବହାର ପ୍ରମାଣପତ୍ର (ୟୁସି) ହୋଇ ସାରିବା ପରେ ଦ୍ୱିତୀୟ କିସ୍ତି ନିର୍ଗମିତ ହେବ । ସମୀକ୍ଷା ଅବଲୋକନ କଲା ଯେ 2015-19 ବର୍ଷର ପିଏମକେଏସୱାଇ ତିନିଟି ପ୍ରକଳ୍ପ ର (ଏସଆଇପି, ୟୁଆଇଆଇପି ଏବଂ ଏଲଆଇଆଇପି) ସହାୟତା ପାଇଁ ଡିଓଡବ୍ଲ୍ୟୁଆର 986.96 କୋଟି ଟଙ୍କାର ଦାବୀ ଉପସ୍ଥାପନ କରିଥିଲେ । ଉପରୋକ୍ତ ଦାବୀ ରଖିଥିବା ପରିମାଣ ମଧ୍ୟରୁ ଡିଓଡବ୍ଲ୍ୟୁଆର ଠିକ୍ ସମୟରେ ୟୁସି ନିବେଦନ ଦାଖଲ ନ କରିବା କାରଣରୁ ଜିଓଆଇ 675.36 କୋଟି ଟଙ୍କା ନିର୍ଗମନ କରିଥିଲେ ଏବଂ କେନ୍ଦ୍ର ଦ୍ୱାରା ଅବଶିଷ୍ଟ 311.60 କୋଟି ଟଙ୍କା ନିର୍ଗମିତ ହୋଇ ନ ଥିଲା । ତେଣୁ କେନ୍ଦ୍ରୀୟ ସହାୟତାରୁ ରାଜ୍ୟ ବଞ୍ଚିତ ହେଲା । |
| | | 592.34 | ଆରଆରବିସି | ଆରଆରବିସିର ଶାଖା କେନାଲର ନିର୍ମାଣ ପାଇଁ ଜଙ୍ଗଲ ନିକାସର ଅଭାବ ହେତୁ ଜିଓଆଇ ଏଆଇବିପି ଅଧୀନରେ ପାଣ୍ଠିକୁ ବନ୍ଦ କରିଥିଲେ (2010-11) । ଏହି ପ୍ରକଳ୍ପଟି ମଧ୍ୟ ପିଏମକେଏସୱାଇରେ ଅନ୍ତର୍ଭୁକ୍ତ ନ ହେବା ଫଳରେ 592.34 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ହରାଇଥିଲେ ।<br>ସରକାର ଜଣାଇଲେ (ଜୁଲାଇ 2021) ଯେ ୟୁସି ଦିଆଯାଉଥିଲା ଏବଂ କେନ୍ଦ୍ରୀୟ ସହାୟତା ର ଗ୍ରହଣ ପାଇଁ ପ୍ରସ୍ତାବ ଗୁଡିକ ଦିଆଯାଉଥିଲା ।ଯାହାହେଉ ରାଜ୍ୟ 592.34 କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ହରାଇଲା । |
| 2 | ପାଣ୍ଠିଗୁଡିକ ବିଭିନ୍ନ ବ୍ୟାଙ୍କ୍ ଖାତାରେ ରଖାଯିବା | 334.64 | ଏସଆଇପି,ଏଲଆଇଆଇପି ଏବଂ ଆରଆରବିସି | ଓଟିସି ନିୟମ 242 ନିର୍ଦ୍ଧାରଣ କରିଛି ଯେ ତୁରନ୍ତ ବିତରଣ କରିବାର ଆବଶ୍ୟକତା ନ ଥିଲେ ଅର୍ଥ ଟ୍ରେଜେରୀ ରୁ ଉଠାଯାଇ ପାରିବନାହିଁ । ଦାବୀର ଆଗୁଆ ଅନୁମାନ କିମ୍ବା ବଜେଟ ଅନୁଦାନର ଚ୍ୟୁତିକୁ ନିବାରଣ ପାଇଁ ଟ୍ରେଜେରୀରୁ ଅର୍ଥ ଉଠାଣକୁ ଅନୁମତି ନଥାଏ । ସମୀକ୍ଷା ଯାଞ୍ଚରୁ ପ୍ରକଟିତ ହେଲା ଯେ ;<br>(i) ଏସଆଇପି ପ୍ରକଳ୍ପର କ୍ଷମତାପନ୍ନ ପ୍ରାଧିକାରୀ ଡିସେମ୍ବର 2011 ଏବଂ ଜୁନ 2015 ମଧ୍ୟରେ 75 କୋଟି ଟଙ୍କା ଉଠାଣ କରିଥିଲେ ଏବଂ ଏହାକୁ ଆର |

| କ୍ରମିକ ସଂଖ୍ୟା | ଅନିୟମିତତାର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡ଼ିକ | ଅନିୟମିତତାଗୁଡ଼ିକ ସଂକ୍ଷେପରେ |
|---|---|---|---|---|
| | | | | ଏଣ୍ଡ ଆର ସହାୟତା ର ଦେୟ ବାବଦରେ ପ୍ରକଳ୍ପ ନିର୍ଦ୍ଦେଶକ ଆର ଏଣ୍ଡ ଆରଙ୍କ ପାଖରେ ରଖାଯାଇଥିଲା । ଯାହାହେଉ, ଏହା ଅଭିଳଷିତ ଉଦ୍ଦେଶ୍ୟ ପାଇଁ ବ୍ୟବହାର ହେବା ପରିବର୍ତ୍ତେ ଡିସେମ୍ବର 2011ଠାରୁ ସେପ୍ଟେମ୍ବର 2019 ରେ ହୋଇଥିବା ସମୀକ୍ଷା ପର୍ଯ୍ୟନ୍ତ ସଂଚୟ ବ୍ୟାଙ୍କ ଖାତାରେ ରଖାଯାଇଥିଲା । ଏହା ସଂକେତ ଦେଉଥିଲା ଯେ ଓଟିସି ନିୟମ 242 ର ବ୍ୟତିକ୍ରମରେ ତୁରନ୍ତ ଆବଶ୍ୟକତା ନ ଥାଇ ମଧ ଅର୍ଥ ଉଠାଣ କରାଯାଇଥିଲା ।<br><br>(ii) ସେହିପରି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପରିପତ୍ର (ସେପ୍ଟେମ୍ବର 2012) ଯାହାକି ସିଭିଲ ଜମାରେ ଅଗ୍ରୀମ ଗୁଡ଼ିକୁ ଜମା ରଖିବା ପାଇଁ ନିର୍ଦ୍ଧାରଣ କରିଥିଲା । ପରନ୍ତୁ ତିନିଟି ପ୍ରକଳ୍ପର (ଏସଆଇପି, ଏଲଆଇଆଇପି ଏବଂ ଆରଆରବିସି) ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) (ଆରଏଣ୍ଡଆର ଏଣ୍ଡ ଏଲଏଓ) ଏଲଏ ଏବଂ ଆରଏଣ୍ଡଆର ସହାୟତା ପାଇଁ 334.64 କୋଟି ଟଙ୍କା ଅଗ୍ରିମ ଉଠାଣ କରି (2011 ରୁ 2019 ମଧ୍ୟରେ) ସିଭିଲ ଜମା ହିସାବ ଶୀର୍ଷ - 8,443 ଅଧୀନରେ ଜମା ରଖିବା ପରିବର୍ତ୍ତେ ବିଭିନ୍ନ ବ୍ୟାଙ୍କରେ ଜମା ରଖିଥିଲେ ।<br>ସରକାର ଜଣାଇଲେ (ଜୁଲାଇ 2021) ଯେ ଆରଏଣ୍ଡଆର ସହାୟତାର ତୁରନ୍ତ ବିତରଣ ପାଇଁ ସିଭିଲ ଜମାରୁ ଉଠାଣର ପ୍ରକ୍ରିୟା ଠାରୁ ଦୂରେଇବା ପାଇଁ ପାଣ୍ଠିକୁ ବ୍ୟାଙ୍କ ଖାତାରେ ରଖାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଇତି ମଧ୍ୟରେ ଆଠ ବର୍ଷ ଅତିକ୍ରାନ୍ତ ହୋଇ ସାରିଲାଣି ଏବଂ ଏହା ପରିପତ୍ର ନିର୍ଦ୍ଦେଶନାମାର ଉଲ୍ଲଂଘନ ଥିଲା । |
| 3 | ରାଜସ୍ୱ ଟଙ୍କା ପଇଠ ନ ହେବା | 66.94 | ଏସଆଇପି, ଆରଆରବିସି ଏବଂ ଏଲଆଇଆଇପି | ଓଡିଶା ଜିଏଫଆର ତୃତୀୟ ଅଧ୍ୟାୟର ନିୟମ 25 ଅନୁସାରେ ନିୟନ୍ତ୍ରଣ ଅଧିକାରୀ ଆଦାୟ କରୁଥିବା ସରକାରୀ ରାଜସ୍ୱ ନିୟମିତ ଭାବେ ଏବଂ ତତ୍‌କ୍ଷଣାତ୍ ସରକାରଙ୍କ ବ୍ୟାଙ୍କ ଖାତାରେ ଜମା କରିବା କଥା । ସମୀକ୍ଷା ଅବଲୋକନ କଲା ଯେ ରଖାଯାଇଥିବା ପାଣ୍ଠିର ବିଭିନ୍ନ ବ୍ୟାଙ୍କ ଜମାରୁ ଆୟ ହୋଇଥିବା 66.94 କୋଟି ଟଙ୍କାର ସୁଧ ପ୍ରକଳ୍ପ ଅଧିକାରୀ ମାନେ (ଏସଆଇପି, ଆରଆରବିସି, ଏବଂ ଏଲଆଇଆଇପି) ଉପରୋକ୍ତ ନିୟମକୁ ଉଲ୍ଲଘଂନ କରି ପଇଠ କରିବାରେ ବିଫଳ ହୋଇଥିଲେ ।<br>ସରକାର ଜଣାଇଲେ (ଜୁଲାଇ 2019) ଯେ 30.71 କୋଟି ଟଙ୍କା ପଇଠ ହୋଇଥିଲା ଏବଂ ବ୍ୟାଙ୍କରୁ ସୁଧର ପରିମାଣ ଆସିଲେ ଅବଶିଷ୍ଟ ପରିମାଣର ସୁଧ ପଇଠ କରାଯିବ । |
| 4 | ଅସୁଝା ଅଗ୍ରୀମ | 64.94 | ଏସଆଇପି ଏବଂ ଆରଆରବିସି | ଜିଓଓର ପୂର୍ତ୍ତ ବିଭାଗର ସଂକଳ୍ପ ସଂଖ୍ୟା 9133, 6 ସେପ୍ଟେମ୍ବର 2012 ତାରିଖ ଅନୁସାରେ ଓଡିଶା ନିର୍ମାଣ ନିଗମ (ଓସିସି) କୁ ଅଧିନିର୍ଣ୍ଣୟ ପରିମାଣର ଏକ ତୃତୀୟାଂଶ ପ୍ରଥମ ଅଗ୍ରୀମ ହିସାବରେ ଦିଆଯିବ । ପ୍ରଥମ ଅଗ୍ରୀମର 75 ପ୍ରତିଶତ ସମଯୋଜନ ହେଲା ପରେ ଦ୍ୱିତୀୟ ଅଗ୍ରୀମ ମଞ୍ଜୁରୀ ହେବାର ଥିଲା ।<br>ପ୍ରଥମ ଅଗ୍ରୀମର 75 ପ୍ରତିଶତ ସମଯୋଜନ ହୋଇ ନ |

| କ୍ରମିକ ସଂଖ୍ୟା | ଅନିୟମିତତା ର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡିକ | ଅନିୟମିତତାଗୁଡିକ ସଂକ୍ଷେପରେ |
|---|---|---|---|---|
| | | | | ଥିଲେ ମଧ୍ୟ ଚାରିଟି କାର୍ଯ୍ୟ[7] ପାଇଁ ଦୁଇଟି ପ୍ରକଳ୍ପ ର ଇଇ ମାନେ ଓସିସିକୁ 381.55 କୋଟି ଟଙ୍କା ପ୍ରଦାନ କରିଥିଲେ । (ଜୁନ 2016 ରୁ ମଇ 2017) ଯେଉଁଥିରୁ ଅପ୍ରେଲ୍ 2021 ସୁଦ୍ଧା 316.61 କୋଟି ଟଙ୍କା ପରବର୍ତ୍ତୀ ସମୟରେ ସମଯୋଜନ ହୋଇଥିଲା । ଅବଶିଷ୍ଟ ଅଗ୍ରୀମ 64.94 କୋଟି ଟଙ୍କା ଅସୁଝା ଅଛି ଏବଂ ଏହି କାର୍ଯ୍ୟଗୁଡିକ ଅନୁବନ୍ଧ ସରିବା ପରେ ମଧ୍ୟ ସେପ୍ଟେମ୍ବର 2021 ସୁଦ୍ଧା ଅସମ୍ପୂର୍ଣ୍ଣ ଅଛି ।<br>ଅଗ୍ରୀମର ଅସମଯୋଜନ ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇନଥିଲେ । |
| 5 | ଜିଏସଟିର ଅଗ୍ରାହ୍ୟ ଦେୟ | 10.23 | ଏସଆଇପି,ଏଲ ଆଇଆଇପି ଏବଂ ଏମଏଲପି | ସାମଗ୍ରୀ ଓ ସେବା କର (ଜିଏସଟି) ଜୁଲାଇ 2017 ଠାରୁ ଜିଓଆଇ ପ୍ରବର୍ତ୍ତନ କରିଥିଲେ କିନ୍ତୁ କାର୍ଯ୍ୟ ବିଲ୍ ଗୁଡିକରେ ସେପ୍ଟେମ୍ବର 2018 ପର୍ଯ୍ୟନ୍ତ ଜିଏସଟି ଦେୟ ହୋଇ ନ ଥିଲା । ଅକ୍ଟୋବର 2018 ରୁ କାର୍ଯ୍ୟ ବିଲ୍ ଉପରେ 12 ପ୍ରତିଶତ ଜିଏସଟି ଦିଆଗଲା । ତିନିଟି ପ୍ରକଳ୍ପ ଗୁଡିକ (ଏସଆଇପି, ଏଲଆଇଆଇପି ଏବଂ ଏମଏଲପି) ର ତିନୋଟି କାର୍ଯ୍ୟ[8] ଏଜେନ୍ସୀ କୁ ଦିଆଯାଇଥିଲା ଯାହା ମଇ 2017 ରୁ ନଭେମ୍ବର 2017 ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଥିଲା କିନ୍ତୁ ଅକ୍ଟୋବର 2018 ପରେ ମଧ୍ୟ ସମ୍ପ୍ରସାରିତ କରାଯାଇଥିଲା । ଏଜେନ୍ସୀ ମାନେ କାର୍ଯ୍ୟଗୁଡିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିନଥିଲେ ଫଳରେ ଜିଏସଟି ବାବଦରେ 10.23 କୋଟି ଟଙ୍କା ଅଯୁକ୍ତିଯୁକ୍ତ ଭାବେ ଦିଆଯାଇଥିଲା ।<br><br>ସରକାର ଜଣାଇଲେ (ଜୁଲାଇ 2021) ଯେ, ଯେଉଁ ଚୁକ୍ତି ଗୁଡିକ ପାଇଁ ସମ୍ପ୍ରସାରଣ ସମୟସୀମା ମଞ୍ଜୁର ହୋଇଥିଲା ଜିଏସଟି ପ୍ରଦାନ ଅନିବାର୍ଯ୍ୟ ଥିଲା । ଆହୁରି ମଧ୍ୟ ଜଣାଇଲେ ଯେ ଯାହାହେଉ ସମୀକ୍ଷା ମନ୍ତବ୍ୟ ଭବିଷ୍ୟତ ଦିଗଦର୍ଶନ ପାଇଁ ଟିପ୍ପଣୀକୃତ କରାଗଲା । ବିଭାଗ ଦ୍ୱାରା ସଠିକ୍ ପର୍ଯ୍ୟାଲୋଚନ ହୋଇଥିଲେ କାର୍ଯ୍ୟଗୁଡିକ ଯାହାକି ଅଭିଯାନ୍ତ୍ରିକ, ସଂଗ୍ରହ ଏବଂ ନିର୍ମାଣ (ଇପିସି) ପ୍ରକାରରେ କାର୍ଯ୍ୟାନ୍ୱୟନ ହୋଇଥିଲା ଠିକ୍ ସମୟରେ ସମ୍ପୂର୍ଣ୍ଣ ହୋଇଥାନ୍ତା ଏବଂ ଜିଏସଟିର ଦେୟ ପରିହାର ହୋଇ ପାରିଥାନ୍ତା । |
| 6 | ସେବା କରର ଅଗ୍ରାହ୍ୟ ଦେୟ | 3.99 | ୟୁଆଇଆଇପି ଏବଂ ଏମଏଲପି | ସେବା କରର ଅଧିସୂଚନା ସଂଖ୍ୟା 25/2012 ତାରିଖ 20 ଜୁନ 2012 ପାରା 12(ଡି) ଅନୁସାରେ କେନାଲ, ଡ୍ୟାମ୍ ଓ ଅନ୍ୟାନ୍ୟ ଜଳସେଚନ କାର୍ଯ୍ୟଗୁଡିକରେ ବ୍ୟବହାର ପାଇଁ ନିର୍ମାଣ କାର୍ଯ୍ୟ ଉପରେ ସେବା କର ଛାଡ କରାଯାଇଥିଲା । କିନ୍ତୁ ଦେଖାଗଲା ଯେ ଏହି ପ୍ରାଧିକରଣକୁ ଉଲ୍ଲଂଘନ କରି ଦୁଇଟି ନମୁନା ଯାଞ୍ଚ ପ୍ରକଳ୍ପ (ୟୁଆଇଆଇପି ଏବଂ ଏମଏଲପି) ଗୁଡିକର ଇଇ ମାନେ ସେବାକର ବାବଦରେ 3.99 କୋଟି ଟଙ୍କା ଓସିସି କୁ ଦେଇଥିଲେ (ଡିସେମ୍ବର 2016 ରୁ ଫେବୃଆରୀ 2018) ଯାହାକି ଅଗ୍ରାହ୍ୟ ଥିଲା ଏବଂ |

[7] (i) ହଳଦିଆ ଡ୍ୟାମର ସ୍ପିଲ୍ ୱେ ନିର୍ମାଣ (ii) ବଇସିଙ୍ଗା ଶାଖା କେନାଲର ଫିଡର କେନାଲ ନିର୍ମାଣ (iii) ସୁବର୍ଣ୍ଣରେଖା ମୁଖ୍ୟ କେନାଲ (ଏସଏମସି) ର ପୁନରୁଦ୍ଧାର ଏବଂ (iv) ହ୍ରାସ ହୋଇଥିବା ଦୂରତା (ଆରଡି) 88.70 କିଲୋମିଟରରୁ ଆରଡି 91.50 କିଲୋମିଟର ପର୍ଯ୍ୟନ୍ତ ଆରଆରବିସିର ସୁରକ୍ଷା ପ୍ରାଚୀର ନିର୍ମାଣ

[8] (i) ଆରଡି 45.32 କିଲୋମିଟରରୁ 45.52 କିଲୋମିଟର ପର୍ଯ୍ୟନ୍ତ ଏବଂ 45.56 କିଲୋମିଟରରୁ 45.64 କିଲୋମିଟର ପର୍ଯ୍ୟନ୍ତ ଏସଏମସି ର କ୍ଷତିଗ୍ରସ୍ତ ଅଂଶ ନିର୍ମାଣ (ii) ବଙ୍ଗମୁଣ୍ଡା ଶାଖା କେନାଲର ଅବଶିଷ୍ଟ କାର୍ଯ୍ୟ ଏବଂ (iii) ଏଲଆଇପିର ଗୋଇମୁଣ୍ଡି ବିତରକ

| କ୍ରମିକ ସଂଖ୍ୟା | ଅନିୟମିତତା ର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୂକ୍ତ ପ୍ରକଳ୍ପଗୁଡ଼ିକ | ଅନିୟମିତତାଗୁଡ଼ିକ ସଂକ୍ଷେପରେ |
|---|---|---|---|---|
| | | | | ଅସୁଲ କରିବା ଦରକାର ଥିଲା ।<br>ସରକାର ଜଣାଇଲେ (ଜୁଲାଇ 2021) ଯେ ଜଳସେଚନ ପରାମର୍ଶ ସେବା ପାଇଁ ସେବାକର ଛାଡ ନ ଥିଲା ଏବଂ ଯଦି ଛାଡ ଥିଲା ତେବେ ଫେରସ୍ତ ଦାବୀ କରାଯିବ । ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ପରାମର୍ଶ ସେବା ଭାର ପ୍ରକଳ୍ପ ମୂଲ୍ୟର ଅଂଶ ଅଟେ ଏଣୁ ଏହା ଛାଡ ଅଟେ । |
| 7 | କେନାଲ ମରାମତିର ମୂଲ୍ୟ ଅନାଦେୟ | 11.17 | ଆରଆରବିସି | ଆରଆରବିସି ର ଦକ୍ଷିଣ ପାର୍ଶ୍ୱରେ ଭୂଷଣ ଷ୍ଟିଲ ପ୍ଲାଣ୍ଟ ଅବସ୍ଥିତ । ଭୂଷଣ ଷ୍ଟିଲ ପ୍ଲାଣ୍ଟକୁ କେନାଲର ବାମପାର୍ଶ୍ୱରେ ଆରଡି 39.570 କିମିରୁ ରାସ୍ତାର ଦୋହରୀକରଣ କରି ପ୍ଲାଣ୍ଟର କଞ୍ଚାମାଲ/ ତିଆରି ଦ୍ରବ୍ୟର ପରିବହନ ପାଇଁ ଡିଓଡବ୍ଲ୍ୟୁଏଆର ଅନୁମତି ପ୍ରଦାନ କରିଥିଲା । ଆରଆରବିସି ଆରଡି 39.275 ଠାରୁ 39.959 କିମି ପର୍ଯ୍ୟନ୍ତ ରାସ୍ତା ଭାରୀ ଯାନ ଗୁଡ଼ିକ ଯାତାୟାତ କରିବା କାରଣରୁ କ୍ଷତିଗ୍ରସ୍ତ ହୋଇଥିଲା । ବିଭାଗ କେନାଲର ପୁନରୁଦ୍ଧାର ଏବଂ ଅନ୍ୟାନ୍ୟ କ୍ଷତି ପାଇଁ 11.67 କୋଟି ଟଙ୍କା ନିର୍ଦ୍ଧାରଣ କଲା ଏବଂ ଦାବୀ କରିଥିଲା (ଡିସେମ୍ବର 2018) । ଭୂଷଣ ଷ୍ଟିଲ ପ୍ଲାଣ୍ଟ ସମସ୍ତ ଦାବୀ ନିର୍ଦ୍ଧାରଣ ପୂର୍ବରୁ ଅଗ୍ରୀମରେ 50 ଲକ୍ଷ ଟଙ୍କା ପଇଠ କରିଥିଲେ(ମେଇ 2014) ଏବଂ ଅବଶିଷ୍ଟ 11.17 କୋଟି ଟଙ୍କା ଅସୁଲ ହୋଇନଥିଲା (ଅଗଷ୍ଟ 2019) । ଏହି ବିଷୟରେ ବିଭାଗ ଦ୍ୱାରା ଅନୁସରଣ କାର୍ଯ୍ୟ କରାଯାଇନଥିଲା ।<br>ସରକାର,ସୁଧ ଆକାରରେ କ୍ଷତି ହେଉଥିବା ରାଜସ୍ୱ ବିଷୟରେ କିଛି ନ କହି ଗ୍ରହଣ କଲେ (ଜୁଲାଇ 2021) ଯେ ଶିଳ୍ପାନୁଷ୍ଠାନ ଠାରୁ କାର୍ଯ୍ୟ ସମାପ୍ତ ପରେ ସମସ୍ତ ଖର୍ଚ୍ଚ ଅସୁଲ କରାଯିବ । |
| 8 | କ୍ଷତିପୂରକ ଜଳସେଚନର ମୂଲ୍ୟ ଅସୁଲ ହୋଇନଥିଲା | 159.46 | ଆରଆରବିସି | ଜିଓଓ ସଂଖ୍ୟା 4538 ତାରିଖ 24 ଫେବୃଆରୀ 2016 ରେ ଅଧିସୂଚିତ ହେଲା ଯେ ଯେଉଁ ଶିଳ୍ପାନୁଷ୍ଠାନ ମାନେ ଜଳସେଚନ ଆୟକଟ୍‌କୁ ବ୍ୟବହାର କରୁଥିଲେ, ସେହି ପ୍ରକଳ୍ପର ଏକର ପ୍ରତି ନିର୍ମାଣ ଖର୍ଚ୍ଚ ଏବଂ ତିନି ବର୍ଷ ନିର୍ମାଣ ପାଇଁ ବିଳମ୍ବ ହେତୁ ଉପରୋକ୍ତ ମୂଲ୍ୟର 25 ପ୍ରତିଶତ ପଇଠ କରିବାକୁ ଆଇନ ଅନୁସାରେ ବାଧିତ । ସମୀକ୍ଷା ଅବଲୋକନ କଲା ଯେ ସାତଟି ଶିଳ୍ପାନୁଷ୍ଠାନ ଆରଆରବିସିର 5,498.49 ହେକ୍ଟର ଆୟାକଟ ବ୍ୟବହାର କରୁଥିଲେ ।<br>ସେହି ଭାବରେ ଏକର ପ୍ରତି 2.32 ଲକ୍ଷ ଟଙ୍କା[9] ଏବଂ ସେହି ଶିଳ୍ପାନୁଷ୍ଠାନ ମାନଙ୍କର ବିଳମ୍ବ ପାଇଁ 25 ପ୍ରତିଶତ ସହିତ 159.46 କୋଟି ଟଙ୍କା ଅସୁଲ କରିବାର ଥିଲା ଯାହାକି ଅସୁଲ ହୋଇନଥିଲା (ସେପ୍ଟେମ୍ବର 2019)। ଏହା ସୂଚିତ କରାଯିବାରୁ ସରକାର ଜଣାଇଲେ (ଜୁଲାଇ 2021) ଯେ ଦୁଇଟି ଶିଳ୍ପାନୁଷ୍ଠାନ 6.53 କୋଟି ଟଙ୍କା ପଇଠ କରିଥିଲେ ଏବଂ ଅବଶିଷ୍ଟ ପରିମାଣ ସରକାରଙ୍କର ମାର୍ଗଦର୍ଶୀକା ଅନୁସାରେ ଶିଳ୍ପାନୁଷ୍ଠାନ ମାନଙ୍କ ଠାରୁ ଅସୁଲ ହେବ । |

[9] ହେକ୍ଟର ପିଛା ମୂଲ୍ୟ = ପ୍ରକଳ୍ପର ମୂଲ୍ୟ /ସିସିଏ ଯଥା 1,96,233 ଲକ୍ଷ / 84,406 =ହେକ୍ଟର ପିଛା 2.32 ଲକ୍ଷ ଟଙ୍କା

| କ୍ରମିକ ସଂଖ୍ୟା | ଅନିୟମିତତା ର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୂକ୍ତ ପ୍ରକଳ୍ପଗୁଡ଼ିକ | ଅନିୟମିତତାଗୁଡ଼ିକ ସଂକ୍ଷେପରେ |
|---|---|---|---|---|
| 9 | ଆକସ୍ମିକ ଦେୟ ର ଅଗ୍ରାହ୍ୟ ପ୍ରଦାନ | 2.84 | ଏସଆଇପି | ପିଏସୟୁ ମାନଙ୍କୁ କାର୍ଯ୍ୟ ପ୍ରଦାନ ପାଇଁ ଜିଓଓ ସଂକଳ୍ପ ସଂଖ୍ୟା 9133 ତାରିଖ 6 ସେପ୍ଟେମ୍ବର 2012 ରେ ମାର୍ଗଦର୍ଶୀକା ବାହାର କରିଥିଲେ । ମାର୍ଗଦର୍ଶୀକା ଅନୁସାରେ କାର୍ଯ୍ୟ ଗୁଡିକ ପିଏସୟୁକୁ ଆକଳନ ମୂଲ୍ୟ ସହିତ 10 ପ୍ରତିଶତ ନିଗମ ଭାର ଦେବାକୁ ଥିଲା । ଆକସ୍ମିକ ଭାର ଦେୟ ପାଇଁ ସେଠାରେ ବ୍ୟବସ୍ଥା ନ ଥିଲା । ଉକ୍ତ ଆଦେଶକୁ ଉଲ୍ଲଙ୍ଘନ କରି ଏସଆଇପିର ଚାରିଟି କାର୍ଯ୍ୟରେ ପିଏସୟୁକୁ ଆକସ୍ମିକ ଭାର ଏକ ପ୍ରତିଶତ ହିସାବରେ 2.84 କୋଟି ଟଙ୍କାର ଦେୟ ପ୍ରଦାନ କରାଯାଇଥିଲା ।<br>ସରକାର ଜଣାଇଲେ (ଜୁଲାଇ 2021) ଯେ ଚୂଡାନ୍ତ ଦେୟ ସମୟରେ ଏଜେନ୍ସି ଦ୍ୱାରା କୌଣସି ଆକସ୍ମିକ ଭାର ବାବଦରେ ଦେୟର ପ୍ରତି ପୂରଣ ହୋଇପାରିବ । |
| 10 | ରୟାଲ୍‌ଟିର ଅଣ ଅସୁଲି | 4.26 | ଏଲଆଇଆଇପ | ଲଘୁ ଖଣିଜ ସମ୍ପଦ ନିୟମ ଅନୁସାରେ ନିର୍ମାଣ ପାଇଁ ସାମଗ୍ରି ଯଥା- ମାଟି, ବାଲି, ଗୋଡି ଇତ୍ୟାଦି ପାଇଁ ଯଦି ଠିକାଦାର ରୟାଲଟି ପଇଠ କରିନଥାନ୍ତି, ଠିକାଦାରମାନଙ୍କ ବିଲ୍‌ରୁ ରୟାଲ୍‌ଟି ବିହିତ ଅନୁସାରେ ଅସୁଲ ହେବାର ଥିଲା । ଦଶଟି କାର୍ଯ୍ୟ[10] ଯାହାର ନଭେମ୍ବର 2014 ଏବଂ ଜୁଲାଇ 2018 ମଧ୍ୟରେ ସମାପ୍ତି କରିବା ପାଇଁ 88,07 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା । କେନାଲ ବନ୍ଧର କାର୍ଯ୍ୟନିର୍ବାହ ପାଇଁ 14.31 ଲକ୍ଷ ଘନ ମିଟର ବିବର ମାଟି ଠିକାଦାରମାନେ ପରିବହନ କରିଥିଲେ । ଠିକାଦାର ମାନଙ୍କ ବିଲ୍ ଗୁଡିକରୁ ମାଟିର ରୟାଲ୍‌ଟି ବାବଦରେ ଘନ ମିଟର ପ୍ରତି 27.44/35 ଟଙ୍କା ହିସାବରେ 4.26 କୋଟି ଟଙ୍କା ଅସୁଲ ହୋଇପାରି ନ ଥିଲା, ଫଳରେ ରାଜସ୍ୱ କ୍ଷତି ହେଲା ।<br>ସରକାର ଜଣାଇଲେ (ଜୁଲାଇ 2021) ଯେ ରୟାଲଟି ବାବଦରେ 1.17 କୋଟି ଟଙ୍କା ଅସୁଲ ହୋଇଥିଲା ଏବଂ ଅବଶିଷ୍ଟ ଅସୁଲ କରାଯିବ । |
| 11 | ଆୟାକଟର ପ୍ରମାଣୀକରଣ ନ ହେବା କାରଣରୁ ରାଜସ୍ୱ କ୍ଷତି | 23.99 | ଏସଆଇପି, ୟୁଆଇଆଇପି ଏବଂ ଆରଏଲବିସି | ରାଜସ୍ୱ ପରିମାଣ ବୃଦ୍ଧି ଉପରେ ବିଶେଷଜ୍ଞ କମିଟିର ଜିଓଓର ଅର୍ଥ ବିଭାଗର ବିବୃତି ଅନୁସାରେ ରାଜସ୍ୱର ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଜଳସେଚିତ ଆୟାକଟ୍‌ର ପ୍ରମାଣୀକରଣ ଏବଂ ପ୍ରସ୍ତୁତି ପାଇଁ ଇଇ ମାନେ ଦାୟୀ ଅଟନ୍ତି । ରାଜସ୍ୱ ବିଭାଗ ଏବଂ ଡିଓଡବ୍ଲୁଆର ଦ୍ୱାରା ସାମୂହିକ ସତ୍ୟାପନ କରିବାର ଥିଲା । ସାମୂହିକ ସତ୍ୟାପନ ପରେ ରାଜସ୍ୱର ନିର୍ଦ୍ଧାରଣ ଚୂଡାନ୍ତ କରାଯାଇଥାଏ ।<br>ସମୀକ୍ଷା ଅବଲୋକନ କଲା ଯେ 1987 ରୁ 2012 ମଧ୍ୟରେ 83,082 ହେକ୍ଟର ଜଳ ଯୋଗାଇବା ସତ୍ତ୍ୱେ ସାମୂହିକ ସତ୍ୟାପନ ଦ୍ୱାରା ପ୍ରମାଣନ କରାଯାଇ ନ ଥିଲା, ଏହା ଫଳରେ କୃଷକମାନଙ୍କ ଠାରୁ ଜଳକର ଅସୁଲ ହୋଇପାରି ନ ଥିଲା ଫଳରେ 23.99 କୋଟି[11] ଟଙ୍କାର ରାଜସ୍ୱ କ୍ଷତି ହେଲା । |

[10] (i) ଏଲଆଇଆଇପି ର ମାମିଆନ୍ ବିତରକଙ୍କ ନିର୍ମାଣ, (ii) ଡିଆଟନ ଶାଖା କେନାଲ ଆରଡି 0 / 0 ରୁ 6.50 କିଲୋମିଟର ପର୍ଯ୍ୟନ୍ତ (iii) ଚୁଲିଫୁଙ୍କା ମାଇନର ନିର୍ମାଣ (iv) ନଗଲଜୋଇ ସବ୍ ମାଇନର ନିର୍ମାଣ (v) ଅଲଣ୍ଡା ବିତରକଙ୍କର ନିର୍ମାଣ (vi) ଯମପଡା ବିତରକ ର ନିର୍ମାଣ (vii) ପାଲାସଖଣ୍ଡ ବିତରକର ଅବଶିଷ୍ଟ କାର୍ଯ୍ୟର ନିର୍ମାଣ (viii) ଡିଆଟନ ଶାଖା କେନାଲ ଆରଡି 6.50 ରୁ 9.50 କିଲୋମିଟର ପର୍ଯ୍ୟନ୍ତ ନିର୍ମାଣ (ix) ମଣିଗାଓଁ ମାଇନରର ନିର୍ମାଣ, ଏବଂ (x) ବଙ୍ଗମୁଣ୍ଡା ଶାଖା କେନାଲର ନିର୍ମାଣ

[11] ଆୟାକଟ ଜଳସେଚିତ ଅଞ୍ଚଳ X ବର୍ଷ ସଂଖ୍ୟା X ବାର୍ଷିକ ଜଳ ଦର

| କ୍ରମିକ ସଂଖ୍ୟା | ଅନିୟମିତତାର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡ଼ିକ | ଅନିୟମିତତାଗୁଡ଼ିକ ସଂକ୍ଷେପରେ |
|---|---|---|---|---|
| | | | | ସରକାର ଜଣାଇଲେ (ଜୁଲାଇ 2021) ଯେ ଏସଆଇପି ପ୍ରକଳ୍ପରେ ତହସିଲଦାର ମାନଙ୍କ ଠାରୁ ଆୟାକଟର ପ୍ରମାଣନ ପାଇବାପାଇଁ ପଦକ୍ଷେପ ନିଆଯାଉଅଛି। |
| 12 | ସଂଶୋଧିତ ପ୍ରଶାସନିକ ଅନୁମୋଦନ ନ ଥାଇ ଅନଧିକୃତ ଖର୍ଚ୍ଚ | 617.44 | ଇଉଆଇଆଇପି ଏବଂ ଏମଆଇପି | ଓପିଡବ୍ଲୁଡି ସଂହିତାର ଧାରା 3.2.4 ଧାର୍ଯ୍ୟ କରିଛି ଯେ ଯଦି ଏକ ପ୍ରକଳ୍ପର ବ୍ୟୟ ପ୍ରଶାସନିକ ଅନୁମୋଦିତ ମୂଲ୍ୟର 10 ପ୍ରତିଶତରୁ ଅଧିକ ହୁଏ, ତେବେ ବିଳମ୍ବ ନ କରି ଅତିରିକ୍ତ ଖର୍ଚ୍ଚ ପାଇଁ ଦକ୍ଷ ଅଧିକାରୀଙ୍କ ସଂଶୋଧିତ ପ୍ରଶାସନିକ ଅନୁମୋଦନ ପାଇବା ଆବଶ୍ୟକ।<br>ସମୀକ୍ଷା ଦେଖିଲା ଯେ ଯଦିଓ ୟୁଆଇଆଇପି ଏବଂ ସାତଟି ଏମଆଇ ପ୍ରକଳ୍ପର ଖର୍ଚ୍ଚ ସଂଶୋଧିତ ଅନୁମୋଦିତ ମୂଲ୍ୟର 10 ପ୍ରତିଶତରୁ ଅଧିକ ହୋଇଛି, ମାର୍ଚ୍ଚ 2021 ସୁଦ୍ଧା ସଂଶୋଧିତ ପ୍ରଶାସନିକ ଅନୁମୋଦନ ମିଳିପାରି ନାହିଁ। |
| ମୋଟ | | **2,203.84** | | |

(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)

ଉପର ସଂକ୍ଷେପରେ ଯେପରି ଦର୍ଶାଯାଇଛି, ପାଣିର ଉପଲବ୍ଧତା ସତ୍ତ୍ୱେ ପ୍ରକଳ୍ପ ଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ଖର୍ଚ୍ଚ ନ ହେବା କାରଣରୁ ନମୂନା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଆର୍ଥିକ ପରିଚାଳନା ବିଚଳିତ ହୋଇଥିଲା । ଯେହେତୁ ପାଞ୍ଚଟି ପରୀକ୍ଷା ଯାଞ୍ଚ ପ୍ରକଳ୍ପର କର୍ତ୍ତୃପକ୍ଷ ବାଧତାମୂଳକ କ୍ଲିୟରାନ୍ସରେ ବିଳମ୍ବ, ସାଇଟ ହସ୍ତାନ୍ତର ଇତ୍ୟାଦି କାରଣରୁ ମଞ୍ଜୁର ହୋଇଥିବା ପାଣ୍ଠି 2014-20 ମଧ୍ୟରେ ଖର୍ଚ୍ଚ କରି ପାରି ନଥିଲେ 842.98 କୋଟି ଟଙ୍କା ସମର୍ପଣ କରାଯାଇଥିଲା । କେନ୍ଦ୍ରୀୟ ସହାୟତା ନ ପାଇବା, ପାଣିର ବ୍ୟବହାର ବିନା ବିଭିନ୍ନ ବ୍ୟାଙ୍କରେ ଜମା ରଖିବା, ସିଭିଲ ଜମା ଆକାଉଣ୍ଟରେ ଅଗ୍ରୀମ ଜମା ନ କରିବା, ସରକାରୀ ରାଜସ୍ୱ ହାସଲ ନ କରିବା, ଅଗ୍ରୀମ ଅସୁଖା ଏବଂ ଅଯୋଗ୍ୟ ଦେୟ ପରି ପ୍ରସଙ୍ଗ ସର୍ବମୋଟ 2,203.84 କୋଟି ଟଙ୍କାର ଦେଖାଯାଇଥିଲା ।

ପ୍ରସ୍ଥାନ ସମ୍ମିଳନୀ ସମୟରେ (ଅଗଷ୍ଟ 2021) ପ୍ରମୁଖ ସଚିବ, ଡିଓଡବ୍ଲୁଆର ଉପରୋକ୍ତ ଆର୍ଥିକ ପର୍ଯ୍ୟବେକ୍ଷଣ ସହିତ ସହମତ ହୋଇଥିଲେ ଏବଂ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବରୁ ନିଆଯାଇଥିବା କେତେକ କାର୍ଯ୍ୟାନୁଷ୍ଠାନ ଗୁଡ଼ିକ ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଛି ।
ଜଳସେଚନ ପ୍ରକଳ୍ପର ଆର୍ଥିକ ପରିଚାଳନା ଉପରେ ବିଭାଗ ତୀକ୍ଷ୍ଣ ନଜର ରଖିବା ଏବଂ ଆର୍ଥିକ ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ସ୍ଥିର କରିବା ଆବଶ୍ୟକ ।

***ସୁପାରିଶ:***

- **ଜଳସେଚନ ପ୍ରକଳ୍ପର ଆର୍ଥିକ ପରିଚାଳନା ଉପରେ ବିଭାଗ ତୀକ୍ଷ୍ଣ ନଜର ରଖିବା ଏବଂ ଆର୍ଥିକ ଅନିୟମିତତା ପାଇଁ କାର୍ଯ୍ୟ ନିର୍ବାହୀ ମାନଙ୍କ ଉପରେ ଉତ୍ତରଦାୟିତ୍ୱ ସ୍ଥିର କରିବା ଆବଶ୍ୟକ ।**

# ଅଧ୍ୟାୟ - III

# ଯୋଜନା ଏବଂ ପ୍ରକଳ୍ପ ଗୁଡ଼ିକର ନିର୍ବାହ


## ଅଧ୍ୟାୟ III

## ଯୋଜନା ଏବଂ ପ୍ରକଳ୍ପ ଗୁଡ଼ିକର ନିର୍ବାହ

### 3.1 ରାଜ୍ୟ ଜଳସମ୍ପଦର ଯୋଜନା, ବିକାଶ ଏବଂ ପରିଚାଳନା

ଶିଳ୍ପ, ଘରୋଇ, ପରିବେଶ ଜନିତ ଏବଂ ଅନ୍ୟ କ୍ଷେତ୍ର ଦ୍ୱାରା ଜଳସଂପଦ ଉପରେ ହେଉଥିବା ପ୍ରତିଯୋଗିତା ମୂଳକ ଦାବୀ ଏକ ଏକକୀକୃତ ଜଳସଂପଦ ବିକାଶ ଏବଂ ପରିଚାଳନାକୁ ଅତ୍ୟାବଶ୍ୟକ କରୁଥିଲା । ନଦୀର ଉପତ୍ୟକାକୁ ପରିଚାଳନାର ଏକ ଯୁକ୍ତିଯୁକ୍ତ ଜଳବିଜ୍ଞାନିକ ଏକକ ନିଆଯାଇଥିଲା । ଏହି ଲକ୍ଷ୍ୟକୁ ହାସଲ କରିବାପାଇଁ ନୀତି ପଦକ୍ଷେପ, ପ୍ରଶାସନିକ ପଦକ୍ଷେପ ଏବଂ ଆଇନ ବ୍ୟବସ୍ଥା ଜାତୀୟ ଏବଂ ରାଜ୍ୟ ସ୍ତରରେ କରାଯାଇଛି । ଜଳସଂପଦର ବିକାଶ ଏବଂ ପରିଚାଳନା ପାଇଁ ଦାୟୀ ରାଜ୍ୟର ଆନୁଷ୍ଠାନିକ ଢାଞ୍ଚା ନିମ୍ନ ରେ ଚାର୍ଟ 3.1 ରେ ବିସ୍ତୃତରେ ଦର୍ଶାଯାଇଛି ।

**ଚାର୍ଟ ସଂଖ୍ୟା 3.1: ଜଳସଂପଦର ବିକାଶ ଏବଂ ପରିଚାଳନା ପାଇଁ ଦାୟୀ ରାଜ୍ୟର ଆନୁଷ୍ଠାନିକ ଢାଞ୍ଚା**




ରାଜ୍ୟ ସ୍ତରରେ ସବିସ୍ତାର ଆନୁଷ୍ଠାନିକ ବ୍ୟବସ୍ଥା ସତ୍ତ୍ୱେ, ଭୂପୃଷ୍ଠ ଜଳ ସେଚନର ଲକ୍ଷ୍ୟ ହାସଲର ଯୋଜନା ଏବଂ ପରିଚାଳନାରେ ଗୁରୁତର କମି ଦେଖାଯାଇଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚିତ ହୋଇଛି ।

### 3.2 ଜଳସେଚନର ସମ୍ଭାବ୍ୟ (ଆଇପି) ର ସୃଷ୍ଟି ଏବଂ ବ୍ୟବହାର

#### 3.2.1 ରାଜ୍ୟରେ ଆଇପି ସୃଷ୍ଟିର ଲକ୍ଷ୍ୟ ଏବଂ ସଫଳତା

ଜଳସେଚନ ସଂଭାବ୍ୟ (ଆଇପି) ସୃଷ୍ଟି ପାଇଁ 2014-19 ମଧ୍ୟରେ ଡିଓଡବ୍ଲ୍ୟୁଆର ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ଏହା ଦେଖା ଯାଇଥିଲା ଯେ ଆଇପି ସୃଷ୍ଟି ପାଇଁ ଧାର୍ଯ୍ୟ 1.34 ଲକ୍ଷ ହେକ୍ଟର ମଧ୍ୟରୁ ରାଜ୍ୟ କେବଳ 0.63 ଲକ୍ଷ ହେକ୍ଟର (47 ପ୍ରତିଶତ) ସୃଷ୍ଟି କରି ପାରିଥିଲା ଯାହା ନିମ୍ନ ସାରଣୀରେ ଦିଆଗଲା :

**ସାରଣୀ-3.1 : ରାଜ୍ୟରେ ଆଇପି ସୃଷ୍ଟିର ବାର୍ଷିକ ଲକ୍ଷ୍ୟ ଏବଂ ସଫଳତା**

| ବର୍ଷ | ଆଇପି ସୃଷ୍ଟି ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହେକ୍ଟରରେ | ଆଇପି ସୃଷ୍ଟି ହେକ୍ଟରରେ | ଅସଫଳତାର ପ୍ରତିଶତ |
|---|---|---|---|
| 2014-15 | 27,000 | 7,917 | 70 |
| 2015-16 | 10,000 | 9,229 | 8 |
| 2016-17 | 17,000 | 4,000 | 76 |
| 2017-18 | 34,000 | 21,747 | 36 |
| 2018-19 | 45,898 | 20,125 | 56 |
| ମୋଟ | **1,33,898** | **63,018** | **53** |


(ଉତ୍ସ: ଇ-ଆଇ-ସି (ଜଳସମ୍ପଦ) ରୁ ପ୍ରାପ୍ତ ତଥ୍ୟ)

ଉକ୍ତ ବର୍ଷ ଗୁଡିକରେ ଜଳସେଚନ ସମ୍ଭାବ୍ୟ ସୃଷ୍ଟି ପାଇଁ ଲକ୍ଷ୍ୟ ହାସଲ ଅସଫଳତାର ହାର ଧାର୍ଯ୍ୟ ଲକ୍ଷ୍ୟର ଆଠରୁ 76 ପ୍ରତିଶତ ମଧ୍ୟରେ ଥିଲା ।

## 3.2.2 ମନୋନୀତ ପ୍ରକଳ୍ପ ଗୁଡିକରେ ଆଇପି ସୃଷ୍ଟିର ଲକ୍ଷ୍ୟ ଏବଂ ସଫଳତା

ପାଞ୍ଚଟି ନମୂନା ଯାଞ୍ଚ୍ ବୃହତ୍ ପ୍ରକଳ୍ପ ପାଇଁ 2014-19 ମଧ୍ୟରେ 1.47 ଲକ୍ଷ ହେକ୍ଟର କଲଚରାଲ କମାଣ୍ଡ ଏରିଆ (ସିସିଏ) ରେ ଜଳସେଚନ ସମ୍ଭାବ୍ୟ ସୃଷ୍ଟି ପାଇଁ ଡିଓଡବ୍ଲୁଆର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଏବଂ ସଫଳତା ମାତ୍ର 0.82 ଲକ୍ଷ ହେକ୍ଟର (56 ପ୍ରତିଶତ) ଥିଲା ଯାହା ନିମ୍ନ ଚାର୍ଟ 3.2 ରେ ଦିଆଗଲା : -

**ଚାର୍ଟ 3.2: ନମୂନା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକରେ ଆଇପି ସୃଷ୍ଟିର ଲକ୍ଷ୍ୟ ଏବଂ ଆଇପି ଦର୍ଶାଉଛି**




ଜଳସେଚନ ସମ୍ଭାବ୍ୟ ସୃଷ୍ଟି ପାଇଁ ଲକ୍ଷ୍ୟ ହାସଲ ନ କରିବା ର ପ୍ରତିଶତ 38 ରୁ 64 ମଧ୍ୟରେ ଥିଲା । ଏହା ଠିକାଦାର ମାନଙ୍କ ଦ୍ୱାରା କାର୍ଯ୍ୟ ନିଷ୍ପାଦନରେ ବିଳମ୍ବ, ଜଙ୍ଗଲ ମଞ୍ଜୁରୀ ପାଇବାରେ ବିଳମ୍ବ, ଅନୁପଯୁକ୍ତ ସର୍ବେକ୍ଷଣ ଏବଂ ଡ଼ିଜାଇନ୍ ଚୁଡାନ୍ତକରଣରେ ବିଳମ୍ବ ହେତୁ ହୋଇଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଗଲା ।

ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ମାର୍ଚ୍ଚ 2020 ସୁଦ୍ଧା ଡିଜାଇନ୍ ଜଳସେଚିତ କ୍ଷେତ୍ର ଏବଂ ହାସଲ ଆଇପି ବିସ୍ତୃତରେ ନିମ୍ନ ସାରଣୀରେ ଦର୍ଶାଯାଇଛି

**ସାରଣୀ-3.2: ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ମାର୍ଚ୍ଚ 2020 ସୁଦ୍ଧା ଡିଜାଇନ୍ ଜଳସେଚିତ କ୍ଷେତ୍ର ଏବଂ ହାସଲ ଆଇପିର ବିସ୍ତୃତରେ ଦର୍ଶାଯାଇଛି**

| କ୍ରମିକ. ସଂଖ୍ୟା | ପ୍ରକଳ୍ପ ର ନାମ | ଡିଜାଇନ ଜଳସେଚିତ କ୍ଷେତ୍ର (ହେକ୍ଟର ରେ) | ହାସଲ ଆଇପି (ହେକ୍ଟର ରେ) | ହାସଲ ପ୍ରତିଶତ |
|---|---|---|---|---|
| 1 | ଏସଆଇପି | 1,00,568 | 33,899 | 34 |
| 2 | ୟୁଆଇଆଇପି | 1,28,012 | 33,710 | 26 |
| 3 | ଏଲଆଇଆଇପି | 29,900 | 3,860 | 13 |

| | | | | |
|---|---|---|---|---|
| 4 | ଆରଆରବିସି | 1,21,200 | 17,606 | 15 |
| 5 | ଆରଏଲବିସି | 1,14,300 | 28,471 | 25 |
| 6 | ନଅଟି ଏମଏଲପି | 7,250 | 4,100 | 57 |
| 7 | 10 ଟି ଏମଆଇପି | 1,612 | 772 | 48 |
| | ମୋଟ | **5,02,842** | **1,22,418** | **24** |

(ଉତ୍ସ: ସମୀକ୍ଷା ଦ୍ୱାରା ପ୍ରକଳ୍ପ ଅଧିକାରୀଙ୍କ ରେକର୍ଡରୁ ସଂକଳିତ)

ପରୀକ୍ଷା ଯାଞ୍ଚ ହୋଇଥିବା ପାଞ୍ଚୋଟି ବୃହତ୍ ପ୍ରକଳ୍ପ ଗୁଡିକରେ ହାସଲ ହୋଇଥିବା ଜଳସେଚିତ କ୍ଷେତ୍ର 13 ରୁ 34 ପ୍ରତିଶତ ମଧ୍ୟରେ ଥିଲା । ଯଦିଓ, ୟୁଆଇଆଇପି ସମାପ୍ତ ହୋଇଥିଲା (ମାର୍ଚ୍ଚ 2016), ଡିଜାଇନ୍ ଜଳସେଚିତ କ୍ଷେତ୍ରର ସଫଳତା କେବଳ 26 ପ୍ରତିଶତ ଥିଲା ।

## 3.3 ଜଳସେଚନର ଆବଶ୍ୟକତା ଏବଂ ପ୍ରକଳ୍ପ ଗୁଡିକୁ ପ୍ରଭାବିତ କରୁଥିବା ପରିସ୍ଥିତି


ଜଳସେଚନ ପ୍ରକଳ୍ପର ଆବଶ୍ୟକତା ଏବଂ ପରୀକ୍ଷା ଯାଞ୍ଚ ପ୍ରକଳ୍ପ ଗୁଡ଼ିକର ବିତରଣ ଯୋଗ୍ୟତା ଏବଂ ସ୍ଥିତିକୁ ଦର୍ଶାଉଥିବା ପ୍ରକଳ୍ପ ପ୍ରସ୍ତାବ ଗୁଡିକ ନିମ୍ନରେ ଦିଆଯାଇଛି :

### 3.3.1 ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ (ସଂପ୍ରସାରଣ) (ୟୁଆଇଆଇପି)

ଜଳ ଅଭାବ ସମସ୍ୟାର ସମାଧାନ ତଥା କଳାହାଣ୍ଡି, ବଲାଙ୍ଗୀର ଏବଂ କୋରାପୁଟ (କେବିକେ) ଜିଲ୍ଲାର ଲୋକଙ୍କର ସାମାଜିକ, ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଇନ୍ଦ୍ରାବତୀ ନଦୀ ଉପରେ ୟୁଆଇଆଇପିକୁ ଜିଓଆଇ ପ୍ରସ୍ତାବ ଦେଇଥିଲେ (ମଇ 1978) ଯାହାର ମୋଟ ସଂରକ୍ଷଣ କ୍ଷମତା 1.28 ଲକ୍ଷ ହେକ୍ଟର କୁ ଜଳସେଚନ କରିବା ପାଇଁ 2,300 ନିୟୁତ ଘନ ମିଟର (ଏମସିଏମ) ଥିଲା । ପ୍ରଥମ ପର୍ଯ୍ୟାୟରେ 1987-2004 ମସିହା ମଧ୍ୟରେ 0.76 ଲକ୍ଷ ହେକ୍ଟରକୁ ଜଳସେଚନ ଯୋଗାଇ ଦିଆଯାଇଥିଲା । ଅବଶିଷ୍ଟ ଆୟାକଟକୁ ଆଚ୍ଛାଦନ କରିବା ପାଇଁ ଜଳପ୍ରବାହର ମାଧ୍ୟାକର୍ଷଣ ଏବଂ ଗୋଟିଏ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳସେଚନ ପାଇଁ ଏକ ପ୍ରସ୍ତାବ ଦିଆଯାଇଥିଲା । ଜଳସମ୍ପଦ ମନ୍ତ୍ରଣାଳୟ, ଜିଓଆଇ 25,484 ହେକ୍ଟର ଜଳସେଚନ ପାଇଁ 136.67 କୋଟି ଟଙ୍କାରେ ବାମ ଏବଂ ଡାହାଣ କେନାଲ ପ୍ରଣାଳୀର ସମ୍ପ୍ରସାରଣର ପ୍ରସ୍ତାବକୁ ମଞ୍ଜୁର କରିଥିଲେ (27 ଜାନୁଆରୀ 1999) । ଉଭୟ ସମ୍ପ୍ରସାରଣ କେନାଲ ଗୁଡିକ ମାର୍ଚ୍ଚ 2016 ରେ 761.63 କୋଟି ଟଙ୍କା ବ୍ୟୟରେ ସମାପ୍ତ ହୋଇଥିଲା (ମାର୍ଚ୍ଚ 2020) ।




ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ



ୟୁଆଇଆଇପିର ବାମ ମୁଖ୍ୟ କେନାଲ



ୟୁଆଇଆଇପିର ହାତି ବ୍ୟାରେଜ



ୟୁଆଇଆଇପିର ଦକ୍ଷିଣ ମୁଖ୍ୟ କେନାଲ

ପ୍ରକଳ୍ପ ପ୍ରସ୍ତାବ ଗୁଡିକ ନିମ୍ନଲିଖିତକୁ ନେଇ ଗଠିତ:

- ଡାହାଣ କେନାଲ ପ୍ରଣାଳୀ ମୁଣ୍ଡରେ 50 କ୍ୟୁମେକ୍ସ ଜଳ ଖଲାସ ପାଇଁ ପରିକଳ୍ପନା କରାଯାଇଥିଲା, ସେଥିମଧ୍ୟରୁ ସଗଡା ନଦୀ ପର୍ଯ୍ୟନ୍ତ 27,195 ହେକ୍ଟରକୁ ଜଳସେଚନ ଯୋଗାଇବା ପାଇଁ ପ୍ରଥମ ପର୍ଯ୍ୟାୟରେ 33 କ୍ୟୁମେକ୍ସ ଜଳ ବ୍ୟବହାର କରାଯାଇଥିଲା ଏବଂ ଅବଶିଷ୍ଟ 17 କ୍ୟୁମେକ୍ସ କେନାଲର ସମ୍ପ୍ରସାରଣ ମାଧ୍ୟମରେ 15,260 ହେକ୍ଟରକୁ ଜଳସେଚନ ଯୋଗାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଡାହାଣ ମୁଖ୍ୟ କେନାଲର ଆଲାଇନ୍‌ମେଣ୍ଟର ତ୍ରୁଟିପୂର୍ଣ୍ଣ ନିର୍ମାଣ ହେତୁ ଡାହାଣ ସମ୍ପ୍ରସାରଣ କେନାଲ ମାଧ୍ୟମରେ କୌଣସି ଜଳସେଚନ ଯୋଗାଇ ଦିଆଯାଇ ପାରି ନ ଥିଲା ।
- ବାମ କେନାଲ ପ୍ରଣାଳୀ 69.77 କ୍ୟୁମେକ୍ସ ପାଇଁ ପରିକଳ୍ପନା କରାଯାଇଥିଲା, ଯେଉଁଥିରୁ ତେଲ ନଦୀ ପର୍ଯ୍ୟନ୍ତ 59.56 କ୍ୟୁମେକ୍ସ ବ୍ୟବହାର ହୋଇ 49,085 ହେକ୍ଟରକୁ ଜଳସେଚନ ଯୋଗାଇବା ପାଇଁ ଥିଲା ଏବଂ ଅବଶିଷ୍ଟ 10.21 କ୍ୟୁମେକ୍ସ ଉପଲବ୍ଧ ଜଳ କେନାଲର ସମ୍ପ୍ରସାରଣ ମାଧ୍ୟମରେ 10,224 ହେକ୍ଟରକୁ ଜଳସେଚନ ଯୋଗାଇବା ପାଇଁ ବ୍ୟବସ୍ଥା ଥିଲା । ସେଥି ମଧ୍ୟରୁ 9,001 ହେକ୍ଟରକୁ ଜଳସେଚନ ଯୋଗାଇ ଦିଆଯାଇ ପାରିଥିଲା ।
- 30 କ୍ୟୁସେକ୍ସ ଜଳକୁ ବ୍ୟବହାର କରି 0.26 ଲକ୍ଷ ହେକ୍ଟର ଉଚ୍ଚ ଜମିକୁ ଜଳସେଚନ ଯୋଗାଇବା ପାଇଁ ମାର୍ଚ୍ଚ 2015 ରେ ଉଠା ଜଳସେଚନ ପ୍ରକଳ୍ପ ହାତକୁ ନିଆଯାଇଥିଲା ଯାହାର ସମାପ୍ତି ସମୟ ମାର୍ଚ୍ଚ 2020 ରେ ଥିଲା । ଏହି କାର୍ଯ୍ୟଟି ଚାଲୁ ରହିଥିଲା (ମାର୍ଚ୍ଚ 2021) ।

ଯଦିଓ ୟୁଆଇଆଇପିର ବାମ ଏବଂ ଡାହଣ କେନାଲ ପ୍ରଣାଳୀକୁ 761.63 କୋଟି ଟଙ୍କା (557 ପ୍ରତିଶତ ଅଧିକ) ବ୍ୟୟରେ ସମ୍ପ୍ରସାରିତ କରାଯାଇଥିଲା, ବାମ ସମ୍ପ୍ରସାରଣ କେନାଲର 10,224 ହେକ୍ଟର ପରିକଳ୍ପିତ ଆୟାକଟ୍‌ରୁ ମାତ୍ର 9,001 ହେକ୍ଟରକୁ ପରୀକ୍ଷାମୂଳକ ଜଳସେଚନର[12] ବ୍ୟବସ୍ଥା କରାଯାଇଥିଲା । ଡାହାଣ ମୁଖ୍ୟ କେନାଲର ଆଲାଇନ୍‌ମେଣ୍ଟର ତ୍ରୁଟିପୂର୍ଣ୍ଣ ନିର୍ମାଣ ହେତୁ ଡ଼ାହାଣ ସମ୍ପ୍ରସାରଣ କେନାଲ ମାଧ୍ୟମରେ ପ୍ରସ୍ତାବିତ 15,260 ହେକ୍ଟର କ୍ଷେତ୍ରକୁ କୌଣସି ଜଳସେଚନ ଯୋଗାଇ ଦିଆଯାଇ ପାରି ନ ଥିଲା ।

ସରକାର ଦର୍ଶାଇଲେ (ଜୁଲାଇ 2021) ଯେ ଯେହେତୁ ବର୍ତ୍ତମାନର ଡାହାଣ ମୁଖ୍ୟ କେନାଲକୁ ତୁରନ୍ତ ନବୀକରଣ ଏବଂ ପୁନରୁଦ୍ଧାର ଆବଶ୍ୟକ, ମାର୍ଚ୍ଚ 2020 ପର୍ଯ୍ୟନ୍ତ କୌଣସି ପରୀକ୍ଷାମୂଳକ ଜଳସେଚନ ଯୋଗାଇ ଦିଆଯାଇ ପାରିନଥିଲା ।

### 3.3.1.1 ଅଭିଳଷିତ ଉଦ୍ଦେଶ୍ୟ ସହ ପ୍ରକଳ୍ପର ବିତରଣ ଯୋଗ୍ୟତାର ଆକଳନ

ନମୁନା ଯାଞ୍ଚ ପ୍ରକଳ୍ପ ଗୁଡିକର ଡିପିଆର ଗୁଡିକ କେବଳ ପରିକଳ୍ପିତ ଆୟାକଟକୁ ଜଳସେଚନ ଯୋଗାଇବା ପାଇଁ ଧାର୍ଯ୍ୟ କରାଯାଇଥିଲା । ପ୍ରକଳ୍ପ ଗୁଡିକରେ ପ୍ରସ୍ତାବିତ ଏବଂ ହାସଲ ହୋଇଥିବା ଉପାଦାନ ଅନୁଯାୟୀ ଆଇପିର ସବିଶେଷ ତଥ୍ୟ ଏବଂ ସମୀକ୍ଷା ମନ୍ତବ୍ୟର ସୂଚନା ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ-3.3: ୟୁଆଇଆଇପି ର ଉପାଦାନ ଅନୁଯାୟୀ ଅଦ୍ୟାବଧି ଆଇ.ପି.ର ଲକ୍ଷ୍ୟ ଏବଂ ସଫଳତା**

| ପ୍ରକଳ୍ପ ଉପାଦାନ | କେନାଲର ଡିଜାଇନ ଦୈର୍ଘ୍ୟ (କି.ମି. ରେ) | ସମାପ୍ତ ହୋଇଥିବା କେନାଲର ଦୈର୍ଘ୍ୟ (କି.ମି. ରେ) | ମୂଲ୍ୟ ଅନ୍ତର୍ଭୂକ୍ତ (ଟଙ୍କା କୋଟି ରେ) | ପ୍ରସ୍ତାବିତ ଆଇପି (ହେକ୍ଟର ରେ) | ହାସଲ ଆଇପି (ହେକ୍ଟର ରେ) | ସମୀକ୍ଷା ମନ୍ତବ୍ୟର ସାରାଂଶ |
|---|---|---|---|---|---|---|
| ଦକ୍ଷିଣ ମୁଖ୍ୟ କେନାଲ | 84.00 | 84.00 | 199.07 | 27,195 | 5,306 | କେନାଲ ଆଲାଇନମେଣ୍ଟ ର ଭୁଲ ନିର୍ମାଣ ଯୋଗୁଁ ଆଇପି ରେ କମି ଥିଲା |
| ବାମ ମୁଖ୍ୟ କେନାଲ | 52.00 | 52.00 | 702.04 | 49,085 | 19,403 | ଓଡିଶା ଜଳ ବିଦ୍ୟୁତ ଶକ୍ତି ନିଗମ (ଓଏଚପିସି) ଦ୍ୱାରା ବିଦ୍ୟୁତ ଉତ୍ପାଦନ |

12 କେନାଲ ପ୍ରଣାଳୀ ର କାର୍ଯ୍ୟକାରୀତା ଯାଞ୍ଚ କରିବା ପାଇଁ ପରୀକ୍ଷାମୂଳକ ଭିତ୍ତିରେ ଜଳସେଚନ ପ୍ରଦାନ

| ପ୍ରକଳ୍ପ ଉପାଦାନ | କେନାଲର ଡିଜାଇନ ଦୈର୍ଘ୍ୟ (କି.ମି. ରେ) | ସମାପ୍ତ ହୋଇଥିବା କେନାଲର ଦୈର୍ଘ୍ୟ (କି.ମି. ରେ) | ମୂଲ୍ୟ ଅନ୍ତର୍ଭୁକ୍ତ (ଟଙ୍କା କୋଟି ରେ) | ପ୍ରସ୍ତାବିତ ଆଇପି (ହେକ୍ଟର ରେ) | ହାସଲ ଆଇପି (ହେକ୍ଟର ରେ) | ସମୀକ୍ଷା ମନ୍ତବ୍ୟର ସାରାଂଶ |
|---|---|---|---|---|---|---|
| | | | | | | ପରେ ପର୍ଯ୍ୟାପ୍ତ ଜଳ ଛଡା ନ ଯିବାରୁ ଏବଂ ଜଳସେଚିତ କ୍ଷେତ୍ରର ଯାଞ୍ଚ ନ ହେବା ଯୋଗୁଁ ଜଳସେଚିତ କ୍ଷେତ୍ରର କମି ଦେଖାଯାଇ ଥିଲା । |
| ଦକ୍ଷିଣ କେନାଲ ସଂପ୍ରସାରଣ | 22.18 | 22.18 | 332.92 | 15,260 | 0 | ଦକ୍ଷିଣ ମୁଖ୍ୟ କେନାଲ ଆଲାଇନମେଣ୍ଟ ର ଭୁଲ ନିର୍ମାଣ ଯୋଗୁଁ କୌଣସି ଆଇପି ସୃଷ୍ଟି ହୋଇନଥିଲା । |
| ବାମ କେନାଲ ସଂପ୍ରସାରଣ | 42.84 | 42.84 | 369.06 | 10,224 | 9,001 | ହାତି ବ୍ୟାରେଜ ରେ ପର୍ଯ୍ୟାପ୍ତ ପାଣିର ଅଭାବ ଯୋଗୁଁ ଆଇ.ପି. ହାସଲରେ କମି ଥିଲା ।<br><br>ସୃଷ୍ଟି କରାଯାଇଥିବା ପ୍ରକୃତ ଜଳସେଚିତ କ୍ଷେତ୍ର ରାଜସ୍ୱ ଅଧିକାରୀଙ୍କ ସହିତ ମିଳିତ ଯାଞ୍ଚ ଦ୍ୱାରା ପ୍ରମାଣୀକୃତ କରାଯାଇ ନ ଥିଲା । ତେଣୁ ଜଳସେଚିତ କ୍ଷେତ୍ରର ପ୍ରକୃତ ବ୍ୟବହାର ସମୀକ୍ଷା ଦ୍ୱାରା ନିଶ୍ଚିତ କରାଯାଇ ପାରି ନ ଥିଲା । |
| ଲିଫ୍ଟ ପ୍ରକଳ୍ପ | 45 | 45 | 679.59 | 26,248 | 0 | ବଣ୍ଟନ ବ୍ୟବସ୍ଥା ୟୁଜିପିଏଲ ମାଧମରେ ଚାଲୁ ରହିଥିଲା |
| **ମୋଟ** | | | | **1,28,012** | **33,710** | ପାଣି ପଞ୍ଚାୟତ (ପିପି) ଗୁଡିକ କେବଳ ବାମ ସଂପ୍ରସାରଣ କେନାଲ ର ଗୋଲାମୁଣ୍ଡା ବଣ୍ଟନ ବ୍ୟବସ୍ଥା ରେ ଗଠନ ହୋଇଥିଲା |

ସମୀକ୍ଷା ବିଶ୍ଳେଷଣ ଏବଂ ପ୍ରକଳ୍ପଗୁଡିକର ଉପାଦାନ ଗୁଡିକ ଉପରେ ଦେଖାଯାଇଥିବା ଅଭାବଗୁଡିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି । ସମୀକ୍ଷା ଏହା ମଧ୍ୟ ଦେଖିଲା ଯେ କେନାଲ ଆଲାଇନମେଣ୍ଟ ରେ ତ୍ରୁଟି, ପ୍ରକଳ୍ପରେ ଜଳ ପର୍ଯ୍ୟାପ୍ତ ନଥିବା ଏବଂ ଆୟାକଟ୍ ମାଡିଯିବା ହେତୁ ଡିଜାଇନ୍ ହୋଇଥିବା ଆଇପି ହାସଲ ହୋଇପାରିଲା ନାହିଁ ଯାହା ନିମ୍ନରେ ପୁଙ୍ଖାନୁପୁଙ୍ଖ ଭାବରେ ଦିଆଗଲା ।

### 3.3.1.2 ଡିପିଆର ଅନୁଯାୟୀ କାର୍ଯ୍ୟ ନିର୍ବାହ ନ କରିବା

ୟୁଆଇଆଇପି (ସଂପ୍ରସାରଣ) ର ଡିପିଆର ଧାର୍ଯ୍ୟ କରିଥିଲା ଯେ କେନାଲ / ଡିଷ୍ଟ୍ରୀବ୍ୟୁଟାରୀ ଲାଇନିଙ୍ଗ୍[13] ସହ ନିର୍ମାଣ ହେବ । ୟୁଆଇଆଇପି ର ବାମ ସଂପ୍ରସାରଣ କେନାଲର ଗୋଳମୁଣ୍ଡା ଡିଷ୍ଟ୍ରିବ୍ୟୁଟାରୀ ବିନା ଲାଇନିଙ୍ଗ୍‌ରେ 2012-13 ରେ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା । ଏହିପରି କେନାଲର ପାର୍ଶ୍ୱ ସ୍ଲୋପ୍ ବହୁତ ଗୁଡାଏ ଜାଗାରେ ଖସିଯାଇଥିଲା ଏବଂ ସେଠାରେ ରେନ କଟ୍[14] ଥିଲା ଯାହା ଫଳରେ କେନାଲରେ ପଟୁ ଜମିଥିଲା । ଖସିଥିବା ଜାଗାର ପୁନରୁଦ୍ଧାର ଏବଂ ପଟୁ ବାହାର କରିବା ପାଇଁ ବିଭାଗ (2013 ରୁ 2015 ମଧ୍ୟରେ) 7.08 କୋଟି ଟଙ୍କା ଖର୍ଚ୍ଚ କରିଥିଲା । ତେଣୁ, ଡିପିଆର ରେ ରୂପାୟନ କରାଯାଇଥିବା ସଠିକ ଡିଜାଇନ୍ ଅନୁସାରେ କାମ ନିର୍ବାହ ନ କରି ଇ ଇ, ୟୁଆଇଏଲସି ବିଭାଜନ ନଂ II , ଧର୍ମଗଡ ତାହା ପରେ 7.08 କୋଟି ଟଙ୍କା ପୁନରୁଦ୍ଧାର ପାଇଁ ଖର୍ଚ୍ଚ କରିଥିଲେ, ଯାହାକି ପରିହାର୍ଯ୍ୟ ଥିଲା ।

ସରକାର ସ୍ୱୀକାର କଲେ (ଜୁଲାଇ 2021) ଯେ, ଜାଗାର ଅଭାବ ଯୋଗୁଁ କେନାଲର ବାହାର ପାର୍ଶ୍ୱରେ ସ୍ଲୋପ୍‌କୁ ତୀଖ ସ୍ଲୋପ୍ ଭାବେ ନିର୍ମାଣ କରାଯାଇଥିଲା ଯଦ୍ୱାରା  ପାଣି ଗଳୁଥିଲା  ଏବଂ ମାଟି ଖସୁଥିଲା ଯାହା କାନ୍ଥର ନିର୍ମାଣ ଆବଶ୍ୟକ କରୁଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଡିପିଆର ଅନୁଯାୟୀ ବୈଷୟିକ ଆବଶ୍ୟକତାକୁ ଅନୁସରଣ ନ କରିବାର କାରଣ କୁହାଯାଇ ନଥିଲା ।

### 3.3.1.3 କେନାଲର ଆଲାଇନମେଣ୍ଟରେ ଭୂଲ ଯୋଗୁଁ ଇପ୍‌ସିତ ଜଳସେଚିତ କ୍ଷେତ୍ରକୁ ଜଳ ଯୋଗାଣ ହୋଇପାରିଲା ନାହିଁ


ଦକ୍ଷିଣ ମୁଖ୍ୟ କେନାଲ  ଆରଡି  64.5 ରୁ 65.5 କିମି ଠାରେ ନଦୀଶଯ୍ୟା ଏବଂ ପାର୍ଶ୍ୱରେ ପଥୁରିଆ ଇଲାକା

ୟୁଆଇଆଇପି ସଂପ୍ରସାରଣ ପ୍ରକଳ୍ପଟି 761.63 କୋଟି ଟଙ୍କା (557 ପ୍ରତିଶତ ଅଧିକ) ବ୍ୟୟରେ ନିର୍ମାଣ ହୋଇଥିଲା । ଦକ୍ଷିଣ କେନାଲଟି ଉପର ମୁଣ୍ଡରେ 50 କ୍ୟୁମେକ୍ସ ଜଳ ନିଷ୍କାସନ ନିମନ୍ତେ ପ୍ରସ୍ତାବିତ ଥିଲା, ସେ ମଧ୍ୟରୁ 33 କ୍ୟୁମେକ୍ସ ଜଳ ପ୍ରଥମ ଭାଗରେ 24,133 ହେକ୍ଟର କୁ ଜଳସେଚନ ନିମନ୍ତେ ବ୍ୟବହୃତ ହୋଇଥିଲା ଏବଂ ବଳକା 17 କ୍ୟୁମେକ୍ସ  ଜଳ 15,260 ହେକ୍ଟର କୁ ଜଳସେଚନ ନିମନ୍ତେ ପ୍ରସ୍ତାବିତ ଥିଲା ଯେଉଁଥିପାଇଁ କେନାଲର ସଂପ୍ରସାରଣ କାମ 332.92 କୋଟି ଟଙ୍କା ବ୍ୟୟରେ ନିର୍ବାହ ହୋଇଥିଲା ।

ଅଡିଟ୍ ନିରୀକ୍ଷଣ କଲା ଯେ, ଯଦିଓ ଦକ୍ଷିଣ ସଂପ୍ରସାରଣ କେନାଲର କାମ ସରି ଯାଇଥିଲା, ଭୂଲ୍ ନିର୍ମାଣ / ଆଲାଇନମେଣ୍ଟ ଯୋଗୁଁ  କୌଣସି ଜଳସେଚନ କରାଯାଇ ନ ଥିଲା । ଅଡିଟ୍ ୟୁଆଇଆଇପି ଦକ୍ଷିଣ ସଂପ୍ରସାରଣ କେନାଲର ମିଳିତ ଯାଞ୍ଚ କରି ଦେଖିଲା ଯେ ଦକ୍ଷିଣ ସଂପ୍ରସାରଣ କେନାଲର ଦୁଇଟି ଜାଗାରେ 1.20 କି.ମି. (ଆର.ଡି. 26.27 କିମି ରୁ ଆର.ଡି. 29.57 କିମି ମଧ୍ୟରେ) ଏବଂ ତିନୋଟି ଜାଗାରେ 1.13 କିମି (ଆର.ଡି. 61.10 କିମି ରୁ ଆର.ଡି. 65.64 କି.ମି. ମଧ୍ୟରେ) ଶଯ୍ୟାସ୍ତର ଠାରୁ 0.31 ମି ଏବଂ 1.88 ମି ଉଚ୍ଚତା ମଧ୍ୟରେ ଖୋଳା ଯାଇଥିବାରୁ ଦକ୍ଷିଣ ସଂପ୍ରସାରଣ କେନାଲ୍‌କୁ ପାଣି ଆସୁନଥିଲା । ଏପରି, 2014-19 ରେ ଦକ୍ଷିଣ ମୁଖ୍ୟ କେନାଲର ଜଳ ନିଷ୍କାସନ କ୍ଷମତା 33 କ୍ୟୁମେକ୍ସ  ଥିବା ସତ୍ତ୍ୱେ ସର୍ବାଧିକ ଜଳ ନିଷ୍କାସନ 18 କ୍ୟୁମେକ୍ସ ଥିଲା ଯାହା ବିଭାଜନର ଜଳ ନିଷ୍କାସନ ତଥ୍ୟରୁ ଜଣା ପଡ଼ିଲା ।

ଦକ୍ଷିଣ ମୁଖ୍ୟ କେନାଲର ଶେଷ ଭାଗକୁ ପାଣି ପହଞ୍ଚୁ ନ ଥିବା ତଥ୍ୟ ଜାଣି ସୁଦ୍ଧା ସିସିଇ କେନାଲ ଡିଜାଇନ ସ୍ତରର ଭୂଲ ସୁଧାରିବା ପାଇଁ ସୁପାରିଶ ନ କରି କେନାଲର ସଂପ୍ରସାରଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ ଯାହାକି 332.92 କୋଟି ଟଙ୍କାର ଖର୍ଚ୍ଚକୁ  କେବଳ ଯେ ଅଫଳପ୍ରଦ କରି ନ ଥିଲା ପରନ୍ତୁ କୃଷକ ମାନେ ମଧ୍ୟ ଇପ୍‌ସିତ 15,260 ହେକ୍ଟର

[13] କେନାଲ ଲାଇନିଙ୍ଗ୍ ଏକ ଅଭେଦ୍ୟ ସ୍ତର ଯାହା କେନାଲର ନିଷ୍କାସନ କ୍ଷମତା ଏବଂ ସ୍ଥାୟୀତ୍ୱର ଉନ୍ନତି ନିମନ୍ତେ କେନାଲର ଶଯ୍ୟା ଏବଂ ପାର୍ଶ୍ୱରେ ଦିଆଯାଇଥାଏ

[14] ମାଟିବନ୍ଧରେ ବର୍ଷା ଯୋଗୁଁ ହେଉଥିବା ମୃତ୍ତିକା କ୍ଷୟ

ଜଳସେଚିତ କ୍ଷେତ୍ରରୁ ଶସ୍ୟ ଉତ୍ପାଦନ (ଡିପିଆର ରେ ଦର୍ଶାଯାଇଥିବା ବାର୍ଷିକ 657.95 କୋଟି ଟଙ୍କାର ଅଟକଳ ) ରୁ ବଞ୍ଚିତ ହୋଇଥିଲେ ।

ତାହାପରେ ପାଞ୍ଚ ବର୍ଷ ଧରି କେନାଲ୍ ପ୍ରଣାଳୀରେ ଜଳଯୋଗାଣ ନ ହେବାରୁ କେନାଲ ଗୁଡିକରେ ମାଟି ଜମି ଯାଇଥିଲା ଏବଂ ବହୁତ ଗୁଡାଏ ଜାଗାରେ ନଷ୍ଟ ହୋଇଥିଲା । କେନାଲ ବନ୍ଧ ବହୁତ ଯାଗାରେ ଭାଙ୍ଗି ଯାଇଥିଲା, କେନାଲ ଲାଇନିଂ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଥିଲା ଏବଂ କେନାଲ ଶଯ୍ୟା କାଦୁଅ ଏବଂ ଗଛରେ ପରିପୂର୍ଣ୍ଣ ଥିଲା । ଅଡିଟ୍ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଫୁଙ୍କୁଯୋଡି ଗ୍ରାମ ନିକଟରେ ଥିବା ଚାନ୍ଦପଲା ଡିଷ୍ଟ୍ରୀବ୍ୟୁଟାରି ର ମିଳିତ ଯାଞ୍ଚ କରି ଦେଖିଲେ ଯେ ଏହା କାଦୁଅ ଓ ଗଛରେ ପରିପୂର୍ଣ୍ଣ ଥିଲା ଏବଂ ଭଙ୍ଗା ଅବସ୍ଥାରେ ଥିଲା ।



*ଫୁଙ୍କୁଯୋଡ଼ି ଗ୍ରାମ ନିକଟରେ ଭାଙ୍ଗିଯାଇଥିବା ଆଡ଼ିବନ୍ଧ*



*ଫୁଙ୍କୁଯୋଡ଼ି ଗ୍ରାମ ନିକଟରେ କେନାଲ ଲାଇନିଂ ଖସିବା ସହିତ ମାଟି ଜମିବା*

ତେଣୁ, ୟୁଆଇଆଇପି ର ଦକ୍ଷିଣ କେନାଲର ସଂପ୍ରସାରଣ ଦକ୍ଷିଣ ମୁଖ୍ୟ କେନାଲର ପୁନରୁଦ୍ଧାର ନ କରି କରିବା ଦ୍ଵାରା 332.92 କୋଟି ଟଙ୍କାର ଅଫଳପ୍ରସୂ ଖର୍ଚ୍ଚ ହେଲା ଏବଂ ଚାଷୀମାନେ ମଧ ଜଳସେଚନ ସୁବିଧାରୁ ବଞ୍ଚିତ ହେଲେ ।

ସରକାର ତଥ୍ୟକୁ ସ୍ୱୀକାର କଲେ (ଜୁଲାଇ 2021) ଏବଂ କହିଲେ ଯେ ଶଯ୍ୟାର ସମତଳତା ସଠିକ୍ ନ ଥିଲା ଯାହା କେନାଲ ଲାଇନିଂ ଏବଂ ପ୍ରଣାଳୀ ପୁନର୍ବାସ କାର୍ଯ୍ୟକ୍ରମ (ସିଏଲଏସଆରପି) ଅଧୀନରେ ପୁନରୁଦ୍ଧାର ଏବଂ ନବୀକରଣ କାର୍ଯ୍ୟ ଆବଶ୍ୟକ କରୁଥିଲା । ଏହି ଉତ୍ତରଟି ଗ୍ରହଣୀୟ ନ ଥିଲା ଯେହେତୁ ବିଭାଗ 2004 ମସିହା ଠାରୁ ମୁଖ୍ୟ କେନାଲର ତ୍ରୁଟି ସୁଧାରିବା ନିମନ୍ତେ କୌଣସି ପଦକ୍ଷେପ ନେଇନାହିଁ ।

### 3.3.1.4 ପ୍ରକଳ୍ପରେ ଜଳ ଉପଲବ୍ଧତାର ଆକଳନ

- **ଯଥେଷ୍ଟ ଜଳର ପ୍ରବାହ ବିନା ପ୍ରକଳ୍ପର ନିର୍ମାଣ**

ୟୁଆଇଆଇପି ର ଦୁଇଟି ସମ୍ପୂର୍ଣ୍ଣ କେନାଲ୍ ପ୍ରଣାଳୀ (ବାମ ମୁଖ୍ୟ କେନାଲ ସହିତ ବାମ ସଂପ୍ରସାରିତ କେନାଲ 69.77 କ୍ୟୁମେକ୍ସ ପାଣି ପାଇଁ ଏବଂ ଡ଼ାହାଣ ମୁଖ୍ୟ କେନାଲ୍ ସହିତ ଡ଼ାହାଣ ସଂପ୍ରସାରିତ କେନାଲ 50 କ୍ୟୁମେକ୍ସ ପାଣି ପାଇଁ ) ଓଏଚପିସି ରୁ ବିଦ୍ୟୁତ୍ ଉତ୍ପାଦନ ପରେ ହାତି ବ୍ୟାରେଜ୍‌କୁ ଛଡ଼ାଯାଉଥିବା ଜଳରୁ 119.77 କ୍ୟୁମେକ୍ସ ( 120 କ୍ୟୁମେକ୍ସ କୁ ସୀମିତ) ଜଳ ଆଣି 1.02 ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇବା ନିମନ୍ତେ ସ୍ଥିର କରାଯାଇଥିଲା । ଏହି 120 କ୍ୟୁମେକ୍ସ ଜଳର ଆବଶ୍ୟକତା କେବଳ ଖରିଫ୍ ଋତୁ ପାଇଁ ଥିଲା ଯାହାକି ଜୁନ 15 ଠାରୁ ନଭେମ୍ବର 15 ପର୍ଯ୍ୟନ୍ତ ଥିଲା । କିନ୍ତୁ ଅଡିଟ୍ ରେ ଦେଖାଗଲା ଯେ 120 କ୍ୟୁମେକ୍ସ ଜଳ ଖରିଫ୍ ଋତୁ ପାଇଁ ଆବଶ୍ୟକ ଥିବା 154 ଦିନ ସ୍ଥଳେ ନଅ ରୁ 59 ଦିନ ପାଇଁ ଯୋଗାଇ ଦିଆ ଯାଉଥିଲା ।

ଓଏଚପିସି ଦ୍ଵାରା ବିଦ୍ୟୁତ୍ ଉତ୍ପାଦନ ପରେ ଛଡ଼ା ଯାଉଥିବା ଜଳ ପର୍ଯ୍ୟାପ୍ତ ନ ଥିଲା ଏବଂ ସେଥିପାଇଁ ଜଳସେଚନ ପାଇଁ ଆବଶ୍ୟକ ଜଳ ବ୍ୟାରେଜ୍‌ଟି ଯୋଗାଇ ପାରୁ ନ ଥିଲା । ଏହା ପ୍ରକଳ୍ପଟିକୁ ଅଲାଭକାରୀ କରିଥିଲା ଏବଂ ଧାର୍ଯ୍ୟ ଉପଭୋକ୍ତାଙ୍କ ଜଳର ଆବଶ୍ୟକତାକୁ ପୂରଣ କରି ପାରିନଥିଲା ।

ଏହା ପୁଣି ଦେଖାଗଲା ଯେ ବାମ ସଂପ୍ରସାରଣ କେନାଲର ସମ୍ପୂର୍ଣ୍ଣ ଯୋଗାଣ ଗଭୀରତା 1.48 ମି. ଥିଲା । ସିସିଇ, ୟୁଆଇଆଇପି ଜଳର ସଠିକ୍ ଆକଳନ ନ କରି ଡ଼ିଓଡ଼ବ୍ଲୁଆର କୁ ବାମ କେନାଲର ସଂପ୍ରସାରଣର ମଞ୍ଜୁରୀ ନିମନ୍ତେ ପ୍ରସ୍ତାବ ଦେଲେ । ତଦନୁସାରେ, ଡ଼ିଓଡ଼ବ୍ଲୁଆର ପ୍ରସ୍ତାବଟିକୁ ମଞ୍ଜୁରୀ ଦେଲେ (ମଇ 2003) ଏବଂ ବାମ କେନାଲର ସଂପ୍ରସାରଣ କାର୍ଯ୍ୟଟି 369.06 କୋଟି ଟଙ୍କା ବ୍ୟୟରେ 2013-14 ମଧରେ ସମ୍ପୂର୍ଣ୍ଣ ହୋଇଥିଲା ।



**ଗୋଲାମୁଣ୍ଡା ଡ଼ିଷ୍ଟ୍ରିବ୍ୟୁଟାରୀର ଆର.ଡ଼ି. 2.345 କିମି ଠାରେ ଅସ୍ଥାୟୀ କ୍ରସ୍ ବନ୍ଧ**

ଅଡ଼ିଟ୍ ଦେଖିଲା ଯେ ଜଳସେଚନ ନିମନ୍ତେ ଆବଶ୍ୟକ ଥିବା 1.48 ମି ଜଳସ୍ତର ସ୍ଥଳେ କେବଳ 0.6 ମି. ଜଳ ଛଡ଼ା ଯାଉଥିଲା । ତାହଛଡ଼ା, ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଜଳର ଏହି ସ୍ତର ନିୟମିତ ରହୁନଥିଲା । ଯେହେତୁ ନିର୍ଗମ ପଥ ଗୁଡିକ 0.6 ମି ଉଚ୍ଚରେ ଥିଲା ଜମିକୁ ଜଳସେଚନ ନିମନ୍ତେ ଜଳ ବାହାରି ପାରୁ ନ ଥିଲା । ସେଥିପାଇଁ କୃଷକ ମାନଙ୍କୁ କ୍ରସ୍ ବନ୍ଧର ନିର୍ମାଣ କରିବାକୁ ପଡୁଥିଲା ଯେପରି ଜଳସ୍ତରକୁ ଆବଶ୍ୟକ ଉଚ୍ଚତାକୁ ଉଠାଇ ନିର୍ଗମ ପଥ ଦେଇ ଜଳ ପାଇ ହେବ । ତେଣୁ, ସିସିଇ , ୟୁଆଇଆଇପି, ଙ୍କ ଦ୍ୱାରା ଜଳର ଉପଲବ୍ଧତାର ଭୁଲ ଆକଳନ ଯୋଗୁ 369.06 କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ବାମ କେନାଲର ସଂପ୍ରସାରଣ କାମରୁ ଆଶାନୁରୂପ ଫଳ ହାସଲ ହୋଇନଥିଲା ।

ସରକାର କହିଲେ (ଜୁଲାଇ 2021) ଯେ, ଡ଼ିପିଆର ର ପ୍ରସ୍ତୁତି ବେଳେ ଜଳର ଉପଲବ୍ଧତାର ପରୀକ୍ଷା କରାଯାଇଥିଲା ଏବଂ ସିଡ଼ବ୍ଲ୍ୟୁସି ର ହାଇଡ୍ରୋଲୋଜି ନିର୍ଦ୍ଦେଶକ ପାଣିର ଉପଲବ୍ଧତାକୁ ସୁନିଶ୍ଚିତ କରିଥିଲେ । ଏହା ମଧ ନିଶ୍ଚିତ ଯେ କେନାଲ୍ ଶଯ୍ୟାରେ କ୍ରସ୍ ବନ୍ଧର ନିର୍ମାଣ ସତ୍ୟ ଏବଂ ଏହା ଓଏଚପିସି ଦ୍ୱାରା ତ୍ରୁଟିପୂର୍ଣ୍ଣ ବିଦ୍ୟୁତ ଉତ୍ପାଦନ ଯୋଗୁଁ ହୋଇଥିଲା । ଏହା ସୁସ୍ପଷ୍ଟ ଯେ ଜଳସେଚନ ପାଇଁ ଯୋଗା ଯାଉଥିବା ଜଳ ପର୍ଯ୍ୟାପ୍ତ ନ ଥିଲା ଏବଂ ସମ୍ପ୍ରସାରଣ କାର୍ଯ୍ୟରେ ହୋଇଥିବା ଅର୍ଥ ବ୍ୟୟ ନିଷ୍ଫଳ ହେଲା ।

### 3.3.1.5 ଜଳସେଚିତ କ୍ଷେତ୍ର ପରସ୍ପରକୁ ମାଡିବା

ବାରଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର 1,053 ହେକ୍ଟର ଆୟାକଟ୍ ୟୁଆଇଆଇପିର ଆୟାକଟ ଦ୍ୱାରା ମାଡି ଯାଇଥିଲା । ଯଦିଓ ଏହି ଆୟାକଟ୍ ପାଇଁ ୟୁଆଇଆଇପିର କେନାଲ ଗୁଡିକ ସମ୍ପୂର୍ଣ୍ଣ ହୋଇସାରିଛି, ମୁଖ୍ୟ କେନାଲ୍ ଗୁଡିକର ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ କୌଣସି ଜଳ ଯୋଗାଣ ହୋଇପାରୁ ନଥିଲା । ବାରଟି ଏମଆଇ ପ୍ରକଳ୍ପ ମଧ୍ୟରୁ ନଅଟିର ରକ୍ଷଣାବେକ୍ଷଣ ପାଇଁ ଇଇ 2017-19 ମଧ୍ୟରେ 2.80 କୋଟି ଟଙ୍କା ବ୍ୟୟ କରିଥିଲେ । ଯଦି ଏହି କେନାଲ ମାଧମରେ ଜଳ ଯୋଗାଇ ଦିଆଯାଇଥାନ୍ତା, ତେବେ ଏମଆଇପିର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ କୌଣସି ଆବଶ୍ୟକତା ନ ଥିଲା । ତେଣୁ ଏମଆଇ ବିଭାଜନର ଇଇଙ୍କ ଦ୍ୱାରା 2.80 କୋଟି ଟଙ୍କାର ବ୍ୟୟ ଏଡ଼ା ଯାଇ ପାରିଥାନ୍ତା ।

ସରକାର ଗ୍ରହଣ କଲେ (ଜୁଲାଇ 2021) ଯେ ଏମଆଇପି ପ୍ରକଳ୍ପଗୁଡିକ ୟୁଆଇଆଇପିର କମାଣ୍ଡ ଏରିଆ ମଧ୍ୟରେ ଏମଆଇ ଶାଖା ଦ୍ୱାରା ନିର୍ମିତ ହୋଇଥିଲା ଏବଂ ଏହି ପ୍ରକଳ୍ପ ଗୁଡିକର ରକ୍ଷଣାବେକ୍ଷଣ କରୁଥିଲା । ଏହା ମଧ କୁହାଯାଇଛି ଯେ ଏହି ପ୍ରକଳ୍ପ ଗୁଡିକୁ ୟୁଆଇଆଇପିକୁ ହସ୍ତାନ୍ତର କରାଯିବାକୁ ଏମଆଇ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯିବ । ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ୟୁଆଇଆଇପି ର କମାଣ୍ଡ ଏରିଆରେ ଏମଆଇ ଶାଖା ଦ୍ୱାରା ବ୍ୟୟ ହୋଇଥିବାରୁ ଏହା ଅନାବଶ୍ୟକ ଏବଂ ଏଡ଼ା ଯାଇ ପାରିଥାନ୍ତା ।


ପ୍ରକଳ୍ପର ସମସ୍ତ ଉପାଦାନ ସରିଥିବା ସତ୍ତ୍ୱେ, ଦକ୍ଷିଣ ସଂପ୍ରସାରଣ କେନାଲ ଇଇଙ୍କ ଦ୍ୱାରା ମୂଳ ଦକ୍ଷିଣ ମୁଖ୍ୟ କେନାଲର ସମତଳତାର ଭୁଲ ନିର୍ବାହ ଯୋଗୁଁ ପ୍ରସ୍ତାବିତ 15,260 ହେକ୍ଟର ଆଇପି କୁ ଜଳସେଚନ ଯୋଗା ଯାଇ ପାରି ନ ଥିଲା, ଯାହାକି କେନାଲ ସଂପ୍ରସାରଣର ନିର୍ମାଣରେ ଖର୍ଚ୍ଚ ହୋଇଥିବା ସମସ୍ତ 332.92 କୋଟି ଟଙ୍କାକୁ ଅଫଳପ୍ରସୂ କରିଥିଲା । ତାହାଛଡା, କୃଷକମାନେ ଛଅ ବର୍ଷ ଧରି ପ୍ରକଳ୍ପ ପ୍ରତିବେଦନରେ ଦର୍ଶାଯାଇଥିବା ଜଳସେଚନ ସୁବିଧାରୁ ବଞ୍ଚିତ ହୋଇଥିଲେ ।

ସେହିପରି, 369.06 କୋଟି ଟଙ୍କା ବ୍ୟୟରେ ସମାପ୍ତ ହୋଇଥିବା କେନାଲର ବାମ ସଂପ୍ରସାରଣ ଉତ୍ସରେ ଜଳର ଅଭାବ ଯୋଗୁଁ ତାହାର 10,224 ହେକ୍ଟର ର ସଂପୂର୍ଣ୍ଣ ଆୟାକଟ କୁ ଜଳସେଚନ କରିପାରି ନ ଥିଲା ଫଳରେ କେବଳ 9,001 ହେକ୍ଟର ର ଆଇପି ସୃଷ୍ଟି ହୋଇଥିଲା । ଜଳସେଚିତ କ୍ଷେତ୍ରର ପ୍ରକୃତ ବ୍ୟବହାର ନିଶ୍ଚିତ କରାଯାଇ ପାରି ନ ଥିଲା ଯେହେତୁ ସୃଷ୍ଟି କରାଯାଇଥିବା ପ୍ରକୃତ ଜଳସେଚିତ କ୍ଷେତ୍ର ରାଜସ୍ୱ ଅଧିକାରୀଙ୍କ ସହିତ ମିଳିତ ଯାଞ୍ଚ ଦ୍ୱାରା ପ୍ରମାଣୀକୃତ କରାଯାଇ ନ ଥିଲା ।

### 3.3.2 ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ (ଏସଆଇପି)

ସୁବର୍ଣ୍ଣରେଖା ନଦୀର ଜଳ ସମ୍ପଦ କ୍ଷମତାକୁ ଉପଯୋଗ କରିବା ପାଇଁ ମୟୁରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର 1.09 ଲକ୍ଷ ହେକ୍ଟର ଜଳ ସେଚନ କ୍ଷେତ୍ରରେ ଏସଆଇପି ହାତକୁ ନିଆଯାଇଥିଲା । ତିନୋଟି ରାଜ୍ୟ ଯଥା- ଝାଡଖଣ୍ଡ (ପୂର୍ବର ବିହାର), ଓଡିଶା ଏବଂ ପଶ୍ଚିମ ବଙ୍ଗ ର ଏହା ଏକ ଆନ୍ତଃ ରାଜ୍ୟ ପ୍ରକଳ୍ପ ଅଟେ । ସୁବର୍ଣ୍ଣରେଖା – ଖରଖାଇ ଅବବାହିକାର ଜଳ ସମ୍ବଳର ସର୍ବୋଚ୍ଚ ଉପଯୋଗ ପାଇଁ ଏକ ତ୍ରିପାକ୍ଷିକ ଚୁକ୍ତିନାମା କରାଯାଇଥିଲା (ଅଗଷ୍ଟ 1978) । ଚାନ୍ଦିଲି, ଗାଲୁଡି, ଇଚ୍ଛା ଏବଂ ଖରଖାଇ କମ୍ପ୍ଲେକ୍ସ ରେ ଉପଲବ୍ଧ ଉତ୍ସ ଗୁଡିକର ଏକ ଜଳ ବିଜ୍ଞାନ ସମ୍ବନ୍ଧୀୟ ଅଧ୍ୟୟନ କରାଯାଇଥିଲା । ବିହାର ଏବଂ ଓଡିଶା ରାଜ୍ୟ ମିଳିତ ଭାବେ ଗାଲୁଡି ଠାରେ ଏକ ବ୍ୟାରେଜ ଏବଂ ଓଡିଶା ସୀମା ପର୍ଯ୍ୟନ୍ତ

ଡାହାଣ ତଟ ମୁଖ୍ୟ କେନାଲ ରେ ନିର୍ମାଣ କରିବାକୁ ରାଜି ହୋଇଥିଲେ । ମୁଖ୍ୟ ଯନ୍ତ୍ରୀ (ସିଇ), ଓଡିଶା ଗାଲୁଡି ମିଳିତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିଥିଲେ (ଏପ୍ରିଲ 1978) ଯେଉଁଥିରେ ଓଡିଶାର ଜଳର ଅଂଶ 118.50 କ୍ୟୁମେକ୍ସ ବୋଲି ଆକଳନ କରାଯାଇଥିଲା ।




ନିମ୍ନଲିଖିତ ପ୍ରସ୍ତାବ ଗୁଡିକୁ ନେଇ ଗଠିତ ଏସଆଇପିର ସ୍କିମାଟିକ ଚିତ୍ର ନିମ୍ନରେ ଦର୍ଶାଗଲା:

ବିହାରରେ 56 କିଲୋମିଟର ଏବଂ ଓଡିଶାରେ 46.5 କିଲୋମିଟର ସମୁଚ୍ଚ କେନାଲରେ ଏସଏମସି ଗଠିତ । ଏହି ଯୋଜନା ମୂଳତଃ ବୈଷୟିକ ପରାମର୍ଶଦାତା କମିଟି (ଟିଏସି) ଦ୍ୱାରା 221.68 କୋଟି ଟଙ୍କା ପାଇଁ 1982 ରେ ଗ୍ରହଣ କରାଯାଇଥିଲା । ପରବର୍ତ୍ତୀ ସମୟରେ, 2016 ମସିହା ସୁଦ୍ଧା ପ୍ରକଳ୍ପର ମୂଲ୍ୟ ଚାରିଥର ସଂଶୋଧିତ ହୋଇ 3,030 ପ୍ରତିଶତ ବୃଦ୍ଧି ସହିତ 6,715.96 କୋଟି ଟଙ୍କା ହୋଇଥିଲା ଯେଉଁଥିରେ ଝାଡଖଣ୍ଡ ସରକାରଙ୍କ ଭାଗ 1,208.46 କୋଟି ଟଙ୍କା ଥିଲା । ସେଥି ମଧ୍ୟରୁ 1,000.46 କୋଟି ଟଙ୍କା ଝାଡଖଣ୍ଡ ସରକାରଙ୍କୁ ଦିଆଯାଇ ସାରିଲାଣି । ଏହି ପ୍ରକଳ୍ପ ଲାଗି ପିଏମକେଏସୱାଇ ଅଧୀନରେ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ ଏହା ମାର୍ଚ୍ଚ 2019 ସୁଦ୍ଧା ସମାପ୍ତ ହେବାର ଥିଲା । ମାର୍ଚ୍ଚ 2021 ସୁଦ୍ଧା ଏହି ପ୍ରକଳ୍ପ କେବଳ 33,899 ହେକ୍ଟର (31 ପ୍ରତିଶତ) ପରୀକ୍ଷା ମୂଳକ ଜଳସେଚନ ସହିତ ଅସମ୍ପୂର୍ଣ୍ଣ ରହିଥିଲା ।




**ସୁବର୍ଣ୍ଣରେଖା ମୁଖ୍ୟ କେନାଲ ଆରଡି 7.950 କିମି ଠାରେ ପୁନରୁଦ୍ଧାର କାର୍ଯ୍ୟ**

118.50 କ୍ୟୁମେକ୍ସ ନିଷ୍କାସନ କ୍ଷମତା ବିଶିଷ୍ଟ ଏସଏମସି, 6,938 ହେକ୍ଟର ନିଜସ୍ୱ ଆୟାକଟ ବ୍ୟତୀତ ତିନୋଟି କମାଣ୍ଡ ଏରିଆ ପାଇଁ ମହଜୁଦ ଜଳଭଣ୍ଡାର (ହଳଦିଆ, ଜମ୍ବିରା ଏବଂ ବାଉରା) କୁ ଜଳ ଯୋଗାଇବାର ଥିଲା । ଯଦିଓ ଏହି ପ୍ରକଳ୍ପରେ 1.09 ଲକ୍ଷ ହେକ୍ଟର ପାଇଁ ପ୍ରସ୍ତାବ ଦିଆଯାଇଥିଲା, ବାଉରା ଜଳଭଣ୍ଡାରକୁ ବର୍ଜନ କରିବା ଯୋଗୁ ଏହାକୁ 1.01 ଲକ୍ଷ ହେକ୍ଟରକୁ ହ୍ରାସ କରାଯାଇଥିଲା  ଯେଉଁଠାରେ ସ୍ଥାନୀୟ ଲୋକମାନେ ସେମାନଙ୍କ ଜମି ଛାଡ଼ିବା ପାଇଁ ପ୍ରତିରୋଧ କରୁଥିଲେ । ସେହି ଅନୁଯାୟୀ ବାଉରା ଜଳଭଣ୍ଡାରର 9,059 ହେକ୍ଟର ହ୍ରାସ ସହିତ ବୈଶିଙ୍ଗା ଫିଡର-ତଥା-ଲିଙ୍କ କେନାଲର ଏକ ନୂତନ ଉପାଦାନ ପ୍ରସ୍ତାବ ଦିଆଯାଇଥିଲା । ବିତରକ ପ୍ରଣାଳୀଟି 93,630 ହେକ୍ଟରକୁ ନିମ୍ନ ପ୍ରକାରରେ ଜଳସେଚନ କରିବାର ଥିଲା:

- ହଳଦିଆ ଜଳଭଣ୍ଡାର (ବିଦ୍ୟମାନ) ପ୍ରକଳ୍ପ 3.73 କ୍ୟୁମେକ୍ସ ନିଷ୍କାସନ କ୍ଷମତା ସହିତ 8.19 କିଲୋମିଟରର ଡାହାଣ ମୁଖ୍ୟ କେନାଲକୁ ନେଇ 3,950 ହେକ୍ଟର ଜଳସେଚନ ଯୋଗାଇବାର ଥିଲା ଏବଂ 6.75 କିଲୋମିଟର ପାଲବାନୀ ମୁଖ୍ୟ କେନାଲ (ବାମ) 1.50 କ୍ୟୁମେକ୍ସର ନିଷ୍କାସନ କ୍ଷମତା ସହିତ 1,570 ହେକ୍ଟରକୁ ଜଳସେଚନ ଯୋଗାଇବାର ଥିଲା ।
- 26.26 କିଲୋମିଟର ବିଶିଷ୍ଟ ବେତନଟୀ ଶାଖା କେନାଲ (ବିବିସି) 22,836 ହେକ୍ଟରର ସମୁଦାୟ ଆୟାକଟକୁ ଜଳସେଚନ କରିବାର ଥିଲା ଏବଂ ବଇସିଙ୍ଗା ଫିଡର-ତଥା-ଲିଙ୍କ କେନାଲକୁ ଜଳ ଯୋଗାଇବାର ଥିଲା । 20.21 କିଲୋମିଟର ଲମ୍ବର ସୁବର୍ଣ୍ଣରେଖା ଶାଖା କେନାଲ (ଏସବିସି) 7,339 ହେକ୍ଟର ଜଳସେଚନ କରିବାର ଥିଲା ।
- ଜମ୍ବିରା ଜଳଭଣ୍ଡାରର ଦୁଇଟି କେନାଲ ଅଛି । 24.78 କିଲୋମିଟର ବିଶିଷ୍ଟ ଡାହାଣ ମୁଖ୍ୟ କେନାଲ 3.81 କ୍ୟୁମେକ୍ସ ଡିସଚାର୍ଜ କ୍ଷମତା ସହିତ 3,530 ହେକ୍ଟରକୁ ଜଳସେଚନ ଯୋଗାଇବାର ଥିଲା ଏବଂ 27 କ୍ୟୁମେକ୍ସ ଡିସଚାର୍ଜ କ୍ଷମତା ସହିତ 82.46 କିମି ବାମ ମୁଖ୍ୟ କେନାଲ 31,109 ହେକ୍ଟରକୁ ଜଳସେଚନ ଯୋଗାଇବାର ଥିଲା ।
- ଡିସେମ୍ବର 2016 ରେ 26 କିଲୋମିଟର ଲମ୍ବ ଏବଂ 23,296 ହେକ୍ଟର ଆୟାକଟ୍ ସହିତ ବଇସିଙ୍ଗା ଫିଡର-ତଥା-ସଂଯୋଗକାରୀ କେନାଲ ହାତକୁ ନିଆଯାଇଥିଲା ।

ଯଦିଓ ଏସଆଇପିର ମୂଲ୍ୟ ଚାରିଥର ସଂଶୋଧିତ ହୋଇ 3,030 ପ୍ରତିଶତ ବୃଦ୍ଧି ସହିତ 6,715.96 କୋଟି ଟଙ୍କାରେ ପହଞ୍ଚିଛି ଏବଂ ପ୍ରକଳ୍ପ ଶେଷ ତାରିଖ ମାର୍ଚ୍ଚ 2019 କୁ (ପୂର୍ବ ନିର୍ଦ୍ଧାରିତ ମାର୍ଚ୍ଚ 2002) ପୁନଃ ନିର୍ଦ୍ଧାରଣ କରାଯାଇଅଛି, ପ୍ରକଳ୍ପଟି ମାର୍ଚ୍ଚ 2021 ସୁଦ୍ଧା 33,899 ହେକ୍ଟରକୁ ପରୀକ୍ଷାମୂଳକ ଜଳ ସେଚନ ଯୋଗାଣ ସହିତ ଅସମ୍ପୂର୍ଣ୍ଣ ଅଛି ।

### 3.3.2.1 ଅଭିଳଷିତ ଉଦ୍ଦେଶ୍ୟ ସହ ପ୍ରକଳ୍ପର ବିତରଣ ଯୋଗ୍ୟତାର ଆକଳନ

ପ୍ରକଳ୍ପ ଗୁଡିକର ଡିପିଆର ଗୁଡିକ କେବଳ ପରିକଳ୍ପିତ ଆୟାକଟକୁ ଜଳସେଚନ ଯୋଗାଇବା ପାଇଁ ଧାର୍ଯ୍ୟ କରାଯାଇଥିଲା । ପ୍ରକଳ୍ପ ଗୁଡିକରେ ପ୍ରସ୍ତାବିତ ଏବଂ ହାସଲ ହୋଇଥିବା ଉପାଦାନ ଅନୁଯାୟୀ ଆଇପିର ସବିଶେଷ ତଥ୍ୟ ଏବଂ ସମୀକ୍ଷା ମନ୍ତବ୍ୟର ସୂଚନା ନିମ୍ନ ସାରଣୀରେ ଦିଆଗଲା **:**

**ସାରଣୀ-3.4: ଉପାଦାନ ଅନୁଯାୟୀ ଏସଆଇପି ର ଆଇପି ର ଅଦ୍ୟାବଧି ଲକ୍ଷ୍ୟ ଏବଂ ସଫଳତା**

| ପ୍ରକଳ୍ପ ର ଉପାଦାନ | କେନାଲର ଡିଜାଇନ ଦୈର୍ଘ୍ୟ (କି.ମି ରେ) | ସମାପ୍ତ ହୋଇଥିବା କେନାଲର ଦୈର୍ଘ୍ୟ (କି.ମି ରେ ) | ଖର୍ଚ୍ଚ ଅନ୍ତର୍ଭୁକ୍ତ (ଟଙ୍କା କୋଟିରେ) | ପରିକଳ୍ପିତ ଆଇପି (ହେକ୍ଟର ରେ) | ଆଇପି ହାସଲ (ହେକ୍ଟର ରେ) | ସମୀକ୍ଷା ମନ୍ତବ୍ୟର ସାରାଂଶ |
|---|---|---|---|---|---|---|
| ଏସଏମସି | 46.5 | 46.5 | 491.39 | 6,938 | 7,260 | ରାଜସ୍ୱ ପ୍ରାଧିକାରୀଙ୍କ ଜରିଆରେ ମିଳିତ ଯାଞ୍ଚ ଦ୍ୱାରା ଆଇପି ହାସଲ ପ୍ରମାଣୀକୃତ ହୋଇ ନ ଥିଲା । ତେଣୁ ଆଇପି ର ବ୍ୟବହାର ସମୀକ୍ଷା ଦ୍ୱାରା ନିଶ୍ଚିତ ହୋଇ ପାରି ନ ଥିଲା । |
| ବିବିସି | 26.26 | 26.26 | 240.05 | 22,836 | 15,359 | ଏଲଏ ପାଇଁ ବଣ୍ଟନ ପ୍ରଣାଳୀର ସମାପ୍ତ ନ ହେବା ଫଳରେ ଆଇପି ସୃଷ୍ଟିରେ ବିଳମ୍ବ ହୋଇଥିଲା |
| ଏସବିସି | 20.21 | 0 | 0 | 7,339 | 0 | ଜମି ଅଧିଗ୍ରହଣ ନ କରିବା ଏବଂ ଠିକାଦାରଙ୍କୁ ସାଇଟ ହସ୍ତାନ୍ତର ନ କରିବା କାରଣରୁ କେନାଲ କାମ ଆରମ୍ଭ ହୋଇପାରିଲା ନାହିଁ |
| ହଳଦିଆ ଜଳଭଣ୍ଡାର | 14.94 | 14.94 | 333.02 | 5,520 | 3,580 | ସ୍ପିଲୱେ ନିର୍ମାଣ ଅଗ୍ରଗତି ଚାଲିଥିବା ଏବଂ ସୃଷ୍ଟ ଆଇ.ପି. ବିଦ୍ୟମାନ ଜଳଭଣ୍ଡାରରୁ ହେଉଥିଲା |
| ଜମ୍ବିରା ଜଳଭଣ୍ଡାର | 107.25 | 107.25 | 1,178.67 | 34,639 | 7,700 | ବଣ୍ଟନ ପ୍ରଣାଳୀ କାର୍ଯ୍ୟ ଚାଲୁ ରହିଛି ଏବଂ ତେଣୁ ଆଇପି ର ସ୍ୱଳ୍ପ ସଫଳତା |
| ବଇସିଙ୍ଗା ଲିଙ୍କ କମ ଫିଡର କେନାଲ | 58.56 | 20.00 | 189.36 | 23,296 | 0 | ବାଉରା ଜଳଭଣ୍ଡାର ବର୍ଜନ ହେତୁ ଏହି ନୂତନ ପ୍ରକଳ୍ପ ଉପାଦାନ 2016 ରେ 9,059 ହେକ୍ଟର ହ୍ରାସ ସହିତ ହାତକୁ ନିଆଯାଇଥିଲା । ଯେହେତୁ ଫିଡର କେନାଲ କାମ ଚାଲୁ ରହିଛି, କୌଣସି ଆୟାକଟ୍ ସୃଷ୍ଟି ହୋଇନଥିଲା । |
| ମୋଟ | **273.72** | **214.95** | **2,432.49** | **1,00,568** | **33,899** | ଜଳସେଚିତ କ୍ଷେତ୍ରର ପ୍ରକୃତ ବ୍ୟବହାର ନିଶ୍ଚିତ କରାଯାଇ ପାରି ନ ଥିଲା ଯେହେତୁ ସୃଷ୍ଟି କରାଯାଇଥିବା ପ୍ରକୃତ ଜଳସେଚିତ କ୍ଷେତ୍ର ରାଜସ୍ୱ ଅଧିକାରୀଙ୍କ ସହିତ ମିଳିତଯାଞ୍ଚ ଦ୍ୱାରା ପ୍ରମାଣୀକୃତ କରାଯାଇନଥିଲା ।<br><br>19 ଟି ପିପି ମଧ୍ୟରୁ କେବଳ 6 ଟି ପିପି ଗଠନ କରାଯାଇଥିଲା । କେନାଲ ଗୁଡିକର ରକ୍ଷଣାବେକ୍ଷଣରେ କୌଣସି ପିପି ଜଡିତ ନ ଥିଲେ । |

(ଉତ୍ସ: ସମୀକ୍ଷା ଦ୍ୱାରା ପ୍ରକଳ୍ପ କର୍ତ୍ତୃପକ୍ଷ ଙ୍କ ରେକର୍ଡରୁ ସଂକଳିତ)

ସମୀକ୍ଷା ବିଶ୍ଳେଷଣ ଏବଂ ପରୀକ୍ଷଣ ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ଉପାଦାନ ଗୁଡିକ ଉପରେ ଦେଖାଯାଇଥିବା ଅଭାବଗୁଡିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଗଲା । ସମୀକ୍ଷା ଏହା ମଧ ଦେଖିଲା ଯେ ଡ଼ିପିଆର ରେ ତ୍ରୁଟି, ଆୟାକଟ୍ ମାଡିଯିବା ଏବଂ ପ୍ରକଳ୍ପରେ ଆୟାକଟର ସ୍ୱଳ୍ପ ସୃଷ୍ଟି, ଜମି ଅଧିଗ୍ରହଣରେ ବିଳମ୍ବ, ଡ଼ିଜାଇନ୍ ଚୂଡ଼ାନ୍ତରେ ବିଳମ୍ବ ଏବଂ ଅନ୍ୟାନ୍ୟ ହେତୁ ଡିଜାଇନ୍ ହୋଇଥିବା ଆଇପି ହାସଲ ହୋଇପାରିଲା ନାହିଁ ଯାହା ନିମ୍ନରେ ପୁଙ୍ଖାନୁପୁଙ୍ଖ ଭାବରେ ଦିଆଗଲା :

## 3.3.2.2 ଡିପିଆର ରେ କମି

- **ସ୍ପୀଲ୍ ୱେ ଅଧିକ ଲମ୍ବର ନିର୍ମାଣ ଯୋଗୁଁ ଅପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ**

ଏସଆଇପି ର ହଳଦିଆ ଡ୍ୟାମ ପ୍ରକଳ୍ପ ଗୋଟିଏ ବିଦ୍ୟମାନ ଜଳଭଣ୍ଡାର ପ୍ରକଳ୍ପ ଥିଲା ଯାହାର ଉଚ୍ଚତା 16 ମି, ଲମ୍ବ 1.74 କିମି ଥିବା ସହ ଜଳଧାରଣ କ୍ଷମତା 11.15 ଏମସିଏମ ଥିଲା ଯାହା 2,428



ହଳଦିଆ ଡ୍ୟାମ୍‌ର ସ୍ପିଲ୍ ୱେ

ହେକ୍ଟର କୁ ଜଳସେଚିତ କରୁଥିଲା । ଏହି ଡ୍ୟାମ୍‌ର ଲମ୍ବକୁ 3.52 କିମି ଏବଂ ଉଚ୍ଚତାକୁ 23.5 ମି ସହ ଜଳଧାରଣ କ୍ଷମତାକୁ 46.87 ଏମସିଏମ୍ କୁ ବଢାଇ, 5,520 ହେକ୍ଟର କୁ ଜଳସେଚନ ପାଇଁ ଏହି ପ୍ରକଳ୍ପଟିକୁ ଏସଆଇପି ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏସଏମସି ମାଧ୍ୟମରେ ଜଳ ବହନ କରି ଏହି ଜଳଭଣ୍ଡାରଟିକୁ ଭର୍ତ୍ତି କରିବା ପାଇଁ ଯୋଜନା ହୋଇଥିଲା । ଭାରି ବର୍ଷା ଯୋଗୁଁ ଜଳଭଣ୍ଡାରରୁ ଅତ୍ୟଧିକ ଜଳ ନିଷ୍କାସନ କରିବା ପାଇଁ ହଳଦିଆ ଡ୍ୟାମରେ 17 ମି ର ଗେଟ୍ ବିହୀନ ସ୍ପୀଲ୍ ୱେ ନିର୍ମାଣ ପାଇଁ ଡିପିଆର ରେ ବ୍ୟବସ୍ଥା ଥିଲା । ଏହି ବ୍ୟବସ୍ଥା ବଦଳରେ ବିଭାଗ କୌଣସି ହାଇଡ୍ରୋଲିକ୍ ଆକଳନ ବିନା 50 ମି ଲମ୍ବର ଗୋଟିଏ ଗେଟେଡ୍ ସ୍ପୀଲ ୱେ ର ନିର୍ମାଣ 104.35 କୋଟି ଟଙ୍କା ବ୍ୟୟ ରେ କରିଥିଲା । ଯେହେତୁ କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲୁସି) ଏସଆଇପି କ୍ଷେତ୍ରରେ ପ୍ରଥମରୁ ମଞ୍ଜୁରୀ କରିଥିଲେ ଯେ, ଲମ୍ବକୁ ବଢାଇ ଏବଂ ଗେଟେଡ୍ ସ୍ପୀଲ ୱେ କୁ ବଦଳାଇ ଡିଜାଇନ ରେ କୌଣସି ବଡ ବୈଷୟିକ ପରିବର୍ତ୍ତନ କରିବା ପୂର୍ବରୁ ସିଡବ୍ଲୁସି ଙ୍କ ମଞ୍ଜୁରୀ ଦରକାର କରୁଥିଲା, ଯାହାକି ନିଆଯାଇ ନ ଥିଲା । ତାହାଛଡା, 50 ମିଟର ର ଦ୍ୱାର ଥିବା ସ୍ପୀଲ ୱେ ନ କରି 17 ମିଟର ଲମ୍ବ ବିଶିଷ୍ଟ ଦ୍ୱାର ବିହୀନ ସ୍ପୀଲ ୱେ ର ନିର୍ମାଣ କୁ ୱାପକୋସ[15] ରିପୋର୍ଟ ଅନୁମତି ପ୍ରଦାନ କରିଥିଲା । ତେଣୁ ଇଇ, ସୁବର୍ଣ୍ଣରେଖା ଜଳସେଚନ ବିଭାଜନ ସଂ- 1 ଙ୍କ ଦ୍ୱାରା ସିଡବ୍ଲ୍ୟୁସିଙ୍କ ବିନା ଅନୁମତି ଏବଂ ହାଇଡ୍ରୋଲିକ୍ ଆକଳନ ବିନା 33 ମିଟରର ଅତ୍ୟଧିକ ଲମ୍ବର ଦ୍ୱାର ଥିବା ସ୍ପୀଲ ୱେ ର ନିର୍ମାଣ 73.20 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚକୁ ଅଫଳପ୍ରଦ କରିଥିଲା । ଏହିପରି ଅତିରିକ୍ତ ଖର୍ଚ୍ଚ ପାଇଁ ଇଇ ଙ୍କୁ ଉତ୍ତରଦାୟୀ କରିବା ଦରକାର ।

ସରକାର କହିଲେ (ଜୁଲାଇ 2021) ଯେ, ଟିଏସି 50 ମିଟର ଗେଟେଡ୍ ସ୍ପୀଲ୍ ୱେ ନିର୍ମାଣ ପ୍ରସ୍ତାବ କୁ ଗ୍ରହଣ କରିଥିଲେ କିନ୍ତୁ ସିଡବ୍ଲୁସି ଙ୍କ ଆବଶ୍ୟକ ମଞ୍ଜୁରୀ ମିଳିନଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ 17 ମିଟର ବିଶିଷ୍ଟ ଗେଟ୍ ବିହୀନ ସ୍ପିଲ୍ ମାର୍ଗ ପାଇଁ ସିବ୍ଲୁସି ଙ୍କ ମଞ୍ଜୁରୀ ଥିଲା ।

### 3.3.2.3 ଅନୁପଯୁକ୍ତ ସର୍ଭେ ଏବଂ ଅନୁସନ୍ଧାନ ଏବଂ ଡିଜାଇନରେ କମି

- **ଭୁଲ ଡିଜାଇନ ଏବଂ ଡ୍ରଇଂ ଯୋଗୁଁ ଅପରିହାର୍ଯ୍ୟ ବ୍ୟୟ**

ଏସଆଇପି ର ଆରଡି 7.95 କିମି ରୁ 8.84 କିମି ଏସଏମସି କେନାଲ କାମ ଯାହା 1992 ରେ ସମ୍ପୂର୍ଣ୍ଣ ହୋଇଥିଲା ତାହା କାଓଲିନ ମାଟି ଯୋଗୁଁ ଧିରେ ଧିରେ ଭାଙ୍ଗିବାର ଦେଖାଗଲା ଏବଂ କେନାଲ ପାର୍ଶ୍ୱ ଧସୁଥିଲା । ଯେହେତୁ କେନାଲ ଭାଙ୍ଗି ଥିଲା ଜଳସେଚନ ପାଇଁ ଜଳ ଯୋଗାଣ 2012-13 ରୁ ହୋଇ ନ ଥିଲା । ଟିଏସି ପୁନରୁଦ୍ଧାର ର ଡିଜାଇନ ନିଶ୍ଚିତ କରି ନ ପାରି ସିଡବ୍ଲୁସି କୁ (ନଭେମ୍ବର 2012) ଡିଜାଇନ ଯୋଗାଇବାକୁ କହିଥିଲେ ଯାହା ଅଗଷ୍ଟ 2015 ରେ ମିଳିଥିଲା । ସିଇ ପୁନରୁଦ୍ଧାର କାମଟିକୁ 67.28 କୋଟି ଟଙ୍କାରେ ଅଗଷ୍ଟ 2016 ରେ ଆରମ୍ଭ କରିଥିଲେ ଯାହା ଅଗଷ୍ଟ 2018 ରେ ସରିବାର ଥିଲା । କାମଟିରେ 70.90 କୋଟି ଟଙ୍କା ଖର୍ଚ୍ଚ ହୋଇ ସେପ୍ଟେମ୍ବର 2020 ସୁଦ୍ଧା ଚାଲୁ ରହିଥିଲା । ଏହିପରି ସଠିକ ସର୍ଭେ ଓ ଅନୁସନ୍ଧାନ ଏବଂ ମାଟିର ଅବସ୍ଥା ଅନୁଯାୟୀ କେନାଲ ଡିଜାଇନ କରିବାରେ ବିଭାଗର ବିଫଳତା ଯୋଗୁଁ କାମ ସରିବାରେ ବିଳମ୍ବ ହୋଇଥିଲା ଯାହା କୃଷକ ମାନଙ୍କୁ 28 ବର୍ଷ ଧରି ଜଳଯୋଗାଣରୁ ବଞ୍ଚିତ କରିଥିଲା । ଏହାଛଡା ବିଭାଗ ମୂଳରୁ ନିର୍ମାଣ ହୋଇଥିବା କେନାଲ ବନ୍ଧରୁ ସମସ୍ତ କାଓଲିନ ମାଟିର ପରିବର୍ତ୍ତନ ଏବଂ ନିଷ୍କାସନ ପାଇଁ 9.82 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ କରିଥିଲା ।

ବୈଷୟିକ କାରଣ ଲାଗି ଡିଜାଇନ୍ ଏବଂ ଡ୍ରଇଂ ସମ୍ପୂର୍ଣ୍ଣ ହେବାରେ ବିଳମ୍ବକୁ ସ୍ୱୀକାର କରି ସରକାର କହିଲେ (ଜୁଲାଇ 2021) ଯେ, ଅନୁପଯୁକ୍ତ ମାଟିକୁ ବାହାର କରି ଉପଲବ୍ଧ ଥିବା ସରକାରୀ ଜାଗାରେ ଜମା କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନ ଥିଲା ଯେହେତୁ ବିଭାଗ ମାଟିର ଅବସ୍ଥା ଅନୁଯାୟୀ ସଠିକ ସର୍ଭେ ଏବଂ କେନାଲ ଡିଜାଇନ କରିବାରେ ବିଫଳ ହୋଇଥିଲା ଯାହା ଯୋଗୁଁ ଅନାବଶ୍ୟକ ଖର୍ଚ୍ଚ ହୋଇଥିଲା ।

### 3.3.2.4 ଜଳସେଚିତ କ୍ଷେତ୍ର ପରସ୍ପରକୁ ମାଡିବା

ଏସଆଇପିର ଜମ୍ବିରା ଡ୍ୟାମର ବାମ ମୁଖ୍ୟ କେନାଲ ଏବଂ ଏହାର ବିତରକ ମାଇନର ଏବଂ ଉପ-ମାଇନର କାର୍ଯ୍ୟ ଜାରୀ ରହିଥିଲା । ସ୍ଥାନୀୟ ଲୋକମାନେ ବସ୍ତା ବିତରକ କମାଣ୍ଡ ଅଞ୍ଚଳରେ 4,500 ହେକ୍ଟର ଆୟାକଟ ସର୍ଭେ କରିବାକୁ

[15] ଜଳ ଏବଂ ଶକ୍ତି ପରାମର୍ଶ ସେବା (ଭାରତ) ଲି ଗୋଟିଏ ସରକାରୀ ଉଦ୍ୟୋଗ ଏବଂ ପରାମର୍ଶ ପ୍ରଦାନକାରୀ ସଂସ୍ଥା ଯାହା ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରାଳୟଙ୍କର ନିଜସ୍ୱ

ଅନୁମତି ଦେଉ ନ ଥିଲେ, କାରଣ ସେମାନଙ୍କ ଜମି ଏମଆଇପି/ ଏଲଆଇପି ମାଧମରେ ଜଳସେଚିତ ହେଉଥିଲା । 1982-83 ମସିହାରେ ଜମ୍ବିରା ବାମ ମୁଖ୍ୟ କେନାଲ (ଏଲଏମସି) ପାଇଁ ପ୍ରସ୍ତାବ ଏବଂ 2016 ମସିହାରେ କାର୍ଯ୍ୟ ଆରମ୍ଭର ସମୟ ବ୍ୟବଧାନ ହେତୁ ଆୟାକଟ୍ ମାଡି ଯାଇଥିଲା । ଏହାଦ୍ୱାରା ଏସଆଇପିର 4,500 ହେକ୍ଟର ଆୟାକଟ ମାଡ଼ି ଯାଇଥିଲା । ଜଳର ଉପଲବ୍ଧତା ସତ୍ତ୍ୱେ ଏହି ପ୍ରକଳ୍ପରେ ବିକଳ୍ପ ଆୟାକଟ ଯୋଗାଇବା ପାଇଁ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ ।

### 3.3.2.5 ଜମିର ପରିଚାଳନା

- **ବେସରକାରୀ ଜମିର ଅଧିଗ୍ରହଣ ଏବଂ ସରକାରୀ ଜମିର ହସ୍ତାନ୍ତର**

ପ୍ରକଳ୍ପ ପାଇଁ ବେସରକାରୀ ଜମି ଅଧିଗ୍ରହଣ ଏବଂ ସରକାରୀ ଜମିର ହସ୍ତାନ୍ତରର ଆବଶ୍ୟକତା ନିମ୍ନରେ ଦିଆଯାଇଛି : -

**ସାରଣୀ-3.5: ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକ ଥିବା ଏବଂ ଅଧିଗ୍ରହଣ ହୋଇଥିବା ଜମି ଦର୍ଶାଉଥିବା ବିବରଣୀ**

(ଏକର ରେ)

| ଆବଶ୍ୟକ ଜମି | | | ଅଧିଗ୍ରହିତ / ହସ୍ତାନ୍ତରିତ ଜମି | | | ବଳକା | | |
|---|---|---|---|---|---|---|---|---|
| ସରକାରୀ ଜମି | ବେସରକାରୀ ଜମି | ମୋଟ | ସରକାରୀ ଜମି | ବେସରକାରୀ ଜମି | ମୋଟ | ସରକାରୀ ଜମି | ବେସରକାରୀ ଜମି | ମୋଟ |
| 12,328.40 | 45,204.25 | 57,532.65 | 4,989.80 | 17,383.85 | 22,373.65 | 7,338.65 | 27,820.40 | 35,159 |

(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)

ଉପରୋକ୍ତ ସାରଣୀରୁ ଏହା ଦେଖାଯାଇପାରେ ଯେ ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା 45,204.25 ଏକର ବେସରକାରୀ ଜମି ବିରୁଦ୍ଧରେ ସତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ (ଏସଏଲଏଓ) ଏହି କାମ ପାଇଁ ପାଣ୍ଠି ଉପଲବ୍ଧ ଥିବା ସତ୍ତ୍ୱେ କେବଳ 17,383.85 ଏକର (38 ପ୍ରତିଶତ) ଅଧିଗ୍ରହଣ କରିପାରିଥିଲେ । 1,305.78 ଏକର ବେସରକାରୀ ଜମିର ଅଧିଗ୍ରହଣ ପ୍ରକ୍ରିୟା ବିଭିନ୍ନ ସୋପାନରେ ଥିଲା ଏବଂ ବଳକା 26,514.62 ଏକର ବେସରକାରୀ ଜମିର ଅଧିଗ୍ରହଣ ନିମନ୍ତେ ଇଇ ଏସଏଲଏଓ କୁ ଆବେଦନ କରି ନ ଥିଲେ (ଅକ୍ଟୋବର 2021) । ସେହିପରି ପ୍ରକଳ୍ପର ଏସଏଲଏଓ ଆବଶ୍ୟକ ଥିବା 12,328.40 ଏକର ମଧ୍ୟରୁ 7,338.60 ଏକର ସରକାରୀ ଜମି ହସ୍ତାନ୍ତର କରିବାରେ ବିଫଳ ହୋଇଥିଲେ ।

ଓପିଡବ୍ଲୁ କୋଡ୍ ସୂଚାଉଥିଲା ଯେ ଜମିର ଉପଲବ୍ଧ ବିନା କୌଣସି କାମ ଆରମ୍ଭ ହେବାକଥା ନୁହେଁ । ଏହିପରି କୌଣସି ପ୍ରକଳ୍ପ/କାମ ନିର୍ବାହ କରିବା ପୂର୍ବରୁ ଜମି ଅଧିଗ୍ରହଣ ସରିଥିବା ଦରକାର । ନିମ୍ନଲିଖିତ କ୍ଷେତ୍ରରେ ଠିକ୍ ସମୟରେ ଜମି ଅଧିଗ୍ରହଣ ନ ହେବା ଯୋଗୁଁ କାର୍ଯ୍ୟନିର୍ବାହ ଆରମ୍ଭ ବିଳମ୍ବ ହୋଇଥିଲା ।

- **ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁଁ ପ୍ରକଳ୍ପ ମୂଲ୍ୟରେ ବୃଦ୍ଧି**

ଏସଆଇପି ର ଇଛା ଜଳଭଣ୍ଡାରର ଜମି ଅଧିଗ୍ରହଣ ପ୍ରକ୍ରିୟା 1982-83 ଏବଂ 1998-99 ମଧ୍ୟରେ ଏଲଏ ନିୟମ 1894 ଯାହା 2007 ଏବଂ ପୁଣି 2013 ରେ ନବୀକରଣ ହୋଇଥିଲା, ତାର ଅନୁଯାୟୀ କରାଯାଇଥିଲା । ଇଛା ଜଳଭଣ୍ଡାରର ଜମି ଅଧିଗ୍ରହଣ ରେ ବିଳମ୍ବ ଏହି ଜଳଭଣ୍ଡାରର ନିର୍ମାଣର ନିଷ୍ପତ୍ତି ଠିକ୍ ନ ହେବାର କାରଣ ଯାହାକି କେବଳ ଅଗଷ୍ଟ 2019 ରେ ଠିକାଦାରଙ୍କୁ ପ୍ରଦାନ କରାଯାଇ 2022 ମଧ୍ୟରେ ସମାପ୍ତ କରା ଯିବାର ଥିଲା । 2,737.30 ଏକର ଜମି ଅଧିଗ୍ରହଣ ଲାଗି କ୍ଷତିପୂରଣ 2007 ସଂଶୋଧନ ଅନୁଯାୟୀ 58.15 କୋଟି ଟଙ୍କା ଥିବା ସ୍ଥଳେ 2013 ସଂଶୋଧନ ରେ 123.13 କୋଟି ଟଙ୍କା କୁ ବୃଦ୍ଧି ପାଇଥିଲା, ଫଳରେ 64.98 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର କହିଲେ (ଜୁଲାଇ 2021) ଯେ , ଏଲଏ ଏକ ଲମ୍ବା ପ୍ରକ୍ରିୟା ଏବଂ ପ୍ରକଳ୍ପ ମୂଲ୍ୟ ବୃଦ୍ଧି କରୁଥିବା ଏଲଏ ନିୟମରେ ପରିବର୍ତ୍ତନକୁ ଅଣଦେଖା କରିହେବ ନାହିଁ । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଅଧିକାରୀ ମାନଙ୍କୁ ପ୍ରକଳ୍ପର ଅନୁମତି ପାଇଁ ସୁପାରିଶ କଲାବେଳେ ଜଳସେଚନ ସୁବିଧା ଯୋଗାଇବାରେ ବିଳମ୍ବରୁ ଦୂରେଇବା ପାଇଁ ଜମି ଅଧିଗ୍ରହଣର ସମୟସୀମାକୁ ବିଚାର କରିବା କଥା ।

### ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁଁ କାର୍ଯ୍ୟ ନିର୍ବାହରେ ବିଳମ୍ବ

- ଏସଆଇପି ର ବେତୋନଟି ଶାଖା କେନାଲ ଯାହାର ଦୈର୍ଘ୍ୟ 26.26 କିମି ଏହାର କ୍ଷୁଦ୍ର/ଉପକ୍ଷୁଦ୍ର କେନାଲ ସହିତ 779.63 କୋଟି ଟଙ୍କା ବ୍ୟୟରେ ନିର୍ମାଣ ଆରମ୍ଭ ହୋଇଥିଲା (ଡିସେମ୍ବର 2016) । ଯେତେବେଳେ ଏହାର ଶାଖା କେନାଲ ସମ୍ପୂର୍ଣ୍ଣ ହୋଇଥିଲା, ଜମି ଅଧିଗ୍ରହଣ ନ ହେବା ଯୋଗୁଁ (ମାର୍ଚ୍ଚ 2021) ଡିଷ୍ଟ୍ରିବ୍ୟୁଟାରୀ ର କାମ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା ଯେଉଁଥି ପାଇଁ 588.30 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଆବଶ୍ୟକ ଥିବା 2,446.57 ଏକର ଜମିରୁ କେବଳ 1,401.24 ଏକର ଜମି ଅଧିଗ୍ରହଣ ହୋଇପାରିଥିଲା । ଫଳରେ 588.30 କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ପରିକଳ୍ପନା କରାଯାଇଥିବା 22,836 ହେକ୍ଟର ଜଳସେଚନ କ୍ଷମତା ସ୍ଥଳେ କେବଳ 15,359 ହେକ୍ଟରର ଜଳସେଚନ କ୍ଷମତା ସୃଷ୍ଟି ହୋଇ ପାରିଥିଲା (ମଇ 2020)।

  ତଥ୍ୟମୂଳକ ଅବସ୍ଥାକୁ ସ୍ୱୀକାର କରି ସରକାର କହିଲେ (ଜୁଲାଇ 2021) ଯେ ଜଙ୍ଗଲ ଅନୁମତି ଏବଂ ଏଲଏ ସମସ୍ୟା ଇତ୍ୟାଦି ଯୋଗୁଁ ଇପ୍‌ସିତ କ୍ଷେତ୍ରକୁ ଜଳସେଚନ ଯୋଗାଇ ଦିଆଯାଇ ପାରିଲା ନାହିଁ ।

### 3.3.2.6 ଥଇଥାନ ଏବଂ ପୁନର୍ବସତି

ଆରଏଣ୍ଡଆର ପଦକ୍ଷେପ ଗୁଡିକ କେନ୍ଦ୍ର ଏବଂ ରାଜ୍ୟ ସମ୍ବନ୍ଧୀୟ ନିୟମ ମାନଙ୍କର ଏଲଏ ନିୟମ 1894 ଏଲଏ, ଆରଏଣ୍ଡଆର ନିୟମ 2013 ଦ୍ୱାରା ଅନୁଶାସିତ ହେଉଥିଲା । ଜମି ଅଧିଗ୍ରହଣ, ପ୍ରକଳ୍ପ ନିର୍ମାଣକୁ ଜନସାଧାରଣଙ୍କ ବିରୋଧକୁ ଏଡାଇବା ଏବଂ ପ୍ରକଳ୍ପ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରିକି ଡ୍ୟାମ୍ ଏବଂ ଜଳଭଣ୍ଡାର ଗୁଡିକର କାମ ଆରମ୍ଭ କରିବା ନିମନ୍ତେ ଆର ଏଣ୍ଡଆର ପଦକ୍ଷେପ ଗୁଡିକ ଠିକ୍ ସମୟରେ କାର୍ଯ୍ୟକାରୀ କରିବା ଗୁରୁତ୍ୱପୂର୍ଣ୍ଣ । ଏଥିରେ ଯେଉଁ କମି ଦେଖାଯାଇଥିଲା ତାହ ନିମ୍ନରେ ଦିଆଗଲା :

- ଏସଆଇପି ର ଜମ୍ବିରା ଜଳଭଣ୍ଡାର ଅନ୍ତର୍ଗତ ଏଗାରଟି ଗ୍ରାମର 1,304 ଜଣ ବିସ୍ଥାପିତ ଲୋକଙ୍କୁ 7.43 କୋଟି ଟଙ୍କାର ଆରଏଣ୍ଡଆର ସହାୟତା 1992 ରୁ 1997 ମଧ୍ୟରେ ପ୍ରଦାନ କରାଯାଇଥିଲା । ବିସ୍ଥାପିତ ଲୋକମାନଙ୍କୁ ଜଳଭଣ୍ଡାର ଇଲାକାରୁ ସ୍ଥାନାନ୍ତରଣ କରାଯାଇ ନ ଥିଲା ଏବଂ ସେମାନେ ନୂତନ ଓଡିଶା ଆରଏଣ୍ଡଆର ନୀତି (ଓଆରଆରପି) 2006 ଅନୁସାରେ ଅତିରିକ୍ତ କ୍ଷତିପୂରଣ ଦାବୀ କରିଥିଲେ । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ, ମୟୁରଭଞ୍ଜ ଜଣକ ପ୍ରତି 2 ଲକ୍ଷ ଟଙ୍କା ହିସାବରେ 26.08 କୋଟି ଟଙ୍କାର ଅତିରିକ୍ତ ଅନୁକମ୍ପା ମୂଳକ ଦେୟ ପ୍ରଦାନ ଦାବୀକୁ ଅନୁମୋଦନ ନିମନ୍ତେ ଡିଓଡବ୍ଲୁଆରଙ୍କୁ ସୁପାରିଶ କରିଥିଲେ (ଏପ୍ରିଲ 2017) । ଯେହେତୁ ବିସ୍ଥାପିତ ଲୋକମାନେ 7.43 କୋଟି ଟଙ୍କା ପ୍ରଦାନ ପରେ ମଧ୍ୟ ସ୍ଥାନାନ୍ତରିତ ହୋଇ ନ ଥିଲେ ଏହି ଜଳଭଣ୍ଡାରଟି ଇପ୍‌ସିତ କ୍ଷେତ୍ରକୁ ଜଳସେଚନ ନିମନ୍ତେ ସର୍ବୋଚ୍ଚ ବ୍ୟବହାର ହୋଇପାରିଲା ନାହିଁ ।

  ସରକାର କହିଲେ (ଜୁଲାଇ 2021) ଯେ ଚଳିତ ବର୍ଷ ବଜେଟ୍ ରେ ବ୍ୟବସ୍ଥା ହୋଇଛି ଏବଂ ସରକାରୀ ଅନୁମତି ମିଳିଲା ପରେ ସଙ୍ଗେ ସଙ୍ଗେ ଦେୟ ପ୍ରଦାନ କରାଯିବ । 20 ବର୍ଷ ପରେ ଅତିରିକ୍ତ ଅନୁକମ୍ପା ମୂଳକ ଦେୟ ପ୍ରଦାନ ର ସୁପାରିଶର କାରଣ ବିଷୟରେ ଉତ୍ତରଟି ନୀରବ ଥିଲା ଏବଂ ଦେୟ ପ୍ରଦାନ ମଧ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା ।

  ପୁଣି ହଳଦିଆ ଡ୍ୟାମ୍ ଇଲାକାରୁ ଡିପି ମାନଙ୍କର ସ୍ଥାନାନ୍ତରଣ ନ ହେବା ଯୋଗୁଁ ହଳଦିଆ ପ୍ରକଳ୍ପର ସମାପ୍ତି ରେ ବିଳମ୍ବ ହୋଇଥିଲା ଯଦ୍ୱାରା 19.46 କୋଟି ଟଙ୍କାର ଅନାବଶ୍ୟକ ମୂଲ୍ୟବୃଦ୍ଧି ଘଟି ଠିକାଦାରକୁ ପ୍ରଦାନ କରାଯାଇଥିଲା , ତାହାଛଡା ଡିପି ମାନଙ୍କୁ ଅନୁକମ୍ପା ମୂଳକ ଅତିରିକ୍ତ କ୍ଷତିପୂରଣ ବାବଦରେ 84 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ।

**ପ୍ରକଳ୍ପ ଖର୍ଚ୍ଚରେ 221.68 କୋଟି ଟଙ୍କାରୁ 6,715.96 କୋଟି ଟଙ୍କାର ବୃଦ୍ଧି ସତ୍ତ୍ୱେ ପ୍ରକଳ୍ପ ଆରମ୍ଭର 39 ବର୍ଷ ପରେ ମଧ୍ୟ ଆୟାକଟ ହାସଲ କେବଳ 33,899 ହେକ୍ଟର (34 ପ୍ରତିଶତ) ଥିଲା, ଯାହାକି ଜମି ଅଧିଗ୍ରହଣରେ ବିଳମ୍ବ, ଆର ଏଣ୍ଡ ଆର ସହାୟତା ଦେବା ପରେ ମଧ୍ୟ ପ୍ରକଳ୍ପ ସ୍ଥାନରୁ ବିସ୍ଥାପିତ ଲୋକଙ୍କୁ ସ୍ଥାନାନ୍ତରଣ ନ କରିବା ସହିତ ସ୍ୱୀଲ୍ ୱେ ର ଅନିୟମିତ ନିର୍ବାହ ଏବଂ ଭୂଲ ସର୍ଭେ ଓ ଅନୁସନ୍ଧାନ ଯୋଗୁଁ ହୋଇଥିଲା । ହାସଲ ହୋଇଥିବା ଆୟାକଟ୍ ର ବ୍ୟବହାର ନିଶ୍ଚିତ କରାଯାଇ ପାରିଲା ନାହିଁ ଯେହେତୁ ଏହା ରାଜସ୍ୱ ଅଧିକାରୀଙ୍କ ସହ ମିଳତ ଯାଞ୍ଚ ଦ୍ୱାରା ପ୍ରମାଣୀକୃତ ହୋଇନଥିଲା ।**

### 3.3.3 ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ଏଲଆଇଆଇପି)


ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ

ଯୋଜନା ଆୟୋଗ ଏଲଆଇଆଇପିକୁ ତିନି ବର୍ଷରେ ସମାପ୍ତ କରିବା ପାଇଁ 211.70 କୋଟି ଟଙ୍କାରେ ଅନୁମୋଦନ କରିଥିଲେ (ଫେବୃଆରୀ 1999) । ନୂଆପଡା ଏବଂ ବଲାଙ୍ଗୀର ଜିଲ୍ଲାର 29,900 ହେକ୍ଟରକୁ ଜଳସେଚନ ଯୋଗାଇବା ପାଇଁ ଇନ୍ଦ୍ର ନଦୀ ଏବଂ ସୁନ୍ଦର ନଦୀର ମିଳନ ସ୍ଥଳରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା । 931 ବର୍ଗ କି.ମି ଅବବାହିକା ସହିତ ସମୁଦାୟ 303 ଏମସିଏମ ସଂରକ୍ଷଣ କ୍ଷମତା ବିଶିଷ୍ଟ ଏକ ଜଳଭଣ୍ଡାର ପାଇଁ ଇନ୍ଦ୍ର ନଦୀରେ ଏକ ମାଟି ବନ୍ଧ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା । ଜଳଭଣ୍ଡାର ପ୍ରକଳ୍ପ ପ୍ରସ୍ତାବ ଗୁଡିକ ନିମ୍ନଲିଖିତକୁ ନେଇ ଗଠିତ:

- ଡାହାଣ କେନାଲ ସିଷ୍ଟମ 4.51 କ୍ୟୁମେକ୍ସ ପାଇଁ ଡିଜାଇନ କରାଯାଇ 3,452 ହେକ୍ଟର କୁ ଜଳସେଚନ ଯୋଗାଇବାର ଥିଲା ।
- ବାମ କେନାଲ ସିଷ୍ଟମ 35.23 କ୍ୟୁମେକ୍ସ ପାଇଁ ଡିଜାଇନ କରାଯାଇ 26,448 ହେକ୍ଟରକୁ ଜଳସେଚନ ଯୋଗାଇବାର ଥିଲା । ଖୋଲା କେନାଲ ମାଧମରେ ଉଭୟ ମୁଖ୍ୟ କେନାଲ ଏବଂ ଶାଖା କେନାଲଗୁଡିକ ସଂପୂର୍ଣ୍ଣ ହୋଇଥିଲା । ବିତରକ, ମାଇନର ଏବଂ ଉପ-ମାଇନର[16] ୟୁଜିପିଏଲ ମାଧମରେ ହାତକୁ ନିଆଯାଇଥିଲା ଏବଂ ମାର୍ଚ୍ଚ 2021 ସୁଦ୍ଧା ଶେଷ ହେବାକୁ ପରିକଳ୍ପନା କରାଯାଇଥିଲା କିନ୍ତୁ କାର୍ଯ୍ୟଟି ଅଗ୍ରଗତି କରୁଥିଲା (ସେପ୍ଟେମ୍ବର 2021) ।

ଏଲଆଇଆଇପି ର ଡାହାଣ କେନାଲ ସିଷ୍ଟମ ଏବଂ ବାମ କେନାଲ ସିଷ୍ଟମ ଯଥାକ୍ରମେ 3,452 ହେକ୍ଟର ଏବଂ 26,448 ହେକ୍ଟର କୁ ଜଳସେଚନ କରିବାପାଇଁ ଡିଜାଇନ କରାଯାଇ ଥିଲା । 2021 ସୁଦ୍ଧା ସମାପ୍ତ ହେବା ପାଇଁ ପାଞ୍ଚଥର 1,925.63 କୋଟି ଟଙ୍କା (910 ପ୍ରତିଶତ) କୁ ପରିବର୍ତ୍ତିତ କରି 1,811.73 କୋଟି ଟଙ୍କା ଖର୍ଚ୍ଚ (ମାର୍ଚ୍ଚ 2020) ସତ୍ତ୍ୱେ ଜମି ଅଧିଗ୍ରହଣରେ ବିଳମ୍ବ ଡିପିମାନଙ୍କୁ ଆରଏଣ୍ଡଆର ସହାୟତା ପ୍ରଦାନ ପରେ ସ୍ଥାନାନ୍ତର ନ ହୋଇପାରିବା, ଯଦିଓ ପ୍ରକଳ୍ପର ବିତରଣ ବ୍ୟବସ୍ଥା ଇତ୍ୟାଦି ପାଇଁ ପ୍ରସ୍ତାବିତ ହୋଇଥିଲା (ଡିସେମ୍ବର 2016) କାର୍ଯ୍ୟ ପ୍ରଦାନରେ ବିଳମ୍ବ (ମାର୍ଚ୍ଚ 2018 ), ଆଦି କାରଣ ହେତୁ ପ୍ରକଳ୍ପ ଶେଷ ହୋଇପାରିଲା ନାହିଁ ଯଦ୍ୱାରା ନୂଆପଡା ଏବଂ ବଲାଙ୍ଗୀର ଜିଲ୍ଲାର ଚାଷୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଲାଭ ପ୍ରତ୍ୟାଖ୍ୟିତ ହୋଇଥିଲା ।

#### 3.3.3.1 ଅଭିଳଷିତ ଉଦ୍ଦେଶ୍ୟ ସହିତ ପ୍ରକଳ୍ପ ବିତରଣଯୋଗ୍ୟର ମୂଲ୍ୟାଙ୍କନ

ପ୍ରକଳ୍ପ ଡିପିଆର କେବଳ ପରିକଳ୍ପିତ ଆୟାକଟକୁ ଜଳସେଚନ ଯୋଗାଇବା ପାଇଁ ଧାର୍ଯ୍ୟ କରାଯାଇଥିଲା । ପ୍ରକଳ୍ପର ପ୍ରସ୍ତାବିତ ଏବଂ ହାସଲ ହୋଇଥିବା ଉପାଦାନ ଅନୁଯାୟୀ ଆଇପିର ସବିଶେଷ ତଥ୍ୟ ଏବଂ ସମୀକ୍ଷା ମନ୍ତବ୍ୟର ସୁଚନା ନିମ୍ନ ସାରଣୀରେ ଦିଆଗଲା :

**ସାରଣୀ 3.6: ଏଲଆଇଆଇପି ର ଉପାଦାନ ଅନୁଯାୟୀ ଆଇପି ର ଅଦ୍ୟାବଧି ଲକ୍ଷ୍ୟ ଏବଂ ସଫଳତା**

| ପ୍ରକଳ୍ପର ଉପାଦାନ | କେନାଲ ର ଡିଜାଇନ ଦୈର୍ଘ୍ୟ (କିମି ରେ) | ସମାପ୍ତ ହୋଇଥିବା କେନାଲର ଦୈର୍ଘ୍ୟ | ଅନ୍ତର୍ଭୁକ୍ତ ମୂଲ୍ୟ (କୋଟି ଟଙ୍କାରେ) | ପରିକଳ୍ପିତ ଆଇପି (ହେକ୍ଟର ରେ) | ହାସଲ ହୋଇଥିବା ଆଇପି (ହେକ୍ଟର ରେ) | ସମୀକ୍ଷା ମନ୍ତବ୍ୟର ସାରାଂଶ |
|---|---|---|---|---|---|---|
| ଡାହାଣ କେନାଲ | 8.22 | 8.22 | 1,811.73 | 3,452 | 3,860 | ଯଦିଓ ଆୟାକଟ ଯାଞ୍ଚ ହୋଇ ନଥିଲା, 3,860 ହେକ୍ଟର ପାଇଁ ପରୀକ୍ଷା ମୂଳକ ଜଳସେଚନ ଯୋଗାଇ ଦିଆ ଯାଇଥିଲା । ଯଦିଓ |
| ବାମ କେନାଲ | 49.38 | 49.38 | | 26,448 | | |

[16] ମୁଖ୍ୟ କେନାଲ କିମ୍ବା ଶାଖାପ୍ରବାହ ମୁଣ୍ଡରୁ ଏକ କ୍ୟୁସେକ୍ ରୁ କମ୍ ଜଳ ଯୋଗାଣ କୁ ମାଇନର ଏବଂ ମାଇନର ରୁ ଜଳଯୋଗାଣକୁ ଉପ-ମାଇନର କୁହାଯାଏ

| ପ୍ରକଳ୍ପର ଉପାଦାନ | କେନାଲ ର ଡିଜାଇନ ଦୈର୍ଘ୍ୟ (କିମି ରେ) | ସମାପ୍ତ ହୋଇଥିବା କେନାଲର ଦୈର୍ଘ୍ୟ | ଅନ୍ତର୍ଭୁକ୍ତ ମୂଲ୍ୟ (କୋଟି ଟଙ୍କାରେ) | ପରିକଳ୍ପିତ ଆଇପି (ହେକ୍ଟର ରେ) | ହାସଲ ହୋଇଥିବା ଆଇପି (ହେକ୍ଟର ରେ) | ସମୀକ୍ଷା ମନ୍ତବ୍ୟର ସାରାଂଶ |
|---|---|---|---|---|---|---|
| | | | | | | ଇପିସି ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟଟି ନ୍ୟସ୍ତ ହୋଇଥିଲା ଏବଂ ଫେବୃଆରୀ 2019 ସୁଦ୍ଧା ଶେଷ ହେବାକୁ ସ୍ଥିର ହୋଇଥିଲା ଇଉଜିପିଏଲ କାର୍ଯ୍ୟ ମାନବସମ୍ବଳର ଅଭାବ ହେତୁ ଧୀର ଗତିରେ ଚାଲୁଅଛି । |
| ମୋଟ | **57.6** | **57.6** | **1,811.73** | 29,900 | 3,860 | ଜଳସେଚିତ କ୍ଷେତ୍ରର ପ୍ରକୃତ ବ୍ୟବହାର ନିଶ୍ଚିତ କରାଯାଇ ପାରି ନଥିଲା ଯେହେତୁ ସୃଷ୍ଟି କରାଯାଇଥିବା ପ୍ରକୃତ ଜଳସେଚିତ କ୍ଷେତ୍ର ରାଜସ୍ୱ ଅଧିକାରୀଙ୍କ ସହିତ ମିଳିତଯାଞ୍ଚ ଦ୍ୱାରା ପ୍ରମାଣୀକୃତ କରାଯାଇ ନଥିଲା । ଯଦିଓ ପରୀକ୍ଷାମୂଳକ ଜଳଯୋଗାଣ କରାଯାଇଥିଲା କିନ୍ତୁ କୌଣସି ପିପି ଗଠନ ହୋଇନଥିଲା । |

**(ଉତ୍ସ: ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ରେକର୍ଡରୁ ସମୀକ୍ଷା ଦ୍ୱାରା ସଂକଳିତ)**

ସମୀକ୍ଷା ବିଶ୍ଳେଷଣ ଏବଂ ପରୀକ୍ଷଣ -ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ଉପାଦାନ ଗୁଡିକ ଉପରେ ଦେଖାଯାଇଥିବା ଅଭାବଗୁଡିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଗଲା । ସମୀକ୍ଷା ଏହା ମଧ ଦେଖିଲା ଯେ ଡିପିଆର ରେ ତୃଟି ଏବଂ ଜମି ଅଧିଗ୍ରହଣରେ ବିଳମ୍ବ ହେତୁ ଡିଜାଇନ ହୋଇଥିବା ଆଇପି ହାସଲ ହୋଇପାରିଲା ନାହିଁ ଯାହା ନିମ୍ନରେ ପୁଙ୍ଖାନୁପୁଙ୍ଖ ଭାବରେ ଦିଆଗଲା ।

## 3.3.3.2 ଡିପିଆର ରେ କମି

- **ଡିଷ୍ଟ୍ରୀବ୍ୟୁଟାରି ନିର୍ମାଣରେ ଅପଚୟ**

ଡିପିଆର ଅନୁସାରେ ଏଲଆଇଆଇପି ର ଦୁଆଝର ଡିଷ୍ଟ୍ରିବ୍ୟୁଟାରି ର ପାଣି ଡୁମେରଯୋର ଏମଆଇପି ରେ ପ୍ରବେଶ କରି ତାର ଆୟାକଟ୍ କୁ ଜଳସେଚନ କରିବ । ଦୁଆଝର ଡିଷ୍ଟ୍ରିବ୍ୟୁଟାରୀ ଆରଡି 8.76 କିମି ରୁ18.54 କିମି ଏବଂ ଏହାର କ୍ଷୁଦ୍ର ଓ ଉପ କ୍ଷୁଦ୍ର କେନାଲ ର କାମ ଯାହାର ଆୟାକଟ୍ 490.72 ହେକ୍ଟର ସହ ଆକଳିତ ମୂଲ୍ୟ 19.17 କୋଟି ଟଙ୍କା ଥିଲା ତାହା 12.55 କୋଟି ଟଙ୍କା ଖର୍ଚ୍ଚ ହେବା ସହ ଆଂଶିକ ଭାବେ ସରିଥିଲା (ସେପ୍ଟେମ୍ବର 2017) । ଏହି କାମର ବଳକା ଭାଗ ସହ କମାଣ୍ଡ ଅଞ୍ଚଳ ଉନ୍ନୟନ (ସିଏଡି) କାମ ୟୁଜିପିଏଲ ରେ ମିଶାଯାଇଥିଲା ଯାହାର ମୂଲ୍ୟ 6.62 କୋଟି ଟଙ୍କା ଥିଲା ଏବଂ ଏହା ଚାଲୁ ରହିଥିଲା (ମାର୍ଚ୍ଚ 2021) ।



*ଡୁମେରଜୋଡ଼ ଏମ.ଆଇ.ପି. ର ନିଜସ୍ୱ ଆୟାକଟ୍‌କୁ ଜଳସେଚନ ପାଇଁ ଯଥେଷ୍ଟ ଜଳ ଥିଲା*

ଉପଲବ୍ଧ ଥିବା ରେକର୍ଡ ରୁ ଅଡିଟ୍ ଦେଖିଲା ଯେ ଦୁଆଝର ଡିଷ୍ଟ୍ରୀବ୍ୟୁଟାରି ଆରଡି 8.76 କିମି ରୁ 18.54 କିମି ର ଆୟାକଟ୍ ଦୁମେରଯୋର ଏବଂ ରାଜାମୁଣ୍ଡା ଏମଆଇପି ମାଧ୍ୟମ ରେ ଜଳସେଚିତ ହୋଇଆସୁଥିଲା । ଉଭୟ ଏମଆଇପି ର ଉନ୍ନତିକରଣ 2014-19 ମଧ୍ୟରେ 1.92 କୋଟି ଟଙ୍କା ଖର୍ଚ୍ଚ ରେ ହୋଇଥିଲା ଏବଂ ସେମାନେ ଇପ୍‌ସିତ ଆୟାକଟ କୁ ଜଳସେଚନ ଯୋଗାଉଥିଲେ । ତେଣୁ ଏହି ନିର୍ମାଣ ଟି ଅନାବଶ୍ୟକ ଥିଲା ଏବଂ ଏହାଦ୍ୱାରା ପ୍ରକଳ୍ପର ମୂଲ୍ୟ ବୃଦ୍ଧି ସହିତ 12.55 କୋଟି ଟଙ୍କାର ଅପବ୍ୟୟ ହେଲା ।

ସରକାର ତଥ୍ୟକୁ ସ୍ୱୀକାର କରି ଡିପିଆର ରେ ବ୍ୟତିକ୍ରମ ଏବଂ କ୍ଷୁଦ୍ର/ଉପ କ୍ଷୁଦ୍ର କେନାଲ ନିର୍ମାଣ ରେ ଅନାବଶ୍ୟକ ଖର୍ଚ୍ଚ ର କାରଣ ନ ଦର୍ଶାଇ କହିଲେ (ଜୁଲାଇ 2021) ଯେ ୟୁଜିପିଏଲ କାମ ସମାପ୍ତ ହେଲାପରେ କ୍ଷୁଦ୍ର ଜଳସେଚନ ପ୍ରାଧିକାରୀ ସେହି ଆୟାକଟ୍‌କୁ ଏହି ପ୍ରକଳ୍ପକୁ ହସ୍ତାନ୍ତର କରିବେ ।

## 3.3.3.3 ଜମିର ପରିଚାଳନା

- **ବେସରକାରୀ ଜମିର ଅଧିଗ୍ରହଣ ଏବଂ ସରକାରୀ ଜମିର ହସ୍ତାନ୍ତର**

ପ୍ରକଳ୍ପ ପାଇଁ ବେସରକାରୀ ଜମି ଅଧିଗ୍ରହଣର ଆବଶ୍ୟକତା ଏବଂ ସରକାରୀ  ଜମିର ହସ୍ତାନ୍ତର ନିମ୍ନରେ ଦିଆଯାଇଛି

**ସାରଣୀ-3.7: ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକ ଥିବା ଏବଂ ଅଧିଗ୍ରହଣ ହୋଇଥିବା ଜମି ଦର୍ଶାଉଥିବା ବିବରଣ**

(ଏକର ରେ)

| ଆବଶ୍ୟକ ଜମି | | | ଅଧିଗ୍ରହିତ / ହସ୍ତାନ୍ତରିତ ଜମି | | | ବଳକା | | |
|---|---|---|---|---|---|---|---|---|
| ସରକାରୀ ଜମି | ବେସରକାରୀ ଜମି | ମୋଟ | ସରକାରୀ ଜମି | ବେସରକାରୀ ଜମି | ମୋଟ | ସରକାରୀ ଜମି | ବେସରକାରୀ ଜମି | ମୋଟ |
| 1,155.57 | 10,445.27 | 11,600.84 | 1,155.57 | 10,425.16 | 11,580.73 | 0 | 20.11 | 20.11 |

(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)

ଉପୋରୋକ୍ତ ସାରଣୀରୁ ଏହା ଦେଖାଯାଇପାରେ ଯେ ପ୍ରକଳ୍ପ ପାଇଁ  ଆବଶ୍ୟକ ଥିବା 10,445.27 ଏକର ବେସରକାରୀ ଜାଗା ବିରୁଦ୍ଧରେ ଜମି ଅଧିଗ୍ରହଣ ଅଧିକାରୀ (ଏଲଏଓ) ଏହି କାମ ପାଇଁ ପାଣ୍ଠି ଉପଲବ୍ଧ ଥିବା ସତ୍ତ୍ୱେ କେବଳ 10,425,16 ଏକର (99 ପ୍ରତିଶତ) ଅଧିଗ୍ରହଣ କରିପାରିଥିଲେ ।

ଓପିଡବ୍ଲୁ କୋଡ୍ ସୂଚାଉଥିଲା ଯେ ଜମିର ଉପଲବ୍ଧ ବିନା କୌଣସି କାମ ଆରମ୍ଭ ହେବାକଥା ନୁହେଁ । ଏପରିକି କୌଣସି ପ୍ରକଳ୍ପ/କାମ ନିର୍ବାହ କରିବା ପୂର୍ବରୁ ଜମି ଅଧିଗ୍ରହଣ ସରିଥିବା ଦରକାର । ନିମ୍ନଲିଖିତ କ୍ଷେତ୍ରରେ ଠିକ୍ ସମୟରେ ଜମି ଅଧିଗ୍ରହଣ  ନ ହେବା ଯୋଗୁଁ କାର୍ଯ୍ୟ  ନିର୍ବାହ / ଆରମ୍ଭ ରେ ବିଳମ୍ବ ହୋଇଥିଲା ।

- **ଜମି ଅଧିଗ୍ରହଣ ରେ ବିଳମ୍ବଲାଗି ପ୍ରକଳ୍ପର ମୂଲ୍ୟ ବୃଦ୍ଧି**

ଜଳଭଣ୍ଡାର ର ସର୍ବୋଚ୍ଚ ଜଳଧାରଣ କ୍ଷମତା[17] 265 ମି କୁ ନେଇ 29,900 ହେକ୍ଟର ଜମିକୁ ଜଳସେଚନ ନିମନ୍ତେ ଡ୍ୟାମ୍ ର ନିର୍ମାଣ କରିବାକୁ ଏଲଆଇଆଇପି ଧାର୍ଯ୍ୟ କରିଥିଲା । ଯେଉଁ କ୍ଷେତ୍ରରେ ଜାତୀୟ ରାଜପଥ (ଏନଏଇଚ) ନଂ 217 ର 9.97 କିମି (ଆଡି 123.00 ରୁ ଆରଡି 132.97 କିମି) 259.30 ମି ଜଳସ୍ତର ରେ ବୁଡିଯିବାର ଥିଲା । ଉପରୋକ୍ତ କ୍ଷେତ୍ରରେ ଏକ ଉଚ୍ଚ ପୋଲର ଏବଂ ବାଇପାସ ରାସ୍ତାର  ନିର୍ମାଣ ପାଇଁ 3.17 ଏକର ଜମି ଅଧିଗ୍ରହଣ ହେବାରଥିଲା । ଏଲଆଇଆଇପି ପ୍ରାଧିକାରୀ ଦ୍ୱାରା 24.19 କୋଟି ଟଙ୍କା ର ଏକ ଅଟକଳ (ଡିସେମ୍ବର 2007) ରେ ମଞ୍ଜୁରୀ ହୋଇଥିଲା । କାମଟି ଏନଏଇଚ ବିଭାଜନ, କେସିଙ୍ଗା ଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା କିନ୍ତୁ ଗ୍ରାମବାସୀ ଙ୍କ ଦ୍ୱାରା ଡିପି ମର୍ଯ୍ୟଦା ଦାବୀ କରି ବିରୋଧ ଯୋଗୁଁ ଏସଏଲଏଓ ଦ୍ୱାରା ଜମି ଅଧିଗ୍ରହଣ ନ ହୋଇପାରିବାରୁ  କାମଟିକୁ ନିର୍ବାହ କରିପାରି ନଥିଲେ । ଏଲଆଇଆଇପି ଡ୍ୟାମ୍ ଇଲାକାର ବିସ୍ଥାପିତ ମାନେ କ୍ଷତିପୂରଣ ରାଶିକୁ ଗ୍ରହଣ କରିନଥିଲେ ଏବଂ ମାନ୍ୟବର ବରିଷ୍ଠ ସିଭିଲ ଜଜ୍ , ନୂଆପଡାଙ୍କ ପାଖରେ ଆବେଦନ କରିଥିଲେ, ଯିଏ 5.12 କୋଟି ଟଙ୍କା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଲେ ଯେଉଁଥିରେ 15 ପ୍ରତିଶତ ହାର ରେ 3.04 କୋଟି ଟଙ୍କାର ସୁଧ ଅନ୍ତର୍ଭୁକ୍ତ ଥିଲା । କାର୍ଯ୍ୟର ଆକଳନ ମୂଲ୍ୟ 30.63 କୋଟି ଟଙ୍କା କୁ ପରିବର୍ତ୍ତନ କରାଯାଇ 6.44  କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହେଲା ।

ଏତଦ୍ୱାରା ହିତାଧିକାରୀ ମାନଙ୍କୁ ପାଞ୍ଚ ବର୍ଷରୁ ଅଧିକ ରବି ଜଳସେଚନ ରୁ ବଞ୍ଚିତ କରି କାର୍ଯ୍ୟଟି ଚାଲୁ ରହିଅଛି । ସରକାର ସ୍ୱୀକାର କଲେ (ଜୁଲାଇ 2021) ଯେ ଗ୍ରାମବାସୀ ଙ୍କ ଦ୍ୱାରା ଏବଂ କ୍ଷତିପୂରଣ ଏବଂ ପ୍ରକଳ୍ପ ମୂଲ୍ୟର ସଂଶୋଧନ ସହ ଡିପି ମର୍ଯ୍ୟଦା ପାଇଁ ଦାବି କରି ଆନ୍ଦୋଳନ ଯୋଗୁଁ ଏନଏଇଚ୍ ର ଡାଇଭର୍ସନ କାମରେ ବିଳମ୍ବ ହୋଇଥିଲା । ପ୍ରମାଣତଃ, ପ୍ରକଳ୍ପ ଅଧିକାରୀ ଯାଗା ଗୁଡିକ ଠିକାଦାରଙ୍କୁ ହସ୍ତାନ୍ତର ରେ ବିଳମ୍ବ କରିଥିଲେ ଯାହା ପ୍ରକଳ୍ପ ମୂଲ୍ୟ ରେ ବୃଦ୍ଧି କରାଇଥିଲା ।

[17] ବନ୍ୟାଜଳ ପ୍ରବାହ ସମୟରେ ଆଶା କରାଯାଉଥିବା ଜଳସ୍ତର

**କେନାଲର ଓପନ ଏକ୍ସାଭେସନ ପାଇଁ ଜମିଅଧିଗ୍ରହଣ ରେ ଅପବ୍ୟୟ**

ଏଲଆଇଆଇପି ଡିପିଆର ଅନୁସାରେ କେନାଲ ଗୁଡିକର ଓପନ ଏକ୍ସାଭେସନ ଜରିଆ ରେ ଜଳସେଚନ ଯୋଗାଇବା ପାଇଁ ଯୋଜନା ହୋଇଥିଲା (ଫେବୃଆରୀ 1999) । 33 ଟି କ୍ଷୁଦ୍ର/ଉପକ୍ଷୁଦ୍ର କେନାଲ ର ଖନନ ପାଇଁ ଡିଓଡବ୍ଲୁଆର 2003 ରୁ 2012 ମଧ୍ୟରେ 564.48 ଏକର ଜମି ଅଧିଗ୍ରହଣ ପାଇଁ 13.91 କୋଟି ଟଙ୍କା ମଞ୍ଜୁରୀ କରିଥିଲେ, ଯାହା ମଧ୍ୟରୁ 2005 ରୁ 2015 ମଧ୍ୟରେ 8.50 କୋଟି ଟଙ୍କା ପ୍ରଦାନ କରାଯାଇ 132.73 ଏକର ଜମି ଦଖଲ ହୋଇଥିଲା (ଅଗଷ୍ଟ 2019) । ଦେୟ ପ୍ରଦାନ ଚାଲୁଥିବା ବେଳେ, ବିଭାଗ ୟୁଜିପିଏଲ ମାଧ୍ୟମରେ ଏହି କ୍ଷୁଦ୍ର/ଉପକ୍ଷୁଦ୍ର କେନାଲ ର କାମ ଆରମ୍ଭ କରିଥିଲା ଯାହାର ଜମି ଅଧିଗ୍ରହଣ ଦରକାର ନଥିଲା । ଏହାଦ୍ୱାରା ଓପନ ଏକ୍ସାଭେସନ ପାଇଁ ଖର୍ଚ୍ଚ ହୋଇଥିବା 8.50 କୋଟି ଟଙ୍କା ଅପବ୍ୟୟ ହୋଇଥିଲା ।

ସରକାର ସ୍ୱୀକାର କଲେ (ଜୁଲାଇ 2021) ଯେ ୟୁଜିପିଏଲ ର ପ୍ରଣୟନ ଯୋଗୁଁ ଜମି ଅଧିଗ୍ରହଣ ର ଆବଶ୍ୟକତା ହେଲାନାହିଁ । ପ୍ରମାଣତଃ ଜମି ଅଧିଗ୍ରହଣ ନିମନ୍ତେ ପ୍ରଦାନ କରାଯାଇଥିବା ଟଙ୍କା ଅପବ୍ୟୟ ହେଲା ।

## 3.3.3.4 ଥଇଥାନ ଏବଂ ପୁନର୍ବସତି

ଆରଏଣ୍ଡଆର ପଦକ୍ଷେପ ଗୁଡିକ କେନ୍ଦ୍ର ଏବଂ ରାଜ୍ୟ ସଂବନ୍ଧୀୟ ନିୟମ ଗୁଡିକର ଏଲଏ ନିୟମ 1894, ଏଲଏ,ଆରଏଣ୍ଡଆର ନିୟମ 2013 ଦ୍ୱାରା ଅନୁଶାସିତ ହେଉଥିଲା । ଜମି ଅଧିଗ୍ରହଣ କରିବା, ପ୍ରକଳ୍ପ ନିର୍ମାଣ କୁ ଜନସାଧାରଣ ଙ୍କ ବିରୋଧ ରୁ ଏଡାଇବା ଏବଂ ପ୍ରକଳ୍ପ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରିକି ଡ୍ୟାମ ଏବଂ ଜଳଭଣ୍ଡାର ଗୁଡିକର କାମ ଆରମ୍ଭ କରିବା ନିମନ୍ତେ ଆର ଏଣ୍ଡଆର ପଦକ୍ଷେପ ଗୁଡିକ ଠିକ୍ ସମୟରେ କାର୍ଯ୍ୟକାରୀ କରିବା ଗୁରୁତ୍ୱପୂର୍ଣ୍ଣ । ଏଥିରେ ଯେଉଁ କମି ଦେଖାଯାଇଥିଲା ତାହା ନିମ୍ନରେ ଦିଆଗଲା :

- ଏଲଆଇଆଇପି ରେ ବିସ୍ଥାପିତ ହେବାକୁ ଥିବା ଲୋକମାନେ 2006 ପୂର୍ବରୁ ଚିହ୍ନଟ ହୋଇଥିଲେ ଏବଂ ଆର ଏଣ୍ଡ ଆର ସହାୟତା ପର୍ଯ୍ୟାୟକ୍ରମେ ଦିଆଯାଇଥିଲା । ଆରଏଣ୍ଡଆର ସହାୟତା ପାଇବା ପରେ ବିସ୍ଥାପିତ ଲୋକଙ୍କୁ ଜଳଭଣ୍ଡାର ଇଲାକାରୁ ସ୍ଥାନାନ୍ତରଣ କରାଯାଇନଥିଲା । ସ୍ଥାନାନ୍ତରଣ ନ କରିବା ଯୋଗୁଁ ଅତିରିକ୍ତ 367 ଜଣ ବିସ୍ଥାପିତ ଲୋକ ଯେଉଁମାନେ 18 ବର୍ଷ ବୟସ ପ୍ରାପ୍ତ ହେଲେ ସେମାନେ ଆରଏଣ୍ଡଆର ସହାୟତା ପାଇବା ପାଇଁ ଯୋଗ୍ୟ ହୋଇଗଲେ । ଡିଓଡବ୍ଲୁଆର ଡିସେମ୍ବର 2017 ଏବଂ ଜୁଲାଇ 2019 ମଧ୍ୟରେ 28.10 କୋଟି ଟଙ୍କା ମଞ୍ଜୁର କରିଥିଲେ ଯାହାର ପ୍ରଦାନ ଜାରୀ ଥିଲା । ତେଣୁ, ଆରଏଣ୍ଡଆର ସହାୟତା ପ୍ରଦାନ ପରେ ଲୋକଙ୍କୁ ଖାଲି କରିବାରେ ବିଭାଗର ବିଫଳତା ଫଳରେ 28.10 କୋଟି ଟଙ୍କାର ପରିହାର୍ଯ୍ୟ ଖର୍ଚ୍ଚ ହେଲା ।

  ସରକାର କହିଲେ (ଜୁଲାଇ 2021) ଯେ, 2017 ମଧ୍ୟରେ ଡିପି ମାନଙ୍କର ବିସ୍ଥାପନ ନିମନ୍ତେ ଅନ୍ତିମ ନୋଟିସ ପଠା ସରିଛି ଏବଂ ଯେଉଁମାନେ ବିସ୍ଥାପନ ନ କରିବା ଯୋଗୁଁ ଅତିରିକ୍ତ ଦେୟ ପାଇଁ ଦାୟୀ ସେମାନଙ୍କ ବିରୁଦ୍ଧରେ ପିଡି(ଆର ଏଣ୍ଡ ଆର) ଏଲଆଇଆଇପି ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ।

## 3.3.3.5 ପ୍ରକଳ୍ପ ନିର୍ବାହରେ କମି

- **କ୍ଷୁଦ୍ର/ ଉପ କ୍ଷୁଦ୍ର କେନାଲ ନିର୍ମାଣ ରେ ଅପବ୍ୟୟ**

ଏଲଆଇପି ର ଇଇ ମାନେ 110.95 କୋଟି ଟଙ୍କା ବ୍ୟୟ ରେ ଖୋଲା ଖନନ ମାଧ୍ୟମ ରେ 68 ଟି କ୍ଷୁଦ୍ର/ ଉପକ୍ଷୁଦ୍ର କେନାଲ ର ନିର୍ମାଣ (2008 ରୁ 2016) କରିଥିଲେ । ଅଡିଟ୍ ପରୀକ୍ଷା କରି ଦେଖିଲା ଯେ, ଯଦିଓ ଡିଷ୍ଟ୍ରୀବ୍ୟୁଟାରି ରୁ ପାଣିକୁ ୟୁଜିପିଏଲ କୁ ନେଇ ୟୁଜିପିଏଲ ମାଧ୍ୟମରେ ଜଳସେଚନ କରାଯାଉଥିଲା ଖୋଲା ଖନନ ପ୍ରକ୍ରିୟା ରେ ନିର୍ମାଣ କରାଯାଇଥିବା 68 ଟି କ୍ଷୁଦ୍ର/ ଉପକ୍ଷୁଦ୍ର କେନାଲ ଗୁଡିକ ତଳମୁଣ୍ଡକୁ ପାଣି ଯୋଗାଣ ନିମନ୍ତେ ବ୍ୟବହାର କରାଯାଉନଥିଲା । ତେଣୁ , 68 ଟି କ୍ଷୁଦ୍ର/ଉପକ୍ଷୁଦ୍ର କେନାଲ ର ନିର୍ମାଣ ରେ ହୋଇଥିବା ଖର୍ଚ୍ଚ ଅପଚୟ ହୋଇଥିଲା । ଅଡିଟ୍ ଦୁଇଟି ଉପକ୍ଷୁଦ୍ର କେନାଲ ( ଡାର୍ଲିପଡା ଏବଂ ଥାଗପଲ୍ଲୀ )ର ମିଳିତ ଯାଞ୍ଚ (ଅଗଷ୍ଟ 2019 ) ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତି ରେ କରି ପାଇଲେ ଯେ ସମଗ୍ର ପାଣି, ପାଣି ଗ୍ରହଣ କୁଅ ମାଧ୍ୟମ ଦେଇ ୟୁଜିପିଏଲ ମାଧ୍ୟମ ରେ କ୍ଷୁଦ୍ର/ଉପକ୍ଷୁଦ୍ର କେନାଲ କୁ ଛାଡି ସିଧାସଳଖ କିକିରିବେଡା ଡିଷ୍ଟ୍ରୀବ୍ୟୁଟାରି ରୁ ଜମିକୁ ଯୋଗାଣ ହେଉଥିଲା । ସରକାର କହିଲେ (ଜୁଲାଇ 2021) ଯେ, ଯେଉଁଠି କ୍ଷୁଦ୍ର ଏବଂ ଉପକ୍ଷୁଦ୍ର ଖୋଲା ପ୍ରଣାଳୀ ବ୍ୟବସ୍ଥା ଉପଲବ୍ଧ ଅଛି, ୟୁଜିପିଏଲ ସିଏଡି କାମ ସେଠାରୁ ପାଣି ଟାଣି ପାରୁଥିଲେ ଏବଂ ଏବଂ ଯେଉଁଠି ଏହା ଉପଲବ୍ଧ ନାହିଁ ୟୁଜିପିଏଲ ବଣ୍ଟନ ବ୍ୟବସ୍ଥା ରୁ ୟୁଜିପିଏଲ ସିଏଡି ବ୍ୟବସ୍ଥା କୁ ପାଣି ଯୋଗାଇ ଦିଆଯାଉଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ

ଅଡିଟ୍ ର ଟିପ୍ପଣୀ ମିଳିତ ଯାଞ୍ଚ ଆଧାର ରେ  ହୋଇଥିଲା । ପ୍ରସ୍ଥାନ ସମ୍ମିଳନୀ (ଅଗଷ୍ଟ 2021) ରେ ଇ-ଆଇ-ସି ଏହି ସମସ୍ୟା ଟିକୁ ଦୃଷ୍ଟି ଦେବାପାଇଁ ରାଜି ହୋଇଥିଲେ ।

**2021 ସୁଦ୍ଧା ସମାପ୍ତ କରିବାପାଇଁ ପ୍ରକଳ୍ପ ମୂଲ୍ୟ ପାଞ୍ଚ ଗୁଣ ବଦଳାଇ ₹1,925.63 କୋଟି ଟଙ୍କା(910 ପ୍ରତିଶତ) କରି 1,811.73 କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ( ମାର୍ଚ୍ଚ 2020) ଜମି ଅଧିଗ୍ରହଣରେ ବିଳମ୍ବ, ଆର ଏଣ୍ଡ ଆର ସହାୟତା ପ୍ରଦାନ ପରେ ମଧ୍ୟ ଡିପିମାନଙ୍କୁ ସ୍ଥାନାନ୍ତରଣ ନ କରିବା, ଜଳସେଚିତ କ୍ଷେତ୍ର ମାଡିବା ଇତ୍ୟାଦି କାରଣ ଯୋଗୁଁ ପ୍ରକଳ୍ପ ଟି ସଂପୂର୍ଣ୍ଣ ହୋଇପାରିନଥିଲା । ତଦ୍ୱାରା ନୂଆପଡା ଏବଂ ବଲାଙ୍ଗୀର ଜିଲ୍ଲାର ଚାଷୀ ମାନଙ୍କୁ ପରିକଳ୍ପିତ ସୁବିଧାରୁ ବଞ୍ଚିତ କରାଯାଇଥିଲା ।**

## 3.3.4 ରେଙ୍ଗାଲୀ ବହୁମୁଖୀ ପ୍ରକଳ୍ପ (ଆରଏଲବିସି/ଆରଆରବିସି)

ଯୋଜନା ଆୟୋଗ ରେଙ୍ଗାଲି ବହୁମୁଖୀ ପ୍ରକଳ୍ପର ଆନୁମାନିକ ମୂଲ୍ୟ 233.64 କୋଟି ଟଙ୍କା ରେ ଅନୁମୋଦିତ କରିଥିଲେ (ମାର୍ଚ୍ଚ 1978) । ଏହି ପ୍ରକଳ୍ପକୁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ବ୍ରାହ୍ମଣୀ ନଦୀ ଉପରେ ଏକ ବନ୍ଧ ନିର୍ମାଣ କରି 250 ମେଗାୱାଟ ଜଳବିଦ୍ୟୁତ ଉତ୍ପାଦନ ଏବଂ ବ୍ରାହ୍ମଣୀ ଡେଲ୍ଟାରେ 2,600 ବର୍ଗ କିଲୋମିଟର ପର୍ଯ୍ୟନ୍ତ ବନ୍ୟା ପରିସ୍ଥିତିକୁ ଉପଶମ କରିବାକୁ ଯୋଜନା କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଡ୍ୟାମର 34 କିଲୋମିଟର ନିମ୍ନରେ 533.40 ମିଟର ଦୈର୍ଘ୍ୟର ସମଲ ବ୍ୟାରେଜ ସହିତ ଦୁଇଟି ପ୍ରଧାନ ନିୟନ୍ତ୍ରକ ନିର୍ମାଣ ପାଇଁ ପ୍ରସ୍ତାବ ଦିଆ ଯାଇଥିଲା । ଏହା ଆରଆରବିସି ଏବଂ ଆରଏଲବିସି ମାଧମରେ 2.35 ଲକ୍ଷ ହେକ୍ଟର ଜଳସେଚନ ଯୋଗାଇବାକୁ ଲକ୍ଷ୍ୟ ରଖିଥିଲା । ଡ୍ୟାମ୍ ଏବଂ ବ୍ୟାରେଜ ନିର୍ମାଣ ଯଥାକ୍ରମେ 1985 ଏବଂ 1995 ରେ ସମାପ୍ତ ହୋଇଥିଲା । ଖାଦ୍ୟ ଶସ୍ୟର ବାର୍ଷିକ ଉତ୍ପାଦନ ରେ ବାସ୍ତବିକ ବୃଦ୍ଧି 1.33 ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଥିଲା । ଏହା ବ୍ୟତୀତ ଏହି ଅଞ୍ଚଳରେ ଜଳସେଚନର ଉନ୍ନତି ପରେ କୃଷିଭିତ୍ତିକ ଶିଳ୍ପ ଏବଂ ସମ୍ବନ୍ଧିତ ଆର୍ଥିକ କାର୍ଯ୍ୟକଳାପର ବିକାଶ ହେବାର ଥିଲା । ପ୍ରକଳ୍ପ ପ୍ରସ୍ତାବଗୁଡିକ ନିମ୍ନଲିଖିତ ଗୁଡିକୁ ନେଇ ଗଠିତ :



ରେଙ୍ଗାଲି ବହୁମୁଖୀ ପ୍ରକଳ୍ପ

95 କିଲୋମିଟର ଦୀର୍ଘ ମୁଖ୍ୟ କେନାଲ ଦେଇ 111.30 କ୍ୟୁମେକ୍ସ ଜଳ ବ୍ୟବହାର କରି ଅନୁଗୁଳ, ଢେଙ୍କାନାଳ, କଟକ ଏବଂ ଯାଜପୁର ଜିଲ୍ଲାରେ 1.21 ଲକ୍ଷ ହେକ୍ଟର ଜଳସେଚନ ଯୋଗାଇବା ପାଇଁ ଆରଆରବିସି ର ପରିକଳ୍ପନା କରାଯାଇଥିଲା । ଆୟାକଟକୁ 84,406 ହେକ୍ଟରକୁ ହ୍ରାସ କରାଯାଇଥିଲା ଏବଂ ମୂଳ ଆକଳନ 69.64 କୋଟି ଟଙ୍କା (ମାର୍ଚ୍ଚ 1978) କୁ 1,962.33 କୋଟି ଟଙ୍କା (2,818 ପ୍ରତିଶତ) ରେ ସଂଶୋଧିତ କରାଯାଇଥିଲା । ମାର୍ଚ୍ଚ 2020 ସୁଦ୍ଧା, 17,606 ହେକ୍ଟର ପର୍ଯ୍ୟନ୍ତ କେବଳ ପରୀକ୍ଷାମୂଳକ ଜଳସେଚନ ଯୋଗାଇ ଦିଆଯାଇଥିଲା । ଏହାର ମାଇନର ଏବଂ ଉପ-ମାଇନର ସହିତ ଶାଖା କେନାଲ ଗୁଡିକ ସମାପ୍ତ ହେବାପରେ ଅବଶିଷ୍ଟ ଆୟାକଟ ହାସଲ ହେବ । 2021-22 ମସିହାରେ 3,200.78 କୋଟି ଟଙ୍କା (4,596 ପ୍ରତିଶତ ବୃଦ୍ଧି ) ମୂଲ୍ୟରେ ଏହି ପ୍ରକଳ୍ପ ଶେଷ ହେବ ବୋଲି ବିଭାଗ ଆକଳନ କରିଥିଲା । ତେବେ ବିଭାଗ 2,267,19  କୋଟି ଟଙ୍କା (71 ପ୍ରତିଶତ) ଖର୍ଚ୍ଚ କରିବା ପରେ 17,606 ହେକ୍ଟର (21 ପ୍ରତିଶତ)  ଜଳସେଚନ ସମ୍ଭାବନା ସୃଷ୍ଟି କରିପାରିଥିଲା ।

ମାର୍ଚ୍ଚ 1978 ରେ 151.86 କ୍ୟୁମେକ୍ସ ଜଳ ବ୍ୟବହାର କରି ଅନୁଗୁଳ, ଢେଙ୍କାନାଳ, ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାରେ 1.14 ଲକ୍ଷ ହେକ୍ଟର ଜଳସେଚନ ଯୋଗାଇବା ପାଇଁ ଆରଏଲବିସି 164 କୋଟି ଟଙ୍କାରେ ଅନୁମୋଦନ କରାଯାଇଥିଲା । ଚାରୋଟି ପର୍ଯ୍ୟାୟରେ କେନାଲର ନିର୍ମାଣ କାର୍ଯ୍ୟ  ହାତକୁ ନିଆଯାଇଥିଲା ଯାହା ନିମ୍ନ ସାରଣୀରେ ଦିଆଗଲା :

**ସାରଣୀ 3.8: ପ୍ରକଳ୍ପର ପର୍ଯ୍ୟାୟ ଭିତ୍ତିକ ସ୍ଥିତି**

| ପର୍ଯ୍ୟାୟର ନାମ | ଦୂରତା [18] | ସମାପ୍ତିର ବର୍ଷ | ଡିଜାଇନ ଆୟାକଟ | ଋଣ ସହାୟତା |
|---|---|---|---|---|
| ପ୍ରଥମ ପର୍ଯ୍ୟାୟ | ଆରଡି 0 ରୁ 29.18 କି.ମି | 2003-04 | 8,483 ହେକ୍ଟର | 173.53 କୋଟି ଟଙ୍କା ରେ ଜଳସମ୍ପଦ ଏକତ୍ରୀକରଣ ପ୍ରକଳ୍ପ (ଡବ୍ଲ୍ୟୁଆରସିପି) |
| ଦ୍ୱିତୀୟ ପର୍ଯ୍ୟାୟ | ଆରଡି 29.18 ଠାରୁ 71.31 କିମି | 2012-13 | 26,946 ହେକ୍ଟର | ଜାଇକା ରୁ 627.16 କୋଟି ଟଙ୍କା ଋଣ |
| ତୃତୀୟ ପର୍ଯ୍ୟାୟ | ଆରଡି 71.31 ଠାରୁ 123.50 କିମି | ଅଗ୍ରଗତିରେ | 39,416 ହେକ୍ଟର | ରାଜ୍ୟ ଯୋଜନା ପାଣ୍ଠିର 799.69 କୋଟି ଟଙ୍କା ଏବଂ ଜାଇକା ଋଣରୁ 1,787.30 କୋଟି ଟଙ୍କା |
| ଚତୁର୍ଥ ପର୍ଯ୍ୟାୟ | ଆରଡି 123.50 ଠାରୁ 141.00 କିମି | କାର୍ଯ୍ୟ ଆରମ୍ଭ ହୋଇନାହିଁ | | |

(ଉତ୍ସ: - ସମୀକ୍ଷା ଦ୍ୱାରା ପ୍ରକଳ୍ପ ଅଧିକାରୀ ମାନଙ୍କ ନଥିରୁ ସଂକଳିତ)

ଯଦିଓ 71.31 କିଲୋମିଟର ପର୍ଯ୍ୟନ୍ତ ଆରଏଲବିସିର ଡିଜାଇନ୍ ହୋଇଥିବା ଆୟାକଟ 35,429 ହେକ୍ଟର ଥିଲା, ବିଭାଗୀୟ ଯାଞ୍ଚ ରିପୋର୍ଟ ଅନୁଯାୟୀ ହାସଲ ହୋଇଥିବା ପ୍ରକୃତ ଆୟାକଟ୍ ମାତ୍ର 28,471 ହେକ୍ଟର (80 ପ୍ରତିଶତ) ଥିଲା । ଏହି ପ୍ରକଳ୍ପ ର ମୂଲ୍ୟ 164 କୋଟି ଟଙ୍କାର ମୂଳ ମୂଲ୍ୟରୁ ମଧ 6,469.27 କୋଟି ଟଙ୍କା (3,945 ପ୍ରତିଶତ) କୁ ବୃଦ୍ଧି ହୋଇଥିଲା ଓ ଆରଡି 123.50 କିଲୋମିଟରରୁ 141.00 କିଲୋମିଟର ପର୍ଯ୍ୟନ୍ତ କେନାଲର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇନଥିବା କାରଣରୁ 74,845 ହେକ୍ଟର (34 ପ୍ରତିଶତ) ଆୟାକଟକୁ ହ୍ରାସ ହୋଇଥିଲା । ପ୍ରକଳ୍ପର ଉପାଦାନଗୁଡିକର ଅନୁପଯୁକ୍ତ ଯୋଜନା ଏବଂ କାର୍ଯ୍ୟକାରିତା ହେତୁ ମୂଲ୍ୟ ବୃଦ୍ଧି ହୋଇଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦ ରେ ଆଲୋଚନା କରାଯାଇଛି ।

### 3.3.4.1 ଅଭିଳଷିତ ଉଦେଶ୍ୟ ସହିତ ପ୍ରକଳ୍ପ ବିତରଣର ମୂଲ୍ୟାଙ୍କନ

ପ୍ରକଳ୍ପଗୁଡିକର ଡିପିଆର ଗୁଡିକ କେବଳ ପରିକଳ୍ପିତ ଆୟାକଟକୁ ଜଳସେଚନ ଯୋଗାଇବା ପାଇଁ ଧାର୍ଯ୍ୟ କରାଯାଇଥିଲା । ପ୍ରକଳ୍ପ ଗୁଡିକରେ ପ୍ରସ୍ତାବିତ ଏବଂ ହାସଲ ହୋଇଥିବା ଉପାଦାନ ଅନୁଯାୟୀ ଆଇପିର ସବିଶେଷ ତଥ୍ୟ ଏବଂ ସମୀକ୍ଷା ମନ୍ତବ୍ୟ ର ସୂଚନା ନିମ୍ନ ସାରଣୀରେ ଦିଆଯାଇଅଛି :

**ସାରଣୀ ସଂଖ୍ୟା 3.9: ଆରଆରବିସି ଏବଂ ଆରଏଲବିସି ର ଉପାଦାନ ଅନୁଯାୟୀ ଆଇପିର ଅଦ୍ୟାବଧି ଲକ୍ଷ୍ୟ ଏବଂ ସଫଳତା**

| ପ୍ରକଳ୍ପର ନାମ | ପ୍ରକଳ୍ପର ଉପାଦାନ | କେନାଲର ଡିଜାଇନ ଲମ୍ବ (କି.ମି ରେ) | ସମାପ୍ତ ହୋଇଥିବା କେନାଲର ଲମ୍ବ (କି.ମି ରେ) | ଅନ୍ତର୍ଭୁକ୍ତ ଖର୍ଚ୍ଚ (ଟଙ୍କା କୋଟି ରେ) | ପ୍ରସ୍ତାବିତ ଆଇପି (ହେକ୍ଟର ରେ) | ହାସଲ ଆଇପି (ହେକ୍ଟର ରେ) | ସମୀକ୍ଷା ମନ୍ତବ୍ୟ ର ସାରାଂଶ |
|---|---|---|---|---|---|---|---|
| ଆରଆରବିସି | ପ୍ରଥମ ଦଫାରେ ସମାପ୍ତ ମୁଖ୍ୟ କେନାଲ ସହିତ ଚାରୋଟି ଶାଖା କେନାଲ | 165 | 165 | 1,353.59 | 33,700 | 17,606 | ଶାଖା କେନାଲ ଗୁଡିକର ନିର୍ମାଣ ରେ ବିଳମ୍ବ ଏବଂ ଜଳସେଚିତ କ୍ଷେତ୍ରରେ ଶିଳ୍ପୀକରଣ ଆଇପି ର କମ ସୃଷ୍ଟି ର କାରଣ |
| | ଦର୍ପଣୀ ଶାଖା କେନାଲ | 97.5 | 42.18 | 201.08 | 50,147 | 0 | ଜମି ଅଧିଗ୍ରହଣ ପ୍ରକ୍ରିୟା ରେ ବିଳମ୍ବ ଯୋଗୁଁ ଶାଖା କେନାଲ ଗୁଡିକର ନିର୍ମାଣ ସ୍ଥାନେ ସ୍ଥାନେ କରାଯାଇଥିଲା ଯାହା ଚାଲୁ ରହିଥିଲା । |
| | ନରସିଂହପୁର ଶାଖା କେନାଲ | 46.46 | 18.37 | 61.90 | 11,109 | 0 | |
| | ଆଠଗଡ ଶାଖା କେନାଲ | 24.26 | 11.31 | 49.61 | 5,544 | 0 | |
| | ଉଠା ପ୍ରକଳ୍ପ | - | - | - | 20,700 | 0 | ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ |

[18] ଦୂରତାକୁ ସୂଚିତ କରିବା ପାଇଁ ସର୍ବେକ୍ଷଣରେ ଚେନେଜ ଶବ୍ଦ ବ୍ୟବହୃତ ହୁଏ

| ପ୍ରକଳ୍ପର ନାମ | ପ୍ରକଳ୍ପର ଉପାଦାନ | କେନାଲର ଡିଜାଇନ ଲମ୍ବ (କି.ମି ରେ) | ସମାପ୍ତ ହୋଇଥିବା କେନାଲର ଲମ୍ବ (କି.ମି ରେ) | ଅର୍ନ୍ତଭୁକ୍ତ ଖର୍ଚ୍ଚ (ଟଙ୍କା କୋଟି ରେ) | ପ୍ରସ୍ତାବିତ ଆଇପି (ହେକ୍ଟର ରେ) | ହାସଲ ଆଇପି (ହେକ୍ଟର ରେ) | ସମୀକ୍ଷା ମନ୍ତବ୍ୟ ର ସାରାଂଶ |
|---|---|---|---|---|---|---|---|
| ଆରଏଲବିସି | ପ୍ରଥମ ଦଫାରେ ଆରଡି 0 ଠାରୁ 29.18 କିମିସହିତ ସମାପ୍ତ ହୋଇଥିବା ଗୋଟିଏ ଶାଖା କେନାଲ | 58.63 | 58.63 | 366.89 | 8,483 | 28,471 | ମୁଖ୍ୟ ଏବଂ ଶାଖା କେନାଲ ନିର୍ବାହ ରେ ବିଳମ୍ବ ଏବଂ ଏମଆଇ ପ୍ରକଳ୍ପ ଗୁଡିକର ଦ୍ୱାରା ଜଳସେଚିତ କ୍ଷେତ୍ର ମାଡିବା ଯୋଗୁଁ ଆଇପି ର କମି ହୋଇଥିଲା |
| | ଦ୍ୱିତୀୟ ଦଫାରେ ଆରଡି 29.18 ଠାରୁ 71.31 କିମି ସହିତ ସମାପ୍ତ ହୋଇଥିବା ଗୋଟିଏ ଶାଖା କେନାଲ | 76.91 | 76.91 | 1,185.41 | 26,946 | | |
| | ତୃତୀୟ ଦଫାରେ ଆରଡି 71.31 ଠାରୁ 100.49 କିମି ସହିତ ସମାପ୍ତ ହୋଇଥିବା ଦୁଇଟି ଶାଖା କେନାଲ | 71.66 | 43.37 | 610.52 | 19,650 | 0 | ଯେହେତୁ କେନାଲ କାମ ଗୁଡିକ ଚାଲୁ ରହିଥିଲା କୌଣସି ଜଳସେଚିତ କ୍ଷେତ୍ର ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନଥିଲା । |
| | ଆରଡି 100.49 ଠାରୁ 123.50 କିମି | 23.01 | 0 | 0 | 19,766 | 0 | ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ |
| | ଆରଡି 123.50 ଠାରୁ 141.00 କିମି | 17.5 | 0 | 0 | 27,139 | 0 | |
| | ଉଠା ପ୍ରକଳ୍ପ | - | 19 | 26.35 | 12,316 | 0 | ସଠିକ ରକ୍ଷଣାବେକ୍ଷଣ / ଦେଖା ରଖା ର ଅଭାବ ଯୋଗୁଁ ଉଠା ପ୍ରକଳ୍ପ ଗୁଡିକ ଅକାମି ରହିଥିଲା |
| | **ମୋଟ** | | | | **2,35,500** | **46,077** | ଜଳସେଚିତ କ୍ଷେତ୍ରର ପ୍ରକୃତ ବ୍ୟବହାର ନିଶ୍ଚିତ କରାଯାଇ ପାରିନଥିଲା ଯେହେତୁ ସୃଷ୍ଟି କରାଯାଇଥିବା ଜଳସେଚିତ କ୍ଷେତ୍ର ରାଜସ୍ୱ ଅଧିକାରୀଙ୍କ ସହିତ ମିଳିତଯାଞ୍ଚ ଦ୍ୱାରା ପ୍ରମାଣୀକୃତ କରାଯାଇନଥିଲା । 30 ଟି ପିପି ରେ ପୁନଃ ନିର୍ବାଚନ ନ କରି 69 ଟି ପିପି ସ୍ଥାନରେ 67 ଟି ପିପି ର ଗଠନ ହୋଇଥିଲା |
| | | | | | | | |

(ଉତ୍ସ: - ସମୀକ୍ଷା ଦ୍ୱାରା ପ୍ରକଳ୍ପ ଅଧିକାରୀ ମାନଙ୍କ ନଥିରୁ ସଂକଳିତ)

ସମୀକ୍ଷା ବିଶ୍ଳେଷଣ ଏବଂ ପରୀକ୍ଷଣ ଯାଞ୍ଚ ହୋଇଥିବା ପ୍ରକଳ୍ପଗୁଡିକର ଉପାଦାନଗୁଡିକ ଉପରେ ଦେଖାଯାଇଥିବା ଅଭାବଗୁଡିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଗଲା । ସମୀକ୍ଷା ଏହା ମଧ ଦେଖିଲା ଯେ

ନମୁନା ଯାଞ୍ଚ ପ୍ରକଳ୍ପରେ ବାରମ୍ବାର ସର୍ଭେ ଏବଂ ଯୋଜନା, ଆୟାକଟ ମାଡିଯିବା, ଆୟାକଟ ର ସ୍ୱଳ୍ପ ସୃଷ୍ଟି, ଜମି ଅଧିଗ୍ରହଣ ରେ ବିଳମ୍ବ ଏବଂ ଅନ୍ୟାନ୍ୟ କାରଣ ହେତୁ ଡିଜାଇନ ହୋଇଥିବା ଆଇପି ହାସଲ ହୋଇପାରିଲା ନାହିଁ ଯାହା ନିମ୍ନରେ ପୁଙ୍ଖାନୁପୁଙ୍ଖ ଭାବରେ ଦିଆଗଲା :

## 3.3.4.2 ଡିପିଆର ରେ କମି

- **ବାରମ୍ବାର ସର୍ଭେ ଏବଂ ଯୋଜନା ଯୋଗୁଁ ପରିହାର୍ଯ୍ୟ ଖର୍ଚ୍ଚ**

ଆରଆରବିସି ର ଇଇ ଦର୍ପଣୀ, ନରସିଂହପୁର ଏବଂ ଆଠଗଡ ଶାଖା କେନାଲ ର ସର୍ଭେ, ଯୋଜନା , ଅଣୁ ଜଳଯୋଜନା ର ଡିଜାଇନ କାମ କୁ ପାଞ୍ଚ ଟି ଠିକାଦାର କୁ  ମାର୍ଚ୍ଚ 2011 ସୁଦ୍ଧା ସାରିବା ନିମନ୍ତେ 1.71 କୋଟି ଟଙ୍କାରେ ପ୍ରଦାନ କରିଥିଲେ । ଏହି ଠିକାଦାର ମାନେ 62,838 ହେକ୍ଟର ର  ଅଣୁଯୋଜନା  ଡାଟା ଯୋଗାଇ ଥିଲେ ଯେଉଁଥିରେ ଶାଖା କେନାଲ ଓ ଯୋଗାଣ ବ୍ୟବସ୍ଥା ର ନିର୍ମାଣ ଅନ୍ତର୍ଭୁକ୍ତ ଥିଲା । ଯେତେବେଳେ ଶାଖା କେନାଲ ର ନିର୍ମାଣ କରାଗଲା, ଯୋଗାଣ ବ୍ୟବସ୍ଥା ର କାମ ଯୋଜନା ଅନୁଯାୟୀ କରାଯାଇନଥିଲା ।

ସମସ୍ତ ଆୟାକଟ୍ କୁ ଜଳସେଚନ ଯୋଗାଇବା ନିମନ୍ତେ ଇଇ, ଦକ୍ଷିଣ କେନାଲ ବିଭାଜନ ନଂ 1ଖୁଣ୍ଟୁଣୀ ପୁଣି ଥରେ ଅଣୁ ଯୋଜନା ଯେପରିକି  ଶାଖା କେନାଲ ଗୁଡିକର ଯୋଗାଣ ବ୍ୟବସ୍ଥା ଗୋଟିଏ ଠିକାଦାର କୁ ପ୍ରଦାନ କରିଥିଲେ ତା ଫଳରେ ରାଜ୍ୟ ରାଜକୋଷ କୁ 5.47 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ  ଖର୍ଚ୍ଚ  କରିବାକୁ ପଡିଥିଲା ।
ସରକାର କହିଲେ (ଜୁଲାଇ 2021) ଯେ ୟୁଜିପିଏଲ ର ଅଣୁ ଯୋଜନା 5.47 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା ଯାହାକି ଯୋଗାଣ ବ୍ୟବସ୍ଥାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ସଠିକ ସର୍ଭେ କରିବା ପରେ ଡିଷ୍ଟ୍ରିବ୍ୟୁଟାରୀ ଓ କ୍ଷୁଦ୍ର/ଉପ କ୍ଷୁଦ୍ର କେନାଲ ଗୁଡିକର ଅଣୁ ଯୋଜନା କରିବା ପାଇଁ ଠିକାଦାର ମାନଙ୍କୁ (ମାର୍ଚ୍ଚ 2011) ଟଙ୍କା ଦିଆଯାଇଥିଲା । ଏହିପରି ଅଣୁ ଯୋଜନା ପାଇଁ ଆଉଥରେ କାମ ପ୍ରଦାନ କରିବା ଆବଶ୍ୟକ ନଥିଲା । ପ୍ରସ୍ଥାନ ସମ୍ମିଳନୀ ରେ ଇ-ଆଇ-ସି କହିଲେ (ଅଗଷ୍ଟ 2021) ଯେ ଏହି ବିଷୟକୁ ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯିବ ।

## 3.3.4.3 ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକରେ ଜଳର ଉପଲବ୍ଧତା ର ଆକଳନ

- **ଡ଼ିଷ୍ଟ୍ରିବ୍ୟୁଟାରୀ ମାଧ୍ୟମରେ ଜଳଯୋଗାଣ ନହେବା**

ଆରଆରବିସି ଆରଡ଼ି 00 ଠାରୁ 79 କିମି ର ନିର୍ମାଣ ପରୀକ୍ଷାମୂଳକ ଜଳସେଚନ ସହିତ 2015-16 ରୁ ସମାପ୍ତ ହୋଇଥିଲା ।135 ହେକ୍ଟର ଆୟାକଟ୍ ପାଇଁ ଆରଡି 210 ମିଟର ରୁ ଆରମ୍ଭ ହୋଇଥିବା ଡିଷ୍ଟ୍ରୀବ୍ୟୁଟାରୀ ମଧ୍ୟ ସମାପ୍ତ ହୋଇଥିଲା (2016) ।  ଅଡ଼ିଟ୍ ରୁ ଜଣାଗଲା ଯେ କେନାଲର ଜଳସ୍ତର ଠାରୁ  ଜଳ ନିର୍ଗମ ସ୍ଥଳ ଦୁଇଫୁଟ ଉଚ୍ଚାରେ ଥିବାରୁ ଡ଼ିଷ୍ଟ୍ରୀବ୍ୟୁଟାରୀ ମାଧ୍ୟମ ରେ ଜଳ ଯୋଗାଣ ହୋଇନଥିଲା । ଅଡ଼ିଟ୍ ବିଭାଗୀୟ ପ୍ରତିନିଧି ମାନଙ୍କ ସହ ମିଶି ମିଳିତ ଯାଞ୍ଚ କରି ଦେଖିଲେ ଯେ ଡିଜାଇନ ଅନୁଯାୟୀ ଜଳଯୋଗାଣ ହୋଇନଥିଲା । ଅଡ଼ିଟ୍ କେନାଲ ନିକଟ ରେ ଜମି ଥିବା ଚାଷି ଙ୍କ ସହ କଥା ହୋଇ ମଧ୍ୟ ନିଶ୍ଚିତ ହେଲେ ଯେ ଏହି କେନାଲ ମାଧ୍ୟମରେ ଜଳ ଛଡ଼ାଯାଇନାହିଁ । ସିସିଇ ଙ୍କ ଦ୍ୱାରା ଡିଜାଇନ ସ୍ତରର ଜଳ ଯୋଗାଣ କରା ନଯିବାରୁ ଡ଼ିଷ୍ଟ୍ରୀବ୍ୟୁଟାରୀକୁ ଜଳସେଚନ ପାଇଁ ଜଳଯୋଗାଣ ହୋଇପାରି ନଥିଲା ।

ସରକାର କହିଲେ (ଜୁଲାଇ 2021) ଯେ ମୁଖ୍ୟ କେନାଲ ରେ ପୂର୍ଣ୍ଣ ଯୋଗାଣ ସ୍ତର ବଜାୟ ରଖି ନପାରିବା ଫଳରେ ଡ଼ିଷ୍ଟ୍ରୀବ୍ୟୁଟାରୀ ରେ ଜଳ ଯୋଗାଣ ହୋଇପାରିନଥିଲା । ପ୍ରମାଣତଃ, ବର୍ତ୍ତମାନ ଡ଼ିଷ୍ଟ୍ରୀବ୍ୟୁଟାରୀ ମାଧ୍ୟମ ରେ 135 ହେକ୍ଟର ର ଜମି କୁ ଜଳସେଚନ ର ଆଶା କ୍ଷୀଣ ଦେଖାଯାଏ ।

## 3.3.4.4 ଆୟାକଟ ମାଡିବା

7,216 ହେକ୍ଟରକୁ ଜଳସେଚନ ଯୋଗାଇବା ପାଇଁ ଆରଏଲବିସି ର ଆରଡି 75.71 କିଲୋମିଟର ଠାରେ ଭୂବନ ଶାଖା କେନାଲ ସହିତ ଏହାର ବିତରଣକାରୀ ମାନଙ୍କ ନିର୍ମାଣ କାର୍ଯ୍ୟ 85.25 କୋଟି ଟଙ୍କାରେ ଡିସେମ୍ବର 2016 ରୁ ଅଗଷ୍ଟ 2018 ମଧ୍ୟରେ ଆରମ୍ଭ ହୋଇ ଡିସେମ୍ବର 2018 ରୁ ଅଗଷ୍ଟ 2020 ମଧ୍ୟରେ ଶେଷ ହେବାର ଥିଲା ।

ବିଦ୍ୟମାନ ଦମସାଲ ଏମଆଇପି ର କେନାଲ ଯାହାର 1,500 ହେକ୍ଟର ଆୟାକଟ ଥିଲା ତାକୁ ପ୍ରଶସ୍ତ କରି ଶାଖା କେନାଲ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଥିଲା । ଭୁବନ ଶାଖା କେନାଲର ଡିପିଆରରେ ଦମସାଲ ଏମଆଇପି ର ଆୟାକଟ ଦେଖାଯାଇ ନଥିଲା । ବିତରଣ ବ୍ୟବସ୍ଥାର କାର୍ଯ୍ୟ ଚାଲିଥିଲା । କେନାଲଟି ସମ୍ପୂର୍ଣ୍ଣ ହୋଇନଥିଲା କିନ୍ତୁ 2019-20 ରେ ପରୀକ୍ଷଣ ଜଳସେଚନ ମାଧ୍ୟମରେ 2,000 ହେକ୍ଟର କୁ ଜଳ ଯୋଗାଇ ଦିଆଯାଇଥିଲା । ଏଥିମଧ୍ୟରୁ 1,500 ହେକ୍ଟର ବିଦ୍ୟମାନ ଦମସାଲ ଏମଆଇପି ମାଧ୍ୟମରେ ହାସଲ ହୋଇଥିଲା । ଫଳତଃ, ଏପର୍ଯ୍ୟନ୍ତ 43.78 କୋଟି ଟଙ୍କା ବ୍ୟୟ ପରେ କେବଳ ଅତିରିକ୍ତ 500 ହେକ୍ଟର ଜଳସେଚିତ ହୋଇଥିଲା ।

ବାସ୍ତବ ସ୍ଥିତିକୁ ଗ୍ରହଣ କରି ସରକାର ପ୍ରକାଶ କଲେ (ଜୁଲାଇ 2021) ଯେ, ଭୁବନ ଶାଖା କେନାଲର ଉପର ଅଣକମାଣ୍ଡ ଜୋନରେ ନୂତନ ଆୟାକଟ ସୃଷ୍ଟି ପାଇଁ ଦମସାଲ ଏମଆଇପିର ଅବ୍ୟବହୃତ ଷ୍ଟୋରେଜ୍ ଜଳ ବ୍ୟବହାର କରାଯିବ । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଡିପିଆରରେ ଦମସାଲ ଏମଆଇପି ସମ୍ବନ୍ଧୀୟ ଆୟାକଟ୍ ନ ଦେଖାଇ ଆଇପି ସୃଷ୍ଟି କରିବାକୁ ପ୍ରସ୍ତାବ ଦିଆଯାଇଥିଲା ।

### 3.3.4.5 ଆୟାକଟର ସ୍ୱଳ୍ପ ସୃଷ୍ଟି

ଉଠା ଜଳସେଚନ ମାଧ୍ୟମରେ 12,316 ହେକ୍ଟର ସହିତ 1,14,300 ହେକ୍ଟରକୁ ଜଳସେଚନ ଯୋଗାଇବା ପାଇଁ ଆରଡି 00 ମିଟରରୁ 141.00 କିଲୋମିଟର ପର୍ଯ୍ୟନ୍ତ ଆରଏଲବିସି ର ପରିକଳ୍ପନା କରାଯାଇଥିଲା । ଆରଡି 123.50 କିଲୋମିଟର ପର୍ଯ୍ୟନ୍ତ କେନାଲର ପରିକଳ୍ପନା ହୋଇଥିବା ଆୟାକଟ 74,845 ହେକ୍ଟର ଥିଲା । କେନାଲଟି ଆରଡି 71.31 କିଲୋମିଟର ପର୍ଯ୍ୟନ୍ତ 35,429 ହେକ୍ଟର ଆୟାକଟ ସହିତ ସମ୍ପୂର୍ଣ୍ଣ ହୋଇଥିଲା । 39,416 ହେକ୍ଟର ଆୟାକଟ ସହିତ ଆରଡି 71.31 କିଲୋମିଟରରୁ 123.50 କିଲୋମିଟର ପର୍ଯ୍ୟନ୍ତ ସଂମ୍ପୂର୍ଣ୍ଣ ହୋଇଥିବା କେନାଲ କାର୍ଯ୍ୟ ଚାଲିଥିଲା ଏବଂ19,033 ହେକ୍ଟର ଆୟାକଟ୍ ପାଇଁ ଆରଡି 123.50 ରୁ 141.00 କିଲୋମିଟର ପର୍ଯ୍ୟନ୍ତ ଅବଶିଷ୍ଟ କେନାଲ କାର୍ଯ୍ୟ ଏ ପର୍ଯ୍ୟନ୍ତ ହୋଇନଥିଲା । ଏହିପରି, ସମୁଦାୟ ଆୟାକଟ 93,878 ହେକ୍ଟର ହେବାକଥା । ବିଭାଗ ଦ୍ୱାରା ଆୟାକଟ୍ ଯାଞ୍ଚରେ ଏବା ଜଣାପଡିଲା ଯେ ପ୍ରକୃତ ଆୟାକଟ ମାତ୍ର 78,859 ହେକ୍ଟର[19] ହୋଇଥିଲା ଏବଂ 35,441 ହେକ୍ଟର ଅଭାବ ରହିଥିଲା (1,14,300ହେକ୍ଟର – 78,859 ହେକ୍ଟର) । ଆୟାକଟର ହ୍ରାସ ମୁଖ୍ୟତଃ କାର୍ଯ୍ୟର ତ୍ରୁଟିପୂର୍ଣ୍ଣ ନିର୍ମାଣ ଏବଂ ଏମଆଇ ପ୍ରକଳ୍ପ ଗୁଡିକର ଆଚ୍ଛାଦନ ଯୋଗୁଁ ହୋଇଥିଲା । ଉଠା ପ୍ରକଳ୍ପ ମାଧ୍ୟମରେ 12,316 ହେକ୍ଟର ଉପର ଜମିକୁ ଜଳସେଚନ ଯୋଗାଇବାରେ ମଧ ଅନିଶ୍ଚିତତା ରହିଥିଲା କାରଣ 2004-05 ପରଠାରୁ ଇଇ, ଉଠା ଜଳସେଚନ ବିଭାଗ, ଢେଙ୍କାନାଳରେ 26.35 କୋଟି ଟଙ୍କା ଜମା ସତ୍ତ୍ୱେ କୌଣସି ଜଳସେଚନ ଯୋଗାଇ ଦିଆଯାଇ ପାରିନଥିଲା ।

ସରକାର ପ୍ରକାଶ କଲେ (ଜୁଲାଇ 2021) ଯେ, ଆରଏଲବିସି ସମ୍ପୂର୍ଣ୍ଣ ହେଲାପରେ ଏହାର ସମୁଦାୟ ଆୟାକଟ ଡିଜାଇନ ଆୟାକଟ ର ପାଖାପାଖି ହୋଇପାରେ । ଆରଡି 00 କିଲୋମିଟରରୁ 71.31 କିଲୋମିଟର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇଥିବା କେନାଲର ଅଂଶ 35,429 ହେକ୍ଟର ଡିଜାଇନ ଆୟାକଟରୁ କେବଳ 28,471 ହେକ୍ଟର (80 ପ୍ରତିଶତ) ଆୟାକଟ ହାସଲ ସମ୍ବନ୍ଧରେ ଉତ୍ତର ନୀରବ ଅଟେ । ତେଣୁ ସମ୍ପୂର୍ଣ୍ଣ ହେବାପରେ ଡିଜାଇନ ଆୟାକଟ ହାସଲ ର ସଫଳତା ସୁଦୁର ଅଟେ ।

### 3.3.4.6 ଜମିର ପରିଚାଳନା

- **ବେସରକାରୀ ଜମିର ଅଧିଗ୍ରହଣ ଏବଂ ସରକାରୀ ଜମିର ହସ୍ତାନ୍ତର**

ସମସ୍ତ ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ପାଇଁ ବେସରକାରୀ ଜମି ଅଧିଗ୍ରହଣର ଆବଶ୍ୟକତା ଏବଂ ସରକାରୀ ଜମି ର ହସ୍ତାନ୍ତର ନିମ୍ନରେ ଦିଆଯାଇଛି ।

[19] 71.33 କିଲୋମିଟର ପର୍ଯ୍ୟନ୍ତ କେନାଲର ଯାଞ୍ଚ ହୋଇଥିବା ଆୟାକଟ ଥିଲା 21,910 ହେକ୍ଟର 17 ଏମଆଇ ର 1,484 ହେକ୍ଟର ପାଇଁ ଆୟାକଟ୍ ବାଦ ଦିଆଯାଇଛି) + 71.33 ରୁ 123 କିଲୋମିଟର ପର୍ଯ୍ୟନ୍ତ ଆୟାକଟ୍ 37,916 ହେକ୍ଟର ଥିଲା (ଗୋଟିଏ ଏମଆଇପି ର 1,500 ହେକ୍ଟର ମାଡିଯାଇଥିଲା) + ତାପରେ 19,033 ହେକ୍ଟର ।

**ସାରଣୀ-3.10: ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକ ଥିବା ଏବଂ ଅଧିଗ୍ରହଣ ହୋଇଥିବା ଜମି ଦର୍ଶାଉଥିବା ବିବରଣ**

(ଏକର ରେ)

| ପ୍ରକଳ୍ପ ର ନାମ | ଆବଶ୍ୟକ ଜମି | | | ଅଧିଗ୍ରହିତ / ହସ୍ତାନ୍ତରିତ ଜମି | | | ବଳକା | | |
|---|---|---|---|---|---|---|---|---|---|
| | ସରକାରୀ ଜମି | ବେସରକାରୀ ଜମି | ମୋଟ | ସରକାରୀ ଜମି | ବେସରକାରୀ ଜମି | ମୋଟ | ସରକାରୀ ଜମି | ବେସରକାରୀ ଜମି | ମୋଟ |
| ଆରଆରବିସି | 375.43 | 7,637.34 | 8,012.77 | 375.43 | 1,768.69 | 2,144.12 | 0 | 5,868.65 | 5,868.65 |
| ଆରଏଲବିସି | 1,866.25 | 2932.39 | 4798.64 | 1,866.25 | 1,976.87 | 3,843.12 | 0 | 955.52 | 955.52 |
| ମୋଟ | **2,241.68** | **10,569.73** | **12,811.41** | **2,241.68** | **3,745.56** | **5,987.24** | **0** | **6,824.17** | **6,824.17** |

(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)

ଉପରୋକ୍ତ ସାରଣୀରୁ ଏହା ଦେଖାଯାଇପାରେ ଯେ ପରୀକ୍ଷା ଯାଞ୍ଚ ହୋଇଥିବା ଦୁଇଟି ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା 10,569.73ଏକର ବେସରକାରୀ ଜାଗା ବିରୁଦ୍ଧରେ ଜମି ଅଧିଗ୍ରହଣ ଅଧିକାରୀ (ଏଲଏଓ) ଏହି କାମ ପାଇଁ ପାଣ୍ଠି ଉପଲବ୍ଧ ଥିବା ସତ୍ତ୍ୱେ କେବଳ 3,745.56 ଏକର (ଶତକଡା 35 ପ୍ରତିଶତ) ଅଧିଗ୍ରହଣ କରିପାରିଥିଲେ ଏବଂ ଅବଶିଷ୍ଟ 6,824.17 ଏକର ଏରିଆ ଅଧିଗ୍ରହଣ ହୋଇନଥିଲା । ତାହାଛଡା, ବଣ୍ଟନ ବ୍ୟବସ୍ଥା ନିମନ୍ତେ ଜମି ଅଧିଗ୍ରହଣ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ ।

ଓପିଡବ୍ଲୁ କୋଡ୍ ସୂଚାଉଥିଲା ଯେ ଜମିର ଉପଲବ୍ଧତା ବିନା କୌଣସି କାମ ଆରମ୍ଭ ହେବାକଥା ନୁହେଁ । ଏପରିକି କୌଣସି ପ୍ରକଳ୍ପ/କାମ ନିର୍ବାହ କରିବା ପୂର୍ବରୁ ଜମି ଅଧିଗ୍ରହଣ ସରିଥିବା ଦରକାର । ନିମ୍ନଲିଖିତ କ୍ଷେତ୍ରରେ ଠିକ୍ ସମୟରେ ଜମି ଅଧିଗ୍ରହଣ ନ ହେବା ଯୋଗୁଁ କାମ ନିର୍ବାହ / ଆରମ୍ଭ ରେ ବିଳମ୍ବ ହୋଇଥିଲା ।

- **ଅଧିଗ୍ରହଣରେ ବିଳମ୍ବ ଯୋଗୁଁ ପ୍ରକଳ୍ପମୂଲ୍ୟ ରେ ବୃଦ୍ଧି**

ଭାରତ ସରକାର ଆରଆରବିସି ର ନିର୍ମାଣ ପାଇଁ ନିବେସ ମଞ୍ଜୁରି ଜାରୀ କରିଥିଲେ ( 1978 ମଧ୍ୟରେ) । କେନାଲ ଗୁଡିକର ଗତିପଥ ସ୍ଥିରୀକୃତ ନହୋଇଥିବା ଯୋଗୁଁ ଆରଆରବିସି ର ଶାଖା କେନାଲ, କ୍ଷୁଦ୍ର ଏବଂ ଉପକ୍ଷୁଦ୍ର କେନାଲ ପାଇଁ ଆବଶ୍ୟକ ଜମି 2013 ସୁଦ୍ଧା ଅଧିଗ୍ରହଣ ହୋଇନଥିଲା । ତିନୋଟି ଶାଖା କେନାଲ ଏବଂ ପାଞ୍ଚଟି ଡିଷ୍ଟ୍ରିବ୍ୟୁଟାରି ର ନିର୍ମାଣ ପାଇଁ ଆବଶ୍ୟକ 2,798 ଏକର ଜମି ଅଧିଗ୍ରହଣ ଲାଗି 2014-19 ମଧ୍ୟରେ 306.20 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଅଡିଟ୍ ନିରୀକ୍ଷଣ କଲା ଯେ, ଏଲଏ କ୍ଷତିପୂରଣ ର ସଂଶୋଧନ ଶତକଡା 35 ପ୍ରତିଶତ ବୃଦ୍ଧି ଘଟିଥିଲା । ତେଣୁ ଜମିଅଧିଗ୍ରହଣ ରେ ବିଳମ୍ବ ଯୋଗୁଁ ଅତିରିକ୍ତ 107.17 କୋଟି[20] ଟଙ୍କା ଖର୍ଚ୍ଚ ହୋଇଥିଲା ।

ସରକାର କହିଲେ (ଜୁଲାଇ 2021) ଯେ , ଏଲଏ ଏକ ଲମ୍ବା ପ୍ରକ୍ରିୟା ଏବଂ ଏଲଏ ନିୟମରେ ପରିବର୍ତ୍ତନ ଅନିବାର୍ଯ୍ୟ କାରଣରୁ ପ୍ରକଳ୍ପ ମୂଲ୍ୟ ବୃଦ୍ଧି କୁ ଏଡାଇଯାଇ ପାରିବନାହିଁ । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଅଧିକାରୀ ମାନଙ୍କୁ ପ୍ରକଳ୍ପ ର ଅନୁମତି ପାଇଁ ସୁପାରଶ କଲାବେଳେ ଜଳସେଚନ ସୁବିଧା ଯୋଗାଇବାରେ ବିଳମ୍ବ ରୁ ଦୁରେଇବା ପାଇଁ ଜମି ଅଧିଗ୍ରହଣ ର ସମୟସୀମାକୁ ବିଚାର କରିବା କଥା ।

### 3.3.4.7 ପ୍ରକଳ୍ପ ନିର୍ବାହରେ କମି

- **କେନାଲ ର ଭୁଲ ଡିଜାଇନ ଆପଣାଇବା**

ଆରଏଲବିସି ର ପରଜଙ୍ଗ ଶାଖା କେନାଲ (ପିବିସି) ଏବଂ ଏହାର ବଣ୍ଟନ ପ୍ରଣାଳୀ 5,580.30 ହେକ୍ଟର କୁ ଜଳସେଚନ ଯୋଗାଇବା ନିମନ୍ତେ ବିଶ୍ୱବ୍ୟାଙ୍କ ସହାୟତା ରେ ଜଳସମ୍ପଦ ବନ୍ଦୋବସ୍ତ ପ୍ରକଳ୍ପ ଅଧିନରେ 2004 ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା କିନ୍ତୁ କେନାଲ ନିର୍ମାଣ ବେଳେ ତିନୋଟି ଜାଗାର ଗଭୀରତା କେନାଲ ଶଯ୍ୟାର[21] 0.6 ମି ରୁ 1.0 ମି ଉଚ୍ଚ ରେ ଥିବାରୁ କେନାଲ ମାଧ୍ୟମରେ ପାଣି ଯୋଗାଣ ହୋଇପାରିଲା ନାହିଁ । ଯେହେତୁ ଡିଜାଇନ ଗଭିରତା ହାସଲ ହୋଇନଥିଲା ତେଣୁ, ଇଇ ଙ୍କର ଶଯ୍ୟାସ୍ତର ର ଡିଜାଇନ ପାଳନ ରେ ଭୁଲ ଯୋଗୁଁ କେନାଲ ନିର୍ମାଣ ଭୁଲ ହେଲା ଯାହା ଯୋଗୁଁ ଜଳସେଚନ ନିମନ୍ତେ ପାଣି ଯୋଗାଣ ହୋଇପାରିଲା ନାହିଁ ।

[20] 306.20 ଟଙ୍କା ର 35 ପ୍ରତିଶତ

[21] କେନାଲ ର ଭୂମିତଳ ସ୍ତର

କେନାଲ ର ଡିଜାଇନ୍ ଗଭୀରତା ହାସଲ କରିବା ପାଇଁ ବିଭାଗ 2016-17 ମସିହାରେ 70.51 କୋଟି ଟଙ୍କା ବ୍ୟୟ ରେ କାମଟିକୁ ସିଏଲଏସଆରପି ଅଧିନରେ ହାତକୁ ନେଇଥିଲେ । କାର୍ଯ୍ୟଗୁଡିକ ଚାଲୁ ରହିଥିଲା ଏବଂ ଠିକାଦାର ମାନଙ୍କୁ 67,76 କୋଟି ଟଙ୍କା ପ୍ରଦାନ ହୋଇଥିଲା (ସେପ୍ଟେମ୍ବର 2021) । ତେଣୁ ତ୍ରୁଟିପୁର୍ଣ୍ଣ କେନାଲ ନିର୍ମାଣ 2004-18 ମଧ୍ୟରେ ଲକ୍ଷ ରଖାଯାଇଥିବା ହିତାଧିକାରୀ ମାନଙ୍କୁ ଜଳସେଚନରୁ ବଞ୍ଚିତ କରିଥିଲା । ଇଇ ଏବଂ ଅନ୍ୟ ଅଫିସର ଙ୍କୁ ଏହି ପ୍ରକାର ତ୍ରୁଟି ପାଇଁ ଉତ୍ତରଦାୟୀ କରିବା ଦରକାର ।

ସରକାର କହିଲେ (ଜୁଲାଇ 2021) ଯେ, ଯେହେତୁ ପିବିସି ବ୍ଲାକ କଟନ୍ ମୃତ୍ତିକା ସହିତ କାଦୁଆ ଏବଂ ବିସ୍ତାର ହେଉଥିବା ମୃତ୍ତିକା ମଧ୍ୟରେ ଯାଉଥିଲା, କେନାଲଶଯ୍ୟା ପଟୁ ଦ୍ୱାରା 0.30 ମି ରୁ 0.60 ମି ସ୍ତରରେ ଆଚ୍ଛାଦିତ ହୋଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ କେନାଲ ର ଶଯ୍ୟା ସ୍ତର 0.6 ମି ରୁ 1 ମି ଉପରେ ନିର୍ମାଣ ହୋଇଥିଲା ଯାହା ଆହୁରି କାମ ଓ ଖର୍ଚ୍ଚ ଆବଶ୍ୟକ କଲା ।

**ଯଦିଓ ବିଭାଗ ମାର୍ଚ୍ଚ 2020 ସୁଦ୍ଧା 2,267.19 କୋଟି ଟଙ୍କା (71 ପ୍ରତିଶତ) ଆରଆରବିସି ପ୍ରକଳ୍ପ ରେ ଖର୍ଚ୍ଚ କରିଥିଲା ଏହା 17,606 ହେକ୍ଟର ର ଜଳସେଚନ କ୍ଷମତା (21 ପ୍ରତିଶତ) ସୃଷ୍ଟି କରିଥିଲା । ଜମି ଅଧିଗ୍ରହଣ, ଜଙ୍ଗଲ ଅନୁମତି, କେନାଲ ଡିଜାଇନ ର ଚୁଡାନ୍ତକରଣ ରେ ବିଳମ୍ବ ଏବଂ ଅନୁପଯୁକ୍ତ ସର୍ଭେ ଏବଂ ଅନୁସନ୍ଧାନ ଯୋଗୁଁ ପ୍ରକଳ୍ପ ସମାପ୍ତି ରେ ବିଳମ୍ବ ହୋଇଥିଲା ।**

**ଯଦିଓ ଆରଏଲବିସି 141 କିମି ଲମ୍ବ ବିଶିଷ୍ଟ କେନାଲ ମାଧ୍ୟମ ରେ 1.14 ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଣ କରିବାର ଥିଲା ଏହା ଜଳସେଚିତ କ୍ଷେତ୍ରର କମ୍ ସୃଷ୍ଟି ଏବଂ ପରସ୍ପର ଉପରେ ମାଡିଯିବା ହେତୁ କମାଯାଇଥିଲା । ଭୁଲ ନିର୍ମାଣ ଯୋଗୁ ପରଜଙ୍ଗ ଶାଖା କେନାଲ 2004-2018 ମଧ୍ୟରେ 14 ବର୍ଷ ରୁ ଅଧିକ ଆୟାକଟ କ୍ଷେତ୍ରକୁ ଜଳସେଚନ କରିପାରିନଥିଲା ।**

### 3.3.5 ବୃହତ ଉଠା ପ୍ରକଳ୍ପ

ବୃହତ ଉଠା ପ୍ରକଳ୍ପ ଗୁଡିକ (ଏମଏଲପି) ନଦୀ ଓ ଜଳଭଣ୍ଡାରରୁ ଜଳ ଉଠାଇ ସାଧାରଣ ଜଳସେଚନ ମାଧମରେ ଜଳସେଚନ ହୋଇପାରୁ ନଥିବା ଉପର ଅଞ୍ଚଳର ଚାଷୀଙ୍କୁ ଜଳସେଚନ ଯୋଗାଇଦେବାକୁ ଲକ୍ଷ୍ୟ ରଖିଥାଏ । ଏମଏଲପି ଅନ୍ୟାନ୍ୟ ଉପକାର ମଧ୍ୟରେ ଏହା ଯୋଗାଏ ଯେ ଏଥିରେ କମ ଜମି ଅଧିଗ୍ରହଣ ହୋଇଥାଏ କାରଣ ଚାପଗ୍ରସ୍ତ ନେଟୱାର୍କିଂ ବଣ୍ଟନ ପ୍ରଣାଳୀ ମାଧମରେ ଉତ୍ସରୁ ପମ୍ପ ଦ୍ୱାରା ଜଳ ଉଠାଇ ଜଳସେଚନ ଯୋଗାଇ ଦିଆଯାଏ ।



ଅମାଥ ବୃହତ ପ୍ରକଳ୍ପର ପମ୍ପ ଘର

2.14 ଲକ୍ଷ ହେକ୍ଟରକୁ ଜଳସେଚନ ଯୋଗାଇବା ପାଇଁ 500 ରୁ 2,000 ହେକ୍ଟର କମାଣ୍ଡ କ୍ଷେତ୍ର ସହିତ 23 ଟି ଜିଲ୍ଲାର 15 ଟି କ୍ଲଷ୍ଟରରେ 174 ଟି ସମ୍ଭାବ୍ୟ ସ୍ଥାନରେ ଏମଏଲପି ବିସ୍ତାର କରାଯାଇଥିଲା । ସେଥିମଧ୍ୟରୁ ନଅଟି ନମୁନା ପ୍ରକଳ୍ପ 7,250 ହେକ୍ଟର ଆୟାକଟ ସହିତ ସମାପ୍ତ ହୋଇଥିଲା ଯେଉଁଥିରୁ 3,150 ହେକ୍ଟର ଆୟାକଟ୍ ପାଇଁ 60.59 କୋଟି ଟଙ୍କା ବ୍ୟୟରେ ନିର୍ମିତ ଚାରୋଟି ପ୍ରକଳ୍ପ[22] ଉତ୍ସରେ ଜଳର ପର୍ଯ୍ୟାପ୍ତ ଉପଲବ୍ଧତା ନହେବା ହେତୁ ଏହାର ପରିକଳ୍ପିତ ଆୟାକଟ୍ କୁ ଜଳସେଚନ ଯୋଗାଇ ଦେଇପାରିନଥିଲା । ଅନ୍ୟ ତିନୋଟି ପ୍ରକଳ୍ପରେ[23] ବାରମ୍ବାର ବିଦ୍ୟୁତ ଯୋଗାଣ ରେ ବ୍ୟାଘାତ ହେତୁ ଜଳଯୋଗାଣ ହୋଇପାରିଲା ନାହିଁ ଏବଂ ଅବଶିଷ୍ଟ ଦୁଇଟି ଏମଏଲପି[24] କ୍ଷେତ୍ରରେ ପରୀକ୍ଷା ଜଳସେଚନ ଯୋଗାଇ ଦିଆଗଲା କିନ୍ତୁ ବିଭାଗ ଦ୍ୱାରା ଆୟାକଟ ଯାଞ୍ଚ କରାଯାଇନଥିଲା । ଥ୍ରେସ୍‌ହୋଲ୍ଡ ସ୍ତର ଉପରେ ଜଳର ଉପଲବ୍ଧତାକୁ ଆକଳନ କରି ବିଭାଗ ଏମଏଲପି ନିର୍ମାଣ କରିଥିଲା । କିନ୍ତୁ ଜଳସ୍ତର ଥ୍ରେସ୍‌ହୋଲ୍ଡ ସ୍ତର ତଳେ ରହିଲା ଯାହା ସୂଚାଇଥାଏ ଯେ ବିଭାଗ ସଠିକ୍ ଭାବରେ ଜଳବିଜ୍ଞାନ ସମ୍ବନ୍ଧୀୟ ଅଧ୍ୟୟନ କରିନଥିଲା ।

[22] ଅଗଲପୁର,ଲଇତରା,କପସିଲା ଏବଂ ଗୁଡଭେଲା

[23] ଅମାଠ, ବେଲଗାଁ ଏବଂ ଉତକେଲା

[24] ଭରସୁଜା ଏବଂ କୁସମାଲ

### 3.3.5.1 ଉଦ୍ଦିଷ୍ଟ ଉଦ୍ଦେଶ୍ୟ ସହିତ ପ୍ରକଳ୍ପ ବିତରଣ ର ମୂଲ୍ୟାୟନ

ନଅଟି ଏମଏଲପି ପ୍ରକଳ୍ପ ଗୁଡିକର ଡିପିଆର ଗୁଡିକ କେବଳ ପରିକଳ୍ପିତ ଆୟାକଟକୁ ଜଳସେଚନ ଯୋଗାଇବା ପାଇଁ ଧାର୍ଯ୍ୟ କରିଥିଲା । ପ୍ରକଳ୍ପ ଗୁଡିକରେ ପ୍ରସ୍ତାବିତ ଏବଂ ହାସଲ ହୋଇଥିବା ଉପାଦାନ ଅନୁଯାୟୀ ଆଇପିର ସବିଶେଷ ତଥ୍ୟ ଏବଂ ସମୀକ୍ଷା ମନ୍ତବ୍ୟର ସୂଚନା ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ-3.11: ପ୍ରକଳ୍ପ ର ଉପାଦାନ ଅନୁଯାୟୀ ଅଦ୍ୟାବଧି ଆଇପି ର ଲକ୍ଷ୍ୟ ଓ ଏବଂ ସଫଳତା**

| ପ୍ରକଳ୍ପର ନାମ | ପ୍ରକଳ୍ପର ଉପାଦାନ | ପରିକଳ୍ପିତ ଆଇପି (ହେକ୍ଟରରେ) | ସଫଳତା ଆଇପି (ହେକ୍ଟରରେ) | ସମୀକ୍ଷା ମନ୍ତବ୍ୟର ସାରାଂଶ |
|---|---|---|---|---|
| ଏମଏଲପିଏସ(ନଅଟି) | ୟୁଜିପିଏଲ | 7,250 | 4,100 | ଥ୍ରେସହୋଲ୍ଡ ସ୍ତର ଉପରେ ଜଳ ଉପଲବ୍ଧତାର ମୂଲ୍ୟାଙ୍କନ ସହିତ ବିଭାଗ ଏମଏଲପି ନିର୍ମାଣ କରିଥିଲା । କିନ୍ତୁ ଜଳସ୍ତର ଥ୍ରେସହୋଲ୍ଡ ସ୍ତର ତଳେ ରହିଲା । ତେଣୁ ଆଇପି ସୃଷ୍ଟି ରେ ଅଭାବ ହେଲା ।<br>ଜଳସେଚିତ କ୍ଷେତ୍ରର ପ୍ରକୃତ ବ୍ୟବହାର ସୁନିଶ୍ଚିତ କରାଯାଇପାରିନଥିଲା ଯେହେତୁ ସୃଷ୍ଟି କରାଯାଇଥିବା ଜଳସେଚିତ କ୍ଷେତ୍ର ରାଜସ୍ୱ ଅଧିକାରୀଙ୍କ ସହିତ ମିଳିତଯାଞ୍ଚ ଦ୍ୱାରା ପ୍ରମାଣୀକୃତ କରାଯାଇନଥିଲା । |

(ଉତ୍ସ :ସମୀକ୍ଷା ଦ୍ୱାରା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ରେକର୍ଡରୁ ସଂକଳିତ)

ସମୀକ୍ଷା ବିଶ୍ଳେଷଣ ଏବଂ ପ୍ରକଳ୍ପ ଗୁଡିକରେ ଦେଖାଯାଇଥିବା ଅଭାବଗୁଡିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଗଲା ।

### 3.3.5.2 ଡିପିଆର ରେ କମି

- **ସମ୍ଭାବ୍ୟତା କୁ ସୁନିଶ୍ଚିତ ନ କରି ପ୍ରକଳ୍ପ ଗୁଡିକର ଆରମ୍ଭ**

କଳାହାଣ୍ଡି ଜିଲ୍ଲା ର ତେଲ ଉପତ୍ୟକା ରେ ହେବାକୁ ଥିବା 26 ଟି ଏମଏଲପି ର ଡିପିଆର ଦର୍ଶାଉଥିଲା(ନେଭେମ୍ବର 2012) ଯେ, ତେଲ ନଦୀରେ ପ୍ରବାହିତ ଜଳ ମାଧ୍ୟମରେ ଗ୍ରହଣ ହେବାକୁ ଥିବା ଜଳର ସପ୍ଲିମେଣ୍ଟ ୟୁଆଇଆଇପି ଅଧିନରେ ଥିବା ହାତି ବ୍ୟାରେଜ୍ ଦ୍ୱାରା କରାଯିବ । ତଦନୁସାରେ, ଇଇ ତେଲ ଉପତ୍ୟକା ରେ 34,200 ହେକ୍ଟରକୁ ଖରିଫ ଋତୁରେ ପ୍ରତିବର୍ଷ ଜୁନରୁ ନଭେମ୍ବର ମଧ୍ୟରେ ଜଳଯୋଗାଣ ନିମନ୍ତେ 26 ଟି ଏମଏଲପିର ନିର୍ମାଣ 587.78 କୋଟି ଟଙ୍କା ବ୍ୟୟ ରେ ଅଗଷ୍ଟ 2013 ରେ କରିଥିଲେ ଯାହା ଫେବୃଆରୀ 2016 ରେ ସରିବାର ଥିଲା । 26 ଟି ଏମଏଲପି ମଧ୍ୟରୁ ପାଞ୍ଚଟି ପ୍ରକଳ୍ପ ଯାହା ର ଜଳଯୋଗଣ କ୍ଷମତା 4,500 ହେକ୍ଟର ଥିଲା ତାର ନିର୍ମାଣ 82.37 କୋଟି ଟଙ୍କା ବ୍ୟୟରେ 2017 ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା । ଏହି ସମ୍ପୂର୍ଣ୍ଣ ହୋଇଥିବା ଏମଏଲପି ମଧ୍ୟରୁ 900 ହେକ୍ଟର ଆୟାକଟ ବିଶିଷ୍ଟ ଗୋଟିଏ ଏମଏଲପି ଉତ୍ସରେ ଯଥେଷ୍ଟ ଜଳ ର ଅଭାବ ଯୋଗୁଁ ଜଳସେଚନ କରିପାରିନଥିଲା । ଅନ୍ୟ ପ୍ରକଳ୍ପ ଗୁଡିକର କାମ 591.16 କୋଟି ଟଙ୍କା ବ୍ୟୟରେ ଚାଲୁରହିଥିଲା ।

ଅଡିଟ୍ ଆହୁରି ମଧ୍ୟ ଦେଖିଲା ଯେ , ତେଲ୍ ନଦୀ ରେ ବ୍ୟାରେଜ୍ ନଥିଲା ଏବଂ କେବଳ ଯଥେଷ୍ଟ ବର୍ଷା ବେଳେ ଜଳଯୋଗାଣ କରିପାରେ । ମରୁଡି କିମ୍ବା ସ୍ୱଳ୍ପ ବୃଷ୍ଟି କ୍ଷେତ୍ରରେ ଏହି ବ୍ୟବସ୍ଥା କୌଣସି ଜଳଯୋଗାଣ କରିପାରିବନି । ତାହାଛଡା, ଯେପରି ପରିଚ୍ଛଦ 3.3.1.4 ରେ ବର୍ଣ୍ଣିତ ହୋଇଅଛି ୟୁଆଇଆଇପି ଅଧିନରେ ଥିବା ହାତି ବ୍ୟାରେଜ୍ ରେ ୟୁଆଇଆଇପି ର ଆୟାକଟ୍ କୁ ଯୋଗାଇବା ପାଇଁ ଯଥେଷ୍ଟ ପାଣି ନଥିଲା । ଏହିପରି, ହାତି ବ୍ୟାରେଜ୍ ବନ୍ୟା କିମ୍ବା ବହୁତ ବର୍ଷା ଛଡା ସାଧାରଣ ଅବସ୍ଥା ରେ ତେଲ୍ ନଦୀ କୁ ମଧ ପାଣି ଯୋଗାଇ ପାରୁନଥିଲା ।

ଅଡିଟ୍ ର ତଥ୍ୟକୁ ନିଶ୍ଚିତ କରି ସରକାର କହିଲେ (ଜୁଲାଇ 2021) ଯେ, ଅସ୍ଥାୟୀ କ୍ରସ ବଂଧ ର ନିର୍ମାଣ ଆବଶ୍ୟକତା ମେଣ୍ଟାଇବାକୁ ପାଣିକୁ ସମ୍ପ ମଧ୍ୟକୁ ଇନଟେକ୍ ବ୍ୟବସ୍ଥା ମାଧ୍ୟମ ରେ ଯିବାକୁ ଦେବ । ଯାହାହେଉ, ଦକ୍ଷତା ବୃଦ୍ଧି ନିମନ୍ତେ ଏକ ଇନଷ୍ଟ୍ରିମ୍ ଗଠନ ର ନିର୍ମାଣ ପାଇଁ ଉପଦେଶ ଦିଆଯାଇଥିଲା ।

## 3.3.5.3 ପରିକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକରେ ଜଳର ଉପଲବ୍ଧତା ମୂଲ୍ୟାଙ୍କନ

- **ଶୁଖିଲା ଜଳଉତ୍ସକୁ ନେଇ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ର ନିର୍ମାଣ**



ନିର୍ମାଣ ସର୍ମ୍ପୂଣ ହୋଇଥିବା ନଅଟି ନମୁନା ଏମଏଲପି ମଧ୍ୟରୁ 3,150 ହେକ୍ଟର ଡିଜାଇନ ଆୟାକଟ୍ ପାଇଁ ଚାରୋଟି[25] ପ୍ରକଳ୍ପ 60.59 କୋଟି ଟଙ୍କା ବ୍ୟୟ ରେ ନିର୍ମିତ ହୋଇଥିଲା । ଉତ୍ସ ରେ ପର୍ଯ୍ୟାପ୍ତ ଜଳ ର ଅଭାବ ହେତୁ ଏହି ପ୍ରକଳ୍ପ ଗୁଡ଼ିକ ଜଳସେଚନ ଜରିପାରିନଥିଲେ ଯେହେତୁ ପାଣିର ଉତ୍ସ ଗୋଟିଏ ପ୍ରକଳ୍ପ (କପିଳାସ ପ୍ରକଳ୍ପ) ରେ ଶୁଖି ଯାଇଥିଲା ଏବଂ ବାକି ତିନୋଟି ପ୍ରକଳ୍ପ ରେ ପାଣିର ସ୍ତର ଉଠାଜଳସେଚନ ନିମନ୍ତେ ଆବଶ୍ୟକ ନଦୀ ଶଯ୍ୟା ଜଳସ୍ତର[26] ଠାରୁ ତଳେ ରହିଥିଲା । ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକଳ୍ପ ଅଧିକାରୀ –ଏବଂ-ମୁଖ୍ୟ ଇଁଜିନିୟର, ଏମଏଲପି ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ସ୍ରୋତ ସଂରକ୍ଷଣ ଗଠନ ନିର୍ମାଣ ର ମଞ୍ଜୁରୀ (ଅକ୍ଟୋବର 2019) ରେ କରିଥିଲେ ଯାହାକି ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ (ସେପ୍ଟେମ୍ବର 2021)

ସ୍ରୋତ ସଂରକ୍ଷଣ ଗଠନର ନିର୍ମାଣ ନ ହେବା ହେତୁ ଉଠାଜଳ ସେଚନ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇପାରି ନଥିଲା , ପ୍ରସ୍ତାବିତ 3,150 ହେକ୍ଟର ଆୟାକଟ୍ କୁ ଜଳସେଚନ କରାଯାଇପାରି ନଥିଲା, ଫଳରେ 60.59 କୋଟି ଟଙ୍କା ଅଫଳପ୍ରସୁ ଖର୍ଚ୍ଚ ହୋଇଥିଲା ।

ସରକାର ତଥ୍ୟକୁ ସ୍ୱୀକାର କରି କହିଲେ (ଜୁଲାଇ 2021) ଯେ , ଯଦି ବର୍ଷା ଋତୁ ରେ ଏହିପରି ଶୁଖିଲା ପାଗ ଲମ୍ବା ସମୟ ପାଇଁ ଲାଗିରହେ ତେବେ ନଦୀରେ ପାଣିର ଗଭିରତା ଆକଳିତ ଗଭିରତା ଠାରୁ କମି ଜଳଯୋଗାଣ ରେ ଅସୁବିଧା ସୃଷ୍ଟି କରିପାରେ, କାରଣ ପ୍ରଣାଳୀ ଭିତରକୁ ବାଲିର ସହଜ ପ୍ରବେଶ ରୋକିବା ପାଇଁ ଏହି ପ୍ରଣାଳୀ ର ମୁଖଦ୍ୱାର ନଦୀଶଯ୍ୟା ର ହାରାହାରି ଉଚ୍ଚତା ଠାରୁ 0.6 ମି ଉଚ୍ଚାରେ ରଖାଯାଇଛି । ଯାହାହେଉ, ଏହାର ଦକ୍ଷତା ବୃଦ୍ଧି ନିମନ୍ତେ ନଦୀପ୍ରବାହ ରେ ଏକ ସ୍ରୋତ ସଂରକ୍ଷଣ ଗଠନ ର ନିର୍ମାଣ ପାଇଁ ସୁପାରିଶ ହୋଇଥିଲା । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଏହି ଦିଗ ଟି ପ୍ରକଳ୍ପ ର କାର୍ଯ୍ୟକାରୀ ହେବା ସମୟରେ ସମ୍ବୋଧିତ ହେବାର ଥିଲା ।

**ଅଡିଟ୍ ଦେଖିଲା ଯେ, ଯେହେତୁ ତେଲ ନଦୀରେ କୌଣସି ବ୍ୟାରେଜ୍ ନଥିଲା ଏବଂ ଏହା କେବଳ ପର୍ଯ୍ୟାପ୍ତ ବର୍ଷା ହେଲେ ଜଳ ଯୋଗାଇ ପାରୁଥିଲା, ସଂଭାବ୍ୟତା ଏବଂ ଉତ୍ସରେ ଜଳର ପର୍ଯ୍ୟାପ୍ତତା କୁ ନିଶ୍ଚିନ୍ତ ନକରି ଏମଏଲପି ଗଠନ ନିଷ୍ଫଳ ଥିଲା ।**

## 3.3.6. କ୍ଷୁଦ୍ର ଜଳସେଚନ ପ୍ରକଳ୍ପ



ତାଲି ଜୋର ଏମ.ଆଇ.ପି. ର ହେଡ଼ କାର୍ଯ୍ୟ

ନାଳ କିମ୍ବା ବିଦ୍ୟମାନ କେନାଲ ସିଷ୍ଟମ ମାଧମରେ ଉତ୍ସଗୁଡିକର ଜଳର ଉପଲବ୍ଧତାରୁ ଏମଆଇପିଗୁଡିକ ଜଳସେଚନ ଯୋଗାଇଥାଏ । ସମ୍ପୁର୍ଣ୍ଣ ହେବାର ସ୍ୱଳ୍ପ ଅବଧି , ସମସ୍ତ ଅଞ୍ଚଳ ସହିତ ଖାପ ଖାଇବା, ଶୀଘ୍ର ଜଳସେଚନ ସୃଷ୍ଟି, ବିରଳ କିମ୍ବା କୌଣସି ଆରଏଣ୍ଡଆର ସମସ୍ୟା ନଥିବା, ସ୍ୱଳ୍ପ ମୂଲ୍ୟ ଏବଂ ସହଜ କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ହେତୁ ଏମଆଇପି ଗୁଡିକ ଲୋକପ୍ରିୟ । କେବିକେ[27] ଜିଲ୍ଲାଗୁଡିକରେ 2007-08 ମଧରେ ତ୍ୱରିତ ଜଳସେଚନ ହିତ କାର୍ଯ୍ୟକ୍ରମ (ଏଆଇବିପି) ଅଧିନରେ ସରକାର 10ଟି ଏମଆଇପିକୁ ଅନୁମୋଦନ କରି 14.70 କୋଟି ଟଙ୍କା

---

[25] ଅଗଲପୁର,ଗୁଡ଼ଭେଲା,କପିଳାସ ଏବଂ ଲାଇତେରା

[26] ଉଠାଜଳସେଚନ ପାଇଁ ଆବଶ୍ୟକ ଜଳଶଯ୍ୟା ର ଉଚ୍ଚତା

[27] ପୂର୍ବରୁ କୋରାପୁଟ,ବଲାଙ୍ଗୀର ଏବଂ କଳାହାଣ୍ଡି ଆଦି ଜିଲ୍ଲାଗୁଡିକ(କେବିକେ ଜିଲ୍ଲାଭାବେ ଜଣାଶୁଣା) 1992-93 ପରଠାରୁ ଏବା କୋରାପୁଟ,ମାଲକାନଗିରି, ନବରଙ୍ଗପୁର, ରାୟଗଡା, ବଲାଙ୍ଗୀର, ସୁବର୍ଣ୍ଣପୁର, ନୂଆପଡା ଏବଂ କଳାହାଣ୍ଡି ଆଦି ଆଠଟି ଜିଲ୍ଲାରେ ବିଭକ୍ତ ହୋଇଛି ।

ବ୍ୟୟରେ 1,612 ହେକ୍ଟରକୁ ଜଳସେଚନ ଯୋଗାଇବା ପାଇଁ ବ୍ୟବସ୍ଥା କରିଥିଲେ । ପ୍ରକଳ୍ପ ଗୁଡିକ 772 ହେକ୍ଟର (48 ପ୍ରତିଶତ) ଆୟାକଟ ସଫଳତା ସହିତ 20.34 କୋଟି ଟଙ୍କା ବ୍ୟୟରେ(38 ପ୍ରତିଶତ ବୃଦ୍ଧି) ସମ୍ପୂର୍ଣ୍ଣ ହୋଇଥିଲା । ପ୍ରକଳ୍ପ ମୁଲ୍ୟବୃଦ୍ଧି ଶୂନ (ଦାମକିପାଲୀ)ରୁ 242 ପ୍ରତିଶତ (ଅଙ୍କମରା) ପର୍ଯ୍ୟନ୍ତ ଭିନ୍ନ ଥିଲା ।

ଯଦିଓ ବିଭାଗ ଦର୍ଶାଇଛି ଯେ 10 ଟି ଏମଆଇପି ସମାପ୍ତ ହୋଇଥିଲା, ଦୁଇଟି ପ୍ରକଳ୍ପରେ [28] କେବଳ ହେଡ ୱାର୍କ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରାଯାଇନଥିଲା । ଅନ୍ୟ ଛଅଟି ପ୍ରକଳ୍ପ[29] ରେ ବଣ୍ଟନ ବ୍ୟବସ୍ଥା ଆଂଶିକ ସମାପ୍ତ ହୋଇଥିଲା ଯେଉଁଥିପାଇଁ ସମ୍ପୃକ୍ତ ଏମଆଇପିର ଆୟାକଟକୁ 26 ରୁ 75 ପ୍ରତିଶତ ପର୍ଯ୍ୟନ୍ତ ଜଳସେଚନ ଯୋଗାଇ ଦିଆଯାଇ ପାରିଥିଲା । ଅନ୍ୟ ଦୁଇଟି ପ୍ରକଳ୍ପରେ[30] ଯଦିଓ ସବୁ କ୍ଷେତ୍ରରେ ଏହି ପ୍ରକଳ୍ପ ସମାପ୍ତ ହୋଇଛି, ଏଲଏ କ୍ଷତିପୂରଣ ପ୍ରଦାନ କରାଯାଇନଥିବାରୁ ଜମି ହରାଉଥିବା ଲୋକଙ୍କ ପ୍ରତିରୋଧ ଯୋଗୁଁ ଜଳଯୋଗାଣ ହୋଇପାରି ନଥିଲା ।

ପ୍ରସ୍ଥାନ ସମ୍ମିଳନୀ ସମୟରେ ପ୍ରମୁଖ ସଚିବ ପ୍ରକାଶ କରିଛନ୍ତି(ଅଗଷ୍ଟ 2021) ଯେ ବିଭାଗ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ , ପ୍ରକଳ୍ପ ପରିଚାଳନା ସୂଚନା ବ୍ୟବସ୍ଥା ଏବଂ ଜଳସେଚନ ପରିଚାଳନା ବ୍ୟବସ୍ଥା ଇତ୍ୟାଦି ପ୍ରବର୍ତ୍ତନ ପ୍ରକ୍ରିୟାରେ ଅଛନ୍ତି, ଯାହା ପ୍ରକଳ୍ପ ପ୍ରଗତିରେ ଏଲଏ, ଜଙ୍ଗଲ ନିକାସ , ଆରଏଣ୍ଡଆର ସମସ୍ୟା ଏବଂ ପ୍ରକଳ୍ପର କାର୍ଯ୍ୟକାରିତାରେ ବିଳମ୍ବ କୁ ତିବ୍ର ପର୍ଯ୍ୟାଲୋଚନା କରିପାରିବ ।

### 3.3.6.1 ଅଭିଳକ୍ଷିତ ଉଦ୍ଦେଶ୍ୟ ସହିତ ପ୍ରକଳ୍ପ ବିତରଣର ମୂଲ୍ୟାଙ୍କନ

ସମସ୍ତ ନମୁନା ଯାଞ୍ଚ ଏମଆଇ ପ୍ରକଳ୍ପ ଗୁଡିକର ଡିପିଆର ଗୁଡିକ ରେ କେବଳ ପରିକଳ୍ପିତ ଆୟାକଟକୁ ଜଳସେଚନ ଯୋଗାଇବା ପାଇଁ ଧାର୍ଯ୍ୟ କରାଯାଇଥିଲା । ନମୁନା ଯାଞ୍ଚ ପ୍ରକଳ୍ପ ଗୁଡିକରେ ପ୍ରସ୍ତାବିତ ଏବଂ ହାସଲ ହୋଇଥିବା ଉପାଦାନ ଅନୁଯାୟୀ ଆଇପିର ସବିଶେଷ ତଥ୍ୟ ଏବଂ ସମୀକ୍ଷା ମନ୍ତବ୍ୟର ସୂଚନା ନିମ୍ନ ସାରଣୀରେ ଦିଆଗଲା :

**ସାରଣୀ 3.12: ମନୋନୀତ ପ୍ରକଳ୍ପ ଗୁଡିକରେ ଉପାଦନ ଅନୁଯାୟୀ ଅଦ୍ୟାବଧି ଆଇପିର ଲକ୍ଷ ଏବଂ ସଫଳତା**

| ପ୍ରକଳ୍ପର ନାମ | ପ୍ରକଳ୍ପର ଉପାଦାନ | ପରିକଳ୍ପିତ ଆଇପି (ହେକ୍ଟରରେ) | ସଫଳତା ଆଇପି (ହେକ୍ଟରରେ) | ସମୀକ୍ଷା ମନ୍ତବ୍ୟର ସାରାଂଶ |
|---|---|---|---|---|
| ଏମଆଇପିଏସ (ଦଶଟି) | | 1,612 | 772 | ସୃଷ୍ଟି ହୋଇଥିବା ଆଇପି ର ଅଭାବ ମୁଖ୍ୟତଃ ବଣ୍ଟନ ବ୍ୟବସ୍ଥାର ସମାପ୍ତ ନହେବା, ଏଲଏରେ ବିଳମ୍ବ ଏବଂ ଜମି ହରାଇଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ ନକରିବା କାରଣରୁ ହୋଇଥିଲା । ଏପର୍ଯ୍ୟନ୍ତ କୌଣସି ପିପି ଗଠନ ହୋଇନଥିଲା ।<br><br>ଯେହେତୁ ସୃଷ୍ଟି କରାଯାଇଥିବା ଜଳସେଚିତ କ୍ଷେତ୍ର ରାଜସ୍ୱ ଅଧିକାରୀଙ୍କ ସହିତ ମିଳିତଯାଞ୍ଚ ଦ୍ୱାରା ପ୍ରମାଣୀକୃତ କରାଯାଇନଥିଲା ଜଳସେଚିତ କ୍ଷେତ୍ରର ପ୍ରକୃତ ବ୍ୟବହାର ସୁନିଶ୍ଚିତ କରାଯାଇ ପାରିନଥିଲା । |

(ଉତ୍ସ : ସମୀକ୍ଷା ଦ୍ୱାରା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ରେକର୍ଡରୁ ସଂକଳିତ)

ସମୀକ୍ଷା ବିଶ୍ଳେଷଣ ଏବଂ ପ୍ରକଳ୍ପ ଗୁଡିକରେ ଦେଖାଯାଇଥିବା ଅଭାବଗୁଡିକ ନିମ୍ନରେ ଦିଆଗଲା :

### 3.3.6.2 ଜମି ଅଧିଗ୍ରହଣ ନ ହେବା ଯୋଗୁଁ କାର୍ଯ୍ୟ ନିର୍ବାହରେ ବିଳମ୍ବ

- ସିଇ,ଏମଆଇ 250 ହେକ୍ଟର ଜମି କୁ ଜଳସେଚନ ଯୋଗାଇବା ପାଇଁ କଳାହାଣ୍ଡି ଜିଲ୍ଲାରେ ବରାହରନଳା ଏମଆଇପି ର ନିର୍ମାଣ ଲାଗି 2.15 କୋଟି ଟଙ୍କା ର ଅନୁମୋଦନ କରିଥିଲେ (2010-11) ଯାହାକି 2011-12 ରେ ସରିବାର ଥିଲା । ଇଇ, କଳହାଣ୍ଡି ଏମଆଇ ବିଭାଜନ ପ୍ରକଳ୍ପଟିର ହେଡ୍ ୱାର୍କର କାମ 1.14 କୋଟି ଟଙ୍କା ବ୍ୟୟ ରେ 2011-12 ମଧ୍ୟରେ ସମ୍ପୂର୍ଣ୍ଣ କରିଥିଲେ । ନିର୍ଦ୍ଧାରିତ କ୍ଷେତ୍ର ମଧ୍ୟରେ ଥିବା

[28] ବରାହନଳା ଏବଂ ଦାମକିପାଲ୍ଲୀ

[29] ଅଙ୍କମାରା ବ୍ରାହ୍ମଣୀଜୋର, ଜାତଖଲିଆ,ନାଗପଡା,ନୂଆପାଲି ଏବଂ ଚିଲଜୋଡି

[30] ଚିତଳପଡା, ଏବଂ ଡାଲୀଜୋର

27.89 ଏକର ଜମିର ଅଧିଗ୍ରହଣ ନ ହେବା ଯୋଗୁଁ  7.58 କିମି ଦୀର୍ଘ ବଣ୍ଟନ ପ୍ରଣାଳୀ ର କାମ ଆରମ୍ଭ ହୋଇପାରି ନଥିଲା (ଅଗଷ୍ଟ 2019) । ଏହିପରି 1.14 କୋଟି ର ପାଣ୍ଠି ଅଟକି ରହିବା ସହ ଚାଷୀ ମାନେ ଦୀର୍ଘ 9 ବର୍ଷ ଧରି ଜଳସେଚନ ରୁ ବଞ୍ଚିତ ଥିଲେ ।

ସରକାର ସ୍ୱୀକାର କଲେ ଏବଂ କହିଲେ (ଜୁଲାଇ 2021) ଯେ, ଜମିଅଧିଗ୍ରହଣ ରୁ ଏଡାଇବା ପାଇଁ ମଇ 2021 ରେ ୟୁଜିପିଏଲ ଅଧିନରେ ବଣ୍ଟନ ପ୍ରଣାଳୀ ର ନିର୍ମାଣ ର କାମ ଆରମ୍ଭ ନିମନ୍ତେ ପ୍ରସ୍ତାବ କରାଯାଇଥିଲା । ପ୍ରମାଣତଃ, ଏହି ପ୍ରକଳ୍ପ ଟି 9 ବର୍ଷ ଯାଇଁ ବ୍ୟବହାର ନ ହୋଇ ରହିଥିଲା ।

**2006-08 ମଧ୍ୟରେ 1,612 ହେକ୍ଟର ଜମିକୁ ଜଳଯୋଗାଣ ନିମନ୍ତେ 14.71 କୋଟି ଟଙ୍କା ବ୍ୟୟରେ 10 ଟି ଏମଆଇପି ର ନିର୍ମାଣ ହାତକୁ ନିଆଯାଇଥିଲା ଯାହା 20.34 କୋଟି ଟଙ୍କା ବ୍ୟୟରେ ସମାପ୍ତ (2010-14) ହୋଇଥିଲା, କିନ୍ତୁ ବଣ୍ଟନ ବ୍ୟବସ୍ଥା ର ନିର୍ମାଣ ନ ହେବାରୁ କେବଳ  772 ହେକ୍ଟର (48 ପ୍ରତିଶତ) ଜମିକୁ ଜଳସେଚନ କରିପାରିଥିଲା ।**

## 3.4 ଖର୍ଚ୍ଚ ସୁବିଧା ଅନୁପାତ (ବିସିଆର)

ବିସିଆର ହେଉଛି ଜଳସେଚନ ଯୋଗୁଁ ବାର୍ଷିକ ଅତିରିକ୍ତ ସୁବିଧା  ଓ ଏହି ସୁବିଧା ଯୋଗାଇବା ପାଇଁ ବାର୍ଷିକ ଖର୍ଚ୍ଚ ର ଅନୁପାତ । ବିସିଆର ର ହିସାବ ଡିପିଆର ରେ ଅନ୍ତର୍ଭୁକ୍ତ କରାଯାଇଥାଏ , ଯେହେତୁ ଏକ ଜଳସେଚନ ପ୍ରକଳ୍ପ ର ଆର୍ଥିକ ସମ୍ଭାବ୍ୟତା କୁ ନିର୍ଣ୍ଣୟ କରିବାରେ ଏହା ଅତି ଆବଶ୍ୟକ । ଏହା କୌଣସି ପ୍ରକଳ୍ପ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ଯାହା ପ୍ରକଳ୍ପର ମୂଲ୍ୟ ସହ ବିଭିନ୍ନ ମାଧ୍ୟମରୁ ଉତ୍ପନ୍ନ ହେଉଥିବା ସୁବିଧା ଯଥା; ଜଳସେଚନ, ଶିଳ୍ପ କୁ ଜଳ ଯୋଗାଣ, ପିଇବା ପାଣି ଯୋଗାଣ  ଇତ୍ୟାଦି ଉପରେ ନିର୍ଭର କରେ ।  ଜଳସେଚନ ଓ ବହୁମୁଖୀ ପ୍ରକଳ୍ପ ର ଡିପିଆର ପ୍ରସ୍ତୁତି ର ନିର୍ଦ୍ଦେଶାବଳୀ ଅନୁସାରେ ମରୁଡି ଅଞ୍ଚଳ ରେ  ଏହିପରି ପ୍ରକଳ୍ପ ର ମଞ୍ଜୁରୀ ନିମନ୍ତେ ସର୍ବନିମ୍ନ ଡିପିଆର ଏକ ଏବଂ ଅନ୍ୟ ଅଞ୍ଚଳରେ ଏହା 1.5 ଅଟେ ।

ନମୂନା ପ୍ରକଳ୍ପ ର ପରୀକ୍ଷା ଯାଞ୍ଚ ବେଳେ, ଏହା ଦେଖାଗଲା ଯେ ପ୍ରକଳ୍ପ ଗୁଡିକର ଡିପିଆର ରେ ଦର୍ଶାଯାଇଥିବା ବିସିଆର ବାରମ୍ବାର ପରିବର୍ତ୍ତନ ହେବାକୁ ପ୍ରବୃତ ଥିଲା ଯାହାର କାରଣ ଗୁଡିକ ନିମ୍ନ ରେ ଦିଆଗଲା

- ବିସିଆର କୁ ହିସାବ କରିବା ନିମନ୍ତେ ବିଭାଗ ଡିପିଆର ରେ ଦର୍ଶାଇ ଥିଲେ ଯେ ବିଭିନ୍ନ ଫସଲ ଯେପରି ଧାନ ଏବଂ ଅନ୍ୟ ଅର୍ଥ ଉପାର୍ଜନ କାରୀ ଫସଲ ଯଥା ପନିପରିବା , ଡାଲି, ତୈଳବୀଜ ଇତ୍ୟାଦି ର ଚାଷ ହେବାର ଥିଲା । ଅଡିଟ୍ ରୁ ଜଣାଗଲା  ଯେ ସମସ୍ତ ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକରେ ଯଦିଓ ବିବିଧ ଫସଲ ପ୍ରଣାଳୀ ଚାଷ ହେବା ଡିପିଆର ରେ ଦର୍ଶା ଯାଇଥିଲା , ଧାନ ହିଁ କେବଳ ଚାଷୀଙ୍କ ଦ୍ୱାରା ଉତ୍ପାଦନ ହେଉଥିଲା, ଯାହା ବିସିଆର ଉପରେ ନକାରାତ୍ମକ ପ୍ରଭାବ ପକାଉଥିଲା । ଅଡିଟ୍ ବିଭାଗୀୟ ପ୍ରତିନିଧି ଙ୍କ ଉପସ୍ଥିତି ରେ ମିଳିତ ଯାଞ୍ଚ କରି ପାଇଲା ଯେ ଚାଷିମାନେ ଜଳସେଚିତ କ୍ଷେତ୍ରରେ କେବଳ ଧାନ ଉତ୍ପାଦନ କରିଥିଲେ । ଏହା ସିସିଇ ଏବଂ ଅଡିଟ୍ ଦ୍ୱାରା  କ୍ଷେତ୍ର ପରିଦର୍ଶନ ବେଳେ ଚାଷିଙ୍କ ସହ କଥାବାର୍ତ୍ତା ଦ୍ୱାରା ନିଶ୍ଚିତ ହୋଇଥିଲା ।

  ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି ନ କରିବା ଏବଂ ସଠିକ ପର୍ଯ୍ୟାଲୋଚନା ନହେବାରୁ ସେମାନେ ବିବିଧ ଫସଲ ଚାଷ ଅନୁସରଣ ନ କରି  ପାରମ୍ପାରିକ ପ୍ରଥା ରେ ଚାଷକୁ ଆପଣେଇ ଥିଲେ ।

- ତାହା ଛଡା, ତିନୋଟି ପ୍ରକଳ୍ପ (ଏସଆଇପି/ଆରଆରବିସି/ଆରଏଲବିସି) ର ଆୟାକଟ ବହୁଳ ମାତ୍ରା ରେ କମାଯାଇଥିଲା ।

- ପ୍ରକଳ୍ପ ର ମୂଲ୍ୟ ମୂଳ ମୂଲ୍ୟ ଠାରୁ ପାଞ୍ଚ ଗୁଣ ବଢାଯାଇଥିଲା (ଏଲଆଇଆଇପି ଏବଂ ୟୁଆଇଆଇପି )

  ଡ଼ିପିଆର ରେ ଦିଆଯାଇଥିବା ବିସିଆର ଏବଂ ଆପଣେଇଥିବା ଫସଲ ପ୍ରଣାଳୀ, ପୁନଃ ନିର୍ଦ୍ଧାରିତ ଆୟାକଟ ଏବଂ ଅଧିକ ପ୍ରକଳ୍ପ ଖର୍ଚ୍ଚକୁ ଆଧାର କରି ହିସାବ ହୋଇଥିବା ବିସିଆର ନିମ୍ନ ରେ ଦିଆଗଲା:

**ସାରଣୀ-3.13: ପ୍ରକଳ୍ପ ଅନୁଯାୟୀ କମ ହୋଇଥିବା ଆୟାକଟ କୁ ଆଧାର କରି ହିସାବ ହୋଇଥିବା ଏବଂ ଦର୍ଶାଯାଇଥିବା ବିସିଆର**

| ପ୍ରକଳ୍ପର ନାମ | ପ୍ରାରମ୍ଭ ବର୍ଷ | ଡ଼ିପିଆର ଅନୁଯାୟୀ ପ୍ରକଳ୍ପର ବିସିଆର | ପୁନଃନିର୍ଦ୍ଧାରିତ ଆୟାକଟ ଓ ଫସଲ ଚାଷ ଅନୁସାରେ ବିସିଆର ର ହିସାବ | ଡିଜାଇନ ଆୟାକଟ ଲକ୍ଷ ହେକ୍ଟର ରେ | କମା ଯାଇଥିବା ଆୟାକଟ ଲକ୍ଷ ହେକ୍ଟର ରେ |
|---|---|---|---|---|---|
| ଏସଆଇପି | 1982 | 1.62 | 0.70 | 1.09 | 0.92 |
| ୟୁଆଇଆଇପି (ସଂପ୍ରସାରଣ) | 2003 | 2.44 | 0.79 | 0.25 | 0.25 |
| ଏଲଆଇଆଇପି | 1999 | 1.27 | 0.71 | 0.30 | 0.30 |
| ଆରଆରବିସି | 1978 | 2.27 | 0.79 | 1.21 | 0.67 |
| ଆରଏଲବିସି | 2016 | ହିସାବ ହୋଇନାହିଁ | 0.84 | 1.14 | 0.79 |
| ଏମଏଲପି | 2013-15 | ଏକ ରୁ ଅଧିକ | ଏକ ରୁ କମ | 0.59 | 0.59 |
| ଏମଆଇପି | 2006-08 | ଏକ ରୁ ଅଧିକ | ଏକ ରୁ କମ | 0.01 | 0.01 |

(ଉତ୍ସ: ଅଡ଼ିଟଦ୍ୱାରା ସଂକଳିତ)

ଉପରୋକ୍ତ ସାରଣୀ ରୁ ଦେଖାଯାଇ ପାରେ ଯେ, ସମସ୍ତ ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡ଼ିକରେ ଅଡ଼ିଟ୍ ଦ୍ୱାରା ହିସାବ କରାଯାଇଥିବା ବିସିଆର କେବଳ 0.70 ଠାରୁ 0.84 ମଧ୍ୟରେ ଥିଲା। ସମସ୍ତ ପ୍ରକଳ୍ପ ଗୁଡିକର ବିସିଆର ଏକ ରୁ ତଳେ ଥିଲା ଯାହା ପ୍ରକଳ୍ପ ଗୁଡିକୁ ଆର୍ଥିକ ଦୃଷ୍ଟିକୋଣ ରୁ ଅଲାଭକାରି ପ୍ରତିପାଦିତ କରୁଥିଲା।

ଏହା ଦେଖାଗଲା ଯେ ପ୍ରକଳ୍ପ / ଯୋଜନା ଗୁଡ଼ିକର ମଞ୍ଜୁରୀ ବେଳେ ବିସିଆର ର ହିସାବ ତ୍ରୁଟିପୂର୍ଣ୍ଣ ନଥିଲା ଯେହେତୁ ପ୍ରକୃତ ବିସିଆର ଖର୍ଚ୍ଚ ବଢିବାରୁ ଉଲ୍ଲେଖନୀୟ ଭାବେ କମିଥିଲା ଯାହାକି ପୂର୍ବ ଅନୁଚ୍ଛେଦ ରେ ବର୍ଣ୍ଣିତ ଏବଂ ଯେଉଁଠି ବ୍ୟବହୃତ ଆଇପି ଦର୍ଶାଯାଇଥିବା ଆଇପି ରୁ କମ୍ ଥିଲା ସେଠି ଉପକାର କମ୍ ହୋଇଥିଲା।

ସରକାର କହିଲେ (ଜୁଲାଇ 2021) ଯେ , ସ୍ୱଳ୍ପ ସମୟ ମଧ୍ୟରେ ଫସଲ ର ବିବିଧକରଣ ଏବଂ କୃଷକ ସଚେତନତା ହାସଲ କରି ହେଲା ନାହିଁ , ଯେହେତୁ ଏଥିରେ ବିଭିନ୍ନ ବିଭାଗ ସାମିଲ ଥିଲେ ଏବଂ ଏହା ଏକ ରାଜ୍ୟସ୍ତରୀୟ ସମସ୍ୟା ଥିଲା ଏବଂ ଏହା କୃଷକ ମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ନିମନ୍ତେ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବ ରଖିଥିଲା।

## 3.5 କମାଣ୍ଡ ଏରିଆର ବିକାଶ

ଭାରତ ସରକାର 1974 ମସିହାରେ ସିଏଡି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ଯେଉଁଥିରେ ରାଜ୍ୟମାନଙ୍କୁ କ୍ଷେତର ଉନ୍ନତି କାମଗୁଡିକ ଯେପରିକି ଜାଗା ସମତୁଲ ଏବଂ ରୁପ ଦେବା, ଫିଲ୍ଡ ଚ୍ୟାନେଲ୍ ଫିଲ୍ଡ ଡ୍ରେନ୍ କ୍ଷେତର ରାସ୍ତା, କୃଷିଜ ଏବଂ ଜଳସେଚନ ସଂପ୍ରସାରଣ ସେବା ଇତ୍ୟାଦି ପାଇଁ ମେଳଣ ଆଧାର ରେ ସହାୟତା। କମାଣ୍ଡ ଏରିଆ ବିକାଶ କାର୍ଯ୍ୟରେ ଅନ୍ୟ ଗୁଡିକ ମଧ୍ୟରେ କୃଷି ସଂପ୍ରସାରଣ ସେବା, ବୃହତ ଜଳ ନିକାଶ ଚାନେଲ, ପାର୍ଶ୍ୱ ନାଳ ଇତ୍ୟାଦି ଅର୍ନ୍ତଭୁକ୍ତ ଥିଲା। ପରୀକ୍ଷା ଯାଞ୍ଚ ପ୍ରକଳ୍ପ ଗୁଡିକରେ ସିଏଡି କାଯ୍ୟ ର ଆବଶ୍ୟକ ଦୈର୍ଘ୍ୟ ନିମ୍ନ ରେ ଦିଆଗଲା

**ସାରଣୀ-3.14 : ନମୁନାଯାଞ୍ଚ ପ୍ରକଳ୍ପ ଗୁଡିକରେ ଆବଶ୍ୟକ ଥିବା ଏବଂ କରାଯାଇଥିବା ସିଏଡି କାର୍ଯ୍ୟ ର ଦୈର୍ଘ୍ୟ ଦର୍ଶାଯାଇଛି**

| କ୍ରମିକ ସଂଖ୍ୟା | ପ୍ରକଳ୍ପ ର ନାମ | ସିଏଡି କାର୍ଯ୍ୟର ପ୍ରଣାଳୀ ର ଆବଶ୍ୟକ ଦୈର୍ଘ୍ୟ (କିମି ରେ) | ସିଏଡି କାମ ରେ ନିର୍ବାହ ହୋଇଥିବା ଚ୍ୟାନେଲର ଦୈର୍ଘ୍ୟ (କିମି ରେ) |
|---|---|---|---|
| 1 | ଏସଆଇପି | 1,016.97 | 118.83 |
| 2 | ୟୁଆଇଆଇପି (ସଂପ୍ରସାରଣ) | 764.52 | 627.31 |
| 3 | ଏଲଆଇଆଇପି | ୟୁଜିପିଏଲ ଅଧିନରେ ହାତକୁ ନିଆଯାଇଛି | ୟୁଜିପିଏଲ ଅଧିନରେ ହାତକୁ ନିଆଯାଇଛି |
| 4 | ଆରଆରବିସି | 507.68 | ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ |
| 5 | ଆରଏଲବିସି | 701.82 | ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ |
| 6 | ଏମଏଲପି | ଉଠାଜଳସେଚନ ଯୋଗୁଁ ଆବଶ୍ୟକ ନାହିଁ | ଉଠାଜଳସେଚନ ଯୋଗୁଁ ଆବଶ୍ୟକ ନାହିଁ |
| 7 | ଏମଆଇପି | 23.16 | ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ |
| ମୋଟ | | **3,014.15** | **746.14** |

(ଉତ୍ସ ଅଡିଟ୍ ଦ୍ୱାରା ସଂକଳିତ)

❖ ଏସଆଇପି ପ୍ରକଳ୍ପ ରେ ଯଦିଓ ପ୍ରକଳ୍ପ ଟି 33,899 ହେକ୍ଟର କୁ ଜଳସେଚନ କରୁଥିଲା , ସିଏଡି କାମ କେବଳ 6,587 ହେକ୍ଟର ପାଇଁ ହୋଇଥିଲା (2013-14) । ପୁଣି, ସିଏଡି ମାର୍ଗଦର୍ଶୀକା ଅନୁଯାୟୀ ହେକ୍ଟର ପ୍ରତି 30 ମି ଜଳମାର୍ଗ/ଫିଲ୍ଡ ଚାନେଲ ନିର୍ବାହ ହେବା କଥା । ଏହିପରି 6,587 ହେକ୍ଟର ପାଇଁ ଆବଶ୍ୟକ ଥିବା 197.61 କିମି ନିର୍ବାହ ସ୍ଥଳେ 118.83 କିମି ନିର୍ବାହ ହୋଇଥିଲା । ଏହା ସୂଚାଉଥିଲା ଯେ ସିଏଡି କାମ ଗୁଡିକ ଗାଇଡଲାଇନ କୁ ବ୍ୟତିକ୍ରମ କରି ସ୍ଥାନେ ସ୍ଥାନେ ନିର୍ବାହ ହୋଇଥିଲା । ବଣ୍ଟନ ପ୍ରଣାଳୀ ର ଏକ ନିରବଚ୍ଛିନ୍ନ ଲମ୍ବ ପାଇଁ ଜାଗା ଅଧିଗ୍ରହଣ ରେ ବିଭାଗର ବିଫଳତା ଲାଗି ସିଏଡି କାର୍ଯ୍ୟ ରେ ସ୍ୱଳ୍ପ ନିର୍ବାହ ହୋଇଥିଲା । ପୁଣି, ଏହା ଦେଖାଗଲା ଯେ 118.83 କିମି ର ସିଏଡି କାର୍ଯ୍ୟର ନିର୍ମାଣ ଲାଗି 9.55 କୋଟି ଟଙ୍କା ମୂଲ୍ୟ ମାନଦଣ୍ଡ ବଦଳରେ ବିଭାଗ 26.31 କୋଟି ଟଙ୍କା ଖର୍ଚ୍ଚ କରିଥିଲା ଫଳରେ 16.76 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର ଦୈର୍ଘ୍ୟ ରେ କମି ଓ ବିଳମ୍ବର କାରଣ ନ ବୁଝାଇ କହିଲେ (ଜୁଲାଇ 2021) ଯେ, ସିଏଡି କାମ ଗୁଡିକୁ ଡିସେମ୍ବର 2021 ଶେଷସୁଦ୍ଧା ସାରିବା ପାଇଁ ପଦକ୍ଷେପ ନିଆଯାଉଛି ।

❖ ୟୁଆଇଆଇପି କେନାଲ ର ସଂପ୍ରସାରଣ କାମ 2015-16 ମସିହାରେ ସମାପ୍ତ ହୋଇଥିଲା । 25,484 ହେକ୍ଟର ବିଶିଷ୍ଟ ସମସ୍ତ ଜଳସେଚିତ କ୍ଷେତ୍ରରେ ମାର୍ଗଦର୍ଶୀକା ଅନୁଯାୟୀ ଆବଶ୍ୟକ ଥିବା 764.52 କିମି (30 ମି ପ୍ରତି ହେକ୍ଟର) ସିଏଡି କାମ ସ୍ଥଳେ 627.31 କିମି (82 ପ୍ରତିଶତ) କରାଯାଇଥିଲା ଫଳରେ 137.21 କିମି ର କମ୍ କାମ ହୋଇଥିଲା । ଇଇ ଙ୍କ ଦ୍ୱାରା ନିୟମ ଅନୁଯାୟୀ ଆଚ୍ଛାଦିତ ହେବାକୁ ଥିବା ପ୍ରକୃତ ଜଳସେଚିତ କ୍ଷେତ୍ର ର ଅନୁଚିତ ନିରୁପଣ ଲାଗି ସିଏଡି କାମ ର ସ୍ୱଳ୍ପ ନିର୍ବାହ ହୋଇଥିଲା । ଅଡିଟ୍ ଏହା ମଧ୍ୟ ନିରୀକ୍ଷଣ କଲା ଯେ ଜଳମାର୍ଗ / ଫିଲ୍ଡ ଚାନେଲ ଲାଗି ବିଆଇଏସ କୋଡ ରେ ନିର୍ଦ୍ଧାରିତ କେନାଲ ର ପାର୍ଶ୍ୱ କାନ୍ଥ ଏବଂ ଶଯ୍ୟା ର ଆବଶ୍ୟକ ଥିବା ମୋଟେଇ 75 ମିମି ବଦଳରେ 150 ମିମି ମୋଟେଇ ରେ ନିର୍ବାହ ହୋଇଥିଲା । ଇଇ 36.12 କୋଟି ଟଙ୍କାର ମୂଲ୍ୟ ମାନଦଣ୍ଡ ବିରୁଦ୍ଧରେ 85.68 କୋଟି ଟଙ୍କା ର ଖର୍ଚ୍ଚ କରିଥିଲେ ଯାହା ଯୋଗୁଁ 49.56 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର କହିଲେ (ଜୁଲାଇ 2021) ଯେ, ପ୍ରକୃତ ରେ 25,484 ହେକ୍ଟର ପାଇଁ 627.31 କିମି ଦୈର୍ଘ୍ୟର ଫିଲ୍ଡ ଚ୍ୟାନେଲ ନିର୍ମିତ ହୋଇଥିଲା । ଉତ୍ତର ଟି ଗ୍ରହଣୀୟ ନଥିଲା ଯେହେତୁ 137.21 କିମି ର କମ୍ ନିର୍ମାଣ ହୋଇଥିଲା ଏବଂ ଏହାର କାରଣ ଅଡିଟ୍ କୁ ଦିଆଯାଇ ନଥିଲା ।

❖ କମାଣ୍ଡ ଏରିଆ ବିକାଶ ପାଇଁ ଇଇ, ରେଙ୍ଗାଲୀ ଦକ୍ଷିଣ କେନାଲ ବିଭାଜନ - II ସିଏଡି ବିଭାଜନ ନଂ – 10 ଢେଙ୍କାନାଳ ଙ୍କ ପାଖରେ 25 କୋଟି ଟଙ୍କା 2016-20 ମଧ୍ୟରେ ଜମା କରିଥିଲେ । 25 କୋଟି ଟଙ୍କା ମଧ୍ୟରୁ କେବଳ 2.72 କୋଟି ଟଙ୍କା ର ୟୁସି ଦିଆଯାଇଥିଲା । ଚାରିବର୍ଷ ପରେ ମଧ୍ୟ ସିଏଡି ଢେଙ୍କାନାଳ ବିଭାଜନ 2.72 କୋଟି ଟଙ୍କାର କାମ କରିପାରି ଥିଲେ । ଫଳରେ ଚାଷୀଙ୍କୁ ସିଏଡି ମାଧ୍ୟମ ରେ ଜଳସେଚନ ର ସୁବିଧା ନ ଦେଇ 22.28 କୋଟି ଟଙ୍କାର ଦେୟ ବିନିଯୋଗ ନ ହୋଇ ନିଷ୍କ୍ରିୟ ରହିଥିଲା ।

ସରକାର କହିଲେ (ଜୁଲାଇ 2021) ଯେ , ସିଏଡି କାର୍ଯ୍ୟ ନିର୍ବାହ ପାଇଁ 9.76 କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି ଏବଂ ବଳକା କାର୍ଯ୍ୟ ଚାଲୁ ରହିଛି , ତାପରେ ଜଳସେଚନ ଯୋଗାଇ ଦିଆଯିବ । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ପାଣି 2016 ସସିହାରୁ ଯୋଗାଇ ଦିଆଗଲାଣି ଏବଂ କାମ ଗୁଡିକ ଏବେବି ଚାଲୁ ରହିଛି ।

ଜଳସେଚିତ କ୍ଷେତ୍ରର ଶେଷଭାଗ ପର୍ଯ୍ୟନ୍ତ ସମାନ ଜଳ ଯୋଗାଣ ନିମନ୍ତେ ସିଏଡି କାମ ଗୁଡିକ କରାଯାଇଥିଲା । କାମ ଗୁଡିକ ନ ସରିବା ହେତୁ ଶେଷ ଭାଗ ରେ ଥିବା ବ୍ୟବହାରକାରୀ ଙ୍କୁ ସମାନ ଜଳ ଯୋଗାଣ ସୁନିଶ୍ଚିତ କରାଯାଇପାରିଲା ନାହିଁ ।

ପ୍ରସ୍ଥାନ ସମ୍ମିଳନି (ଅଗଷ୍ଟ 2021) ରେ ସରକାର ଙ୍କ ପ୍ରମୁଖ ସଚିବ କହିଲେ ଯେ କାମ ଗୁଡିକ ଏମଜିଏନଆରଇଜିଏସ ଇତ୍ୟାଦି ମାଧ୍ୟମ ରେ କରାଯିବ ।

*ସୁପାରିଶ :*

- ନିର୍ଦ୍ଧିଷ୍ଟ କ୍ଷେତ୍ର ଚିହ୍ନିତ କରି ଦୃଷ୍ଟିନିବଦ୍ଧ କରିବା ପାଇଁ ରାଜ୍ୟ ସରକାର ପ୍ରତିଟି ପ୍ରକଳ୍ପ ର ଉପାଦାନ ଗୁଡିକର କାର୍ଯ୍ୟଦକ୍ଷତା ର ମୂଲ୍ୟାୟନ କରିବା ଦରକାରଏବଂ ସେ ସବୁର ଶୀଘ୍ର ସମାପ୍ତି ଲାଗି ସେମାନଙ୍କ ପ୍ରଚେଷ୍ଟା କୁ ତିବ୍ର କରିବା ପାଇଁ ସମସ୍ତ ନିର୍ବାହୀ ମାନଙ୍କୁ ନିର୍ଦ୍ଦେଶ ଦେବା ଦରକାର ।
- ଓପିଡବ୍ଲୁ କୋଡ ରେ ଯେପରି ଦର୍ଶାଯାଇଛି ଜମି ଅଧିଗ୍ରହଣ ପରେ ପ୍ରକଳ୍ପକାମ ଆରମ୍ଭ ହେବା ସରକାର ନିଶ୍ଚିତ କରିବା ଦରକାର ।
- ସରକାର ଠିକ ସମୟରେ ଜମିଅଧିଗ୍ରହଣ ଏବଂ ବିସ୍ଥାପିତ ଲୋକଙ୍କୁ ଆରଏଣ୍ଡଆର ସହାୟତା ଦେବା ସଙ୍ଗେ ସଙ୍ଗେ ସ୍ଥାନାନ୍ତରଣ କରିବା ପାଇଁ ଉପଯୁକ୍ତ କୌଶଳ ଆପଣେଇବା ଦରକାର ଏବଂ ଯେଉଁ ଅଫିସର ମାନେ ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ବିସ୍ଥାପିତ ଲୋକଙ୍କୁ ସ୍ଥାନାନ୍ତରଣ ରେ ବିଳମ୍ବ ଯୋଗୁଁ ଅତିରିକ୍ତ ଖର୍ଚ୍ଚ ଲାଗି ଦାୟୀ ତାଙ୍କୁ ଉତ୍ତରଦାୟୀ କରିବା ଦରକାର ।
- ଅନୁଚିତ ସର୍ଭେ ଏବଂ ଭୁଲ ଡିଜାଇନ ଆପଣେଇବା ଯୋଗୁଁ ଆଡିବନ୍ଧ ଖସିବା ଲାଗି ଦରକାର ହେଉଥିବା ଅଯଥା ପୁନରୁଦ୍ଧାର କାର୍ଯ୍ୟ ପାଇଁ ନିର୍ବାହୀ ମାନଙ୍କୁ ଉତ୍ତରଦାୟୀ କରିବା ଦରକାର ।
- ଭୁଲ କାର୍ଯ୍ୟ ନିର୍ବାହ ଲାଗି ବିଭାଗ ନିର୍ବାହୀ ମାନଙ୍କୁ ଉତ୍ତରଦାୟୀ କରିବା ଦରକାର

# ଅଧ୍ୟାୟ – IV

## ପ୍ରକଳ୍ପର ସ୍ଥିରତା ପାଇଁ ହିତଧାରୀଙ୍କ ପ୍ରଭାବକାରୀତା

# ଅଧ୍ୟାୟ – IV

## ପ୍ରକଳ୍ପର ସ୍ଥିରତା ପାଇଁ ହିତଧାରୀଙ୍କ ପ୍ରଭାବକାରୀତା

### 4.1 କ୍ଷତିପୂରକ ବୃକ୍ଷରୋପଣର ଅଭାବ

ଅଡ଼ିଟ୍‌ରେ ଏହା ଦେଖାଗଲା (ଜୁଲାଇ 2019) ଯେ, ଏସଆଇପି/ଏଲଆଇଆଇପି/ଆରଆରବିସି/ଆରଏଲବିସି କର୍ମକର୍ତ୍ତା ଉପକୂଳ ବୃକ୍ଷର ସୁରକ୍ଷା, କେନାଲ କୂଳ ବୃକ୍ଷରୋପଣ, ବନ୍ୟଜନ୍ତୁ ପରିଚାଳନା, କ୍ଷତିପୂରଣ ବୃକ୍ଷରୋପଣ ଏବଂ 3,504.43 ହେକ୍ଟର ଅଣଜଙ୍ଗଲ ଜମିର ବର୍ତ୍ତମାନ ବାସ୍ତବିକ ମୂଲ୍ୟ ନିମନ୍ତେ 282.93 କୋଟି ଟଙ୍କା ଜଙ୍ଗଲ ବିଭାଗ ନିକଟରେ ଦାଖଲ କରିଥିଲେ । ଏହି ପ୍ରକଳ୍ପ ଗୁଡ଼ିକର ନିର୍ମାଣ ପାଇଁ ବ୍ୟବହାର ହୋଇଥିବା ସମପରିମାଣ ଜଙ୍ଗଲ ଜମି ଭରଣା ହୋଇଥିଲା ଯାହା ନିମ୍ନରେ ଦର୍ଶାଯାଇଛି ।

**ସାରଣୀ-4.1: ବ୍ୟବହୃତ ଜଙ୍ଗଲ ଜମି ପ୍ରସ୍ତାବିତ କ୍ଷତିପୂରକ ବୃକ୍ଷରୋପଣ ପାଇଁ ଦାଖଲ ହୋଇଥିବା ଟଙ୍କାର ବିବରଣ ଦର୍ଶାଯାଇଛି**

| ପ୍ରକଳ୍ପ ର ନାମ | ଆବଶ୍ୟକ ଥିବା ଜଙ୍ଗଲ ଜମି ହେକ୍ଟରରେ | ଅଧିଗ୍ରହଣ ହୋଇଥିବା ଜଙ୍ଗଲ ଜମି ହେକ୍ଟର ରେ | ପ୍ରସ୍ତାବିତ କ୍ଷତି ପୂରଣ ବୃକ୍ଷରୋପଣ ହେକ୍ଟର ରେ | ଦାଖଲ ହୋଇଥିବା ଟଙ୍କା |
|---|---|---|---|---|
| ଏସଆଇପି | 1,166.07 | 1,166.07 | 1,166.07 | 1.16 |
| ଏଲ ଆଇଆଇପି | 1,042.97 | 1,042.97 | 1,042.97 | 97.21 |
| ଆରଆରବିସି/ ଆର୍‌ଏଲ୍‌ବିସି | 1,295.39 | 812.02 | 1,295.39 | 184.56 |
| ମୋଟ | **3,504.43** | **3,021.06** | **3,504.43** | **282.93** |

(ଉତ୍ସ: ଅଡ଼ିଟ୍ ଦ୍ୱାରା ସଙ୍କଳିତ)

ଦଶ ବର୍ଷ ପରେ ମଧ୍ୟ କେବଳ 70.93 କୋଟି ଟଙ୍କାର ୟୁସି ମିଳିଅଛି । ଯେହେତୁ ଜଙ୍ଗଲ ବିଭାଗ ତରଫରୁ ଗ୍ରହଣ ହୋଇଥିବା କୌଣସି ଟଙ୍କା ଖର୍ଚ୍ଚ ହୋଇନାହିଁ ଅବଶିଷ୍ଟ ଟଙ୍କାର କୌଣସି ୟୁସି ପ୍ରଦାନ କରାଯାଇ ନାହିଁ ଫଳରେ 212 କୋଟି ଟଙ୍କାର ସରକାରୀ ପାଣ୍ଠି ଅଟକି ରହିଛି । ସରକାର ଜଣାଇଲେ (ଜୁଲାଇ 2021) ଯେ, ଅବଶିଷ୍ଟ ପରିମାଣର ୟୁସି ଗ୍ରହଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି ।

### 4.2 ଜଙ୍ଗଲ ଜମିର ନିକାସ ନ ହେବା

ପରିକ୍ଷା ଯାଞ୍ଚ ହୋଇଥିବା ଦୁଇଟି ପ୍ରକଳ୍ପ ରେ ଜଙ୍ଗଲ ଜମିର ନିକାସ ନ ମିଳିବାରୁ ନିର୍ମାଣ ସମାପ୍ତ ହୋଇନଥିଲା ଯାହା ଫଳରେ କୃଷକ ମାନେ ଜଳସେଚନ ରୁ ବଞ୍ଚିତ ହୋଇଥିଲେ ଯାହା ନିମ୍ନ ରେ ଦର୍ଶାଯାଇଛି ।

(i) ଯୋଜନା ଆୟୋଗ 1978 ମସିହାରେ ରେଙ୍ଗାଲୀ ବହୁମୁଖୀ ପ୍ରକଳ୍ପ ର ମଞ୍ଜୁରୀ କରିଥିଲେ । ଏହି ପ୍ରକଳ୍ପ ର ନିର୍ମାଣ ରେ 2,107.40 ହେକ୍ଟର ଜଙ୍ଗଲ ଜମିର ନିକାସ ର ଆବଶ୍ୟକ ଥିଲା । ବିଭାଗ 171.89 କୋଟି ଟଙ୍କା ଜଙ୍ଗଲ ଜମିର ନିକାସ ନିମନ୍ତେ ଦାଖଲ କରିଥିଲେ ଏବଂ 812.02 ହେକ୍ଟର ଜମିର ଷ୍ଟେଜ୍ I ଓ ଷ୍ଟେଜ୍ II ଅନୁମତି ହାସଲ କରିଥିଲେ । ବଳକା 1,295.38 ହେକ୍ଟର ଜମିର ନିକାସ ବର୍ତ୍ତମାନ ସୁଦ୍ଧା ପାଇନଥିଲେ । ଦିଗ ପରିବର୍ତ୍ତିତ କେନାଲ ମାର୍ଗର ଜଙ୍ଗଲ ଜମିର ନିକାସର ଅଭାବରୁ ଆରଆରବିସି ର ତିନୋଟି ଶାଖା କେନାଲ ର ନିର୍ମାଣ ରେ 16 ବର୍ଷରୁ ଅଧିକ ବିଳମ୍ବ ହୋଇଥିଲା (ମଇ 2003 -ଅଗଷ୍ଟ 2019) ।

ଉକ୍ତ ତଥ୍ୟକୁ ସ୍ୱୀକାର କରି ସରକାର କହିଲେ (ଜୁଲାଇ 2021) ଯେ, 812 ଓ 874.59 ହେକ୍ଟର ପାଇଁ ଷ୍ଟେଜ୍ I ଓ ଷ୍ଟେଜ୍ II ଜଙ୍ଗଲ ଅନୁମତି ଯଥାକ୍ରମେ ମିଳିସାରିଛି ଏବଂ ବାକି 429.91 ହେକ୍ଟର ର ଜଙ୍ଗଲ ଅନୁମତି ନିମନ୍ତେ ପ୍ରୟାଶ ଜାରୀ ରହିଛି ।

(ii) ଅକ୍ଟୋବର 2018 ରେ ଆରଏଲବିସି ର ଆରଡ଼ି 96.65 କିମି ଠାରେ ସୁକିନ୍ଦା ଶାଖା କେନାଲ ର ନିର୍ମାଣ ଆରମ୍ଭ ହୋଇଥିଲା । କେନାଲ ର ଲମ୍ବା 28.29 କି.ମି ଥିଲା ଓ ଏହା 6,458 ହେକ୍ଟର ଜମିକୁ ଜଳସେଚନ ନିମନ୍ତେ ପରିକଳ୍ପନା କରାଯାଇଥିଲା । 134.70 କୋଟି ଟଙ୍କାରେ କେନାଲ କାମ ଅକ୍ଟୋବର 2018 ଓ ଜୁଲାଇ 2019 ରୁ ଆରମ୍ଭ ହୋଇ ଏପ୍ରିଲ 2020 ଓ ଜାନୁଆରୀ 2021 ମଧ୍ୟରେ ସରିବାର ଥିଲା । ଯେଉଁ ସ୍ଥାନରେ ଜଙ୍ଗଲ ବିଭାଗର ଅନୁମତି ଦରକାର ନଥିଲା ସେହି ସ୍ଥାନରେ କେନାଲ କାମଟି ବିଭିନ୍ନ ପ୍ୟାଚ୍‌ରେ କରାଯାଉଥିଲା । ଯଦିଓ, 2015-16 ଠାରୁ ଯେ ଆଇସିଏ ଋଣ ସହାୟତା କୁ ମିଶାଇ ଯଥେଷ୍ଟ ପାଣ୍ଠି ଉପଲବ୍ଧ ଥିଲା, ତଥାପି ଏ ପର୍ଯ୍ୟନ୍ତ ଏହି କେନାଲ କାମଟି କେନାଲ ର ଦିଗ ପରିବର୍ତ୍ତନ ଓ ଜଙ୍ଗଲ ବିଭାଗ ଅନୁମତି ଲାଗି ସମାପ୍ତ ହୋଇପାରିଲା ନାହିଁ, ଯାହା ଜଳସେଚନ ସୁବିଧାକୁ ବିଳମ୍ବ କରିଥିଲା ଏବଂ କୃଷକ ମାନଙ୍କୁ ଅଭିଳଷିତ ସୁବିଧାରୁ ବଞ୍ଚିତ କରିଥିଲା ।

ସରକାର ତଥ୍ୟକୁ ସ୍ୱୀକାର କରି କହିଲେ (ଜୁଲାଇ 2021) ଯେ, ଜଙ୍ଗଲ ଜମି ଓ ବେସରକାରୀ ଜମି ଅଧିଗ୍ରହଣ ଏକ ଲମ୍ବା ପ୍ରକ୍ରିୟା ଯାହା ବିଭିନ୍ନ ବିଭାଗ କୁ ନେଇ ହୋଇଥାଏ । ଯାହାହେଉ, ଏହି କେନାଲ୍ ର ଜମି ଅଧିଗ୍ରହଣ ପ୍ରକ୍ରିୟା 95 ପ୍ରତିଶତ ସରିଥିଲା ଏବଂ ପରୀକ୍ଷା ମୂଳକ ଜଳସେଚନ 2021-22 ମସିହା ମଧ୍ୟ ରେ ଆଶା କରାଯାଉଥିଲା ।

## 4.3 କୃଷି କାର୍ଯ୍ୟ ନିର୍ବାହୀ ମାନଙ୍କର ଭାଗିଦାରୀ

ଡ଼ିଏ ଏବଂ ଏଫଇ ଙ୍କ ଦ୍ୱାରା ଡ଼ିପିଆର ରେ ଆକଳିତ ଏବଂ ପ୍ରସ୍ତାବିତ ଜଳସେଚନ ର ପ୍ରଗାଢତା[31] ନିମ୍ନ ସାରଣୀ ରେ ଦିଆଯାଇଛି

**ସାରଣୀ-4.2: ପ୍ରକଳ୍ପ ଡ଼ିପିଆର ରେ ଚାଷ ଯୋଗ୍ୟ କ୍ଷେତ୍ର ରେ ପ୍ରସ୍ତାବିତ ଜଳସେଚନ ର ପ୍ରଗାଢତାର ବିସ୍ତୃତ ବିବରଣୀ**

| ପ୍ରକଳ୍ପ ର ନାମ | ଜଳ ସେଚନ ପ୍ରଗାଢତା (ଶତକଡ଼ା ରେ) | ଫସଲ ର ପ୍ରକାର |
|---|---|---|
| ଏସଆଇପି | 171 | **ଖରିଫ୍**-ଧାନ,ତୈଳବିଜ, ଡ଼ାଲି ଏବଂ ପନିପରିବା<br>**ରବି**- ଗହମ,ଡ଼ାଲି,ପନିପରିବା, ଆଳୁ ଇତ୍ୟାଦି |
| ୟୁଆଇଆଇପି (ସଂପ୍ରସାରଣ) | 164 | **ଖରିଫ୍**-ଧାନ<br>**ରବି**-ଧାନ,ପନିପରିବା ଏବଂ ଡ଼ାଲି<br>**ବାର୍ଷିକ ଫସଲ**-ପନିପରିବା ଏବଂ ଆଖୁ. |
| ଏଲଆଇଆଇପି | 130 | **ଖରିଫ୍**–ଧାନ.ମାଣ୍ଡିଆ ଏବଂ ମକା<br>**ରବି**- ଗହମ,ଡ଼ାଲି,ବାଦାମ,ପନିପରିବା,ଆଳୁ,ରାଶି ଏବଂ ଶୋରିଷ |
| ଆରଆରବିସି/ଆରଏଲବିସି | 170 | **ଖରିଫ୍**–ଧାନ, ଆଖୁ,ପନିପରିବା ଇତ୍ୟାଦି<br>**ରବି**- ଗହମ,ଡ଼ାଲି,ପନିପରିବ. ତୈଳବୀଜ ଇତ୍ୟାଦି |
| ଏମଏଲପି | 100 | **ଖରିଫ**–ଧାନ, ତୈଳବୀଜ ,ପନିପରିବା ଇତ୍ୟାଦି |
| ଏମଆଇପି | ପରୀକ୍ଷା ଯାଞ୍ଚ ହୋଇଥିବା ଦଶଟି ପ୍ରକଳ୍ପ ରେ ଜଳସେଚନ ପ୍ରଗାଢତାର ହିସାବ ନ ଥିଲା । | |

(ଉତ୍ସ: ଅଡ଼ିଟ୍ ଦ୍ୱାରା ସଂକଳିତ)

ଅଡ଼ିଟ୍ ଅଗଷ୍ଟ 2019 ରେ ସିଡ଼ିଏଓ ଙ୍କ ନଥିପତ୍ର ଯାଞ୍ଚ ପରୀକ୍ଷା କରି ଏବଂ ଜଳସେଚିତ କ୍ଷେତ୍ରର ମିଳିତ ଅନୁସନ୍ଧାନ କରି ଦେଖିଲା ଯେ ପ୍ରକଳ୍ପ ଡ଼ିପିଆର ରେ ବିବିଧ ଫସଲ ଚାଷ ହେବାପାଇଁ ଦର୍ଶାହୋଇଥିବା ସ୍ଥଳେ କେବଳ ଧାନ ଚାଷ ହୋଇଥିଲା ।

## 4.4 ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ରେ ଶିଳ୍ପସଂସ୍ଥା ମାନଙ୍କ ଦ୍ୱାରା ଶକ୍ତି ଉତ୍ପାଦନ

ସମଲ ବ୍ୟାରେଜ୍ ଅନୁଗୁଳ ର ଆରଏଲବିସି ର ଡ଼ାହାଣ ପାର୍ଶ୍ୱ ରେ 20 ମେଗାୱାଟ୍ ବିଶିଷ୍ଟ ଏକ କ୍ଷୁଦ୍ର ଜଳ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ର ସ୍ଥାପନା, କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ସିଇ ଏବଂ ବିଏମ୍, ବ୍ରାହ୍ମଣୀ ବାମ ଅବବାହିକା, ସମଲ ଓଡ଼ିଶା ଶକ୍ତି କନ୍ସୋର୍ଟିୟମ ଏକ ବେସରକାରୀ ଲିମିଟେଡ୍ କମ୍ପାନୀ ସହ ଚୁକ୍ତି ସାକ୍ଷର କରିଥିଲେ ( ମଇ 2006) । ଅଡ଼ିଟ୍ ଅନୁଧ୍ୟାନ କଲା ଯେ ଭୁଲ କେନାଲ କାମ ଯୋଗୁଁ ସୃଷ୍ଟି ହୋଇଥିବା ଆଇପି ର କେବଳ 34 ପ୍ରତିଶତ ବ୍ୟବହାର ହୋଇଛି । ଶକ୍ତି ଉତ୍ପାଦନ ଏବଂ ଜଳସେଚନ ଉଭୟ ପାଇଁ ଜଳର ଯଥେଷ୍ଟତା କୁ ସୁନିଶ୍ଚିତ କରିବା ପାଇଁ ଆରଏଲବିସି ର ଡ଼ିପିଆର ରେ ଲିଖିତ ନ ଥିଲା । ଯାହାହେଉ , ଜଳ ର ପ୍ରବାହ କୁ ବଦଳାଇ ଶକ୍ତି ଉତ୍ପାଦନ ନିମନ୍ତେ ସର୍ବାଧିକ ବ୍ୟବହାର ଶିଳ୍ପ ଦ୍ୱାରା ହୋଇଥିଲା ।

[31] ଜଳସେଚନର ପ୍ରଗାଢତା ବର୍ଷକ ମଧରେ କମାଣ୍ଡ ଏରିଆ କୁ ପ୍ରସ୍ତାବିତ ଜଳସେଚନ ର ପ୍ରତିଶତ ଭାବରେ ବର୍ଣ୍ଣିତ

## 4.5 ଶିଳ୍ପର ବ୍ୟବହାର ନିମନ୍ତେ ପ୍ରକଳ୍ପରେ ଜଳର ଯୋଗାଣ

ରେଙ୍ଗାଲି ବହୁମୂଖୀ ପ୍ରକଳ୍ପ ର ଡ଼ିପିଆର୍ ରେ ଏହା ଦର୍ଶାଯାଇନଥିଲା ଯେ ଶିଳ୍ପ ର ବ୍ୟବହାର ନିମନ୍ତେ ଜଳଯୋଗାଣ କରାଯିବ । କେନାଲ୍ ର ନିର୍ମାଣ ରେ ବିଳମ୍ବ ହେତୁ ପରିକଳ୍ପିତ ଜଳସେଚିତ କ୍ଷେତ୍ରକୁ ଜଳଯୋଗାଣ ହୋଇପାରିନଥିଲା । ଏହି ଜଳସେଚନ ଜଳ କୁ ଶିଳ୍ପ ର ବ୍ୟବହାର ନିମନ୍ତେ ପରିବର୍ତ୍ତିତ କରାଯାଇଥିଲା ଏପରିକି ଶିଳ୍ପ ଗୁଡ଼ିକ ସରକାର ଙ୍କୁ ବୈଧ ଦେୟ ପ୍ରଦାନ କରିନଥିଲେ ଫଳରେ 1,441.83 କୋଟି ଟଙ୍କା କମ୍/ଅନାଦେୟ ରହିଅଛି ଯାହା ***ପରିଶିଷ୍ଟ I*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

**ସୁପାରିଶ:**

- **ସରକାରଙ୍କୁ ଚାଷୀଙ୍କ ସହ ମିଶି ପାରସ୍ପାରିକ ପ୍ରତିକ୍ରିୟା ମାଧମରେ ପ୍ରକଳ୍ପ ପ୍ରସ୍ତାବରେ ଦର୍ଶାଯାଇଥିବା ବିବିଧ ଫସଲ ପ୍ରଣାଳୀ ଆପଣେଇବା ପାଇଁ  ପଦକ୍ଷେପ ନେବା ଦରକାର ।**
- **ଶିଳ୍ପ ଗୁଡ଼ିକ ଠାରୁ ଜଳସେଚନ ପ୍ରକଳ୍ପ ଗୁଡ଼ିକରୁ ପାଣି ବ୍ୟବହାର ନିମନ୍ତେ ବୈଧ ଜଳକର ର ଦାବୀ ନ କରିବା/ ଅନାଦେୟ ନିମନ୍ତେ କର୍ମକର୍ତ୍ତା ମାନଙ୍କ ଉପରେ ଉତ୍ତରଦାୟୀତ୍ୱ ସ୍ଥିର ହେବା ଦରକାର ।**

# ଅଧ୍ୟାୟ – V

# ପ୍ରକଳ୍ପ ଗୁଡ଼ିକର ପର୍ଯ୍ୟାଲୋଚନା

# ଅଧ୍ୟାୟ – V

## ପ୍ରକଳ୍ପ ଗୁଡ଼ିକର ପର୍ଯ୍ୟାଲୋଚନା

### 5.1 ଏଲ.ଆଇ. ପ୍ରକଳ୍ପ ଗୁଡ଼ିକର ଅସମ୍ପୂର୍ଣ୍ଣତା/ ଅଚଳତା

ଉଚ୍ଚ ଜମି ଇଲାକାରେ 12,316 ହେକ୍ଟରକୁ ଉଠା ଜଳସେଚନ ଯୋଗାଇବା ପାଇଁ ଆରଏଲବିସି ର ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ଆରଏଲବିସି ପ୍ରକଳ୍ପ ଅଧିକାରୀ ( 2004 ରୁ 2012 ମଧ୍ୟରେ) 2,780 ହେକ୍ଟର ଜମିକୁ ଜଳସେଚନ ନିମନ୍ତେ 19 ଟି ଉଠା ଜଳସେଚନ ପ୍ରକଳ୍ପର ନିର୍ମାଣ ଲାଗି 26.35 କୋଟି ଟଙ୍କା ଇଇ. ଉଠା ଜଳସେଚନ ବିଭାଜନ, ଢେଙ୍କାନାଳଙ୍କୁ ଜମା ଦେଇଥିଲେ । ବିଭାଜନ 2013 -16 ମଧ୍ୟରେ 2,220 ହେକ୍ଟର ଜମିକୁ ଜଳ ଯୋଗାଣ ପାଇଁ 15.67 କୋଟି ଟଙ୍କା ବ୍ୟୟରେ 17 ଟି ଉଠା ପ୍ରକଳ୍ପର ନିର୍ମାଣ କରିଥିଲା । ଏନଏଚଏଆଇ ଏବଂ ରେଳବାଇ ଅଧିକାରୀଙ୍କ ମଞ୍ଜୁରୀ ରେ ବିଳମ୍ବ ଯୋଗୁଁ ସେପ୍ଟେମ୍ବର 2019 ସୁଦ୍ଧା 560 ହେକ୍ଟର ଜଳସେଚନ କ୍ଷେତ୍ର ପାଇଁ ବାକି ଦୁଇଟି ପ୍ରକଳ୍ପ ର କାମ ଚାଲୁ ରହିଥିଲା । ଅଡ଼ିଟ ଯାଞ୍ଚରୁ ଜଣାଗଲା ଯେ 17 ଟି ସମ୍ପୂର୍ଣ୍ଣ ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ପାଞ୍ଚଟି[32] ପ୍ରକଳ୍ପ ଯାହାର ଜଳସେଚିତ କ୍ଷେତ୍ର 680 ହେକ୍ଟର (24 ପ୍ରତିଶତ) ଥିଲା ତାହା କାର୍ଯ୍ୟ କରୁଥିଲା ଏବଂ ବଳକା 12 ଟି ପ୍ରକଳ୍ପ[33] ବାରମ୍ବାର ଯନ୍ତ୍ରପାତି ଚୋରି ଯୋଗୁଁ କାମ କରୁନଥିଲା । ଅଡ଼ିଟ 100 ହେକ୍ଟର ଜଳସେଚିତ କ୍ଷେତ୍ର ବିଶିଷ୍ଟ 2013 ରେ ସମ୍ପୂର୍ଣ୍ଣ ହୋଇଥିବା ଏଲଆଇ ପ୍ରକଳ୍ପ ଚାନ୍ଦପୁର –III ଯାହା କାର୍ଯ୍ୟକାରୀ ଥିବା କୁହାଯାଉଥିଲା ତାର ମିଳିତ ଯାଞ୍ଚ କରି ଜାଣିବାକୁ ପାଇଲେ ଯେ ପ୍ରକଳ୍ପଟି 2017 ରୁ ଅଚଳ ଥିଲା । ବିଭାଗ ବାକି ଦୁଇଟି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ କରିବା, ପିପି ମାଧ୍ୟମ ରେ ପ୍ରକଳ୍ପ ଗୁଡ଼ିକୁ ଚାଲୁ ରଖିବା ପାଇଁ କୌଣସି ପଦକ୍ଷେପ ନେଇନଥିଲା । ତେଣୁ 15.67 କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ବିଭାଗର ପର୍ଯ୍ୟାଲୋଚନା ଠିକ୍ ଭାବରେ ନ କରିବା ଯୋଗୁଁ 2,200 ହେକ୍ଟର (76 ପ୍ରତିଶତ) ଜମିକୁ ଜଳ ଯୋଗାଣ ହୋଇପାରିଲା ନାହିଁ । ତାହାଛଡ଼ା, 10.67 କୋଟି ଟଙ୍କାର ବଳକା ପାଣ୍ଠି ଇଇ, ଉଠା ଜଳସେଚନ ବିଭାଜନ, ଢେଙ୍କାନାଳ ଙ୍କ ପାଖରେ ଖର୍ଚ୍ଚ ନ ହୋଇ ପଡି ରହିଥିଲା ।

ସରକାର ସ୍ୱୀକାର କଲେ (ଜୁଲାଇ 2021) ଯେ ସଂପୃକ୍ତ ପିପି ମାନଙ୍କ ଦ୍ୱାରା ଉପଯୁକ୍ତ ରକ୍ଷଣାବେକ୍ଷଣ, ଦେଖାରଖା ଇତ୍ୟାଦିର ଅଭାବରୁ କିଛି ପ୍ରକଳ୍ପ ଯେପରିକି ଚାନ୍ଦପୁର –III କାର୍ଯ୍ୟକାରୀ ହୋଇପାରି ନ ଥିଲା ଯେହେତୁ ଏହି ପ୍ରକଳ୍ପ ଗୁଡ଼ିକରେ ରକ୍ଷଣାବେକ୍ଷଣ ର ବ୍ୟବସ୍ଥା ନ ଥିଲା । ଉତ୍ତରଟି ଗ୍ରହଣୀୟ ନ ଥିଲା ଯେହେତୁ 17 ଟି ମଧ୍ୟରୁ 13 ଟି ପ୍ରକଳ୍ପ ଅଚଳ ଥିବା ଦେଖା ଯାଇଥିଲା ଏବଂ ଏଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା ଯାହା ପର୍ଯ୍ୟାଲୋଚନାର ଢିଲାପଣକୁ ଦର୍ଶାଉ ଥିଲା ।

### 5.2 ପର୍ଯ୍ୟାଲୋଚନାର ଅଭାବରୁ ନିମ୍ନମାନର କାମ

ଏସଆଇପି ର ପ୍ରକଳ୍ପ ଅଧିକାରୀ ଏସଏମସି ର ଆରଡ଼ି 00 କି.ମି ଠାରେ ଗୋଟିଏ ଆକ୍ୱାଡ଼କ୍ଟ ର ନିର୍ମାଣ କରିଥିଲେ ଯାହା 2006 ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା । ଏହି ପ୍ରକଳ୍ପରେ ପରୀକ୍ଷାମୂଳକ ଜଳସେଚନ ନିମନ୍ତେ 2013-14 ମସିହାରେ ଆକ୍ୱାଡ଼କ୍ଟ ମାଧ୍ୟମ ରେ 20 କ୍ୟୁମେକ୍ସ ଜଳ ଛଡ଼ାଯାଇଥିଲା । ଯେତେବେଳେ ଏହା ମଧଦେଇ ପାଣି ଛଡ଼ାଗଲା, ସେତେବେଳେ ଏଥିରୁ ପାଣି ବହୁତ ଲିକ୍ କରିଥିଲା । ଇ-ଆଇ-ସି ଆକ୍ୱାଡ଼କ୍ଟ କୁ ପରିଦର୍ଶନ କରିଥିଲେ (ମେଇ 2014) ଏବଂ ଏହାର ଗଠନ କୁ ସୁଦୃଢ ଓ ଜଳ ନିରୋଧକୁ ଗୁରୁତ୍ୱ ଦେଇ ଲିକେଜ୍ ର ପ୍ରତିକାର ପାଇଁ ଉପଦେଶ ଦେଲେ ଯଦ୍ୱାରା ଆକ୍ୱାଡ଼କ୍ଟ ର ଗଠନ କୁ ଆହୁରି ଖରାପ ହେବାରୁ ରୋକାଯାଇ ପାରିବ । ଅଡ଼ିଟ୍ ଦେଖିଲା ଯେ ସିଇ ଏଣ୍ଡ ବିଏମ୍/ ଏସଆଇପି ର ଏସ.ଇ ଙ୍କ ଦ୍ୱାରା କୌଣସି ପ୍ରତିକାର ବ୍ୟବସ୍ଥା ନିଆଯାଇ ନାହିଁ (ଜୁଲାଇ 2019) । ଏପରିକି କ୍ଷମତା ଅନୁଯାୟୀ 118.50 କ୍ୟୁମେକ୍ସ ପାଣି ଛଡ଼ାଗଲେ ଏହା ଭାଙ୍ଗି ଯିବାର ସଂଭାବନା କୁ ଏଡ଼ାଇ ଦିଆଯାଇ ନ ପାରେ । ଯଦି ଏହା ଭାଙ୍ଗିଯାଏ ତେବେ ସମଗ୍ର ଏସଆଇପି ଅଞ୍ଚଳରେ ଚାଷ ନିମନ୍ତେ ଜଳ ଯୋଗାଣ ବନ୍ଦ ହୋଇଯିବ । ଏହା ପ୍ରାଧିକାରୀଙ୍କ ପର୍ଯ୍ୟାଲୋଚନାର ଅଭାବକୁ ଦର୍ଶାଉଥିଲା ।

---

[32] (i)ବଡ଼ଝରା, (ii) ଚାନ୍ଦପୁର, (iii) ଜନ୍ତଣୀ ବୋଲ, (iv) କଣ୍ଟୁର-II ଏବଂ (v) କଣ୍ଟୁର-III

[33] (i)ବାଘୁଆ, (ii) ବାଙ୍ଗୁରବ, (iii) ବିରସାଲ, (iv) ବ୍ରାହ୍ମଣୀଆ, (v) ଚାନ୍ଦପୁର-I, (vi) ଚାନ୍ଦପୁର-II, (vii)କାନପୁରା, (viii) କଣ୍ଟୁର-I, (ix)କପସିରା, (x) ମୁକ୍ତାପୋସି, (xi) ରାହାଣୀ ଏବଂ (xii) ସିବୁଲାପୋସି



**ଆରବିସି ର ଆରଡି 59.730 କିମି ଠାରେ କେନାଲ ସାଇଫନ ର ଖସି ଯାଇଥିବା ଅଂଶ**

## 5.3 ଗୁଣବତ୍ତା ନିୟନ୍ତ୍ରଣ ବ୍ୟବସ୍ଥାର ଅଭାବ

ଚୁକ୍ତି ସର୍ତ୍ତ ଦର୍ଶାଉ ଥିଲା ଯେ ବ୍ୟବହାର ହେବାକୁ ଥିବା ସାମଗ୍ରୀର ନମୁନା ବିଭାଗୀୟ ପରିକ୍ଷା ଗାର କୁ ଯାଞ୍ଚ ପାଇଁ ପଠାହେବା ଦରକାର । ଯାଞ୍ଚ ରିପୋର୍ଟ ରେ ଗୁଣାତ୍ମକ ମାନ ସଠିକ୍ ନିରୁପିତ ହେଲେ ସାମଗ୍ରୀ ଗୁଡ଼ିକୁ ବ୍ୟବହାର କରାଯିବା ଉଚିତ୍ । ଅଡ଼ିଟ୍ ଦେଖିଲା ଯେ ବିଭାଗ ନିର୍ମାଣ ହୋଇଥିବା ଗଠନର ବ୍ୟାପକ ଶକ୍ତିକୁ ସୁନିଶ୍ଚିତ କରିବା ପାଇଁ ସାମଗ୍ରୀ ଗୁଡ଼ିକର କୌଣସି ପରୀକ୍ଷା କରି ନ ଥିଲା । ପରୀକ୍ଷା ଯାଞ୍ଚରୁ ଅଡ଼ିଟ୍ ଦେଖିଲା ଯେ, 2006 ମସିହାରେ ଗୋଟିଏ ସାଇଫନ୍ 16.40 କୋଟି ଟଙ୍କା ଖର୍ଚ୍ଚରେ ଆରଆରବିସି ର ଆରଡ଼ି 59.73 କି.ମିରେ ଥିବା ଏନଏଚ୍ କ୍ରସିଙ୍ଗ୍ ଠାରେ ନିର୍ମିତ ହୋଇଥିଲା । 2016 ମସିହାରେ ପରୀକ୍ଷାମୂଳକ ଜଳ ସେଚନ ବେଳେ କେନାଲରୁ ବହୁତ ଜଳ ଲିକ୍ କରୁଥିଲା । ଇ-ଆଇ-ସି ଜାଗାର ପରିଦର୍ଶନ କରି ଦେଖିଲେ (8 ସେପ୍ଟେମ୍ବର 2016) ଯେ ଆପ୍ରୋଚ୍ ସ୍ଲାବ ଦବିଯିବା ଏବଂ ପାଇପ୍ ଲଗାଇବା ଯୋଗୁଁ ଉପ-ମୃତ୍ତିକାର କ୍ଷୟ ଏହି ଲିକେଜ୍‌ର କାରଣ ଓ ଦବି ଯାଇଥିବା ସମସ୍ତ ଜାଗାକୁ  ଭାଙ୍ଗି ଏବଂ ବାହାର କରି ପ୍ରତିକାର ବ୍ୟବସ୍ଥା ପାଇଁ ମତ ଦେଲେ । ତଦନୁସାରେ, ଚାଲୁ ରହିଥିବା ଚୁକ୍ତି ରେ ଅତିରିକ୍ତ 7.32 କୋଟି ଟଙ୍କା ବ୍ୟୟ ରେ କାମଟି ସରିଥିଲା (ଅଗଷ୍ଟ 2017) । ଏହିପରି ପର୍ଯ୍ୟାଲୋଚନା ଓ ବ୍ୟବହୃତ ସାମଗ୍ରୀର ଗୁଣବତ୍ତା ନିୟନ୍ତ୍ରଣ ଅଭାବରୁ ବିଭାଗ 7.32 କୋଟି ଟଙ୍କା ଅତିରିକ୍ତ ଭାବେ ଖର୍ଚ୍ଚ କଲା ।

ସରକାର ଉତ୍ତର ଦେଲେ (ଜୁଲାଇ 2021) ଯେ ଏକ ଦଶନ୍ଧି ପରେ ଜଳଯୋଗାଣ ହେତୁ ଏଥିରେ କ୍ରମଶଃ ଗର୍ତ୍ତ ସୃଷ୍ଟି ହୋଇ ଏହା ଲିକେଜ୍ ର କାରଣ ହୋଇ ଥାଇପାରେ । ଏହା ମଧ୍ୟ କୁହାଯାଇଥିଲା ଯେ ମରାମତି ପାଇଁ କେବଳ 95 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା  କିନ୍ତୁ ଖର୍ଚ୍ଚର ହିସାବ ସବିସ୍ତାରେ  ଦିଆଯାଇ ନ ଥିଲା ।

ସେହିପରି, ଅମଥ ଏମଏଲପି ର ବଣ୍ଟନ ବ୍ୟବସ୍ଥାର ମିଳିତ ଯାଞ୍ଚ କରି ଅଡ଼ିଟ୍ ଦେଖିଲା ଯେ କାମରେ ବ୍ୟବହୃତ ହୋଇଥିବା ପାଇପ୍ ଗୁଡ଼ିକ ଲିକ୍ କରୁଥିଲା ଏବଂ ପାଇପ୍‌ର ନିର୍ଗମ ବାଟରେ ପାଣି ଯାଉ ନ ଥିଲା । ଠିକ୍ ମାନଦଣ୍ଡର ପାଇପ୍ ବ୍ୟବହାର ନ ହେବା ଏହି କ୍ଷତିର କାରଣ ବୋଲି ଆରୋପଣୀୟ ଥିଲା । ଠିକାଦାର ବ୍ୟବହାର କରିଥିବା ସାମଗ୍ରୀର ନିର୍ବାହୀଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ ଅଭାବରୁ ପାଇପ୍ ରେ ଲିକେଜ୍ ହୋଇଥିଲା ।

ରାଜ୍ୟ ସରକାର ଉତ୍ତର ଦେଲେ (ଜୁଲାଇ 2021) ଯେ ଲୋକମାନେ ଜାଣିଶୁଣି ଜଳସେଚନ ପାଇଁ ନିର୍ଗମ ସ୍ଥଳର ପାଇପ୍ ଭାଙ୍ଗି ଦେଉଛନ୍ତି । ପ୍ରମାଣତଃ, ସରକାରଙ୍କ ଦ୍ୱାରା ନିର୍ମାଣ ହୋଇଥିବା ସମ୍ପତ୍ତିର ତଦାରଖ ବ୍ୟବସ୍ଥା ଓ ଜାଗରୁକତାର ଅଭାବ ଥିଲା ।

## 5.4 ଏମଏଲପି ଗୁଡିକର ଯଥେଷ୍ଟ ପର୍ଯ୍ୟାଲୋଚନାର ଅଭାବ

ଅଡ଼ିଟ୍ ମିଳିତ ଯାଞ୍ଚ କରି ପାଇଲେ ଯେ 56.85 କୋଟି ଟଙ୍କା ବ୍ୟୟରେ କ୍ଲଷ୍ଟର- XIV ଅଧୀନରେ 3,100 ହେକ୍ଟର ଜଳସେଚିତ କ୍ଷେତ୍ର ପାଇଁ ସମ୍ପୂର୍ଣ୍ଣ ହୋଇଥିବା ଚାରୋଟି ପ୍ରକଳ୍ପରେ ପାଣି ପାଇପଲାଇନ ର ତଳ ମୁଣ୍ଡରେ ନ ପହଞ୍ଚିବାର ବିଭିନ୍ନ କାରଣ ଗୁଡ଼ିକ ହେଲା  ଯେପରିକି ପାଇପଲାଇନ୍‌ରୁ ପାଣି ବୋହିଯିବା, ଉତ୍ସରେ ପର୍ଯ୍ୟାପ୍ତ ପାଣିର ଅଭାବରୁ ପାଇପଲାଇନ୍‌ରେ ପାଣିର ପ୍ରେସରରେ କମି, କମ୍ ଭୋଲଟେଜ୍ କାରଣରୁ  ଅଳ୍ପ ସଂଖ୍ୟକ ପମ୍ପ ଚଳାଇବା ଏବଂ ବିଦ୍ୟୁତ୍ ଯୋଗାଣରେ ବାରମ୍ବାର ଅସ୍ଥିରତା । ଏହିପରି, 56.85 କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ଏମଏଲପି ଗୁଡ଼ିକର ପର୍ଯ୍ୟାପ୍ତ ପର୍ଯ୍ୟବେକ୍ଷଣ ଅଭାବରୁ  ସ୍ଥିରୀକୃତ ହୋଇଥିବା 3,100 ହେକ୍ଟର ଜଳସେଚିତ କ୍ଷେତ୍ରକୁ ଯଥେଷ୍ଟ ଜଳସେଚନ ସୁନିଶ୍ଚିତ କରାଯାଇ ପାରିଲା ନାହିଁ ।

ସରକାର ଜଣାଇଲେ (ଜୁଲାଇ 2021) ଯେ ଓପିଟିସିଏଲ ପ୍ରାଧିକାରୀ ତାଙ୍କର ପାୱାର ବ୍ୟବସ୍ଥାକୁ ଶିର୍ଷକୁ ନେବାପାଇଁ ଲାଗିଛନ୍ତି ଯଦ୍ୱାରା ଭୋଲଟେଜ୍ ଅସୁବିଧା ବହୁ ମାତ୍ରାରେ କମିଯିବ ।

## 5.5 କାର୍ଯ୍ୟ ସମାପ୍ତିରେ ବିଳମ୍ବ ଲାଗି ଜୋରିମାନା ଆଦାୟ ନ ହେବା

ସମୟ ଅନୁଯାୟୀ କାମ ସାରିବା ଚୁକ୍ତିର ମୂଳ କଥା । ପୁଣି ଚୁକ୍ତି ନିୟମ ଦର୍ଶାଏ ଯେ ଠିକାଦାର ସମୟନୁଯାୟୀ କାମ ନ ସାରିଲେ ଦିନକୁ 0.5 ପ୍ରତିଶତ କିମ୍ବା ଅତିବେଶିରେ ଅଟକଳ ମୂଲ୍ୟର 10 ପ୍ରତିଶତ ଜୋରିମାନା ଦେବ । ନଥିପତ୍ରର

ପରୀକ୍ଷା ଯାଞ୍ଚରୁ ଜଣାଗଲା ଯେ କାମ ଗୁଡ଼ିକ ଠିକ୍ ସମୟରେ ନ ସରିବା ସତ୍ତ୍ୱେ ବିଭାଗ 167.79 କୋଟି ଟଙ୍କାର ଜୋରିମାନା ଆଦାୟ କରିପାରି ନ ଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

**ସାରଣୀ- 5.1; କାର୍ଯ୍ୟ ସମାପ୍ତିରେ ବିଳମ୍ବ ଲାଗି ଆଦାୟ କରାଯାଇ ନ ଥିବା ଜୋରିମାନା**

| କ୍ରମିକ. ସଂଖ୍ୟା | ଜଡ଼ିତ ପ୍ରକଳ୍ପ | ଜୋରିମାନା କୋଟି ଟଙ୍କା ରେ | ପ୍ରଭାବ |
|---|---|---|---|
| 1 | ଏସଆଇପି | 27.34 | ଅଟକଳ ମୂଲ୍ୟ 273.43 କୋଟି ଟଙ୍କା ଥିବା ତିନୋଟି[34] କାମ ଓସିସି କୁ ବୁଝାମଣା ପତ୍ର ସାକ୍ଷରରେ 315.12 କୋଟି ଟଙ୍କା ରେ ପ୍ରଦାନ କରାଯାଇଥିଲା (ଜୁନ୍ 2016 ଏବଂ ଡ଼ିସେମ୍ବର 2016 ମଧ୍ୟରେ) ଯାହାର ସମାପ୍ତି ଅବଧି ଅଗଷ୍ଟ 2018 ଓ ଡ଼ିସେମ୍ବର 2018 ମଧ୍ୟରେ ଥିଲା । ଅଡ଼ିଟ୍ ରୁ ଜଣାଗଲା ଯେ ଓସିସି ସେପ୍ଟେମ୍ବର 2020 ସୁଦ୍ଧା 302.61 କୋଟି ଟଙ୍କା ରେ (96 ପ୍ରତିଶତ) କାମ ଶେଷ କରିଛି । ଯେହେତୁ ବୁଝାମଣା ପତ୍ରରେ କାର୍ଯ୍ୟ ସମାପ୍ତିରେ ବିଳମ୍ବ ପାଇଁ ଦଣ୍ଡର ବ୍ୟବସ୍ଥା ନ ଥିଲା, ଅଟକଳ ମୂଲ୍ୟ ର 10 ପ୍ରତିଶତ 27.34 କୋଟି ଟଙ୍କାର ଜୋରିମାନା ଦାବୀ ଏବଂ ଆଦାୟ କରାଯାଇ ପାରି ନ ଥିଲା । |
| 2 | ଏଲଆଇଆଇପି ଏବଂ ଏମ୍ଏଲ୍ପି | 140.44 | ଚାରିଜଣ ଠିକାଦାର ଙ୍କୁ 1,404.44 କୋଟି ଟଙ୍କା ମୂଲ୍ୟର କାମ ଅଗଷ୍ଟ 2013 ଏବଂ ମାର୍ଚ୍ଚ 2018 ମଧ୍ୟରେ ପ୍ରଦାନ କରାଯାଇଥିଲା ଯାହା ଫେବୃଆରୀ 2016 ଏବଂ ଫେବୃଆରୀ 2019 ରେ ସମ୍ପୂର୍ଣ୍ଣ ହେବାର ଥିଲା । ଯେହେତୁ ବିଳମ୍ବର କାରଣ ଠିକାଦାରଙ୍କ ଉପରେ ଆରୋପଣ କରାଯାଇ ଥିଲା ଇଇଙ୍କର ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କାମଗୁଡ଼ିକ ସମ୍ପୂର୍ଣ୍ଣ ହୋଇନଥିଲା । ଏପରିକି 140.44 କୋଟି ଟଙ୍କାର ନଗଦ କ୍ଷତିପୂରଣ ଠିକାଦାର ଠାରୁ ଆଦାୟ ହେବାର ଉଚିତ୍ ଥିଲା । |

(ଉତ୍ସ: ଅଡ଼ିଟ୍ ଦ୍ୱାରା ସଂକଳିତ)

ରାଜ୍ୟ ସରକାର କହିଲେ (ଜୁଲାଇ 2021) ଯେ, ସ୍ପିଲ୍ ଚ୍ୟାନେଲ ମାଧ୍ୟମ ରେ ଜଳଭଣ୍ଡାର ର ବଳକା ପାଣି ଛାଡ଼ିବା, ବିସ୍ଫୋରଣ ଅନୁମତି ମିଳିବାରେ ବିଳମ୍ବ, ସାଧାରଣ ନିର୍ବାଚନ, ଏଲଏ, ଜଙ୍ଗଲ ବିଭାଗ ଅନୁମତି ଇତ୍ୟାଦି ଯୋଗୁଁ କେନାଲ କାମ କରିବାରେ ବିଳମ୍ବ ହୋଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା, ଯେହେତୁ ଦର୍ଶାଯାଇଥିବା କାରଣ ଅତି ସାଧାରଣ ଅଟେ ଏବଂ ଠିକାଦାରଙ୍କୁ ଚୁକ୍ତି ସ୍ୱୀକାର କଲାବେଳେ ଏହା ଜଣାଥିଲା ।

ଏହି ତୃଟି ଗୁଡ଼ିକ ସହିତ, ଅଡ଼ିଟ୍ ଟେଣ୍ଡରିଙ୍ଗରେ ଗୁଡ଼ାଏ ଅନିୟମିତତା, ଅତ୍ୟଧିକ ଲିଡ୍ ଦୁରତା ଯୋଗୁଁ ଅତିରିକ୍ତ ଖର୍ଚ୍ଚ , ଏସ.ଓ.ଆର/ଏ.ଓ.ଆର କୁ ଅନୁକରଣ ନ କରି ଅଟକଳର ପ୍ରସ୍ତୁତି କରିବା ଯୋଗୁଁ କଣ୍ଟ୍ରାକ୍ଟରକୁ ଅତ୍ୟଧିକ ଦେୟ ପ୍ରଦାନ, ବିଆଇଏସ୍ କୋଡ୍‌କୁ ଉଲଘଂନ କରି କାର୍ଯ୍ୟ ସମ୍ପାଦନ କରାଯିବା ଇତ୍ୟାଦି,ଅନିୟମିତତା ଦେଖିଲା ଯାହାକି ***ପରିଶିଷ୍ଟ – 2*** ରେ ଦର୍ଶାଯାଇଛି ।

## 5.6 ଯାଞ୍ଚମାପ ରେଜିଷ୍ଟର ବଜାୟ ନ ରଖିବା

ଓପିଡ଼ବ୍ଲୁ କୋଡ୍ ପରିଶିଷ୍ଟ- II ନିର୍ଦ୍ଧାରିତ କରେ ଯେ ଯାଞ୍ଚ ମାପର ନଥି ବଜାୟ ରହିବା ଦରକାର ଏବଂ କାର୍ଯ୍ୟର ମାପ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ହେବା ଦରକାର । ବିଭାଜନ ଅଧକାରୀ ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା ମାପର ସଠିକତା ଯାଞ୍ଚ ପାଇଁ 2 ଲକ୍ଷ ଟଙ୍କା ରୁ ଅଧିକ ମୂଲ୍ୟ କାମ ର 10 ପ୍ରତିଶତ ମାପ ଯାଞ୍ଚ କରିବା ଦରକାର । ଯାଞ୍ଚମାପ ର ଲକ୍ଷ୍ୟ ହେଲା, ମାପରେ ଭୂଲ ବାହାର କରିବା ଏବଂ ଅନୈତିକ ହିସାବ କୁ ରୋକିବା ଏବଂ ମଧ୍ୟ ଦେଖିବା ଦରକାର ଯେ ବିଶ୍ୱାସ ର ସହିତ ବିନିର୍ଦ୍ଦିଷ୍ଟକରଣ ଗୁଡ଼ିକ ଲେଖାଯାଇଛି । ବିଭାଜନ ଅଧକାରୀଙ୍କୁ ଧାର୍ଯ୍ୟ ହୋଇଥିବା ମୂଳ ପରିମାଣ ଠାରୁ 10 ପ୍ରତିଶତରୁ ଅଧିକ ପରିମାଣ କାମ ହୋଇଥିବା ଆଇଟମ୍ ଗୁଡ଼ିକର ଯାଞ୍ଚ ମାପ କରିବା ଦରକାର । ପରନ୍ତୁ, ଏହା ଦେଖା

[34] (i) ହଳଦିଆ ମାଟି ନିର୍ମିତ ଡ୍ୟାମ୍‌ର ଜଳ ନିର୍ଗମ ପଥର ନିର୍ମାଣ, (ii) ବୈଶିଙ୍ଗା ଫିଡ଼ର ତଥା ସଂଯୋଗକାରୀ କେନାଲ ଏବଂ (iii)ଏସ.ଏମ.ସି ର ପୁନରୁଦ୍ଧାର

ଯାଇଥିଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା କୌଣସି ବିଭାଜନ ରେ ଯାଞ୍ଚ ମାପ ନଥିର ବ୍ୟବସ୍ଥା ନ ଥିଲା ଯେଉଥି ପାଇଁ ଅଡ଼ିଟ୍ ସୁନିଶ୍ଚିତ କରିପାରିଲା ନାହିଁ ଯେ, ଅଧୀନସ୍ଥ କର୍ମଚାରୀ ଙ୍କ ଦ୍ୱାରା ହୋଇଥିବା ମାପ ର ସଠିକତା ଉଚ୍ଚତର ଅଧିକାରୀ ମାନେ ଆବଶ୍ୟକୀୟ ଯାଞ୍ଚ କରି ସାର୍ଟିଫିକେଟ ପ୍ରଦାନ କରିଛନ୍ତି ।

ସରକାର କହିଲେ (ଜୁଲାଇ 2021) ଯେ ସମୀକ୍ଷା ଅବଲୋକନ ଗୁଡ଼ିକୁ ଭବିଷ୍ୟତ ମାର୍ଗଦର୍ଶନ ନିମନ୍ତେ ଟିପ୍ପଣିକୃତ କରାଗଲା ଏବଂ ପ୍ରତି ବିଭାଜନରେ ଯାଞ୍ଚମାପ ନଥି ବଜାୟ ରଖିବା ପାଇଁ ପ୍ରତିଶ୍ରୁତି ଦେଲେ ।

## 5.7 ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକରେ ଦେଖାଯାଇଥିବା ପଦ୍ଧତିଗତ ସମସ୍ୟା

ଜମି ଅଧିଗ୍ରହଣ, ଜଙ୍ଗଲ ଅନୁମତି ଏବଂ ଆୟାକଟ ପ୍ଲାନିଂ ରେ ବିଳମ୍ବ କୁ ଏଡାଇବା ପାଇଁ ତ୍ୱରାନ୍ୱିତ ଜଳସେଚନ କାର୍ଯ୍ୟକ୍ରମ ର ସମୀକ୍ଷା ପ୍ରତିବେଦନ (ମାର୍ଚ୍ଚ 2009) ଅନୁଚ୍ଛେଦ 2.3 ରେ ସମୀକ୍ଷା ସୁପାରିଶ ହୋଇଥିବା ସତ୍ତ୍ୱେ ନିମ୍ନଲିଖିତ ପଦ୍ଧତିଗତ ସମସ୍ୟା ଗୁଡିକ ଲାଗିରହିଥିଲା ।

ପରୀକ୍ଷା ଯାଞ୍ଚ ହୋଇଥିବା ପାଞ୍ଚୋଟି ବୃହତ୍ ପ୍ରକଳ୍ପ ମଧ୍ୟରୁ, ଚାରୋଟି ପ୍ରକଳ୍ପ ( ୟୁଆଇଆଇପି ବ୍ୟତୀତ) ଯାହାକି 1978 ଏବଂ 1999 ମଧ୍ୟରେ ଆରମ୍ଭ ହୋଇଥିଲା ତାହା ସମୟ ଏବଂ ଖର୍ଚ୍ଚ ବୃଦ୍ଧି ସହ ଜମି ଅଧିଗ୍ରହଣରେ ବିଳମ୍ବ, ଜଙ୍ଗଲ ଅନୁମତି, ଡିଜାଇନ ଚୂଡାନ୍ତ ରେ ବିଳମ୍ବ, ସର୍ଭେରେ କମି ଏବଂ ଅନୁସନ୍ଧାନ ଇତ୍ୟାଦି ରେ କମି କାରଣ ଯୋଗୁଁ ବର୍ତ୍ତମାନ ଯାଏଁ ଚାଲୁ ରହିଥିଲା । କେତେକ ପ୍ରକଳ୍ପର ମୂଲ୍ୟ 9 ରୁ 46 ଗୁଣ ପର୍ଯ୍ୟନ୍ତ ବଢି ଯାଇଥିଲା ।

- ୟୁଆଇଆଇପି, ଏସଆଇପି ଏବଂ ଆରଏଲବିସି ପ୍ରକଳ୍ପ ଗୁଡିକର ନିର୍ବାହରେ ବିଳମ୍ବ ହେତୁ ଡିଜାଇନ ଆୟାକଟ୍ ଏମଆଇ ପ୍ରକଳ୍ପ ଗୁଡିକ ଦ୍ୱାରା ମାଡିଯାଇଥିଲା ଯାହା ଅନାବଶ୍ୟକତା ସହିତ ଅଯଥା ଖର୍ଚ୍ଚ ବୃଦ୍ଧି କରାଇଥିଲା ।
- ପରିକ୍ଷା ଯାଞ୍ଚ ହୋଇଥିବା ଦୁଇଟି ପ୍ରକଳ୍ପ (ଏସଆଇପି ଏବଂ ଏଲଆଇଆଇପି) ରେ ଆର ଏବଂ ଆର ସହାୟତା ଦିଆଯାଇଥିବା ସତ୍ତ୍ୱେ ବିସ୍ଥାପିତ ଲୋକଙ୍କୁ ସ୍ଥାନାନ୍ତରଣ ନ କରିବାରୁ ବର୍ଦ୍ଧିତ ହାରରେ ସହାୟତା ଦେବାକୁ ପଡିଲା ।
- କେନାଲ ଲାଇନିଂ ପାଇଁ ଡ଼ିପିଆର ଅନୁଯାୟୀ ଡ଼ିଜାଇନ୍ ଏବଂ ଡ୍ରଇଂ କୁ ଅନୁସରଣ ନ କରାଯିବା କାରଣରୁ, ୟୁଆଇଆଇପି ଏବଂ ଏସଆଇପି ପ୍ରକଳ୍ପରେ କେନାଲ୍ ଆଡ଼ିବନ୍ଧ ଖସିଯିବାର ଦେଖା ଯାଇଥିଲା ।
- ବିଭିନ୍ନ ବିଭାଗ ମଧ୍ୟରେ ସମୂହ ପ୍ରଚେଷ୍ଟାର ଅଭାବ ହେତୁ ଜଳସେଚିତ କ୍ଷେତ୍ରରେ ଡିପିଆର ରେ ଦର୍ଶାଯାଇଥିବା ବହୁବିଧ ଫସଲ ବଦଳରେ ଏକକ ଫସଲ ଚାଷ ହୋଇଥିଲା । ଏହା ଖର୍ଚ୍ଚ-ସୁବିଧା ଅନୁପାତ ହ୍ରାସ ହେବାର କାରଣ ଥିଲା, ଯାହାକି ପ୍ରକଳ୍ପ ଗୁଡ଼ିକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଲାଭଦାୟକ ହୋଇନଥିଲା ।

# ଅଧ୍ୟାୟ – VI

# ଉପସଂହାର ଏବଂ ସୁପାରିଶ

# ଅଧ୍ୟାୟ – VI

## ଉପସଂହାର ଏବଂ ସୁପାରିଶ

### 6.1 ଉପସଂହାର

କୃଷି ନିମନ୍ତେ ଯଥେଷ୍ଟ ଓ ସୁନିଶ୍ଚିତ ଜଳ ଯୋଗାଣ କରିବା ଲକ୍ଷ ନେଇ ବିଚାର ଯୋଗ୍ୟ ମୂଲ୍ୟରେ ଓଡ଼ିଶା ସରକାର ବିଭିନ୍ନ ଜଳ ସେଚନ ପ୍ରକଳ୍ପ ( ବୃହତ୍ ,କ୍ଷୁଦ୍ର, ମେଗାଲିଫ୍ଟ ଇତ୍ୟାଦି) ପ୍ରାରମ୍ଭ କରିଥିଲେ । ଯାହାହେଉ, ଯେପରି ଅଡ଼ିଟ୍ ରେ ଦେଖାଯାଇଥିଲା, ଜଳସେଚନ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ସର୍ମ୍ପୁଣ କରି ଯଥେଷ୍ଟ ଓ ସୁନିଶ୍ଚିତ ଜଳ ଯୋଗାଣ ର ଅଭାବ ଚାଷୀ ମାନଙ୍କୁ ଜଳସେଚନ ସୁବିଧାରୁ ବଂଚିତ କରିଥିଲା ।

ଏହି ସମ୍ପାଦନ ସମୀକ୍ଷା ଦ୍ଵାରା ଅନ୍ତର୍ଭୁକ୍ତ ସମୟ ଅବଧି ଯାହାକି 2014-19 ମଧ୍ୟରେ ଅଡ଼ିଟ୍ ପାଂଚଟି ବୃହତ୍ ଜଳସେଚନ ଯୋଜନା. ନଅଟି ମେଗାଲିଫ୍ଟ ଜଳସେଚନ ଯୋଜନା ଏବଂ ଦଶଟି କ୍ଷୁଦ୍ର ଜଳସେଚନ ଯୋଜନା ର ଯାଂଚ ସମୀକ୍ଷା କରିଥିଲା ଯେଉଁଥିରେ, ମାର୍ଚ୍ଚ 2020 ସୁଦ୍ଧା 12,742.11 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ନଅଟି ମେଗାଲିଫ୍ଟ ଯୋଜନା କୁ ଛାଡ଼ି ପ୍ରକଳ୍ପ ଗୁଡ଼ିକର ମୂଲ୍ୟବୃଦ୍ଧି ଶତକଡ଼ା 182 ରୁ 4,596 ପ୍ରତିଶତ ମଧ୍ୟରେ ଥିଲା । ମୂଲ୍ୟବୃଦ୍ଧି ସତ୍ତ୍ୱେ କେବଳ ଗୋଟିଏ ବୃହତ୍ ପ୍ରକଳ୍ପ ୟୁଆଇଆଇପି ର ନିର୍ମାଣ ସମାପ୍ତ ହୋଇଥିଲା ଏବଂ ଅନ୍ୟ ଚାରୋଟି ବୃହତ ଜଳସେଚନ ପ୍ରକଳ୍ପ ରେ ନିର୍ମାଣ ବିଭିନ୍ନ ସ୍ତରରେ ଥିଲା ।

ଭୂପୃଷ୍ଠ ଜଳସେଚନ ର ସମ୍ପାଦନ ସମୀକ୍ଷା ପ୍ରକଳ୍ପ ଗୁଡ଼ିକର ଯୋଜନା, କାର୍ଯ୍ୟକାରିତା ଏବଂ ମନିଟରିଂ ରେ ଗୁଡ଼ାଏ ଅଭାବ ପ୍ରକଟ କଲା । ପରୀକ୍ଷା ଯାଞ୍ଚ କରାଯାଇଥିବା ପ୍ରକଳ୍ପ ଗୁଡ଼ିକରେ ଅର୍ଥ ର ଫେରସ୍ତ ଯୋଗୁଁ ଆର୍ଥିକ ପରିଚାଳନା ବିଚଳିତ ହୋଇଥିଲା, ଫଳରେ ଟଙ୍କା ଥାଇ ମଧ୍ୟ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ସମ୍ପୂର୍ଣ୍ଣ ହୋଇନଥିଲା । କେନ୍ଦ୍ରୀୟ ସହାୟତା ରୁ ବଞ୍ଚିତ ହେବା, ବିନା ଉପଯୋଗ ରେ ଅର୍ଥ କୁ ଠୁଳ କରି ରଖିବା, ସରକାରୀ ଅର୍ଥ ର ଅନାଦେୟ, ଅଗ୍ରୀମ ଅର୍ଥ ର ଖର୍ଚ୍ଚ ନ ଦର୍ଶାଇବା ଓ ଅନୁପଯୁକ୍ତ ଟିକସ ପ୍ରଦାନ ଭଳି ଉଦାହରଣ ମଧ୍ୟ ଦେଖାଯାଇଥିଲା ।

ପ୍ରକଳ୍ପ ଗୁଡ଼ିକର ଡ଼ିପିଆର୍ ର ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ରେ ଅଭାବ ପରିଲକ୍ଷିତ ହୋଇଥିଲା ଏବଂ ପ୍ରକଳ୍ପ ଗୁଡ଼ିକର ବିସିଆର ର ଭୁଲ ହିସାବ କରାଯାଇଥିଲା । ଏହାଦ୍ଵାରା କାମର ପରିଧି ଓ ଡ଼ିଜାଇନ ରେ ପରିବର୍ତ୍ତନ ଏବଂ ଅଟକଳ ର ଖର୍ଚ୍ଚ ପୁନଃନିର୍ଦ୍ଧାରଣ ହେଲା ଯଦ୍ଵାରା ପ୍ରକଳ୍ପର କାର୍ଯ୍ୟକାରିତା ର ସୂଚୀ ପ୍ରଭାବିତ ହୋଇଥିଲା । ସେହିପରି, ସମସ୍ତ ପରିକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡ଼ିକରେ 12,742.11କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ପ୍ରସ୍ତାବିତ ଜଳସେଚନ କ୍ଷମତା 5,02,842 ହେକ୍ଟର ସ୍ଥଳେ 1,22,418 ହେକ୍ଟର ହୋଇଥିଲା ଯାହାକି ଦର୍ଶାଯାଇଥିବା କ୍ଷମତାର 24 ପ୍ରତିଶତ ଥିଲା । ଜମି ଅଧିଗ୍ରହଣ ନ ହେବା, ଡ଼ିପିଆର୍ ରେ କମି, ଭୁଲ ସର୍ଭେ ଓ ଅନୁସନ୍ଧାନ, ପ୍ରକଳ୍ପ କରିବାରେ ଡ଼ିଜାଇନ୍ ରେ ହୋଇଥିବା କମି, କେନାଲ ରେ ପର୍ଯ୍ୟାପ୍ତ ପାଣି ର ଅଭାବ କାରଣ ରୁ ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ ହୋଇନଥିଲା ଓ ଜଳସେଚନ କ୍ଷମତା ହାସଲ ହୋଇନଥିଲା । ବୃହତ୍ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ 13 ରୁ 43 ବର୍ଷ ବିଳମ୍ବର ସମ୍ମୁଖୀନ ହେଉଛନ୍ତି ।

ଜମି ଅଧିଗ୍ରହଣ ରେ ବିଳମ୍ବ, ବିଳମ୍ବିତ ଆର୍ ଏଣ୍ଡ ଆର୍ ପଦକ୍ଷେପ, ଏବଂ କାର୍ଯ୍ୟ ନିର୍ବାହ ରେ କମି ଯୋଗୁଁ ଏହି ବିଳମ୍ବ ଓ ଖର୍ଚ୍ଚର ଆଧିକ୍ୟତା ହୋଇଥିଲା ।

ଯେହେତୁ ବିବିଧ ଫସଲ ପ୍ରଣାଳୀ ଅନୁସରଣ ନ କରି କେବଳ ଧାନ ହିଁ ପ୍ରକଳ୍ପ ଜଳସେଚିତ କ୍ଷେତ୍ରରେ ଚାଷୀ ମାନଙ୍କ ଦ୍ଵାରା ଚାଷ କରାଯାଏ, ତେଣୁ ସମସ୍ତ ପ୍ରକଳ୍ପ ଆର୍ଥିକ ଅବ୍ୟବହାର୍ଯ୍ୟତା ରେ ଗତିକରୁଛି । ପ୍ରକଳ୍ପ ପ୍ରଣୟନ ରେ ତଦାରଖ ର ଅଭାବ, ଚାଷୀ ସଂଶ୍ଲିଷ୍ଟ ବ୍ୟକ୍ତି ବିଶେଷଙ୍କୁ କୁ ଭାଗ ନେବାରେ ପରିଚାଳନା ଗତ ତୃଟି, ପରିଲକ୍ଷିତ ଥିଲା ।

ଯଦିଓ ଜଳସେଚନ ର ସୁବିଧା ଯୋଗାଇବା କୃଷିଜାତ ଓ ବଗିଚା ଚାଷର ଉନ୍ନତି ରେ ଗୁରୁତ୍ୱପୂର୍ଣ ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ଯଥେଷ୍ଟ ପାଣି ଯୋଗାଇ ଦିଆଯାଇଥିଲେ ମଧ୍ୟ କୃଷକଙ୍କ ସୁବିଧା ପାଇଁ ଧାର୍ଯ୍ୟ ଜଳସେଚନ କ୍ଷମତା ସୃଷ୍ଟି ହୋଇପାରିନଥିଲା ।

## 6.2 ସୁପାରିଶ

1. ଜଳସେଚନ ପ୍ରକଳ୍ପର ଆର୍ଥିକ ପରିଚାଳନା ଉପରେ ବିଭାଗ ତୀକ୍ଷ୍ଣ ନଜର ରଖିବା ଏବଂ ଆର୍ଥିକ ଅନିୟମିତତା ପାଇଁ ନିର୍ବାହୀମାନଙ୍କ ଉପରେ ଉତ୍ତରଦାୟୀତ୍ୱ ଧାର୍ଯ୍ୟ କରିବା ଦରକାର ।

2. ନିର୍ଦ୍ଦିଷ୍ଟ ଏରିଆ ଚିହ୍ନଟ କରି ଧ୍ୟାନ କେନ୍ଦ୍ରିତ କରିବା ପାଇଁ ରାଜ୍ୟ ସରକାର ପ୍ରତିଟି ପ୍ରକଳ୍ପର ଉପାଦାନ ଗୁଡିକର ସମ୍ପାଦନର ମୂଲ୍ୟାୟନ କରିବା ଦରକାର ଏବଂ ସମସ୍ତ ନିର୍ବାହୀ ମାନଙ୍କୁ ଶୀଘ୍ର ସମାପ୍ତି ଲାଗି ସେମାନଙ୍କ ପ୍ରଚେଷ୍ଟାକୁ ତୀବ୍ର କରିବା ପାଇଁ ନିର୍ଦ୍ଦେଶ ଦେବା ଦରକାର ।

3. ଓପିଡବ୍ଲୁଡ଼ି ସଂହିତାରେ ଯେପରି ଦର୍ଶାଯାଇଛି ପ୍ରକଳ୍ପ କାମ ଗୁଡିକ ଜମି ଅଧିଗ୍ରହଣ ପରେ ଆରମ୍ଭ କରିବାକୁ ସରକାର ନିଶ୍ଚିତ କରିବା ଦରକାର ।

4. ସରକାର ବିସ୍ଥାପିତ ଲୋକଙ୍କୁ ଆରଏଣ୍ଡଆର ସହାୟତା ଦେବା ସଙ୍ଗେ ସଙ୍ଗେ ସ୍ଥାନାନ୍ତରଣ କରିବା ପାଇଁ ମେକାନିଜିମ୍ ଗ୍ରହଣ କରିପାରନ୍ତି ଏବଂ ଯେଉଁ ଅଫିସରମାନେ ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ବିସ୍ଥାପିତ ଲୋକଙ୍କୁ ସ୍ଥାନାନ୍ତରଣ ରେ ବିଳମ୍ବ ଯୋଗୁଁ ଅତିରିକ୍ତ ଖର୍ଚ୍ଚ ଲାଗି ଦାୟୀ ତାଙ୍କୁ ଉତ୍ତରଦାୟୀ କରିପାରନ୍ତି ।

5. ଅନୁଚିତ ସର୍ଭେ ଏବଂ ଭୁଲ ନକ୍ସା ଅନୁସରଣ ଯୋଗୁଁ ଆଡିବନ୍ଧ ଖସିବା କୁ ରୋକିବା ଲାଗି ଅଯଥା ପୁନରୁଦ୍ଧାର କାର୍ଯ୍ୟ ଲାଗି ନିର୍ବାହୀ ମାନଙ୍କୁ ଉତ୍ତରଦାୟୀ କରିବା ଦରକାର /

6. କାମ ଗୁଡିକର ଭୂଲ ନିର୍ବାହ ପାଇଁ ବିଭାଗ ଦ୍ୱାରା କାର୍ଯ୍ୟ ନିର୍ବାହୀ ମାନଙ୍କ ଉପରେ ଉତ୍ତରଦାୟୀତ୍ୱ ସ୍ଥିର ହେବା ଦରକାର ।

7. ସରକାରଙ୍କୁ ଚାଷୀଙ୍କ ସହ ମିଶି ପ୍ରକଳ୍ପ ପ୍ରସ୍ତାବରେ ଦର୍ଶାଯାଇଥିବା ବିବିଧ ଫସଲ ପ୍ରଣାଳୀ ଆପଣେଇବା ପାଇଁ ପଦକ୍ଷେପ ନେବା ଦରକାର ।

୪. ଜଳସେଚନ ପ୍ରକଳ୍ପ ଗୁଡ଼ିକରୁ ଜଳ ବ୍ୟବହାର କରୁଥିବା ଶିଳ୍ପ ମାନଙ୍କ ଠାରୁ ବୈଧ ଜଳକରର ଦାବି କରା ନଯିବା/ ଅନାଦେୟ ନିମନ୍ତେ କର୍ତ୍ତୃପକ୍ଷଙ୍କ ଉପରେ ଉତ୍ତରଦାୟୀତ୍ୱ ସ୍ଥିର ହେବା ଦରକାର ।

(ବିଭୁଦତ୍ତ ବସନ୍ତିଆ)
ପ୍ରଧାନ ମହାଲେଖାକାର (ଲେଖା ପରୀକ୍ଷା-II)

ଭୁବନେଶ୍ୱର
ତାରିଖ : 04 MAR 2022

ପ୍ରତିହସ୍ତାକ୍ଷରିତ

(ଗିରୀଶ ଚନ୍ଦ୍ର ମୁର୍ମୁ)
ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ

ନୂଆ ଦିଲ୍ଲୀ
ତାରିଖ : - 8 MAR 2022

# ପରିଶିଷ୍ଟ

## ପରିଶିଷ୍ଟ-I
## (ଅନୁଛେଦ 4.5 ପୃଷ୍ଠା 49)

### ଜଳସେଚନ ଉତ୍ସରୁ ଜଳ ବ୍ୟବହାର କରୁଥିବା ଶିଳ୍ପାନୁଷ୍ଠାନ ମାନଙ୍କ ସମ୍ବନ୍ଧରେ ବିବରଣୀ

| କ୍ରମିକ ସଂଖ୍ୟା | ପ୍ରକଳ୍ପର ନାମ | ଅସଙ୍ଗତିର ପ୍ରକାର | ଅସଙ୍ଗତିର ଫଳାଫଳ |
|---|---|---|---|
| 1 | ଆର.ଏଲ.ବି.ସି. | ଓଡ଼ିଶା ଜଳସେଚନ ନିୟମାବଳୀ ଦର୍ଶାଇଥାଏ ଯେ, ଯଦି ଜଳ କର ପ୍ରଦାନରେ ବିଳମ୍ବ ଘଟେ, ତେବେ ଏହି ବିଳମ୍ବିତ ଅର୍ଥ ପ୍ରଦାନ ଲାଗି ମାସିକ ଦୁଇ ପ୍ରତିଶତ ସୁଧ ହାରରେ ଅସୁଲି କରାଯିବ ।<br><br>ମୁଖ୍ୟ ଯନ୍ତ୍ରୀ ତଥା ବେସିନ୍ ପରିଚାଳକ, ବ୍ରାହ୍ମଣୀ ବାମ ବେସିନ୍, ସମ୍ବଲ, ସମ୍ବଲ ବ୍ୟାରେଜ୍ ବାମ ହେଡ଼୍ ରେଗୁଲେଟରର ନିମ୍ନ ସ୍ରୋତର 110 ମି. ଠାରେ ଗ୍ୟାଲନ୍ ପ୍ରତି 60 ଟଙ୍କା ଦରରେ ଦେୟ ପ୍ରଦାନ ସହିତ ଆଗାମୀ 30 ବର୍ଷ ପର୍ଯ୍ୟନ୍ତ 260 କ୍ୟୁମେକ୍ସ ଜଳର ଉଠାଣ ପାଇଁ ଓଡ଼ିଶା ପାୱାର୍ କନସୋର୍ଟିୟମ୍ ଲିମିଟେଡ଼୍ (ଓ.ପି.ସି.ଏଲ୍.) ଙ୍କ ସହିତ ଏକ ଚୁକ୍ତିନାମା ସାକ୍ଷର କରିଥିଲେ (ମଇ 2006) | ଉକ୍ତ ସଂସ୍ଥା ଅକ୍ଟୋବର 2009 ଠାରୁ ସେପ୍ଟେମ୍ବର 2010 ମଧ୍ୟରେ 49.38 ଲକ୍ଷ ଗ୍ୟାଲନ୍ ପରିମାଣର ଜଳ ଉଠାଣ କରିଥିଲେ କିନ୍ତୁ ଜଳ କର ଏବଂ ତାହାର ମାସିକ ଦୁଇ ପ୍ରତି ଶତ ସୁଧ ହାରରେ ମୋଟ 246.14 କୋଟି ଟଙ୍କା ସଂପୃକ୍ତ ସଂସ୍ଥାଙ୍କ ଠାରୁ ଅସୁଲି କରାଗଲା ନାହିଁ (ଅଗଷ୍ଟ 2019) ।<br><br>ସରକାର ଜଣାଇଲେ ଯେ ଅକ୍ଟୋବର 2009 ଠାରୁ ସେପ୍ଟେମ୍ବର 2010 ମଧ୍ୟରେ ଓ.ପି.ସି.ଏଲ୍.ଙ୍କୁ ଜଳ ସେସ୍/ ଦେୟ ଛାଡ଼ କରାଯିବା ପ୍ରସ୍ତାବ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ ।<br><br>ଦାବି ନୋଟିସ୍ ଗୁଡ଼ିକ ଓଡ଼ିଶା ଜଳସେଚନ ନିୟମାବଳୀ, 2010 ଅନୁଯାୟୀ ଜାରୀ କରାଯାଇଥିଲା । |
| 2 | ଆର.ଏଲ.ବି.ସି. | ଓଡ଼ିଶା ଜଳସେଚନ (ସଂଶୋଧନ) ନିୟମାବଳୀ 2010 ର ନିୟମ 23–କ ଅନୁସାରେ ଜଳସେଚନ ଉତ୍ସରୁ ଜଳର ଉଠାଣ ପାଇଁ ୟୁନିଟ୍ ପ୍ରତି 5.60 ଟଙ୍କା ହାରରେ ଜଳ କର ଆଦାୟ କରାଯିବା ଉଚିତ୍ ।<br><br>ଏହି ଜଳ ଦର ଏପ୍ରିଲ୍ 2016 ଠାରୁ ପ୍ରତି ବର୍ଷ ଏପ୍ରିଲ୍ ପହିଲାରୁ 10 ପ୍ରତି ଶତ ବାର୍ଷିକ ହାରରେ ବୃଦ୍ଧି କରାଯିବା ଉଚିତ୍ ।<br><br>ତିନି ଗୋଟି ଶିଳ୍ପାନୁଷ୍ଠାନ ସମ୍ବଲ ବ୍ୟାରେଜ୍‌ରୁ ଜଳ ଉତ୍ତୋଳନ କରୁଥିଲେ ଏବଂ ୟୁନିଟ୍ ପ୍ରତି 5.60 ଟଙ୍କା ହାରରେ ଜଳ କର ପଇଠ କରୁଥିଲେ ।<br><br>ପରିବର୍ତ୍ତିତ ଆଦେଶ ଅନୁସାରେ, 1 ଏପ୍ରିଲ୍ 2017/ 1 ଏପ୍ରିଲ୍ 2018/ 1 ଏପ୍ରିଲ୍ 2019 ଠାରୁ ଜଳର ୟୁନିଟ୍ ପ୍ରତି ଦର ଯଥାକ୍ରମେ 6.16/6.78/7.46 ଟଙ୍କା ହେବା ଉଚିତ୍ । | ସଂପୃକ୍ତ ବିଭାଜନ 2017-18 ବର୍ଷ ମଧ୍ୟରେ ୟୁନିଟ୍ ପ୍ରତି 6.16 ଟଙ୍କା ଦରରେ ଦେୟ ଆଦାୟ କରିଥିଲେ, କିନ୍ତୁ 2018-20 ମଧ୍ୟରେ ଜଳ କର ୟୁନିଟ୍ ପ୍ରତି 6.78 ଟଙ୍କା ଏବଂ 7.46 ଟଙ୍କା ପରିବର୍ତ୍ତେ ଯଥାକ୍ରମେ 6.72 ଟଙ୍କା ଏବଂ 7.28 ଟଙ୍କା ଦରରେ ଆଦାୟ କରାଯାଇଥିଲା ।<br><br>ଏହା ଯୋଗୁ 2018-20 ମଧ୍ୟରେ 2,398.50 ଲକ୍ଷ ୟୁନିଟ୍ ଜଳ ଉତ୍ତୋଳନ ବାବଦରେ 2.40 କୋଟି ଟଙ୍କାର ଜଳ କର ସ୍ୱଳ୍ପ ଆଦାୟ ହେଲା (ସେପ୍ଟେମ୍ବର 2019) ।<br><br>ଜବାବରେ ସରକାର ଜଣାଇଲେ ଯେ ନିର୍ବାହୀ ଯନ୍ତ୍ରୀ, ଓଡ଼ିଶା ଜଳସେଚନ (ସଂଶୋଧନ) ନିୟମାବଳୀ 2010 ଏବଂ ସମୟରୁ ସମୟ ଏଥିରେ ଜାରୀ ହୋଇଥିବା ପରବର୍ତ୍ତୀ ସଂଶୋଧନ ଗୁଡ଼ିକର ଅନୁସରଣ କରି ଜଳ କରର ପରିମାଣ ଧାର୍ଯ୍ୟ କରିଥିଲେ ।<br><br>ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ରାଜପତ୍ର ଅଧିସୂଚନା ରେ ଦର୍ଶାଯାଇଛି ଯେ ପ୍ରଚଳିତ ଜଳ କର ମୂଲ୍ୟ ପ୍ରତି ବର୍ଷ 10 ପ୍ରତି ଶତ ହାରରେ ବୃଦ୍ଧି କରାଯିବ, କିନ୍ତୁ ନିର୍ବାହୀ ଯନ୍ତ୍ରୀ ଅପେକ୍ଷାକୃତ କମ୍ ଦରରେ ଜଳ କର ଆଦାୟ କରିଥିଲେ । |
| 3 | ଆର.ଏଲ.ବି.ସି. | ଆର.ଆର.ବି.ସି./ଆର.ଏଲ.ବି.ସି. ର ପରିକଳ୍ପିତ ଆୟାକଟ୍ ହାସଲ ହୋଇ ନପାରିବାରୁ ସମ୍ବଲ୍ ବ୍ୟାରେଜ୍‌ର ଜଳ ପରିବର୍ତ୍ତିତ ଦିଗରେ ବ୍ରାହ୍ମଣୀ ନଦୀକୁ ପ୍ରେରିତ ହେଲା, ଫଳ ସ୍ୱରୂପ ଏହାର ନିମ୍ନ ସ୍ରୋତରେ ଜଳ ଉପଲବ୍ଧ ହେଲା ।<br>ତେଣୁ ନିମ୍ନ ସ୍ରୋତରୁ ଉଠାଣ ହୋଇଥିବା ଜଳକୁ ଜଳସେଚନ ଉତ୍ସ ଭାବେ ଗ୍ରହଣ କରାଯିବା ସହିତ ଜଳ କର ବାବଦରେ ଘନ ମିଟର ପ୍ରତି 5.60 ଟଙ୍କା ଦରରେ ଜଳ କର ଅସୁଲ କରାଯିବା ଉଚିତ୍ । | ତିନି ଗୋଟି ଶିଳ୍ପାନୁଷ୍ଠାନ ବାର୍ଷିକ 739.10 ଲକ୍ଷ ଘନ ମିଟର ହାରରେ ନିମ୍ନ ସ୍ରୋତରୁ ଜଳ ଉଠାଣ କରୁଥିଲେ କିନ୍ତୁ ଘନ ମିଟର ପ୍ରତି 4.50 ଟଙ୍କା ହାରରେ ଜଳ କର ପ୍ରଦାନ କରୁଥିଲେ, ଯଦିଓ ଜଳସେଚନ ଉତ୍ସରୁ ଜଳ ଉଠାଣ ଦର ଘନ ମିଟର ପ୍ରତି 5.60 ଅଟେ ଏବଂ ଏହାର ଫଳ ସ୍ୱରୂପ 43.54 କୋଟି ଟଙ୍କାର ଜଳ କର ସ୍ୱଳ୍ପ ଆଦାୟ ହେଲା । |

| | | | |
|---|---|---|---|
| | | | ସରକାର ଜଣାଇଲେ ଯେ ଜଳ ଉତ୍ସର ବର୍ଗୀ କରଣ ଏବଂ ଜଳ କର ଆଦାୟ ଦର ସରକାରଙ୍କ ଦ୍ୱାରା ଚୂଡ଼ାନ୍ତ କରାଯାଇଥାଏ ଏବଂ ନିର୍ବାହୀ ଯନ୍ତ୍ରୀ ଏହା ଅନୁଯାୟୀ ଦାବି ନୋଟିସ୍ ଜାରୀ କରିଥିଲେ ।<br><br>ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ସମଲ୍ ବ୍ୟାରେଜ୍ ଠାରୁ ଦିଗ ପରିବର୍ତ୍ତିତ ହୋଇଥିବା ଜଳକୁ ଶିଳ୍ପାନୁଷ୍ଠାନ ମାନେ ଉତ୍ତୋଳନ କରିଥିଲେ ।<br><br>ତେଣୁ, ଉକ୍ତ ଉତ୍ସକୁ ଜଳସେଚନ ଉତ୍ସ ଭାବେ ଗ୍ରହଣ କରାଯିବା ଉଚିତ୍ । |
| 4 | ଆର.ଏଲ.ବି.ସି. | ଜଳସେଚନ ନିୟମାବଳୀ ଦର୍ଶାଉଅଛି ଯେ ଜଳ ଉଠାଣ କାରୀ ଶିଳ୍ପାନୁଷ୍ଠାନ ମାନେ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଏକ ଚୁକ୍ତିନାମା ନିଷ୍ପନ୍ନ କରିବେ ଏବଂ ପ୍ରକୃତ ଜଳ ଉଠାଣର ପରିମାଣ ନିରୂପଣ ଲାଗି ଏକ ପ୍ରବାହ ମିଟରର ସ୍ଥାପନା କରିବେ, ଅନ୍ୟଥା ସେମାନଙ୍କ ଠାରୁ ଛଅ ଗୁଣା ଜଳ କର ଆଦାୟ କରାଯିବ । | ଏହାର ବିପରୀତ ଭାବରେ, ଗୋଟିଏ ଶିଳ୍ପାନୁଷ୍ଠାନ କୌଣସି ଚୁକ୍ତିନାମା ନିଷ୍ପନ୍ନ ନ କରି ତଥା ପ୍ରବାହ ମିଟର ସ୍ଥାପନ ନ କରି 47.696 କ୍ୟୁମେକ୍ସ ପରିମାଣର ଜଳ ଉଠାଣ କରିଥିଲେ ।<br><br>କିନ୍ତୁ 2014-19 ମଧ୍ୟରେ ଏଥିପାଇଁ ଛଅ ଗୁଣା ଅର୍ଥଦଣ୍ଡ ବାବଦରେ 505.08 କୋଟି ଟଙ୍କା ଆଦାୟ କରାଯାଇ ନଥିଲା ।<br><br>ସରକାର ଚୁକ୍ତିନାମା ନିଷ୍ପନ୍ନ ନ ହେବା ଏବଂ ପ୍ରବାହ ମିଟର ସ୍ଥାପନ କରାନଯିବା ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦାଖଲ କରିଲେ ନାହିଁ । |
| 5 | ଆର.ଏଲ.ବି.ସି. | ଜଳସେଚନ ନିୟମାବଳୀ ଦର୍ଶାଉଅଛି ଯେ ଜଳ ଉତ୍ତୋଳନ କରୁଥିବା ଶିଳ୍ପାନୁଷ୍ଠାନ ମାନଙ୍କ ଠାରୁ ଜଳ କର ଆଦାୟ କରାଯିବ ।<br><br>ଏହି ଆଦାୟ ବିଫଳ ହେଲେ, ମୂଳ ଅର୍ଥ ପରିମାଣ ସହିତ ମାସିକ ଦୁଇ ପ୍ରତିଶତ ହାର ରେ ଚକ୍ର ବୃଦ୍ଧି ସୁଧ ସହିତ ଅସୁଲି କରାଯିବ ।<br><br>1999 ଠାରୁ ଏକ ଶିଳ୍ପାନୁଷ୍ଠାନ ଦ୍ୱାରା 47.696 କ୍ୟୁମେକ୍ସ ପରିମାଣର ଜଳ ଉଠାଣ କରାଯାଇଥିଲା ଏବଂ ନିୟମିତ ବ୍ୟବଧାନରେ ଦାବୀ ନୋଟିସ୍ ଜାରୀ ସତ୍ତ୍ୱେ ଉକ୍ତ ଶିଳ୍ପାନୁଷ୍ଠାନ ଜଳ କର ପଇଠ କରିନଥିଲେ । | ସମୁଦାୟ ଜଳ ଦେୟ 697.32 କୋଟି ଟଙ୍କା ମଧ୍ୟରୁ, ସରକାର 644.67 କୋଟି ଟଙ୍କାର ସୁଧ ଛାଡ଼ କଲେ ଏବଂ ମାର୍ଚ୍ଚ 2018 ରେ 52.65 କୋଟି ଟଙ୍କା ଦେୟ ପ୍ରଦାନ ଲାଗି ପାରସ୍ପରିକ ଭାବେ ବନ୍ଦୋବସ୍ତ କଲେ, ଫଳ ସ୍ୱରୂପ 644.67 କୋଟି ଟଙ୍କାର ରାଜସ୍ୱ ହାନି ହେଲା ଯାହାକି ଜଳସେଚନ ନିୟମାବଳୀ ବିରୋଧ କରୁଥିଲା ।<br><br>ଏହି ଚକ୍ରବୃଦ୍ଧି ସୁଧ ମାନ୍ୟବର ନ୍ୟାୟାଳୟଙ୍କ ଅନୁବର୍ତ୍ତୀ ଆଦେଶ ଜାରୀ ହୋଇସାରିବା ପରେ ଆଦାୟ କରାଯିବ ଯେହେତୁ ଏବେ ଏହି ବିଷୟ ବିଚାରାଧୀନ ଅଛି ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଠାରେ ବକେୟା ରହିଅଛି । |

# ପରିଶିଷ୍ଟ-II
## (ଅନୁଚ୍ଛେଦ 5.5 ପୃଷ୍ଠା 52)

## ଚୁକ୍ତିନାମା ପରିଚାଳନାରେ ଦୃଷ୍ଟି ଗୋଚର ହୋଇଥିବା ଅନ୍ୟାନ୍ୟ ଅନିୟମିତତା ଦର୍ଶାଉଥିବା ବିବରଣୀ

| କ୍ରମିକ ସଂଖ୍ୟା | ପ୍ରକଳ୍ପର ନାମ | ଅତିରିକ୍ତ ମୂଲ୍ୟ କୋଟି ଟଙ୍କାରେ | ଦୃଷ୍ଟି ଗୋଚର ହୋଇଥିବା ଅନିୟମିତତା |
|---|---|---|---|
| ଚୁକ୍ତିନାମାରେ ପରିଲକ୍ଷିତ ହୋଇଥିବା ଅନିୟମିତତା | | | |
| 1 | ଏସ.ଆଇ.ପି. | 1.46 | ଏସ.ଆଇ.ପି. ର ହଳଦିଆ ଡ୍ୟାମ୍ ରେ ସ୍ପିଲ୍ ମାର୍ଗର ନିର୍ମାଣ କାର୍ଯ୍ୟ ଲାଗି ଓ.ସି.ସି. 134.71 କୋଟି ଟଙ୍କା ମୂଲ୍ୟରେ ଟେଣ୍ଡର ଆମନ୍ତ୍ରଣ କରିଥିଲେ ଯଦିଓ କାର୍ଯ୍ୟର ପ୍ରକୃତ ମୂଲ୍ୟ 133.38 କୋଟି ଟଙ୍କା ଥିଲା ଯାହା ଫଳରେ ନିଗମ ଦେୟ ଭାବରେ ଅତ୍ୟଧିକ ମୂଲ୍ୟ ଦେବାକୁ ପଡ଼ିଲା ।<br>ସରକାର ଜଣାଇଲେ ଯେ ଏହି କାର୍ଯ୍ୟ ଲାଗି ଜରୁରୀକାଳୀନ ଖର୍ଚ୍ଚକୁ ବାଦ୍ ଦେଇ 133.38 କୋଟି ଟଙ୍କା ମୂଲ୍ୟର ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା ।<br>ତଥ୍ୟାତ୍ମକ ଭାବେ ଏହା ସଠିକ୍ ନୁହେଁ ଯେହେତୁ 134.71 କୋଟି ଟଙ୍କା ମୂଲ୍ୟର ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା । |
| 2 | ଆର.ଆର.ବି.ସି. | 50.01 | ନିର୍ବାହୀ ଯନ୍ତ୍ରୀ, ଆର.ଆର.ବି.ସି. ଦକ୍ଷିଣ ବ୍ୟାଙ୍କ୍ କେନାଲ୍‌ର ଆର.ଡ଼ି. 86 କି.ମି. ଠାରୁ ଆର.ଡ଼ି. 89 କି.ମି. ପର୍ଯ୍ୟନ୍ତ ଏକ କାର୍ଯ୍ୟକୁ ଠିକାଦାରଙ୍କୁ 43.55 କୋଟି ଟଙ୍କାର ଅଟକଳ ମୂଲ୍ୟରେ ନ୍ୟସ୍ତ କଲେ ।<br>ସଂପୃକ୍ତ ବିଭାଗ 1.53 କୋଟି ଟଙ୍କାର ଉପକରଣ ଅଗ୍ରୀମ ସହିତ ମୋଟ 7.70 କୋଟି ଟଙ୍କାର କାର୍ଯ୍ୟ ସମ୍ପନ୍ନ ହେବାପରେ କୌଣସି ଯୁକ୍ତିଯୁକ୍ତ କାରଣ ନ ଦର୍ଶାଇ ଚୁକ୍ତିନାମାଟିକୁ ଅଧାରୁ ବନ୍ଦ କରିଦେଲେ (ଜୁନ୍ 2000)<br>ସେହି ଠିକାଦାର ଖୋଦ୍ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଠାରେ ଜୁନ୍ 2000 ରେ ଏକ ମାମଲା ରୁଜୁ କଲେ ଏବଂ ଯିଏକି ଠିକାଦାରଙ୍କ ସପକ୍ଷରେ ରାୟ ଦେଲେ । ଯାହାହେଉ, ସେହି ଠିକାଦାର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ନାହିଁ ।<br>ସଂପୃକ୍ତ ବିଭାଗ ବକେୟା କାର୍ଯ୍ୟକୁ ଅନ୍ୟ ଜଣେ ଠିକାଦାରଙ୍କ ଦ୍ୱାରା ସମ୍ପନ୍ନ କରାଇଲେ ଯାହା ଫଳରେ 50.01 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହେଲା ।<br>ସରକାର ଜଣାଇଲେ ଯେ କାର୍ଯ୍ୟର ପରିସର ପରିବର୍ତ୍ତିତ ହୋଇଥିବା କାରଣରୁ, ଚୁକ୍ତିନାମାଟି ବନ୍ଦ କରାଗଲା ଏବଂ ପୁନର୍ବାର ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ, ଯେହେତୁ ଉକ୍ତ ଚୁକ୍ତିନାମାଟି ପୂର୍ବ ନିର୍ଦ୍ଧାରିତ ସାମଗ୍ରୀ ଦର ଅନୁସାରେ ଚାଲୁ ରଖାଯାଇଥିଲେ ଅତିରିକ୍ତ ବ୍ୟୟକୁ ଏଡ଼ା ଯାଇପାରିଥାନ୍ତା । |
| 3 | ଏଲ.ଆଇ.ଆଇ.ପି. | 15.66 | କେନ୍ଦ୍ରୀୟ ସତର୍କତା ଆୟୋଗ ନିର୍ଦ୍ଦେଶ ଦେଇଥିଲେ (ଜାନୁଆରୀ 2009) ଯେ ଏକ ନ୍ୟାୟ ସଙ୍ଗତ, ପାରଦର୍ଶୀ ଏବଂ ମୁକ୍ତ ଟେଣ୍ଡର ଆମନ୍ତ୍ରଣ ପଦ୍ଧତି ଅନୁସରଣ କରାଯିବ । ଏହି ବ୍ୟବସ୍ଥାର ବିରୋଧରେ, ନିର୍ବାହୀ ଯନ୍ତ୍ରୀ, ଏଲ.ଆଇ.ଆଇ.ପି. ମଇ 2016 ରୁ ଅଗଷ୍ଟ 2016 ମଧ୍ୟରେ ତିନି ଗୋଟି ଜଳସେଚନ କାର୍ଯ୍ୟ ଓ.ସି.ସି. କୁ 15.49 ରୁ 23.19 ପ୍ରତିଶତ ଟେଣ୍ଡର ପ୍ରିମିୟମ୍ ସହିତ 60.12 କୋଟି ଟଙ୍କା ଅଟକଳ ମୂଲ୍ୟରେ ନ୍ୟସ୍ତ କରିଥିଲେ ।<br>ସମୀକ୍ଷା ଅବଲୋକନ କଲା ଯେ 2014-18 ମଧ୍ୟରେ, କେନାଲ୍ ଲାଇନିଂ କାର୍ଯ୍ୟ ଗୁଡ଼ିକ ଠିକାଦାର ମାନଙ୍କୁ ଅଟକଳ ମୂଲ୍ୟ ଠାରୁ 14.99 ପ୍ରତି ଶତ କମ୍ ମୂଲ୍ୟରେ ନ୍ୟସ୍ତ କରାଯାଇଥିଲା । ପ୍ରତ୍ୟକ୍ଷ ଭାବରେ ଓ.ସି.ସି. କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବାରୁ ଅତିରିକ୍ତ ଅର୍ଥ ବ୍ୟୟ ହେଲା ।<br>ସରକାର ଜଣାଇଲେ ଯେ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଏଡ଼ାଇବା ତଥା କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ କାର୍ଯ୍ୟଗୁଡ଼ିକୁ ଓ.ସି.ସି. କୁ ନ୍ୟସ୍ତ କରାଯାଇଥିଲା ।<br>ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ମାର୍ଚ୍ଚ 2019 ସୁଦ୍ଧା ପ୍ରକଳ୍ପଟି ଅସଂପୂର୍ଣ୍ଣ |

| | | | |
|---|---|---|---|
| | | | ରହିଥିଲା, ଯଦିଓ କାର୍ଯ୍ୟଗୁଡ଼ିକୁ ଘରୋଇ ଠିକାଦାରଙ୍କ ତୁଳନାରେ ଓ.ସି.ସି. କୁ ଅଧିକ ଉଚ୍ଚତର ମୂଲ୍ୟରେ ନ୍ୟସ୍ତ କରାଯାଇଥିଲା । |
| **ଅତ୍ୟଧିକ ଲିଡ୍ ଦୂରତ୍ୱର ବ୍ୟବସ୍ଥା କରାଯିବାରୁ ଅତିରିକ୍ତ ମୂଲ୍ୟ** | | | |
| 1 | ଏସ.ଆଇ.ପି. | 15.56 | ହଳଦିଆ ଡ୍ୟାମ୍ ଏବଂ ଏସ.ଆଇ.ପି. ଅନ୍ତର୍ଗତ ବୈଶିଙ୍ଗା ଯୋଗାଣ କାରୀ ତଥା ସଂଯୋଗ କେନାଲ୍‌ର ନିର୍ମାଣ କାର୍ଯ୍ୟରେ, ନିର୍ବାହୀ ଯନ୍ତ୍ରୀ ଖାଲୁଆ ମାଟି/ ମାଟିର ନିକାସ ପାଇଁ ସାତ କି.ମି./ଏକ କି.ମି. ପରିବର୍ତ୍ତେ ଯଥାକ୍ରମେ 12 କି.ମି. ଏବଂ ପାଞ୍ଚ କି.ମି. ଲିଡ୍ ର ବ୍ୟବସ୍ଥା କରିଥିଲେ ।<br><br>ସମାନଭାବରେ ଦୁଇ ଗୋଟି କାର୍ଯ୍ୟ ଅର୍ଥାତ୍ , (i) ଏସ୍.ଏମ୍.ସି. ର 7.95 କି.ମି. ଠାରୁ 8.84 କି.ମି. ପର୍ଯ୍ୟନ୍ତ ପୁନରୁଦ୍ଧାର କାର୍ଯ୍ୟ ଏବଂ ଏସ.ଆଇ.ପି. ର ହଳଦିଆ ଡ୍ୟାମ୍‌ର ଜଳ ନିଷ୍କାସନ ମାର୍ଗର ନିର୍ମାଣ କାର୍ଯ୍ୟରେ, ନିର୍ବାହୀ ଯନ୍ତ୍ରୀ ବାଲିର ପରିବହନ ପାଇଁ ଲିଡ୍ ଦୂରତ୍ୱକୁ 11 ରୁ 24 କି.ମି. ପରିବର୍ତ୍ତେ 24 ରୁ 27 କି.ମି. ପର୍ଯ୍ୟନ୍ତ ନେଇଥିଲେ, ଯାହା ଯୋଗୁ 15.56 କୋଟି ଟଙ୍କାର ଅତିରିକ୍ତ ଅର୍ଥ ବ୍ୟୟ ହେଲା ।<br><br>ସରକାର ଜଣାଇଲେଯେ ଯଦିଓ ସାତ କି.ମି. ଲିଡ୍ ଦୂରତ୍ୱ ମଧ୍ୟରେ ମାଟି ଉପଲବ୍ଧ ଥିଲା, ଏହା ମାଟି ଡ୍ୟାମ୍ ଅଂଶରେ ବ୍ୟବହାର ପାଇଁ ଉପଯୁକ୍ତ ନଥିଲା ।<br><br>ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ସାତ କି.ମି. ପର୍ଯ୍ୟନ୍ତ ଦୂରତା ମଧ୍ୟରେ ଉପଲବ୍ଧ ଥିବା ମାଟିକୁ ପୂର୍ବରୁ ମାଟି ଡ୍ୟାମ୍ କାର୍ଯ୍ୟରେ ବ୍ୟବହାର କରାଯାଇଥିଲା । |
| 2 | ଆର.ଆର.ବି.ସି. | 16.78 | "ଦକ୍ଷିଣ ବ୍ୟାଙ୍କ୍ କେନାଲ୍ ର ଆର.ଡ଼ି. 83.60 ଠାରୁ ଆର.ଡ଼ି. 89.50 କି.ମି. ପର୍ଯ୍ୟନ୍ତ ଖନନ କାର୍ଯ୍ୟ" ରେ ଖନନ ଦ୍ୱାରା ପ୍ରାପ୍ତ ହୋଇଥିବା ସାମଗ୍ରୀଗୁଡ଼ିକୁ ଆଡ଼ି ବନ୍ଧରେ ପୋତା ଯାଇଥିଲା କିନ୍ତୁ ଏହାର ନିକାସ ଲାଗି ଲିଡ୍ ଦୂରତ୍ୱକୁ କୁ ଏକ ରୁ ପାଞ୍ଚ କି.ମି. ମଧ୍ୟରେ ନିଆ ଯିବା ସହିତ ଏଥିପାଇଁ ଘନ ମିଟର ପ୍ରତି 51.40 ଟଙ୍କା ପରିବର୍ତ୍ତେ 72 ରୁ 97.40 ଟଙ୍କା ପର୍ଯ୍ୟନ୍ତ ଦର ଧାର୍ଯ୍ୟ ହୋଇଥିଲା ।<br><br>ସମାନଭାବରେ, ଡ଼ି.ଆଇ. (ଭାଙ୍ଗି ସାରିଥିବା) ଶିଳା ପାଇଁ ତିନି ରୁ ପାଞ୍ଚ କି.ମି. ପର୍ଯ୍ୟନ୍ତ ଲିଡ୍ ଦୂରତ୍ୱ ନିଆଯାଇଥିଲା ଏବଂ ଏଥିପାଇଁ ଘନ ମିଟର ପ୍ରତି 66.02 ଟଙ୍କା ପରିବର୍ତ୍ତେ 120.80 ରୁ 138.25 ଟଙ୍କା ପର୍ଯ୍ୟନ୍ତ ଦର ଧାର୍ଯ୍ୟ କରାଯାଇଥିଲା । ଯାହାର ଫଳ ସ୍ୱରୂପ 16.78 କୋଟି ଟଙ୍କା ର ଅତିରିକ୍ତ ଅର୍ଥ ବ୍ୟୟ ହେଲା ।<br><br>ସରକାର ସ୍ୱୀକାର କଲେ ଯେ ଖନନ ଦ୍ୱାରା ପ୍ରାପ୍ତ ହୋଇଥିବା ମାଟିମଧ୍ୟରୁ ଗୋଟିଏ ଅଂଶ କେନାଲ୍ କୂଳରେ ଜମା କରାଯାଇଅଛି । ଯାହାହେଉ, ଖନନ ଦ୍ୱାରା ପ୍ରାପ୍ତ ହୋଇଥିବା ସାମଗ୍ରୀ ବିପୁଳ ପରିମାଣ ବିଶିଷ୍ଟ ହୋଇଥିବାରୁ, ଏହାର ତ୍ୱରିତ୍ ନିକାସ ପାଇଁ 5 କି.ମି. ଦୈର୍ଘ୍ୟର ପ୍ରାରମ୍ଭିକ ଲିଡ୍‌ର ବ୍ୟବସ୍ଥା ହୋଇଥିଲା ।<br><br>ଏହି ଉତ୍ତରଟି ଗ୍ରହଣୀୟ ନୁହେଁ, ଯେହେତୁ ନିର୍ବାହୀ ଯନ୍ତ୍ରୀ ଓ.ପି.ଡ଼ବ୍ଲ୍ୟୁ.ଡ଼ି. ସଂହିତା ଅନୁଯାୟୀ ଅଟକଳ ପ୍ରସ୍ତୁତ କରିବା ଆବଶ୍ୟକ ଥିଲା ଏବଂ କାର୍ଯ୍ୟସ୍ଥଳୀର ପରିସ୍ଥିତି ଅନୁଯାୟୀ ଠିକାଦାର ନିଜ ଦର ବିଷୟରେ ଉଲ୍ଲେଖ କରିବାର ଥିଲା ।<br>ଏହା ବ୍ୟତୀତ, ନିର୍ବାହୀ ଯନ୍ତ୍ରୀ ଅର୍ଥ ପ୍ରଦାନ କରିବା ପୂର୍ବରୁ ଲିଡ୍ ସମ୍ବନ୍ଧରେ ସୁନିଶ୍ଚିତ କରିବା ଉଚିତ୍ ଥିଲା । |
| **ଦର ଖସଡ଼ା/ ଦରର ବିଶ୍ଳେଷଣର ଅନୁସରଣ କରା ନଯିବାରୁ ଅତିରିକ୍ତ ଖର୍ଚ୍ଚ** | | | |
| 1 | ଏସ.ଆଇ.ପି. | 3.71 | ଜଳସେଚନ କାର୍ଯ୍ୟରେ ବିଶେଷ ସାମଗ୍ରୀର ବ୍ୟବହାର ସମ୍ବନ୍ଧରେ ଦରର ବିଶ୍ଳେଷଣରେ ଉଲ୍ଲେଖ ଅଛି ଯେ ଡ୍ୟାମ୍ ଏବଂ କେନାଲ୍ ଆଡ଼ିବନ୍ଧରେ ମାଟିର ସଂକୋଚନ କରଣ କାର୍ଯ୍ୟ ଲାଗି ଘଣ୍ଟା ପ୍ରତି 100 ଘନ ମିଟର ଏବଂ 77.58 ଟଙ୍କା ଭଡ଼ା ଦରରେ ଶୀପ୍ ଫୁଟ୍ ରୋଲରର ଉପଯୋଗ କରାଯିବ ।<br><br>19 ଗୋଟି କାର୍ଯ୍ୟ ଲାଗି ଅଟକଳ ପ୍ରସ୍ତୁତ କରିବା ସମୟରେ, ବିଭାଜନ ମାନେ ଆଡ଼ିବନ୍ଧରେ 34.04 ଲକ୍ଷ ଘନ ମିଟର ପରିମାଣର ମାଟିର ସଂକୋଚନ କରଣ କାର୍ଯ୍ୟ ଲାଗି ଘଣ୍ଟା ପ୍ରତି 100 ଘନ ମିଟର ଏବଂ 994 ଟଙ୍କା ଭଡ଼ା ଦରରେ କମ୍ପନଶୀଳ ସଡ଼କ ରୋଲରର ବ୍ୟବସ୍ଥା କରିଥିଲେ, ଯାହା ଫଳରେ 3.71 କୋଟି ଟଙ୍କାର ଅତିରିକ୍ତ ଅର୍ଥ ବ୍ୟୟ ହେଲା ।<br><br>ସରକାର ଜଣାଇଲେ ଯେ 98 ପ୍ରତିଶତ ସଂକୋଚନ କରଣ କାର୍ଯ୍ୟ ରେ କମ୍ପନଶୀଳ ରୋଲର ଅନୁସରଣ କରାଯାଇଥିଲା । |

| | | | |
|---|---|---|---|
| | | | ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଦର ବିଶ୍ଳେଷଣରେ ଜଳସେଚନ କାର୍ଯ୍ୟରେ ମାଟିର ସଂକୋଚନ କରଣ ଲାଗି ଶୀପ୍ ଫୁଟ୍ ରୋଲର ର ବ୍ୟବସ୍ଥା ରହିଅଛି । |
| 2 | ଆର.ଏଲ୍.ବି.ସି. | 17.86 | ଏସ.ଓ.ଆର. ଅନୁଯାୟୀ, ପ୍ରସ୍ତରର ମୂଲ୍ୟ ନିର୍ଣ୍ଣୟ କରିବା ଲାଗି ଏହାର ମୂଳ ଦର ସହିତ ପଥର ଖଣି ଠାରୁ କାର୍ଯ୍ୟ ସ୍ଥଳୀ ପର୍ଯ୍ୟନ୍ତ ପରିବହନ ଦର କୁ ଯୋଗ କରାଯିବ ।<br><br>ସମୀକ୍ଷା ଅବଲୋକନ କଲା ଯେ, ନିର୍ବାହୀ ଯନ୍ତ୍ରୀ, ଆର.ଏଲ.ବି.ସି. ଦୁଇଟି କାର୍ଯ୍ୟରେ ଠିକାଦାରମାନଙ୍କୁ ପ୍ରଦାନ କରାଯାଇଥିବା କେବଳ 4.99 ଲକ୍ଷ ଘନ ମିଟର ପରିମାଣର ପ୍ରସ୍ତରର ମୂଲ୍ୟ ଠାରୁ ଅସୁଲି କରିଥିଲେ ।<br><br>ଏହି ଭାବରେ, ପରିବହନ ଖର୍ଚ୍ଚ ଅସୁଲି ନ ହେବାରୁ ଘନ ମିଟର ପ୍ରତି 358 ଟଙ୍କା ଦରରେ 17.86 କୋଟି ଟଙ୍କାର ସ୍ୱଳ୍ପ ଆଦାୟ ହେଲା । |
| 3 | ଏସ.ଆଇ.ପି./ଏଲ.ଆଇ.ଆଇ.ପି. | 10.97 | ଯାନ୍ତ୍ରିକ ଉପାୟରେ ମାଟିର ଖନନ ମିତବ୍ୟୟୀ ହୋଇଥିବାରୁ କାର୍ଯ୍ୟ ଗୁଡ଼ିକରେ ଏହାକୁ ଅନୁସରଣ କରାଯିବା ଉଚିତ୍ ।<br><br>ଏହାର ବିଚ୍ୟୁତିରେ, ନିର୍ବାହୀ ଯନ୍ତ୍ରୀ ମାନେ 21 ଗୋଟି କାର୍ଯ୍ୟରେ 10.32 ଲକ୍ଷ ଘନ ମିଟର ପରିମାଣର ମାଟିର ଖନନ ଲାଗି ମନୁଷ୍ୟ ଦ୍ୱାରା ଖନନ ପଦ୍ଧତି ଅବଲମ୍ବନ କରିବା ସହିତ ଘନ ମିଟର ପ୍ରତି 19.25 ଟଙ୍କା ଦର ପରିବର୍ତ୍ତେ 82.60 ରୁ 146.50 ଟଙ୍କା ପର୍ଯ୍ୟନ୍ତ ଦର ଧାର୍ଯ୍ୟ କଲେ, ଯାହା ଫଳରେ 10.97 କୋଟି ଟଙ୍କାର ଅତିରିକ୍ତ ଅର୍ଥ ବ୍ୟୟ ହେଲା ।<br><br>ସରକାର ଜଣାଇଲେ ଯେ, ଯଦିଓ ଯାନ୍ତ୍ରିକ ଉପାୟରେ ଖନନ ନିଶ୍ଚିତ ଭାବରେ ମିତବ୍ୟୟୀ ଅଟେ, ଦର ଖସଡ଼ା ଅନୁଯାୟୀ ସାମଗ୍ରୀର ଉପଲବ୍ଧତା ନ ଥିବାରୁ ମନୁଷ୍ୟ ଦ୍ୱାରା ଖନନ ପଦ୍ଧତି ଅବଲମ୍ବନ କରାଯାଇଥିଲା ।<br><br>ଏହି ଉତ୍ତରଟି ଗ୍ରହଣୀୟ ନୁହେଁ, ଯେହେତୁ ମାଟି କାର୍ଯ୍ୟରେ ଖନନ ସମ୍ବନ୍ଧରେ ଏସ.ଓ.ଆର.ରେ ବିହିତ ଅଛି ଯେ ଜଳ ସେଚନ କାର୍ଯ୍ୟ ଯେପରିକି ସମସ୍ତ ପ୍ରକାରର ମାଟିରେ ଖନନ, ବେସ୍ ଷ୍ଟ୍ରିପିଙ୍ଗ ରେ ଖନନ ଇତ୍ୟାଦି ଗୁଡ଼ିକରେ ଯାନ୍ତ୍ରିକ ଉପାୟରେ ଖନନ ପଦ୍ଧତି ଅବଲମ୍ବନ କରାଯିବ । |
| **ବି.ଆଇ.ଏସ୍. ସଂହିତାର ବିଚ୍ୟୁତି** | | | |
| 1 | ଆର.ଏଲ୍.ବି.ସି./ୟୁ.ଆଇ.ଆଇ.ପି. | 25.60 | ବି.ଆଇ.ଏସ୍. (ଆଇ.ଏସ୍.3873-1993) ର ଅନୁଚ୍ଛେଦ 5.2 ରେ ଦର୍ଶାଯାଇଛି ଯେ କେନାଲ୍ ରେ ଜଳର ନିଷ୍କାସନ ପାଇଁ 0-5 କ୍ୟୁମେକ୍ସ ଏବଂ 5ରୁ50 କ୍ୟୁମେକ୍ସ ଲାଗି ଆବଶ୍ୟକୀୟ ସିମେଣ୍ଟ କଂକ୍ରିଟ୍ ଲାଇନିଂ ର ମୋଟେଇ ଯଥାକ୍ରମେ 50-60 ମି.ମି. ଏବଂ 60-75 ହେବା ଉଚିତ୍ ।<br><br>ବି.ଆଇ.ଏସ୍. ସଂହିତାର ବିଚ୍ୟୁତିରେ, ଦୁଇଟି ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ 11 ଗୋଟି କାର୍ଯ୍ୟରେ 75ରୁ100 ମି.ମି. ମୋଟେଇ ବିଶିଷ୍ଟ ସିମେଣ୍ଟ କଂକ୍ରିଟ୍ ଲାଇନିଂ ର ବ୍ୟବସ୍ଥା କରିଥିଲେ । ଏହି ଭାବରେ 15 ମି.ମି. ରୁ 25 ମିମି ର ଅତିରିକ୍ତ ବ୍ୟବସ୍ଥା ଯୋଗୁ 25.60 କୋଟି ଟଙ୍କାର ପରିହାର୍ଯ୍ୟ ଦେୟ ପ୍ରଦାନ କରିବାକୁ ପଡ଼ିଲା ।<br><br>ସରକାର ଜଣାଇଲେ ଯେ ଅଟକଳ ମୂଲ୍ୟ କୌଣସି ଚିହ୍ନିତ ମୂଲ୍ୟ ବହନ କରେ ନାହିଁ । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ବି.ଆଇ.ଏସ୍. ସଂହିତାର ବିଚ୍ୟୁତିରେ ଅଟକଳ ପ୍ରସ୍ତୁତ କରାଯାଇଥିଲା । |
| 2 | ଆର.ଆର.ବି.ସି. | 2.55 | ବି.ଆଇ.ଏସ. ସଂହିତା ପ୍ରାବଧାନ ଅନୁଯାୟୀ କେନାଲ୍ ଲାଇନିଂ କାର୍ଯ୍ୟ ରେ କେବଳ ଏମ୍15 ବିଶିଷ୍ଟ ସାଧାରଣ ସିମେଣ୍ଟ କଂକ୍ରିଟ୍ ବ୍ୟବହାର କରାଯିବ ।<br><br>ଉପରୋକ୍ତ ପ୍ରାବଧାନର ବିଚ୍ୟୁତିରେ, ତିନି ଗୋଟି ଲାଇନିଂ କାର୍ଯ୍ୟରେ ନିର୍ବାହୀ ଯନ୍ତ୍ରୀ, ଆର.ଆର.ବି.ସି. 4,630 କ୍ୱିଣ୍ଟାଲ୍ ଇସ୍ପାତ୍‌ର ଉପଯୋଗ ସହିତ 7,711 ଘନ ମିଟରର ଆର.ସି.ସି. କାର୍ଯ୍ୟ ନିଷ୍ପନ୍ନ କରିଥିଲେ ଯାହା ଫଳରେ 2.55 କୋଟି ଟଙ୍କାର ପରିହାର୍ଯ୍ୟ ଅର୍ଥ ବ୍ୟୟ ହେଲା ।<br><br>ସରକାର ଜଣାଇଲେ ଯେ କେନାଲ୍ ମଧ୍ୟଭାଗରେ ଅସୁରକ୍ଷିତ କଟିଂ ଅଂଶ ଗୁଡ଼ିକରେ ଆର.ସି.ସି. ଧାରକ କାନ୍ଥର ବ୍ୟବସ୍ଥା ହୋଇଥିଲା ।<br><br>ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଏ ସମ୍ବନ୍ଧରେ ରିପୋର୍ଟ କିମ୍ବା ସମର୍ଥିତ ଅଟକଳରେ କୌଣସି ଉଲ୍ଲେଖ ନ ଥିଲା ଯାହାକି ଉପଯୁକ୍ତ ସର୍ବେକ୍ଷଣ ଏବଂ ଅନୁସନ୍ଧାନର ସହିତ ପ୍ରସ୍ତୁତ କରାଯାଇଥାଏ ଏବଂ ଏହା ଏକ ପରବର୍ତ୍ତୀ ଭାବନା । |

# ସଂକ୍ଷେପଣ ଗୁଡ଼ିକର ପରିଭାଷା

# ସଂକ୍ଷେପଣ ଗୁଡ଼ିକର ପରିଭାଷା

| କ୍ରମିକ ସଂଖ୍ୟା | ସଂକ୍ଷେପଣ | ବର୍ଣ୍ଣନା |
|---|---|---|
| 1 | ଏ.ବି.ପି. | ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ |
| 2 | ଏ.ଜି. | ମହାଲେଖାକାର |
| 3 | ଏ.ଆଇ.ବି.ପି. | ତ୍ୱରାନ୍ୱିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ |
| 4 | ଏ.ଓ.ଆର. | ଦରର ବିଶ୍ଳେଷଣ |
| 5 | ବି.ବି.ସି. | ବେତନଟୀ ଶାଖା କେନାଲ |
| 6 | ବି.ସି.ଏମ. | ବିଲିୟନ ଘନ ମିଟର |
| 7 | ବି.ସି.ଆର. | ସୁବିଧା ଖର୍ଚ୍ଚ ଅନୁପାତ |
| 8 | ବି.ଆଇ.ଏସ. | ଭାରତୀୟ ମାନକ ବ୍ୟୁରୋ |
| 9 | ସି.ଏ.ଜି. | ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ |
| 10 | ସି.ଏ. | କେନ୍ଦ୍ରୀୟ ସହାୟତା |
| 11 | ସି.ଏ. | ପ୍ରତିପୂରକ ବନୀକରଣ |
| 12 | ସି.ଏ.ଡ଼ି. | କମାଣ୍ଡ ଅଞ୍ଚଳ ଉନ୍ନୟନ |
| 13 | ସି.ସି. | ସିମେଣ୍ଟ କଂକ୍ରିଟ୍ |
| 14 | ସି.ସି.ଏ. | ଚାଷଯୋଗ୍ୟ କମାଣ୍ଡ କ୍ଷେତ୍ର |
| 15 | ସି.ସି.ଇ. | ମୁଖ୍ୟ ନିର୍ମାଣ ଯନ୍ତ୍ରୀ |
| 16 | ସି.ଡ଼ି.ଏ.ଓ. | ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ |
| 17 | ସି.ଇ. | ମୁଖ୍ୟ ଯନ୍ତ୍ରୀ |
| 18 | ସି.ଇ. ଆଣ୍ଡ୍ ବି.ଏମ. | ମୁଖ୍ୟ ଯନ୍ତ୍ରୀ ଏବଂ ବେସିନ୍ ପରିଚାଳକ |
| 19 | ସି.ଏଲ.ଏସ.ଆର.ପି. | କେନାଲ୍ ଲାଇନିଂ ଏବଂ ପ୍ରଣାଳୀ ପୁନରୁଦ୍ଧାର କାର୍ଯ୍ୟକ୍ରମ |
| 20 | ସି.ୟୁ.ଏମ. | ଘନ ମିଟର |
| 21 | ସି.ଡ଼ବଲ୍ୟୁ.ସି. | କେନ୍ଦ୍ରୀୟ ଜଳ କମିଶନ |
| 22 | ଡ଼ି.ଏ. ଆଣ୍ଡ ଏଫ.ଇ. | କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ |
| 23 | ଡ଼ି.ଏ. ଆଣ୍ଡ ଏଫ.ପି. | କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ |
| 24 | ଡ଼ି.ଏଫ୍.ଓ. | ବନଖଣ୍ଡ ଅଧିକାରୀ |
| 25 | ଡ଼ି.ଏଲ.ସି. | ଶୁଷ୍କ ଲିନ୍ କଂକ୍ରିଟ୍ |
| 26 | ଡ଼ି.ଓ.ଡ଼ବଲ୍ୟୁ.ଆର. | ଜଳସମ୍ପଦ ବିଭାଗ |
| 27 | ଡ଼ି.ପି.ସି. | କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ |
| 28 | ଡ଼ି.ପି.ଆର. | ବିସ୍ତୃତ ପ୍ରକଳ୍ପ ରିପୋର୍ଟ |
| 29 | ଡ଼ି.ଟି.ସି.ଏନ. | ବିସ୍ତୃତ ଟେଣ୍ଡର ଆମନ୍ତ୍ରଣ ନୋଟିସ୍ |
| 30 | ଇ.ଇ. | ନିର୍ବାହୀ ଯନ୍ତ୍ରୀ |
| 31 | ଇ.ଆଇ.ସି. | ସର୍ବୋଚ୍ଚ ଯନ୍ତ୍ରୀ |
| 32 | ଇ.ପି.ସି. | ଆଭିଯାନ୍ତ୍ରୀକ ସଂଗ୍ରହ ଏବଂ ନିର୍ମାଣ |
| 33 | ଏଫ.ସି. ଆଣ୍ଡ ବି.ଏମ. | ବନ୍ୟା ନିୟନ୍ତ୍ରଣ ଏବଂ ବେସିନ୍ ପରିଚାଳକ |
| 34 | ଏଫ.ଏସ.ଡ଼ି. | ସଂପୂର୍ଣ୍ଣ ଯୋଗାଣ ଗଭୀରତା |
| 35 | ଜି.ଏଫ.ଆର. | ସାଧାରଣ ବିତ୍ତୀୟ ନିୟମାବଳୀ |
| 36 | ଜି.ଓ.ଆଇ. | ଭାରତ ସରକାର |
| 37 | ଜି.ଓ.ଓ. | ଓଡ଼ିଶା ସରକାର |
| 38 | ଜି.ଏସ.ଟି. | ସାମଗ୍ରୀ ଏବଂ ସେବା କର |
| 39 | ଏଚ.ଏଲ.ବି. | ସୁ-ଉଚ୍ଚ ସେତୁ |

| କ୍ରମିକ ସଂଖ୍ୟା | ସଂକ୍ଷେପଣ | ବର୍ଣ୍ଣନା |
|---|---|---|
| 40 | ଆଇ.ପି. | ଜଳସେଚନ କ୍ଷମତା |
| 41 | ଆଇ.ଆର. | ନିରୀକ୍ଷଣ ପ୍ରତିବେଦନ |
| 42 | ଜେ.ଆଇ.ସି.ଏ. | ଜାପାନ ଆନ୍ତର୍ଜାତୀୟ ସହଯୋଗୀ ସଂସ୍ଥା |
| 43 | ଜେ.ପି.ଭି. | ମିଳିତ ଭୌତିକ ଯାଞ୍ଚ/ ପରିଦର୍ଶନ |
| 44 | ଏଲ.ଏ.ଓ. | ଜମି ଅଧିଗ୍ରହଣ ଅଧିକାରୀ |
| 45 | ଏଲ.ଆଇ.ଆଇ.ପି. | ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ |
| 46 | ଏଲ.ଏମ.ବି. | ନିମ୍ନ ମହାନଦୀ ବେସିନ୍ |
| 47 | ଏମ.ସି.ଏମ. | ନିୟୁତ ଘନ ମିଟର |
| 48 | ଏମ.ଡ଼ି.ଏଫ୍. | ମଧ୍ୟମ ଘନ ଅରଣ୍ୟ |
| 49 | ଏମ.ଜି.ଏନ.ଆର.ଇ.ଜି.ଏସ. | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ |
| 50 | ଏମ.ଆଇ.ପି. | କ୍ଷୁଦ୍ର ଜଳସେଚନ ପ୍ରକଳ୍ପ |
| 51 | ଏମ.ଆଇ.ଏସ. | ସୂଚନା ପରିଚାଳନା ପ୍ରଣାଳୀ |
| 52 | ଏମ.ଏଲ.ପି. | ମେଗା ଲିଫ୍ଟ ପ୍ରକଳ୍ପ |
| 53 | ଏମ.ଏମ.ଆଇ. | ବୃହତ୍ ଏବଂ ମଧ୍ୟମ ଜଳସେଚନ |
| 54 | ଏମ.ଓ.ଇ.ଏଫ. ଆଣ୍ଡ ସି.ସି. | ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ |
| 55 | ଏମ.ଓ.ୟୁ. | ବୁଝାମଣା ଚୁକ୍ତିନାମା |
| 56 | ଏମ.ଟି. | ମେଟ୍ରିକ୍ ଟନ୍ |
| 57 | ନାବାର୍ଡ଼ | ଜାତୀୟ କୃଷି ଏବଂ ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ୍ |
| 58 | ଏନ.ଏଚ. | ଜାତୀୟ ରାଜପଥ |
| 59 | ଓ.ସି.ସି. | ଓଡ଼ିଶା ନିର୍ମାଣ ନିଗମ |
| 60 | ଓ.ଏଚ.ପି.ସି. | ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ |
| 61 | ଓ.ପି.ସି.ଏଲ. | ଓଡ଼ିଶା ଶକ୍ତି କନ୍ସୋର୍ଟିୟମ୍ ଲିମିଟେଡ଼୍ |
| 62 | ଓ.ପି.ଟି.ସି.ଏଲ. | ଓଡ଼ିଶା ବିଦ୍ୟୁତ୍‌ଶକ୍ତି ପ୍ରସାରଣ ନିଗମ ଲିମିଟେଡ଼୍ |
| 63 | ଓ.ପି.ଡ଼ବଲ୍ୟୁ.ଡ଼ି. | ଓଡ଼ିଶା ଲୋକ ନିର୍ମାଣ ବିଭାଗ |
| 64 | ଓ.ଆର.ଆର.ପି. | ଓଡ଼ିଶା ଥଇଥାନ ଏବଂ ପୁନର୍ବାସ ନୀତି |
| 65 | ଓ.ଏସ.ସି.ଏସ.ସି.ଏଲ. | ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ଼୍ |
| 66 | ଓ.ଟି.ସି. | ଓଡ଼ିଶା ଟ୍ରେଜେରୀ ସଂହିତା |
| 67 | ପି.ବି.ସି. | ପରଜଙ୍ଗ ଶାଖା କେନାଲ |
| 68 | ପି.ଏମ.କେ.ଏସ.ୱାଇ. | ପ୍ରଧାନ ମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା |
| 69 | ପି.ପି. | ପାଣି ପଞ୍ଚାୟତ |
| 70 | ପି.ଏସ.ୟୁ. | ସରକାରୀ ଉଦ୍ୟୋଗ |
| 71 | ପି.ଡ଼ବଲ୍ୟୁ.ଡ଼ି. | ଲୋକ ନିର୍ମାଣ ବିଭାଗ |
| 72 | ଆର ଆଣ୍ଡ ଆର | ଥଇଥାନ ଏବଂ ପୁନର୍ବସତି |
| 73 | ଆର. ଏ. | ଚଳନ୍ତି ହିସାବ |
| 74 | ଆର.ଡ଼ି. | ହ୍ରାସ ହୋଇଥିବା ଦୂରତ୍ୱ |
| 75 | ଆର.ଏଲ.ବି.ସି. | ରେଙ୍ଗାଲୀ ବାମ ତଟ କେନାଲ |
| 76 | ଆର.ଆର.ବି.ସି. | ଦକ୍ଷିଣ ତଟ କେନାଲ |
| 77 | ଏସ.ବି.ସି. | ସୁବର୍ଣ୍ଣରେଖା ଶାଖା କେନାଲ |
| 78 | ଏସ.ଇ. | ଅଧୀକ୍ଷଣ ଯନ୍ତ୍ରୀ |
| 79 | ଏସ.ଏମ.ସି. | ସୁବର୍ଣ୍ଣରେଖା ମୁଖ୍ୟ କେନାଲ |
| 80 | ଏସ.ଓ.ଆର. | ଦର ଖସଡ଼ା |

| କ୍ରମିକ ସଂଖ୍ୟା | ସଂକ୍ଷେପଣ | ବର୍ଣ୍ଣନା |
|---|---|---|
| 81 | ଟି.ଏ.ସି. | ବୈଷୟିକ ଉପଦେଷ୍ଟା କମିଟୀ |
| 82 | ୟୁ.ସି. | ବିନିଯୋଗ ପ୍ରମାଣପତ୍ର |
| 83 | ୟୁ.ଜି.ପି.ଏଲ. | ଭୂ-ତଳ ପାଇପ୍ ଲାଇନ୍ |
| 84 | ୟୁ.ଆଇ.ଆଇ.ପି. | ଉପର ଇନ୍ଦ୍ର ଜଳସେଚନ ପ୍ରକଳ୍ପ |
| 85 | ୱାପ୍‌କୋସ୍ | ଜଳ ଏବଂ ବିଦ୍ୟୁତ୍‌ଶକ୍ତି ପରାମର୍ଶଦାତା ସେବା |
| 86 | ଡ଼ବଲ୍ୟୁ.ଆର.ସି.ପି. | ଜଳ ସମ୍ପଦ ଦୃଢ଼ୀକରଣ ପ୍ରକଳ୍ପ |

© COMPTROLLER AND
AUDITOR GENERAL OF INDIA
www.cag.gov.in

**www.agodisha.gov.in**